# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ (୧୬ ପୃଷ୍ଠା+ ମନ୍‌ମିଜାଜ) Sambalpur, Thursday, September 20/ 2018 ★★

୧୪ଶ ଭାଗ ୨୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-160

ଓଡ଼ିଶା ସରକାର



# କୃଷି ଭବନ

**କୃଷି ଭବନର ବୈଶିଷ୍ଟ୍ୟ:**

- କୃଷି ସମ୍ପର୍କିତ ଲୋକକଥା ଉପରେ ଆଧାରିତ ଏହି ଭବନର କାରିଗରୀ ଶତାଧିକ କୁଶଳୀ ହାତର ଏକ ଜୀବନ୍ତ ପରିସ୍ଫୁଟନ ।
- କୃଷି ଭବନରେ ବ୍ୟବହୃତ ଭିନ୍ନ ଭିନ୍ନ ରଙ୍ଗର ଇଟା ରାଜ୍ୟର ବିଭିନ୍ନ ଅଞ୍ଚଳର ମୃତ୍ତିକା ବିବିଧତାର ପ୍ରତୀକ ।
- ଭବନର ଅଧିକାଂଶ ଭାଗ ପ୍ରାକୃତିକ ଉପାୟରେ ଶୀତତାପ ନିୟନ୍ତ୍ରିତ ଯାହା ଶକ୍ତି ସଞ୍ଚୟରେ ସହାୟକ ହେବ ।
- କୃଷି ଭବନରେ ବ୍ୟବହୃତ ଜଳ ଶତ ପ୍ରତିଶତ ପୁନଃ ବ୍ୟବହାର ଯୋଗ୍ୟ ।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା**

**ଶୁଭ ଉଦ୍‌ଘାଟନ**

୨୦ ସେପ୍ଟେମ୍ବର ୨୦୧୮

01034/13/0057/1819

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ**



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଛନ୍ତି ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବାଜି ରାଉତ ଶିକ୍ଷା ନିକେତନର ଶିକ୍ଷୟିତ୍ରୀ ଶିକ୍ଷକ (ଉପର), ଛାତ୍ରୀଛାତ୍ର।

# କଂଗ୍ରେସରେ ଯୋଗଦେଲେ ଜର୍ଜ ତିର୍କୀ, ସୁଦର୍ଶନ

- ନୂଆଦିଲ୍ଲୀରେ ସରିଲା ମିଶ୍ରଣ ପର୍ବ
- ଧର୍ମେନ୍ଦ୍ର ପ୍ରଧାନଙ୍କୁ ବି କଂଗ୍ରେସରେ ସାମିଲ ପାଇଁ କହିଛି: ନିରଞ୍ଜନ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ବୁଧବାର କଂଗ୍ରେସରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ,ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ତିର୍କୀ କଂଗ୍ରେସରେ ସାମିଲ ହୋଇଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ପରିବେଶବିତ୍ ଲଳିତ୍ ମୋହନ ପଟ୍ଟନାୟକ ଏବଂ ସାମାଜିକ କର୍ମୀ ବିଜୟ ପ୍ରଧାନ, ମନୋଜ ଜେନା ଏବଂ ନିରଦ କରନ ଖୁଣ୍ଟିଆ ମଧ କଂଗ୍ରେସରେ ସାମିଲ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ସୁନ୍ଦରଗଡ଼ ରାଜନୀତିରେ କଂଗ୍ରେସକୁ ମଜଭୂତ କରିବା ପାଇଁ ତିର୍କୀ କଂଗ୍ରେସରେ ସାମିଲ ହୋଇଥିବା କୁହାଯାଉଛି। ଏହି ମିଶ୍ରଣ ପର୍ବରେ ପିସିସି ସଭାପତି ସମସ୍ତଙ୍କୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଜର୍ଜ ତିର୍କୀ ଓଡିଶାର ଜଣେ ବରିଷ୍ଠ ଆଦିବାସୀ ନେତା। ମୋର ବିଶ୍ୱାସ କଂଗ୍ରେସରେ ତାଙ୍କର ଯୋଗଦାନ ପରେ ବହୁ ଆଦିବାସୀ ଦଳରେ ସାମିଲ ହେବେ। ସୁଦର୍ଶନ ଦାସଙ୍କ ଯୋଗଦାନ ମଧ କଂଗ୍ରେସକୁ ମଜଭୂତ କରିବ। ରାଜ୍ୟର ସମସ୍ତ ଲୋକ ଏକାଠି ହୋଇ ଓଡିଶାର ବିକାଶ ପାଇଁ ଲଢ଼ିବାକୁ ସେ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରହି ରାଜ୍ୟର ବିକାଶ ଅସମ୍ଭବ। ରାଜ୍ୟର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ କଂଗ୍ରେସରେ ସାମିଲ ହେବାକୁ କହିଛି ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଖୁବ୍‌ଶୀଘ୍ର କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ କରି ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ ଜର୍ଜ ତିର୍କୀ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ୧୯୯୫ ଏବଂ ୨000 ମସିହାରେ ଜେଏମ୍‌ଏମ୍(ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା)ରୁ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ୨00୪ରେ ପରାଜିତ ହୋଇଥିଲେ। ଏହାପରେ ଜର୍ଜ ୨00୯ରେ ସ୍ୱାଧୀନ ପ୍ରାର୍ଥୀଭାବେ ବିଧାୟକ ହୋଇଥିବା ବେଳେ ୨0୧୪ରେ ସମତାକ୍ରାନ୍ତି ଦଳର ପ୍ରାର୍ଥୀଭାବେ ବିଧାୟକ ଅଛନ୍ତି। ଆସନ୍ତା ନିର୍ବାଚନରେ ସେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିବେ। ମାତ୍ର ତାଙ୍କୁ କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୁନ୍ଦରଗଡ଼ ଆଦିବାସୀ ଏବଂ ଖ୍ରୀଷ୍ଟିଆନ ବହୁଳ ଜିଲା ଅଟେ। ତେଣୁ ଜର୍ଜଙ୍କୁ ପ୍ରାର୍ଥୀ କରି କଂଗ୍ରେସ ଭୋଟ ହାସଲ କରିବାକୁ ଲକ୍ଷ୍ୟରେ ରଖିଛି । ଅନ୍ୟପଟେ ବିଜେଡି ପକ୍ଷରୁ ଯଦି ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ କରାଯାଏ ତେବେ ଏହା ସିଧାସଳଖ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ସୁହାଇବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜର୍ଜ କହିଛନ୍ତି, ମୁଁ ବିଜେଡି ଏବଂ ଭାଜପା ବିରୋଧରେ ନିର୍ବାଚନ ଲଢ଼ିବି । ରାଜ୍ୟରେ କଂଗ୍ରେସ କିପରି ସରକାର ଗଢ଼ିବ ସେଥିପାଇଁ ଚେଷ୍ଟା କରିବି। କଂଗ୍ରେସରେ ଯୋଗଦେବା ପରେ ମୋ ଲୋକମାନଙ୍କ ପାଇଁ ଅଧିକ କାମ କରିବାକୁ ସୁଯୋଗ ପାଇବି।



ନୂଆଦିଲ୍ଲୀରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ସହ ଜର୍ଜ ତିର୍କୀ।

# ଜିଏସ୍‌ଟି ସମ୍ପର୍କିତ ବିଧେୟକ ଗୃହୀତ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଓଡ଼ିଶା ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ଅଧିନିୟମ, ୨୦୧୭ ସମ୍ପର୍କିତ ସଂଶୋଧନ ପ୍ରସ୍ତାବକୁ ବୁଧବାର ବିଧାନସଭାରେ ଅନୁମୋଦନ ମିଳିଛି। ଏତଦ୍ ବ୍ୟତୀତ ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ,୨୦୦୪କୁ ସଂଶୋଧିତ କରାଯିବା ନେଇ ଆଗତ ବିଧେୟକ ମଧ ଗୃହର ଅନୁମୋଦନ ଲାଭ କରିଛି। ଏ ସଂକ୍ରାନ୍ତରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ଆଗତ ଓଡ଼ିଶା ମୂଲ୍ୟଯୁକ୍ତ କର(ସଂଶୋଧନ) ବିଧେୟକ,୨୦୧୮ ବିଧାନସଭାରେ ଗୃହୀତ ହୋଇଛି। ଉପରୋକ୍ତ ୨ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହୀତ ହୋଇଛି। ସରକାରୀ ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ସଭ୍ୟ ରମେଶ ଚ୍ୟାଉପଟ୍ଟନାୟକ ପ୍ରମୁଖ ବିଧେୟକ ଉପରେ ସଂକ୍ଷିପ୍ତ ମତ ରଖିଥିଲେ।

ଏଣିକି ଦ୍ରବ୍ୟ ଓ ସେବା କର ବ୍ୟବସ୍ଥାକୁ ସହଜରେ ପରିବର୍ତ୍ତନ କରାଯାଇପାରିବ। ନୂତନ ରିଟର୍ନ ଦାଖଲ ବ୍ୟବସ୍ଥାରେ ସର୍ବନିମ୍ନ କାଗଜକାମ ସହିତ କ୍ଷୁଦ୍ର କରଦାତାଙ୍କ ପାଇଁ ତିନିମାସିଆ ରିଟର୍ନ ଦାଖଲ ଏବଂ କର ପ୍ରଦାନର ସୁବିଧା କରାଯାଇଛି। କରମୁକ୍ତ କାରବାର ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଓଡ଼ିଶା ମୂଲ୍ୟ ଯୁକ୍ତ କର ଅଧିନିୟମ -୨୦୦୪ରେ ରାଜସ୍ୱକୁ ସୁରକ୍ଷିତ ରଖିବା ସକାଶେ ଓ ଟିକସ ପ୍ରଶାସନକୁ ସରଳ କରିବା ନିମିତ୍ତ ଧାରା ୭୭ର ଉପଧାରା (୭)କୁ ସଂଶୋଧନ କରାଯାଇଛି।



ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ Sambalpur, Thursday, September 20/ 2018 | ପୃଷ୍ଠା-୧



**ସାଜନଙ୍କ ସଫଳତା**

ସାଜନ ଭାନୱାଲ ପ୍ରଥମ ଭାରତୀୟ ରେସଲର୍ ଭାବେ ଜୁନିୟର ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଲଗାତର ପଦକ ସଫଳତା ପାଇଛନ୍ତି।

୧୩

୧୦

**ମାପିଚୁପି କଥା ହେଉଛନ୍ତି ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ କାହା ସହ ଅଧିକ କଥାବାର୍ତ୍ତା କରୁନାହାନ୍ତି। ଦରକାର ହେଲେ ମାପିଚୁପି କଥା ହେଉଛନ୍ତି।



## ସଂକ୍ଷେପରେ

### ହକି କ୍ୟାମ୍ପରେ ଅମିତ ଅଛନ୍ତି: ହରେନ୍ଦ୍ର

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି): ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ବିଶ୍ୱକପକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ କୋର୍ ଗ୍ରୁପ କ୍ୟାମ୍ପ ଆରମ୍ଭ ହୋଇଛି। ହକି ଇଣ୍ଡିଆ ପକ୍ଷରୁ ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ସାମିଲ ନ ଥିଲେ। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶା ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ମାତ୍ର କ୍ୟାମ୍ପରେ ଅମିତ ରୋହି ଦାସ ଅଛନ୍ତି ବୋଲି ବୁଧବାର ପ୍ରକାଶ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। ‘‘ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହିପାରିବିନି, ମାତ୍ର ଅମିତ ରୋହି ଦାସ କ୍ୟାମ୍ପରେ ଅଛନ୍ତି’’ ବୋଲି ହରେନ୍ଦ୍ର କହିଛନ୍ତି। ତେବେ ଅମିତ କ୍ୟାମ୍ପରେ ଥିବା ସମ୍ପର୍କିତ ପରିବର୍ତ୍ତିତ ତାଲିକା ପ୍ରକାଶ ପାଇ ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏବେ ଅମିତଙ୍କୁ କ୍ୟାମ୍ପକୁ ଡକାଯାଇ ଓଡ଼ିଶା ହକି ମହଲରେ କୁହୁଳୁଥିବା ଅସନ୍ତୋଷକୁ କିଛି ପରିମାଣରେ ଉପଶମ କରିବାକୁ ଉଦ୍ୟମ ହୋଇଛି ବୋଲି ଆଲୋଚନା ହେଉଛି।

(ହରେନ୍ଦ୍ରଙ୍କ ସହ ସାକ୍ଷାତ୍‌କାର ଖେଳ ପୃଷ୍ଠାରେ)

### ଅଙ୍ଗନୱାଡି, ଆଶାକର୍ମୀଙ୍କ ପାରିତୋଷିକ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ,୧୯।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ପାରିତୋଷିକ ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଭତ୍ତା ବୃଦ୍ଧିକୁ ଅନୁମୋଦନ କରାଯାଇଛି। ଏହା ଆସନ୍ତା ମାସରୁ ଲାଗୁ ହେବାକୁ ଥିବା ବେଳେ ଅଙ୍ଗନୱାଡି କର୍ମୀ ଏଣିକି ମାସକୁ ୩୦୦୦ ଟଙ୍କା ପରିବର୍ତ୍ତେ ୪୫୦୦ ଟଙ୍କା ପାଇବେ। ସେହିପରି ସହାୟକଙ୍କୁ ୨୨୦୦ ଟଙ୍କା ପରିବର୍ତ୍ତେ ୩୫୦୦ ଟଙ୍କା ମିଳିବ। ଏହାଛଡା ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ୧୦୦୦ରୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହାକୁ ମଧ ଅନୁମୋଦନ କରାଯାଇଛି। ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ଭତ୍ତା ବୃଦ୍ଧି କରାଯିବ ବୋଲି ପ୍ରଧାନମନ୍ତ୍ରୀ ଗତ ୧୧ରେ ଘୋଷଣା କରିଥିଲେ। ☞ପୃଷ୍ଠା-୨

# ଟ୍ରିପଲ ତଲାକ ଦଣ୍ଡନୀୟ ଅପରାଧ

ନୂଆଦିଲ୍ଲୀ, ୧୯।୯ (ପି.ଟି.)

ସ୍ତ୍ରୀଙ୍କ ସହ ବୈବାହିକ ସମ୍ପର୍କ ଛିନ୍ନ କରାଇବା ପାଇଁ ମୁସଲମାନ ସମ୍ପ୍ରଦାୟର ଅଧିକାଂଶ ପୁରୁଷ ଅଚାନକ୍ ତିନିଥର ‘ତଲାକ୍’ ଉଚ୍ଚାରଣ କରୁଛନ୍ତି। କିଏ ହ୍ୱାଟ୍ସଆପ୍‌ରେ ଏବଂ ଆଉ କେତେଜଣ ଟେଲିଫୋନ କଲ୍, ମେସେଜ୍‌ରେ ମଧ ‘ତଲାକ୍...ତଲାକ୍...ତଲାକ୍’ କହି ଛାଡ଼ପତ୍ର ଦେଉଛନ୍ତି। କିନ୍ତୁ ପୁରୁଷଙ୍କ ଏହି ମନମୁଖି ଆଚରଣ ଯୋଗୁ ଅନେକ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ତେଣୁ ତତ୍‌କ୍ଷଣାତ୍ ଟ୍ରିପଲ୍ ତଲାକ୍ ପ୍ରଥାକୁ ରୋକିବା ସହ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ବୁଧବାର ଏ ସମ୍ପର୍କିତ ଅଧ୍ୟାଦେଶ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁର ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ଲାଭ କରିଛି। ଏବେ ତତ୍କାଳ ଭାବେ ଟ୍ରିପଲ୍ ତଲାକ୍ ନିରୋଧୀ ଆଇନ କାର୍ଯ୍ୟକାରୀ ହୋଇପାରିବ। ନୂଆ ଆଇନ ଅନୁଯାୟୀ, ‘ତଲାକ୍-ଇ-ବାଦ୍ଦତ୍’ ପ୍ରଥା ପାଳନ କରିଥିବା ସ୍ୱାମୀଙ୍କୁ ଅପରାଧୀ ପଦବାଚ୍ୟ କରାଯିବ। ଏଥିପାଇଁ ତାଙ୍କୁ ତିନିବର୍ଷ ଜେଲ୍ ଦଣ୍ଡାଦେଶ ମିଳିବ।

ମୁସଲମାନ ମହିଳାଙ୍କୁ ସ୍ୱାମୀମାନେ ମନଇଚ୍ଛା ଛାଡ଼ପତ୍ର ଦେଉଥିବାରୁ ଗତ ଅଗଷ୍ଟରେ ସୁପ୍ରିମ୍‌କୋର୍ଟ ଟ୍ରିପଲ୍ ତଲାକ୍‌କୁ ବେଆଇନ ତଥା ଅସାମ୍ବିଧାନିକ ଦର୍ଶାଇଥିଲେ। ଛଅମାସ ମଧ୍ୟରେ ଏ ସମ୍ପର୍କିତ ଏକ ଆଇନ ଆଣିବାକୁ ଅଦାଲତ ନିର୍ଦ୍ଦେଶ ଦେବା ପରେ ଗତ ଡିସେମ୍ବର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର ମୁସଲିମ୍ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ବିଲ୍-୨୦୧୭କୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ। ଲୋକ ସଭାରେ ଗୃହୀତ ହୋଇଗଲେ ସୁଦ୍ଧା ରାଜ୍ୟ ସଭାରେ ହୋହଲ୍ଲା ଯୋଗୁ ବିଲ୍ ଅଟକିଯାଇଥିଲା। ମୂଳ ବିଲ୍‌ରେ ତିନୋଟି ସଂଶୋଧନ ଆଣିବା ସହ ଏ ସଂକ୍ରାନ୍ତ ଅଧ୍ୟାଦେଶକୁ ବୁଧବାର ପୂର୍ବାହ୍ନରେ କେନ୍ଦ୍ର କ୍ୟାବିନେଟ ମୋହର ମାରିଥିଲା। ରାତିରେ ରାଷ୍ଟ୍ରପତି ଅଧ୍ୟାଦେଶରେ ସ୍ୱାକ୍ଷର କରିଛନ୍ତି। ଏବେ ଏହି ଅଧ୍ୟାଦେଶ ଛଅ ମାସ ପର୍ଯ୍ୟନ୍ତ ଲାଗୁ ହେବ। ଏହାପରେ ସରକାରଙ୍କୁ ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ଗୃହୀତ କରାଇବାକୁ ପଡ଼ିବ। ନୂଆ ଆଇନ ଅନୁଯାୟୀ, ତତ୍‌କ୍ଷଣାତ୍ ଛାଡ଼ପତ୍ର ଦେଉଥିବା ଅପରାଧୀ ସ୍ୱାମୀଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରିହେବ ଏବଂ ସେ ତିନିବର୍ଷ ଜେଲ୍‌ଦଣ୍ଡ ଭୋଗିବେ। ସ୍ତ୍ରୀ ଏବଂ ପିଲା (ନାବାଳିକା/ନାବାଳକ)ଙ୍କୁ ମଧ ସେ ଭରଣପୋଷଣ ଦେବାକୁ ବାଧ ହେବେ। ତେବେ ପ୍ରସ୍ତାବିତ ଆଇନର ଅପବ୍ୟବହାର ହୋଇପାରେ ବୋଲି ଅନେକେ ଆଶଙ୍କା କରିବା ପରେ ସରକାର ମୂଳ ବିଲ୍‌ରେ କେତେକ ସଂଶୋଧନ ଆଣିଛନ୍ତି। ଏହି ଅନୁଯାୟୀ ତିନି ତଲାକ୍ ଦେଇଥିବା ଅଭିଯୁକ୍ତ ସ୍ୱାମୀ ଜାମିନ ଆବେଦନ କରିପାରିବେ। ଗତ ଅଗଷ୍ଟ ୨୯ ବୈଠକରେ ଏହି ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଥିଲା। ☞ପୃଷ୍ଠା-୨

**ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ମୋହର**



- ବୁଧବାର ପୂର୍ବାହ୍ନରେ କେନ୍ଦ୍ର କ୍ୟାବିନେଟ କରିଥିଲା ମଞ୍ଜୁର
- ତିନି ତଲାକ୍ ପାଇଁ ସ୍ୱାମୀଙ୍କୁ ହେବ ଜେଲ୍
- ସ୍ତ୍ରୀ, ପିଲାଙ୍କୁ ଦେବେ ଭରଣପୋଷଣ
- ମାଜିଷ୍ଟ୍ରେଟଙ୍କ ନିକଟରେ କରିପାରିବେ ଜାମିନ ଆବେଦନ
- ବୁଝାମଣା ଭିତ୍ତିରେ ହୋଇପାରିବ ମାମଲା ପ୍ରତ୍ୟାହାର

ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଜିର ସମ୍ପାଦକୀୟ

ଓମେଗା-୩ ଓ ମିଥ୍ୟା ପ୍ରଚାର

## ଆଜିର ମନ୍ତବ୍ୟ

ମନ୍ଦ ଉଦ୍ଦେଶ୍ୟରେ ଧର୍ମାନ୍ତରୀକରଣ ଅନୁଚିତ।
–ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମୋଟ ୬୮,୭୮୯ କୋଟି ଟଙ୍କା ଋଣ ଆବଣ୍ଟନ କରିଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ୪୬,୮୪୨ କୋଟି ଟଙ୍କାରେ ସୀମିତ ଥିଲା।
–ଅର୍ଥ ମନ୍ତ୍ରଣାଳୟ

# ବିଜୁ ଯୁବ ବାହିନୀରେ ଦୁର୍ନୀତି ନେଇ ହଙ୍ଗାମା

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ରାଜ୍ୟବାସୀଙ୍କୁ ଦଇବ ସାହା। ମନ୍ତ୍ରୀଙ୍କ କଥା ଅଫିସର ଶୁଣୁ ନାହାନ୍ତି। କିଏ କାହା କଥା ଶୁଣୁ ନାହାନ୍ତି। ରାଜ୍ୟରେ ଚାଲିଥିବା ଶାସନ ବ୍ୟବସ୍ଥା ସମ୍ପର୍କରେ ଗୃହରେ ଆଲୋଚନା ହେଉ। ଏ ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରି ନ ଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଥିବା ବେଳେ ଭାଜପା ବିଜୁ ଯୁବ ବାହିନୀରେ ହୋଇଥିବା ଦୁର୍ନୀତିର ଅଡିଟ୍ କରିବା ଦାବିରେ ହଙ୍ଗାମା କରିଥିଲେ। ଫଳରେ ବାଚସ୍ପତି ଗୃହକୁ ପ୍ରଥମ ପର୍ଯ୍ୟାୟରେ ୧ ଘଣ୍ଟା ଓ ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୩ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ଚିରଞ୍ଜୀବ ବିଶ୍ୱାଳ, ଯୋଗେଶ ସିଂ, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଚନ୍ଦ୍ରଶେଖର ମାଝି, ପ୍ରକାଶ ବେହେରା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ଆଇନ ଶୃଙ୍ଖଳା ବିଷୟରେ ଗୃହରେ ଆଲୋଚନା କରିବା ପାଇଁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। କାହିଁକି ଗ୍ରହଣ କରାଗଲା ନାହିଁ। ମୁଲତବୀ ଆଲୋଚନା ଆମର ଦାବି ଆମର ଦାବି ବୋଲି ନାରାବାଜି ଦେଇଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଭୂତି ଭୂଷଣ ହରିଚନ୍ଦନ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ବିଜୁ ଯୁବ ବାହିନୀରେ ହୋଇଥିବା ଦୁର୍ନୀତିର ଅଡିଟ୍ କରିବାକୁ ଦାବି କରି ହଙ୍ଗାମା କରିଥିଲେ। ପାଟିତୁଣ୍ଡ ପ୍ରବଳ ହେବାରୁ ବାଚସ୍ପତି ଗୃହକୁ ମାତ୍ର ଅଧ ମିନିଟ ପରେ ୧ ଘଣ୍ଟା ପାଇଁ ଗୃହକୁ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ☞ପୃଷ୍ଠା-୨



ଗୃହରେ ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ହଙ୍ଗାମା।

- ବିଧାନସଭା ଓଲିଏ ଅଚଳ
- ସରକାର ଚାହୁଁଛନ୍ତି ତାଙ୍କ ଇଚ୍ଛା ଅନୁସାରେ ଗୃହ ଚାଲୁ: କଂଗ୍ରେସ
- ଦୁର୍ନୀତିକୁ ଏଡ଼ାଇବାକୁ ଅଡିଟ୍ କରିବାକୁ ରାଜି ହେଉନାହାନ୍ତି ସରକାର: ଭାଜପା
- ଗୃହରେ ହଙ୍ଗାମା କରିବା ବିରୋଧୀଙ୍କ ଅଭ୍ୟାସ: ବିଜେଡି

### ତାଳଚେର ସାର କାରଖାନାରେ ୧୦୩୩.୫୪ କୋଟିର ଇକ୍ୱିଟି ନିବେଶକୁ ମଞ୍ଜୁରୀ

- ନିଷ୍ପତ୍ତି ନେଲା କେନ୍ଦ୍ର କ୍ୟାବିନେଟ

ନୂଆଦିଲ୍ଲୀ,୧୯।୯

ଜାତୀୟ ରସାୟନ ଏବଂ ସାର ଲିଃ (ଆର୍‌ସିଏଫ) ତାଳଚେର ସାର କାରଖାନାରେ ୧୦୩୩.୫୪ କୋଟି ଟଙ୍କାର ଇକ୍ୱିଟି ନିବେଶ କରିବ। ସାର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଆଗତ ପ୍ରସ୍ତାବକୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ କମିଟି ମଞ୍ଜୁର କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ବିବୃତି ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକଳ୍ପ ମୂଲ୍ୟର ୨୯.୬୭ ପ୍ରତିଶତ ଆର୍ଥିକ ସହାୟତା ଆକାରରେ ଦିଆଯିବ। ପ୍ରାୟ ୧୧,୬୧୧.୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ଗେଲ୍ ଇଣ୍ଡିଆ ଲିମିଟେଡ, ଆର୍‌ସିଏଫ, ☞ପୃଷ୍ଠା-୨

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | |
|---|---|---|
| Gold 24 CT - ₹ | 31,900/- | 10gm. |
| Gold 22 CT - ₹ | 30,800/- | 10gm. |
| Silver Rate - ₹ | 370/- | /10gm. |
| Making Charge - ₹ | 100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 19.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

# ଚାଷଜମିରେ ହାତୀର ମୃତଦେହ ଠାବ

ବଲାଙ୍ଗୀର ଅଫିସ/ଦେଓଗାଁ,୧୯।୯(ଡି.ଏନ୍.ଏ.)

ବଲାଙ୍ଗୀର ବନଖଣ୍ଡ ଅଧୀନ ଦେଓଗାଁ ବ୍ଲକ ଉପରଝର ଗାଁ ନିକଟ ବିଜାଦାଦରର ଏକ ଚାଷଜମିରେ ବୁଧବାର ସକାଳେ ବଣୁଆ ହାତୀର ମୃତଦେହ ଠାବ କରାଯାଇଛି। କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ମୃତଦେହ ନିକଟରେ ୧୧ କେଭି ବିଦ୍ୟୁତ୍ ଲାଇନ୍ ଯାଇଥିବା ଏକ ଖୁଣ୍ଟ ଢଳି ରହିଛି। ଏହାର ଆର୍ଥିଂ ତାର ଛିଣ୍ଡି ପଡ଼ିଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ହାତୀର ମୃତ୍ୟୁ ଦୁର୍ଘଟଣାଜନିତ ନା କେହି ବିଦ୍ୟୁତ୍ ତାର ଫାଶ ଲଗାଇ ମାରି ଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ହାତୀ ମୃତ୍ୟୁ ଖବର ପାଇ ଡିଏଫ୍‌ଓ ସମୀର କୁମାର ଶତପଥୀ, ଏସିଏଫ୍ ବାବାଜୀ ଚରଣ ରାଉଳ, ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆ ଏବଂ ☞ପୃଷ୍ଠା-୨

**ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ**



କ୍ଷେତରେ ମରି ପଡ଼ିଥିବା ହାତୀ।

- ଲିଙ୍ଗ ନିର୍ଣ୍ଣୟ ନେଇ ଉତ୍ତେଜନା
- ପ୍ରାଣୀଧନ ଅଧିକାରୀ କହିଲେ ଅଣ୍ଡିରା
- ବ୍ୟବଚ୍ଛେଦ ପରେ ପୋତି ଦିଆଗଲା

# ଭାଷା ନିୟମ କାର୍ଯ୍ୟକ୍ଷମ ନେଇ ବାଟ ଫିଟିଲା

- ଓଡ଼ିଶା ସରକାରୀ ଭାଷା (୨ୟ ସଂଶୋଧନ ବିଧେୟକ)-୨୦୧୮ ଗୃହୀତ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ରାଜ୍ୟରେ ଭାଷା ନିୟମ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ନେଇ ବାଟ ଫିଟିଛି। ଓଡ଼ିଆକୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟରେ ସରକାରୀ ଭାଷା ଭାବେ କାର୍ଯ୍ୟକାରୀ କରାଯିବ। ଏସଂକ୍ରାନ୍ତରେ ବିଧାନସଭାରେ ଆସିଥିବା ବିଧେୟକଟି ବୁଧବାର ଗୃହୀତ ହୋଇଯାଇଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ହୋଇଥିଲେ ବି ବିନା ବିରୋଧୀଙ୍କ ଉପସ୍ଥିତିରେ ଗୃହୀତ କରାଯାଇଥିଲା। ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଏବଂ ସଭ୍ୟ ରମେଶ ଚ୍ୟାଉପଟ୍ଟନାୟକ ଏହା ଉପରେ ସଂକ୍ଷିପ୍ତ ମତ ରଖିଥିଲେ। ପୂର୍ବରୁ ଓଡ଼ିଶା ସରକାରୀ ଭାଷା ଅଧିନିୟମ-୧୯୫୪ ପ୍ରଣୟନ କରାଯାଇଥିଲା। ଉକ୍ତ ଅଧିନିୟମରେ ଧାରା ୪(କ)ରେ ‘ସରକାରୀ ଭାଷା’ ଶବ୍ଦ ବ୍ୟବହାର କରାଯାଇଛି। ଧାରା ୩(କ)ରେ ବିଧାନମଣ୍ଡଳରେ ଇଂଲିଶ ଭାଷାର ବ୍ୟବହାରକୁ ଚାଲୁ ରଖିବା ପାଇଁ ବ୍ୟବସ୍ଥା ଥିବା ହେତୁ ସରକାରୀ ଭାଷା ରୂପେ ଇଂଲିଶର ବ୍ୟବହାର ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା। ଉକ୍ତ ଦ୍ୱନ୍ଦ୍ୱକୁ ଦୂର କରିବା ସକାଶେ ଅଧିନିୟମର ଧାରା ୪(କ)ରେ ‘ଭାଷାର’ଶବ୍ଦ ବଦଳରେ ‘ଭାଷା ରୂପେ ଓଡ଼ିଆର’ ଶବ୍ଦ ପ୍ରତିସ୍ଥାପିତ କରାଯାଇଛି। ଏଣିକି ଓଡ଼ିଆ ଭାଷାକୁ ବ୍ୟବହାର କରିବାରେ ଖିଲାପି କଲେ ଦଣ୍ଡ ମିଳିବ। ଖିଲାପ କରିଥିବା ବ୍ୟକ୍ତିବିଶେଷ, ବିଭାଗ ଅଥବା ଉଭୟଙ୍କୁ ଦଣ୍ଡବିଧାନ କରାଯିବ। ଏହି ବିଧେୟକଟି ଗୃହୀତ ହେବା ପରେ ଭାଷାପ୍ରେମୀମାନେ ଏହାକୁ ସ୍ୱାଗତ କରିଛନ୍ତି।





ଥାଇଲାଣ୍ଡରେ ଥିବା ଏକ ପ୍ରଜାତିର ବିଛା ବିଷର ମୂଲ୍ୟ ଲିଟର ପିଛା ୭୬ କୋଟି ଟଙ୍କା। ଏହା ନାଗସାପ ବିଷ ମୂଲ୍ୟଠାରୁ ପ୍ରାୟ ଅଢ଼େଇଗୁଣା ଅଧିକ। ଏଠାରେ ନାଗସାପର ଏକ ଲିଟର ବିଷ ମୂଲ୍ୟ ୩୦ କୋଟି ଟଙ୍କା ରହିଛି। ବିଭିନ୍ନ ଔଷଧ କମ୍ପାନୀ ଏଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଥାନ୍ତି। ଭିଡାଟକ୍ସ୍ ନାମକ ଔଷଧ ପ୍ରସ୍ତୁତିରେ ବିଛା ଏବଂ ନାଗସାପ ବିଷର ଉପଯୋଗ କରାଯାଇଥାଏ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ସୋନୁ
ପରିବାରବର୍ଗ



ଜିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



**real estate**

### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64165

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/47 lakh onwards. Contact: 7381087905. D-64162

BDAର ଅଉଗୁଳାଠାରେ ନିର୍ମିତ IITକୁ ଲାଗି ପିଚ୍ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଛି। 9861812258. D-64315

One acre gharabari converted land with boundary wall near Athgarh. 9437284700. D-8460

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64318



**healthcare**

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64202

### AFFIDAVIT

I Santosh Kumar Singh aged 80 years plot No. 70/L, Baramunda, Bhubaneswar had executed a WILL in favour of Susil Singh and Shakti Singh (my two sons) on dt. 28.1.14 which I cancelled on 18.9.2018 before Notary Public, BBSR. D-8461

### AFFIDAVIT

ମୁଁ ପ୍ରମୋଦ ମାଟି, ପିତା-ଗଦାଧର ମାଟି, ଗ୍ରାମ/ ପୋଷ୍ଟ-ଶ୍ରୀ ପୁରୁଷୋତ୍ତମପୁର, ଥାନା-ଡେଲାଙ୍ଗ, ଜିଲ୍ଲା-ପୁରୀ, ଆଧାର ନଂ-୩୧୦୨୩୧୮୯୨୦୧୩, ମୋର ପୂର୍ବ ଭୋଟର ପରିଚୟ ପତ୍ର ନଂ ASL0316158 ଅନୁଯାୟୀ ଭୁଲବଶତଃ ନାମ ପ୍ରମୋଦ ମାଝି, ପିତା-ଗଦାଧର ମାଝି, ଗ୍ରାମ/ ପୋଷ୍ଟ-ପେଣ୍ଠକଟା, ଥାନା: ସିବିଟ୍, ଜିଲ୍ଲା-ପୁରୀ ଥିଲା। ଯାହାକି ମୋର LIC Policy No. 596939295ରେ ଉଲ୍ଲେଖ ଅଛି। ମୁଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଘୋଷଣା କରୁଅଛି କି ପ୍ରମୋଦ ମାଝି ଓ ପ୍ରମୋଦ ମାଟି ଏକ ବ୍ୟକ୍ତି ଅଟେ। ଧ-୮୪୫୬

### ସୋସିଆଲ ୱାର୍କରେ ଡକ୍ଟରେଟ୍ ଲାଭ



ସ୍ୱାଗତିକା ସାମଲ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୋସିଆଲ ୱାର୍କ ବିଭାଗର ଅଧ୍ୟାପିକା ସ୍ୱାଗତିକା ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ରବୀନ୍ଦ୍ର ଗରଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Problems of insecurity among senior citizens: A comparative study of the elderly living with families and institutions in the district of Sambalpur, Orissa" ଶୀର୍ଷକ ସନ୍ଦର୍ଭ ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ସୋସିଆଲ ୱାର୍କ (ସମାଜ କାର୍ଯ୍ୟ)ରେ ସମ୍ମାନ ସୂଚକ ଡକ୍ଟରେଟ୍ (Ph.D.) ଲାଭ କରିଛନ୍ତି । ଉକ୍ତ ସନ୍ଦର୍ଭଟି ପଶ୍ଚିମବଙ୍ଗର SKB ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏବଂ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସମିତା ମାନ୍ନା ଏବଂ Indian Sociological Societyର ସଭାପତି ଓ ମୈସୁର ବିଶ୍ୱବିଦ୍ୟାଳୟର ପ୍ରଫେସର (Rtd.) ଡ. ଆର୍. ଇନ୍ଦିରାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ଡକ୍ଟର ସ୍ୱାଗତିକା ସାମଲ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାନ୍ଧାତାପାଟଣା ଗ୍ରାମନିବାସୀ ଶ୍ରୀଯୁକ୍ତ ବିଜୟ କୁମାର ସାମଲ ଓ ଶ୍ରୀମତୀ ଯଶୋବନ୍ତୀ ଦେବୀଙ୍କ ସୁକନ୍ୟା ଅଟନ୍ତି । ଏହି ସଫଳତାର ଶ୍ରେୟ ସେ ତାଙ୍କର ଗାଇଡ୍, ସମସ୍ତ ଗୁରୁଜୀ, ପିତାମାତା, ପରିବାର ବର୍ଗ ଏବଂ ଶୁଭେଚ୍ଛୁଙ୍କୁ ପ୍ରଦାନ କରିଛନ୍ତି ଏବଂ ସେମାନଙ୍କ ସହଯୋଗ ଓ ପ୍ରେରଣା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ସେ ନିଜର କୃତିତ୍ୱକୁ ସମର୍ପଣ କରିଛନ୍ତି । ଧ-୮୪୬୨

### ଜନ୍ମଦିନ ଶୁଭେଚ୍ଛା



**ପ୍ରାଂଶୁ ଦାଶ**
(ସାଇ, ସୋନୁ)

ମିଶ୍ରପଡା, ଅନୁଗୁଳ, (ବର୍ତ୍ତମାନ: ମିସିସାଗା, କାନାଡା)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ପ୍ରାର୍ଥନା, ତୋର ଚଳାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଜେଜେବାପା, ଜେଜେମା, ଆଈ, ବନ୍ଧୁ ଓ ପରିବାରବର୍ଗ। ଧ-୮୪୫୮

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ଜିନୁ)

**ଆୟାଂଶ ବେହେରା**

ସୋମପଡା, ଖଣ୍ଡହତା, ତିଗିରିଆ, କଟକ
ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ମା' ବଡବଣ୍ଡିଆଣୀଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଳାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା- ବିଦ୍ୟାଧର, ବୋଉ-କୃଷ୍ଣପ୍ରିୟା, ରୋଜି, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ, ପିଇସା, ପିଇସୀ, ବଡବାପା, ବଡବୋଉ, ଦାଦା, ଖୁଡୀ, ବିନୋରୀ ଭାଇ, ଗୁଡୁ ଭାଇ, ପିନୁ , ସାନୁ, ସୋନାଲି ଦିଦି, ମୋନାଲି ଦିଦି, ଶ୍ରାବଣୀ ଦିଦି। ଧ-୮୪୫୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜପଇ ଦାଣ୍ଡରେ ତୁଳସୀ ମାଳି,**
**ଗ୍ରାମେ ଗ୍ରାମେ ପଶି କରଇ କଳି ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହାତରେ ତୁଳସୀ ମାଳା ଧରି କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ମନରେ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଭଣ୍ଡ ବା ଠକ ପ୍ରକୃତି ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଜୀବନରେ ରଖି ଶତ୍ରୁକୁ ସାଧିବ,**
**ଜମିକୁ ସାଧିବ କମଣରେ,**
**ଅଭ୍ୟାସ ବଶରେ ବିଦ୍ୟାକୁ ସାଧିବ,**
**ବିଷକୁ ସାଧିବ ମାରଣରେ ।**

ଶତ୍ରୁକୁ ଜୀବନରେ ନ ମାରି ତା ଉପରେ ପ୍ରତିଶୋଧ ନେବା ହିଁ ଅସଲ ବିଜୟ ହୋଇଥାଏ। ଜମିକୁ ହଳ ଲଙ୍ଗଳରେ ଚାଷକଲେ ଜମି ଉର୍ବର ହେବା ସହ ଭଲ ଫସଲ ମିଳିଥାଏ। ସେହିପରି ଅଭ୍ୟାସ ବଳରେ ବିଦ୍ୟାକୁ ଆୟତ୍ତ କରିବା ଭଳି ବିଷକୁ ବିଷରେ କାଟିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମନେ ପଡ଼ନ୍ତି

### ଷୋଡ଼ଶ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ସତ୍ୟଭାମା ସାହୁ**

ସ୍ୱାମୀ-ମଙ୍ଗୁଳି ସାହୁ
ପ୍ଲଟ ନଂ-୩୧୬, ଆଚାର୍ଯ୍ୟ ବିହାର
ଆବିର୍ଭାବ: ୦୯।୦୭।୧୯୫୨
ତିରୋଧାନ: ୧୭।୦୯।୨୦୦୨
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ପାଖରେ ସଶ୍ରଦ୍ଧା ନିବେଦନ। ଶୋକସନ୍ତପ୍ତ: ପରିବାରବର୍ଗ। ଧ-୮୪୫୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ସ୍ମିତା ନରେନ୍ଦ୍ର (ତରାଇ)**

ନିମାପଡା, ପୁରୀ
ରୋଜି
ତୁ ବହୁତ ବହୁତ ମନେ ପଡିବୁ (ଭାଇ /ଭଉଣୀ)
ଅନ୍ତରର କେଉଁ କୋଣ ଅନୁକୋଣରୁ ତୁମେ ସର୍ବଦା ଆମେ ଜିଇଥିବା ପର୍ଯ୍ୟନ୍ତ ମନେରହିବ। ଚାହୁଁ ଚାହୁଁ ୧୧ଦିନ ବିତିଗଲା। ଗୋଟିଏ ବି ମୁହୂର୍ତ୍ତ ତୁମ ସ୍ମୃତି ବିନା ଯାଇନାହିଁ। ଭଗବାନ ବଡ଼ ନିଷ୍ଠୁର ଆମ ପାଇଁ, ମାତ୍ର ଆମେ ନିଶ୍ଚିତ ସେ ତୁମକୁ ଭଲରେ ରଖିବେ କାହିଁକି ନା ତୁମେ ଭଲ ଝିଅ, ଭଉଣୀ ଓ ତମେ ଏକମାତ୍ର କନ୍ୟା ପାଇଁ ଭଲ 'ମା' ଥିଲ। ସର୍ବୋପରି ତୁମେ ''ଜଣେ ଭଲ ଆତ୍ମା ଥିଲ'' ପ୍ରତିଟି ଜନ୍ମରେ ତୁମ୍ଭେ ଆମ ପରିବାରର ସଦସ୍ୟ ହୋଇ ଆସ ଏହା ଭଗବାନଙ୍କ ପାଖରେ ପ୍ରାର୍ଥନା ତୁମେ ଯେଉଁଠି ଥାଅ ଖୁସିରେ ଥାଅ। ତୁମର ହତଭାଗ୍ୟ ବାବା, ମାମା, ଭାଇ, ଦୀପା, ଇତିନା, ଅଜୟ, ରୋନକ୍, ରେମନ, ସମସ୍ତ ନରେନ୍ଦ୍ର ପରିବାର, ବନ୍ଧୁ ଓ ପରିଜନ। ଧ-୮୪୨୫

# ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି

ଭୁବନେଶ୍ୱର,୧୯।୯(ବ୍ୟୁରୋ)



ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀର ନୂତନ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ସଭାପତି ପଦବୀ ପାଇବା ପରେ ସୁଦର୍ଶନ ନିଜ ଖୁସି ବ୍ୟକ୍ତ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋତେ ଏତେବଡ଼ ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ ମୋର କୃତଜ୍ଞତା ଜଣାଉଛି। ଏକାଡେମୀର ସଭାପତି ଭାବେ ମୋର ପ୍ରଥମ ପଦକ୍ଷେପ ରହିବ, ଓଡ଼ିଶାର କୋଣ ଅନୁକୋଣରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପୀ ଓ କଳାକାରମାନଙ୍କ ପାଖରେ ଲଳିତକଳା ଏକାଡେମୀ ଯେପରି ପହଞ୍ଚିପାରିବ। କଳା ଓ କଳାକାରଙ୍କୁ ପରିଚୟ ପ୍ରଦାନ ସହ ସେମାନଙ୍କ ପ୍ରତିଭାକୁ ନୂଆ ରାସ୍ତା ଦେବା ମୋର ପ୍ରାଥମିକତା ହେବ। ରାଜ୍ୟ ଏବଂ ରାଜ୍ୟ ବାହାରେ ଆମ କଳାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯିବ। ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ପ୍ରଦାନ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରକରି ଖୁବ୍‌ଶୀଘ୍ର ଏହା କିଭଳି ପ୍ରଦାନ କରାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ପୁରୀରେ ଜନ୍ମିତ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା କ୍ଷେତ୍ରରେ ଦେଶ ଓ ବିଦେଶରେ ଜଣେ ପରିଚିତ ଚେହେରା। ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ସେ ଭାରତରୁ ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରିବା ସହ ଏକାଧିକ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି। ବିଭିନ୍ନ ସମୟରେ ସାମାଜିକ ଘଟଣାବଳୀ ଉପରେ ବାଲୁକା କଳା ତିଆରି କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପାଇଁ ୨୦୧୪ ମସିହାରେ କେନ୍ଦ୍ର ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ସହ ଜଡ଼ିତ ଥିବା ସୁଦର୍ଶନ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ରାଜ୍ୟ ଏବଂ ଦେଶ ବାହାରେ ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ପଦବୀରେ ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ରହିଥିଲେ। କିଛିଦିନ ତଳେ ସେ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା।

## ପ୍ରଥମ ପୃଷ୍ଠାରୁ...

### ଚାଷଜମିରେ ହାତୀର ...

ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ। ତେବେ ମୃତ ହାତୀର ଲିଙ୍ଗ ନିର୍ଣ୍ଣୟକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ଏକ ମାଈହାତୀ ବୋଲି ଡିଏଫ୍‌ଓ ଶତପଥୀ ଗଣମାଧ୍ୟମକୁ କହିବା ବେଳେ ଏହାକୁ ଲୋକେ ବିରୋଧ କରିଥିଲେ। ହାତୀଟି ଅଣ୍ଡିରା ବୋଲି ଲୋକେ ଦାବି କରିଥିଲେ। ଏପରିକି ହାତୀର ଦାନ୍ତ କଟାଯାଇଥିବା ଅଭିଯୋଗ କରିବା ସହ ଘଟଣା ଲୁଚାଇବାକୁ ବନବିଭାଗ ଏହାକୁ ମାଈ ହାତୀ ବୋଲି ଦର୍ଶାଉଥିବା ଲୋକେ କହିଥିଲେ। ଏହାକୁ ନେଇ ବେଶ୍ କିଛି ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଲୋକ ଓ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପ୍ରାଣୀଧନ ଚିକିତ୍ସକ ଆସିବା ପରେ ହାତୀର ଲିଙ୍ଗ ନିର୍ଣ୍ଣୟ କରାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ବନ ଅଧିକାରୀମାନେ କହିଥିଲେ। ପରେ ବଲାଙ୍ଗୀର ପ୍ରାଣୀଧନ ଡେପୁଟି ଡାଇରେକ୍ଟର ଡା. ହେମନ୍ତ କୁମାର ପ୍ରଧାନ, ଦେଓଗାଁ ବ୍ଲକ୍ ପ୍ରାଣୀଧନ ଅଧିକାରୀ ଶମ୍ଭୁପ୍ରସାଦ ସାହୁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀ ଅଣ୍ଡିରା ବୋଲି ସ୍ପଷ୍ଟ କରିଥିଲେ। ବନବିଭାଗ ଅଧିକାରୀମାନେ ହାତୀର ଲିଙ୍ଗ ନିର୍ଣ୍ଣୟ କରିବାରେ ଫେଲ୍ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ପରେ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ହାତୀର ଉଭୟ ଦାନ୍ତ ବହୁ ପୂର୍ବରୁ ଭାଙ୍ଗିଯାଇଥିବା ପ୍ରାଣୀଧନ ଚିକିତ୍ସା ଟିମ୍ କହିଥିଲେ। ଅବଶିଷ୍ଟ ୬ ଇଞ୍ଚ ଲମ୍ବ ଭଙ୍ଗା ଦାନ୍ତ କଢ଼ାଯାଇ ମୃତଦେହ ବନବିଭାଗକୁ ହସ୍ତାନ୍ତର କରାଯାଇଥିଲା। ହାତୀର ଭିସେରା ଓ ଅନ୍ୟାନ୍ୟ ଅଙ୍ଗ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବ୍ଲକ ପ୍ରାଣୀଧନ ଅଧିକାରୀ ସାହୁ ସୂଚନା ଦେଇଥିଲେ। ତେବେ ପ୍ରାଥମିକ ତଦନ୍ତରୁ ଏହା ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଉଥିବା ସେ କହିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଜେସିବିରେ ଗାତ ଖୋଳାଯାଇ ମୃତ ହାତୀକୁ ପୋତି ଦିଆଯାଇଥିଲା। କିଛିଦିନ ହେଲା ୩ଟି ହାତୀ ଉପରଝର ଅଞ୍ଚଳରେ ଘୂରିବୁଲି ମକା, ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରୁଥିବା ଅଭିଯୋଗ ହୋଇଆସୁଥିଲା। ତେବେ ବନବିଭାଗ ଏଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଞ୍ଚଳରେ ଆହୁରି ୨ରୁ ୩ଟି ହାତୀ ବୁଲାବୁଲି କରୁଥିବା ଲୋକେ କହିଛନ୍ତି। ଦେଓଗାଁ ବ୍ଲକର ଉପରଝର, ରେଙ୍ଗାଲି, ଫଟାମୁଣ୍ଡା, କୁହିମୁଣ୍ଡା, ଚୁଗୁଡ଼ିପାଲି, ବନ୍ଧପାଲି, ଭୀମଡୁଙ୍ଗୁରୀ, ଥାଲବନ୍ଧ, ମକୁନ୍ଦପୁର, ଜାମଝରନ, ହିର୍ଲିମାଲ, ବ୍ରାହ୍ମଣୀପାଲି, ବାଞ୍ଜିପାଲି, ଜଲିଆ, ପାଣ୍ଡେପାଲି, କୁନ୍ଦେଇମାଲ, ପୁରୁନାପାନି, ପୁଇଁତଲା ବ୍ଲକର ତଣ୍ଡାମୁଣ୍ଡା, ଆଟଗାଁ, ଶିରାବାହାଲ ଏବଂ ବଲାଙ୍ଗୀର ବ୍ଲକର ମାକରଚୁଆଁ ଓ ସେଲମାପାଲି ଆଦି ଅଞ୍ଚଳକୁ ବଣୁଆ ହାତୀ ଆସି ପ୍ରତିବର୍ଷ ଚାଷ ନଷ୍ଟ କରୁଛନ୍ତି। ଗତ କିଛିଦିନ ତଳେ ଚାଷୀ ତରଣୀସେନ ପଧାନଙ୍କ ପନିପରିବା, ଧାନ ଓ ଆଖୁ କିଆରିକୁ ହାତୀପଲ ନଷ୍ଟ କରିଥିବା ବେଳେ କୁଶଳେଶ୍ୱର ମହାକୁର, ଶତ୍ରୁଘ୍ନ ପଧାନ, ନେହେରୁ ବିଶ୍ୱାଳ, ତୀର୍ଥ ବିଶ୍ୱାଳ, ହାଡୁ ମାଝି, ରେଙ୍ଗାଲିର ଶମ୍ଭୁ ସୁନାଙ୍କ ଚାଷ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି।

### ଟ୍ରିପଲ ତଲାକ ...

ସୁପ୍ରିମ୍‌କୋର୍ଟ ବେଆଇନ ଦର୍ଶାଇବା ସତ୍ତ୍ୱେ ଲୋକେ ବେଫିକର୍ ହୋଇ ତିନି ତଲାକ୍ ପ୍ରଥା ପାଳନ କରୁଥିବାରୁ ଏହି ଅଧାଦେଶ ଆଣିବା ଜରୁରୀ ଥିଲା ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ନୂଆ ଆଇନରେ ଟ୍ରିପଲ ତଲାକକୁ ଜାମିନବିହୀନ ଅପରାଧ ଦର୍ଶାଯାଇଥିଲେ ସୁଦ୍ଧା ବିଚାରପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଣେ ଅଭିଯୁକ୍ତ ମାଜିଷ୍ଟ୍ରେଟଙ୍କ ନିକଟରେ ଜାମିନ ଆବେଦନ କରିପାରିବେ। କିନ୍ତୁ ଏହା ପୂର୍ବରୁ ଛାଡ଼ପତ୍ର ପାଇଥିବା ସ୍ତ୍ରୀଙ୍କ ମତ ନିଆଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସ୍ତ୍ରୀଙ୍କୁ କ୍ଷତିପୂରଣ ଦେବାକୁ ରାଜିହେବା ପରେ ଯାଇ ଅଭିଯୁକ୍ତ ସ୍ୱାମୀଙ୍କୁ ଜାମିନ ମିଳିବ। ତେବେ ସେ କେତେ ପରିମାଣରେ କ୍ଷତିପୂରଣ ଦେବେ, ତାହା ମାଜିଷ୍ଟ୍ରେଟ ନିର୍ଦ୍ଧାରଣ କରିବେ। ସେହିପରି ପୀଡ଼ିତା ସ୍ତ୍ରୀ, ତାଙ୍କ ରକ୍ତ ସମ୍ପର୍କୀୟ କିମ୍ବା ବିବାହ ପରେ ତାଙ୍କର ସମ୍ପର୍କ ଯୋଡ଼ିହୋଇଥିବା କୌଣସି ବ୍ୟକ୍ତି ଅଭିଯୋଗ କରିବା ପରେ ପୋଲିସ ଏତଲା ଦାଏର କରିବ ବୋଲି ପ୍ରସ୍ତାବିତ ଆଇନରେ ବ୍ୟବସ୍ଥା ରହିଛି। କିନ୍ତୁ ପଡ଼ୋଶୀ କିମ୍ବା ଅନ୍ୟମାନେ ଏତଲା ଦେଇପାରିବେ ନାହିଁ। ସଂଶୋଧିତ ଆଇନ ଅନୁଯାୟୀ ତତ୍‌କ୍ଷଣାତ୍ ଟ୍ରିପଲ ତଲାକ୍‌କୁ ବୁଝାମଣାଯୋଗ୍ୟ ଅପରାଧ ବିବେଚିତ କରାଯିବ। ଏଣିକି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦାମ୍ପତ୍ୟ ବିବାଦ ତୁଟାଇବା ଲାଗି ମାଜିଷ୍ଟ୍ରେଟ ନିଜ କ୍ଷମତା ପ୍ରୟୋଗ କରିପାରିବେ। କିନ୍ତୁ ପୀଡ଼ିତା ସ୍ତ୍ରୀ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଏହା ସମ୍ଭବ ହେବ। ବୁଝାମଣା ଭିତ୍ତିରେ ମାମଲା ପ୍ରତ୍ୟାହାର କରିବାକୁ ଉଭୟ ପକ୍ଷର ସ୍ୱାଧୀନତା ରହିବ।

ଏହି ଅବସରରେ ଆଇନମନ୍ତ୍ରୀ ପ୍ରସାଦ କହିଛନ୍ତି ଯେ, ଦେଶରେ ଟ୍ରିପଲ୍ ତଲାକ ଘଟଣା ବୃଦ୍ଧି ପାଉଛି। ୨୦୧୭ ଜାନୁୟାରୀରୁ ୨୦୧୮ ସେପ୍ଟେମ୍ବର ୧୩ ସୁଦ୍ଧା ଗଣମାଧ୍ୟମ ଜରିଆରେ ଏଭଳି ୪୩୦ ଘଟଣା ସାମ୍ନାକୁ ଆସିଛି। ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପୂର୍ବରୁ ୨୨୯ ଏବଂ ପରେ ୨୦୧ ମାମଲା ହୋଇଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର ସମର୍ଥନ ନ ମିଳିବାରୁ ଟ୍ରିପଲ ତଲାକ୍ ନିରୋଧୀ ବିଲ ରାଜ୍ୟ ସଭାରେ ଗୃହୀତ ହୋଇପାରିଲା ନାହିଁ ଫଳରେ ଆଇନ ଆଣିବାରେ ବିଳମ୍ବ ଘଟିଛି। ଆଇନମନ୍ତ୍ରୀ କହିଛନ୍ତି, କଂଗ୍ରେସ ନେତାଙ୍କୁ ସେ ୬ ଥର ଭେଟି ସହଯୋଗ କାମନା କରିଥିଲେ ସୁଦ୍ଧା ନିରାଶ ହେବାକୁ ପଡ଼ିଥିଲା। ଭୋଟବ୍ୟାଙ୍କ ଚାପ ଯୋଗୁ କଂଗ୍ରେସ ଏହି ବିଲ୍‌କୁ ସମର୍ଥନ କରୁନାହିଁ। ଏ ବାବଦରେ ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଚୁପ୍ ବସିଛନ୍ତି। ତେଣୁ ବାଧ ହୋଇ କେନ୍ଦ୍ର ଅଧାଦେଶ ବାଟ ଆପଣାଇଲା। ଅଧାଦେଶକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ଶାସକ ଭାଜପା ଏବଂ ବିରୋଧୀଙ୍କ ମଧ୍ୟରେ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି।

### ଅଙ୍ଗନୱାଡି, ଆଶାକର୍ମୀଙ୍କ ...

ଏକ ହିସାବରୁ ଜଣାପଡିଛି ଯେ, ଦେଶରେ ପ୍ରାୟ ୧୪ ଲକ୍ଷ ଅଙ୍ଗନୱାଡି, ଶିଶୁ ଯତ୍ନ କେନ୍ଦ୍ର ରହିଛି। ସେଠାରେ ୧୨,୮୩,୭୦୭ ଅଙ୍ଗନୱାଡି କର୍ମୀ ଏବଂ ୧୦,୫୦,୫୬୪ ସହାୟକ କାର୍ଯ୍ୟ କରୁଛନ୍ତି। ୬ ବର୍ଷ ପର୍ଯ୍ୟନ୍ତ ଶିଶୁ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ପ୍ରାୟ ୧୦ କୋଟି ହିତାଧିକାରୀ ଉପକୃତ ହେଉଛନ୍ତି। ସେହିପରି ୧୦,୨୩,୧୩୬ ଆକ୍ରିଡେଟେଡ ସୋସିଆଲ ହେଲ୍‌ଥ ଆକ୍ଟିଭିଷ୍ଟ ବା ଆଶା କର୍ମୀ ରହିଛନ୍ତି।

### ତାଳଚେର ସାର ....

କୋଲ୍ ଇଣ୍ଡିଆ ଲିମିଟେଡ ଓ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ ଅଂଶୀଦାର ରହିଛନ୍ତି। ସେମାନଙ୍କୁ ନେଇ ଯୌଥ ଉଦ୍ୟମରେ ନଭେମ୍ବର, ୨୦୧୫ରେ ତାଳଚେର ଫର୍ଟିଲାଇଜର ଲିମିଟେଡ(ଟିଏଫ୍‌ଏଲ୍) ଗଠନ କରାଯାଇଛି। ତାଳଚେର ପ୍ରକଳ୍ପର ପୁନରୁଦ୍ଧାର ଦ୍ୱାରା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ମଧ୍ୟରେ ସରକାରଙ୍କ ଦ୍ୱାରା ସାର କ୍ଷେତ୍ରରେ ବ୍ୟାପକ ନିବେଶ ସୁନିଶ୍ଚିତ ହୋଇପାରିବ। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ରାଜ୍ୟ ଏବଂ ପୂର୍ବ ଭାରତର ଅର୍ଥବ୍ୟବସ୍ଥାକୁ ସମୃଦ୍ଧ କରିବ। ସାର ୟୁନିଟର ପୁନରୁଦ୍ଧାର ଦ୍ୱାରା ୟୁରିଆର ଘରୋଇ ଉତ୍ପାଦନ ବୃଦ୍ଧି ପାଇବା ସହିତ ୟୁରିଆ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବ। ଓଡ଼ିଶାର ଅନୁଗୋଳ ଜିଲାର ତାଳଚେର ଠାରେ କୋଇଲାରୁ ଗ୍ୟାସ ବାଷ୍ପୀକରଣ ଆଧାରରେ ସାର କାରଖାନା ପ୍ରତିଷ୍ଠା କରିବା ଲାଗି ଟିଏଫ୍‌ଏଲ୍ ପ୍ରତିଷ୍ଠା କରାଯାଇଥିଲା।

### ବିଜୁ ଯୁବ ବାହିନୀରେ ...

ମାତ୍ର ଏହି ସମୟରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ କେ.ଭି. କହିଥିଲେ ଯେ ସେପ୍ଟେମ୍ବର ୬ରେ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ବିଜୁ ଯୁବ ବାହିନୀ ଯୋଜନାର ଅଡିଟ୍ କରିବାକୁ ରାଜ୍ୟ କ୍ରୀଡ଼ା ସଚିବଙ୍କୁ ଚିଠି ଲେଖିଥିଲେ। ସେ ଚିଠିରେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଏବଂ ଗ୍ରାମାଞ୍ଚଳରେ କ୍ରୀଡ଼ାର ପ୍ରସାର କରିବା ପାଇଁ ୧୫ରୁ ୩୫ ବର୍ଷର ଯୁବଗୋଷ୍ଠୀଙ୍କ ଲାଗି ବିଜୁ ଯୁବ ବାହିନୀ ଯୋଜନା ୨୦୧୮ ମାର୍ଚ୍ଚରୁ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାର ଲକ୍ଷ୍ୟ, ପାଣ୍ଠିର ଉତ୍ସ, ବାର୍ଷିକ ଅନୁଦାନ, ନୋଡାଲ ଅଫିସ, କାର୍ଯ୍ୟକାରୀ କରୁଥିବା ସଂସ୍ଥା, ହିତାଧିକାର ଚୟନ ପଦ୍ଧତି, ସ୍ୱଚ୍ଛତା ରଖିବାକୁ କି ବ୍ୟବସ୍ଥା ଗ୍ରହଣ କରାଯାଇଛି, ତଦାରଖ ଓ ପରିଚାଳନା କରିବା ଆଦି ବିଷୟରେ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ମାତ୍ର ହକି ବିଶ୍ୱକପ୍ ପାଇଁ ବିଭାଗୀୟ ଅଧିକାରୀମାନେ ବ୍ୟସ୍ତ ଥିବାରୁ ଅଡିଟ୍‌କୁ ସ୍ଥଗିତ କରିବାକୁ ବିଭାଗ ପକ୍ଷରୁ ଉତ୍ତର ଦିଆଯାଇଛି। ବିଶ୍ୱକପ ବାହାନାରେ ଅଡିଟ୍‌କୁ ଏଡାଇବାକୁ ସରକାର ଚାହୁଁଛନ୍ତି । ବିଜେଡି ନିଜର କ୍ୟାଡର ସୃଷ୍ଟି କରିବା ପାଇଁ ଏଭଳି ଯୋଜନା କରିଛି। ଅଡିଟ୍ ପାଇଁ ସରକାର ଭୟଭୀତ ହେଉଛନ୍ତି। ମୋତେ ଏହି ବିଷୟରେ ବିଧାନସଭାରେ କୁହାଇ ନ ଦେବା ସକାଶେ ବିଜେଡି ଓ କଂଗ୍ରେସ ଷଡଯନ୍ତ୍ର କରିଥିଲେ ବୋଲି କେ.ଭି. ଅଭିଯୋଗ କରିଥିଲେ। କେ.ଭି. କହିବା ବେଳେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ହଟ୍ଟଗୋଳ କରିଥିଲେ। ତାଙ୍କୁ ଭାଜପା ସଦସ୍ୟମାନେ ବାରଣ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ବାଚସ୍ପତି ବିଜେଡି ସଭ୍ୟ ସମୀର ଦାଶ ଓ ବ୍ୟୋମକେଶ ରାୟଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ବାଚସ୍ପତିଙ୍କ ଏଭଳି ଆଚରଣରେ କେ.ଭି. କ୍ଷୁବ୍ଧ ହୋଇଥିଲେ। ପାଟିତୁଣ୍ଡ ବଢ଼ିବାରୁ ବାଚସ୍ପତି ମାତ୍ର ୪ ମିନିଟ ପରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ମୁଲତବୀ ପରେ କେ.ଭି. ବିରୋଧୀ ଦଳ ମୁଖ୍ୟ ସଚେତକ ତାରାଙ୍କୁ ହଟ୍ଟଗୋଳ ପାଇଁ ବିରକ୍ତ ହୋଇଥିଲେ।

ଗୃହ ବାହାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଲେ ଯେ, ରାଜ୍ୟ ସରକାର ବିରୋଧୀ ଦଳଙ୍କ ମୁଲତବୀ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ। ରାଜ୍ୟରେ ମନ୍ତ୍ରୀଙ୍କ କଥା ଅଫିସର ଶୁଣୁ ନାହାନ୍ତି। ଶାସନ ବ୍ୟବସ୍ଥା ବିଷୟରେ ଆଲୋଚନା ପାଇଁ ସରକାର ପଛଘୁଞ୍ଚା ଦେଉଛନ୍ତି। କର୍ମଚାରୀ, ଶିକ୍ଷକମାନେ ଆନ୍ଦୋଳନରେ ବସିଛନ୍ତି। ସରକାର କାହା କଥା ଶୁଣୁ ନାହାନ୍ତି। ସମ୍ବିଧାନ ସଂଶୋଧନ ଭଳି ଗୁରୁତର ପ୍ରସଙ୍ଗକୁ ଯେଉଁଭଳି ଭାବେ ବିଚାର କରି ପାସ୍ କରିବା କଥା ତାହା କରାଗଲା ନାହିଁ। କେବଳ ଗୋଟିଏ ଦିନ ନୋଟିସ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାରିତ କରିବାକୁ ପ୍ରଶ୍ନକାଳରେ ଆମେ ବିରୋଧ କରିଥିଲୁ ବୋଲି ନରସିଂହ କହିଛନ୍ତି। ବିଜେଡି ସଭ୍ୟ ସମୀର ରଞ୍ଜନ ଦାଶ କହିଛନ୍ତି ଏଜି ଅଡିଟ୍ ପାଇଁ କହିଛନ୍ତି, ରାଜ୍ୟ ସରକାର ଅଡିଟ୍ କରିବେ। ବିରୋଧୀ ଦଳ ଗୃହକୁ ଅଚଳ କରିବା ଏକ ବାହାନା ହୋଇଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: କର୍ମସ୍ଥାନରେ ପାପଗ୍ରହ ଯୁକ୍ତ ଚନ୍ଦ୍ର ଥିବାରୁ ଚିନ୍ତାଧାରା ବିକ୍ଷିପ୍ତ ରହିବ। ରବିଙ୍କ ଦୁର୍ବଳତା କାରଣରୁ ପିଲାମାନଙ୍କ କଥା, ଶିକ୍ଷା ସମ୍ପର୍କିତ ସମସ୍ୟା ଚିନ୍ତା କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ। ଅଟକି ରହିଥିବା କାମ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଦ୍ୱିଜା ନକ୍ଷତ୍ର ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ**: କର୍ମାଧିପତି ଅଷ୍ଟମ ଭାବସ୍ଥ ହେତୁ ସମୟ ଓ ପରିସ୍ଥିତି ଅନୁକୂଳ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବା ସହ ନିଜ କାମକୁ ଅବହେଳା କରି ପସ୍ତେଇବେ। ନିଜର ଚତୁଃପାର୍ଶ୍ୱରୁ ବିଭିନ୍ନ ପ୍ରକାରର ଚାପର ସମ୍ମୁଖୀନ ହୋଇପାରନ୍ତି। ରାଜନୀତି ଓ କ୍ରୀଡା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ**: ଆଜିର ଗ୍ରହସ୍ଥିତି ପ୍ରଭାବରେ ନିର୍ଦ୍ଦିଷ୍ଟ ସମୟରେ କାମଗୁଡିକ ନ ହୋଇପାରିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣଭାରରେ ଅତିଷ୍ଠ ହେବାକୁ ପଡିବ ଓ ତାହାହିଁ ଦୁଶ୍ଚିନ୍ତାର କାରଣ ହୋଇପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପୁନର୍ବସୁ ନକ୍ଷତ୍ର ଦୂରଯାତ୍ରାର ସୁଯୋଗ ପାଇବା ସହ ସବୁ କିଛିର ସମାଧାନ ଆପଣାଛାଏଁ ହୋଇଯିବ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବାକୁ ପଡିପାରେ। ଯାତ୍ରା ସମୟରେ ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣି ପାରନ୍ତି। ପାଖ ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ**: ଦୁଇ ଦୁଇ ଗ୍ରହ ତିନୋଟି ସ୍ଥାନରେ ରହିଥିବାରୁ କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ । ବନ୍ଧୁଙ୍କ ସହ ଆଲୋଚନା, ଖେଳ, ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇପାରେ। ପରିବାରରେ ସବୁକଥାକୁ ସନ୍ଦେହ କଲେ କ୍ଷତିରେ ପଡିବେ।

**କନ୍ୟା**: ଚନ୍ଦ୍ର ସହ ମଙ୍ଗଳ ଓ କେତୁଙ୍କ ସଂଯୋଗ ଫଳରେ ଅନ୍ୟ ଦ୍ୱାରା ପରିଚାଳିତ ହୋଇ କାମ କରିବାକୁ ବାଧ୍ୟ ହେବେ। ଏକ ଭିନ୍ନ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ଅତୀତ ଦିନର ବିବାଦୀୟ ଘଟଣରେ ଚିନ୍ତିତ ରହିବେ।

**ତୁଳା**: କର୍ମସ୍ଥାନ ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ବନ୍ଧ ମନରେ ବିଭିନ୍ନ ପ୍ରକାରର ଚିନ୍ତା ଉଙ୍କି ମାରିବ ସିନା କାର୍ଯ୍ୟତଃ କିଛି ବି କରିପାରିବେ ନାହିଁ। ବ୍ୟୟ ଭାର କ୍ରମଶଃ କମି ଆସିବା ସହ ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା**: ତୃତୀୟଭାବସ୍ଥ ଗ୍ରହ ଭାଗ୍ୟଭାବକୁ ଦେଖୁଥିବାରୁ ଆଗାମୀ ସମୟର କୌଣସି କାର୍ଯ୍ୟପାଇଁ ଆଲୋଚନା କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ଅନୁକୂଳ ମତ ଓ ମନ୍ତବ୍ୟ ମନକୁ ଆମୋଦିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରକୁ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ।

**ଧନୁ**: ଆଜିର କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟ କରିବେ। ସକାଳୁ ସକାଳୁ ଯାତ୍ରା, ବନ୍ଧୁମିଳନ, ରାଜନୀତି, ପ୍ରଶାସନ ପାଇଁ ଭଲ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଗାମୀ କାଲି ସକଶେ କୌଣସି ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମକର**: ଗ୍ରହମାନଙ୍କ ଅନୁକୂଳ ସମ୍ବନ୍ଧରୁ ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ସଭାସମିତି, ରାଜନୀତି, କଳା, ସାହିତ୍ୟ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ।

**କୁମ୍ଭ**: କର୍ମକ୍ଷେତ୍ରର କୌଣସି ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସହ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ**: ଅନ୍ୟମାନଙ୍କ ସହଯୋଗ ଅଭାବରୁ କାର୍ଯ୍ୟହାନିଜନିତ ମାନସିକ ଅସ୍ଥିରତା ଲାଗି ରହିବ। ସାମାଜିକ ସ୍ତରରେ ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡିବେ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ତରବରିଆ ଭାବରେ ଯାତ୍ରାକଲେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ପାର୍ଶ୍ୱପରିବର୍ତ୍ତନ(ବଡ)ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ସେପ୍ଟେମ୍ବର ୨୦ ତାରିଖ, ଅପରାହ୍ନ ଘ୨।୦୬ମି. ପର୍ଯ୍ୟନ୍ତ ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ସିଂହ ରାଶିର ଘାତଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀର ବ୍ରତ ଓ ଉପବାସ, ଦିବା ଘ୧୦।୦୯ମି. ଗତେ ଘ୧୧।୩୯ମି. ମଧ୍ୟେ, ଘ୧।୦୯ମି. ଗତେ ଘ୨।୩୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ମଧ୍ୟେ ଘ୧୧।୩୯ମି. ଗତେ, ଘ୧।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୦ମି. ଗତେ ଘ୨।୪୧ମି. ମଧ୍ୟେ ରାହୁକାଳ।







# ଆସୁଛି ଲଘୁଚାପ, ୨ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯।୯ (ବ୍ୟୁରୋ) - ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ଅବପାତ (ଡିପ୍ରେସନ)ରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଉଗ୍ରରୂପ ଧାରଣ କରି ଡିପ୍ ଡିପ୍ରେସନରେ ପରିଣତ ହେବ। ଏହା ପ୍ରଭାବରେ ସାରା ରାଜ୍ୟରେ ଦୁଇଦିନ ପ୍ରବଳ ବର୍ଷା ହେବ। ବୁଧବାର ମଧ୍ୟରାତ୍ରିରୁ ଉପକୂଳ ଓଡିଶାର ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱରର କେତେକ ସ୍ଥାନରେ ବର୍ଷା ହେବ। ୨୦ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଖୋର୍ଦ୍ଧା, ନୟାଗଡ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିସହିତ ଅନ୍ୟ ଭାଗରେ ମଧ୍ୟ ଲଘୁଚାପ ଜନିତ ବର୍ଷା ଲାଗି ରହିବ। ୨୧ ତାରିଖରେ ଗଜପତି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଏହି ସମୟରେ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ୨୨ ତାରିଖରେ ରାଜ୍ୟରେ ବର୍ଷା ହ୍ରାସ ପରିମାଣ ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟରେ ୧୯.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୨୬, ଦାରିଙ୍ଗବାଡିରେ ୧୮ ଏବଂ ସମ୍ବଲପୁରରେ ୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।







## ଖେଳୁଥିବା ବେଳେ କାଳ ଆସିଲା

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ତିହିଡି,୧୯।୯(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ୨ ଶିଶୁ ପୋଖରୀ ହୁଡାରେ ଖେଳୁଥିଲେ। କୌଣସି କାରଣରୁ ଦୁହେଁ ପୋଖରୀରେ ପଡିଯାଇଥିଲେ। କିଛି ସମୟ ମଧ୍ୟରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଶିଶୁ ହେଲେ ସେହି ଗ୍ରାମର ଗଣେଶ ମଲିକଙ୍କ ପୁଅ ସ୍ୱାଗତ(୩) ଏବଂ ସଞ୍ଜିତ ମଲିକଙ୍କ ପୁଅ ସମରଜିତ୍(୩)। ଗ୍ରାମବାସୀ ପୋଖରୀରୁ ଦୁହିଁଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପରିବାର ଲୋକେ ମୃତଦେହ ଘରକୁ ନେଇଯାଇଥିଲେ। ଖବର ପାଇ ତିହିଡ଼ି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଛି। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୫/୧୮) ରୁଜୁ ହୋଇଛି। ଦୁଇ ଶିଶୁଙ୍କ ଏଭଳି ମୃତ୍ୟୁ ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।








# ଓମେଗା-୩ ଓ ମିଥ୍ୟା ପ୍ରଚାର

**ପରିବେଶ ପରିଚିନ୍ତା**

**ମାନେକା ଗାନ୍ଧୀ**

ପ୍ରତି କିଛି ବର୍ଷ ବ୍ୟବଧାନରେ ଗୋଟିଏ କମ୍ପାନୀ ତା'ର ମାର୍କେଟିଂ ରଣକୌଶଳ ହିସାବରେ ପ୍ରଚାର କରେ ଯେ ଏକ ନୂତନ ସୁପରଫୁଡ୍ ଜନ୍ମଲାଭ କରିଛି। ବର୍ତ୍ତମାନ ବହୁ ବିଜ୍ଞାପିତ ସେପରି ଏକ ସୁପରଫୁଡ୍ ହେଉଛି Matcha tea ବା ମାଚା ଚା, ଯାହା ମେଦବହୁଳତା, ଡାଇବେଟିସ୍, ଆଣ୍ଠୁଗଣ୍ଠି ବାତ ପ୍ରଭୃତି ସବୁ ସମସ୍ୟାର ସମାଧାନ କରିପାରୁଛି ବୋଲି କୁହାଯାଉଛି। ଏହା କିନୁଆ, ଚିଆ ମଞ୍ଜି, ଲେହ କୋଳି, ବ୍ରାଜିଲ ନଟ୍, ବ୍ଲୁବେରୀ, ହଳଦୀ, ସ୍ପିରୁଲିନା, ଗୋଜି ବେରୀ, କଳା ଚକୋଲେଟ୍, ରେଡ୍ ୱାଇନ୍, ନଡ଼ିଆ ତେଲ, ଏକ୍ସ୍ଟ୍ରା ଭର୍ଜିନ ଓଲିଭ୍ ଅଏଲ ଏବଂ ଆପଣ ଯଦି ଚାଇନିଜ୍ ଉପରେ ବିଶ୍ୱାସ କରୁଥାନ୍ତି, ତେବେ ମାଙ୍କଡ଼ ଚମଡ଼ାରେ ତିଆରି ଜିଲାଟିନ୍ ଆଦିର ପଦାଙ୍କ ଅନୁସରଣ କରି ବଜାରକୁ ଆସିଛି।

ଏ ସବୁ ଭିତରୁ ବିଜ୍ଞାପନର ସବୁଠାରୁ ବଡ଼ ପ୍ରତାରଣାପୂର୍ଣ୍ଣ କୌଶଳ ଯାହା ତିନି ଦଶନ୍ଧି ଧରି କୋଟି କୋଟି ଲୋକଙ୍କୁ ଭୁଆଁ ବୁଲାଇ ଆସିଛି, ତାହା ହେଉଛି ମାଛତେଲରୁ ମିଳୁଥିବା ଓମେଗା-୩ ଫ୍ୟାଟି ଏସିଡ୍। ବିଶେଷତଃ ସମୁଦ୍ରରୁ ଟୁନା, ମ୍ୟାକ୍‌ରେଲ ବା ସାଲ୍‌ମନ ପ୍ରଭୃତି ଚର୍ବିଯୁକ୍ତ ମାଛ ଧରାଯାଏ, ଯେଉଁଥିରେ ଓମେଗା-୩ ଥାଏ। ଅନେକ ଲୋକ ହୃଦ୍‌ରୋଗ ପାଇଁ ଉପକାରୀ ବୋଲି ବିଶ୍ୱାସ କରି ପ୍ରତିଦିନ ଓମେଗା-୩ ଔଷଧ ସେବନ କରନ୍ତି। ଏଗୁଡ଼ିକ ଗୋଳି, କ୍ୟାପ୍‌ସୁଲ ଓ ତେଲ ଆକାରରେ ବଜାରରେ ମିଳେ। ପ୍ରତିବର୍ଷ ୫୦୦ ନିୟୁତ ପାଉଣ୍ଡର ବେପାର ହେଉଛି।

ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ବୁଝେଇ ଦିଆଯାଇଛି ଯେ, ଓମେଗା-୩ ଫ୍ୟାଟି ଏସିଡ୍ ଏକ ଯାଦୁକରୀ ଔଷଧ, ଯାହା ମସ୍ତିଷ୍କର ଶକ୍ତି ବୃଦ୍ଧି କରେ, ମାନସିକ ରୋଗ ଭଲ କରେ ଏବଂ ମାନସିକ ଅବସାଦ ଦୂର କରେ। ଏହା ମଧ୍ୟ ଆଣ୍ଠୁଗଣ୍ଠି ବାତ, ଅମ୍ଳପିତ୍ତ (ଆଇବିଏସ୍), ମେଦବହୁଳତା, ହୃଦ୍‌ରୋଗ ପାଇଁ ଉପକାରୀ ଏବଂ କ୍ୟାନ୍‌ସର ନିରୋଧୀ। ପ୍ରତିବର୍ଷ ଅଧିକରୁ ଅଧିକ ଅତିରଞ୍ଜିତ କରି ପ୍ରଚାର କରାଯାଉଛି ଯେ, ଓମେଗା-୩ କୁଆଡ଼େ ଆମ ଶରୀରର କ୍ରିୟାଶୀଳତା ପାଇଁ ଅତ୍ୟନ୍ତ ଦରକାରୀ। ଏହା ରକ୍ତରେ ଚର୍ବିର ପରିମାଣ କମାଇବା ସହ ରକ୍ତଚାପ ହ୍ରାସ କରେ ଏବଂ ରକ୍ତ କ୍ଲଟ୍ କରିବାକୁ ବନ୍ଦ କରେ। ହୃଦ୍‌ଘାତ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ପାଇଁ ଉପକାରୀ ବୋଲି ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଏ। ଏ ସବୁ ହେଉଛି ମିଥ୍ୟା ପ୍ରଚାର। ଉପର ଲିଖିତ ସବୁ ଜିନିଷକୁ କେବଳ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କହିହେବ, ଯେମିତି ପନିପରିବା, ଶସ୍ୟ ଓ ଫଳ। ବଜାରରେ ବିକ୍ରି ହେଉଥିବା ଓମେଗା-୩ କେବଳ କମ୍ପାନୀମାନଙ୍କୁ କୋଟିପତି କରିଛି କିନ୍ତୁ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଇ ନାହିଁ।

ଓମେଗା-୩ ହେଉଛି ଏକପ୍ରକାର ଚର୍ବି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ କମ୍ ପରିମାଣର ଓମେଗା-୩ ପ୍ରତ୍ୟେକଙ୍କର ଦରକାର। ଓମେଗା-୩ ଫ୍ୟାଟି ଏସିଡ୍‌ଗୁଡ଼ିକର ମୁଖ୍ୟ ପ୍ରକାରଗୁଡ଼ିକ ହେଉଛି ଆଲ୍‌ଫାଲିନୋଲେନିକ୍ ଏସିଡ୍ (ଏଏଲ୍ଏ), ଏଇକୋସାପେଣ୍ଟିନୋଇକ୍ ଏସିଡ୍ (ଇପିଏ) ଏବଂ ଡୋକୋସାହେକ୍ସିନୋଇକ୍ ଏସିଡ୍ (ଡିଏଚ୍ଏ)। ଏଏଲ୍ଏ ବିଭିନ୍ନ ପ୍ରକାର କୋଳି ଓ ମଞ୍ଜିରେ ବି ଥାଏ, ଯେମିତି ୱାଲ୍‌ନଟ୍ (ଅଖରୋଟ), ରେପ୍‌ସିଡ୍ (ଧଳା ସୋରିଷ) ପ୍ରଭୃତି। ଇପିଏ ଓ ଡିଏଚ୍ଏକୁ କୁହାଯାଏ ଲଙ୍ଗ୍ ଚେନ୍ ଓମେଗା-୩ ଫ୍ୟାଟ୍, ଯାହା ମାଛତେଲରେ ଥାଏ। ଓମେଗା-୩ ରକ୍ତଚାପ ଓ କୋଲେଷ୍ଟରଲ କମାଇବା ସହ ହୃଦ୍‌ରୋଗରୁ ରକ୍ଷା କରେ ବୋଲି ବିଶ୍ୱାସ କରାଯାଉଛି।

୧୯୯୩ ମସିହାରେ କୋକ୍ରେନ୍ ଲାଇବ୍ରେରି ପ୍ରତିଷ୍ଠା କରାଯାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେତେ ସବୁ ଗବେଷଣା ଓ ପରୀକ୍ଷା ନିରୀକ୍ଷା କରାଯାଉଛି, ସେସବୁର ବୈଧତା ସମୀକ୍ଷା କରିବା ଏହାର ଉଦ୍ଦେଶ୍ୟ। ଏହାର ରିପୋର୍ଟକୁ ଉଚ୍ଚମାନର ଓ ନିର୍ଭରଯୋଗ୍ୟ ବୋଲି ବିଶ୍ୱାସ କରାଯାଏ। ସମସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କିତ ନିଷ୍ପତ୍ତି ନେବାରେ ଏହା ସହାୟକ ହୋଇଥାଏ। ୧୩୦ଟି ଦେଶ ମିଳିତ ଭାବରେ ବିଶ୍ୱାସଯୋଗ୍ୟ ସ୍ୱାସ୍ଥ୍ୟ ସୂଚନା ପ୍ରସ୍ତୁତ କରିଥାନ୍ତି, ଯାହା କୌଣସି ପ୍ରକାର ବାଣିଜ୍ୟିକ ପ୍ରାୟୋଜକତା ଓ ସ୍ୱାର୍ଥଦ୍ୱନ୍ଦ୍ୱଠାରୁ ଊର୍ଦ୍ଧ୍ୱରେ ଥାଏ। ଏହାର ରିପୋର୍ଟ ବିଶ୍ୱ ସାରା ସମସ୍ତେ ବିଶ୍ୱାସ କରନ୍ତି।

କୋକ୍ରେନ୍ ଲାଇବ୍ରେରିରେ ଏକ ନୂତନ କୋକ୍ରେନ୍ ସିଷ୍ଟମେଟିକ୍ ରିଭ୍ୟୁ ପ୍ରକାଶ ପାଇଛି। ଏହା ହେଉଛି ୭୯ଟି ବିଭିନ୍ନ ଗବେଷଣାର ସମୀକ୍ଷା। ଏଥିରେ ୨୫ଟି ଅନୁଧ୍ୟାନ ସବୁଠାରୁ ଅଧିକ ବିଶ୍ୱାସଯୋଗ୍ୟ, ଯେଉଁଥିରେ ୧,୧୨,୦୫୯ ଜଣ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଅନୁଧ୍ୟାନଗୁଡ଼ିକ ୧ ବର୍ଷରୁ ଆରମ୍ଭ କରି ୮ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ସ୍ୱାଭାବିକତାଠାରୁ ଅଧିକ ଓମେଗା-୩ ଖାଇଲେ ହୃଦ୍‌ରୋଗ ଓ ରକ୍ତସଂଚାଳନ ଉପରେ ତା'ର କି ପ୍ରଭାବ ପଡୁଛି, ତାହା ଉପରେ ଅନୁଧ୍ୟାନଗୁଡ଼ିକ ପର୍ଯ୍ୟବସିତ ଥିଲା। ଉତ୍ତର ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ସୁସ୍ଥ ଓ ରୋଗଗ୍ରସ୍ତ ଲୋକଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ବର୍ଷକ ଯାଏ ଯାଦୃଚ୍ଛିକ ଭାବେ ସ୍ୱାଭାବିକ ବା କମ୍ ପରିମାଣର ଓମେଗା-୩ ଖାଇବା କିମ୍ବା ଅଧିକ ଖାଇବା ପାଇଁ କୁହାଯାଇଥିଲା। ଅନେକ ଅନୁଧ୍ୟାନରେ କ୍ୟାପ୍‌ସୁଲ ଆକାରରେ ଲଙ୍ଗ୍ ଚେନ୍ ଓମେଗା-୩ ଖାଇବା କିମ୍ବା ଡମି ପିଲ୍ ଖାଇବା ମଧ୍ୟରେ କ'ଣ ପ୍ରଭେଦ ରହୁଛି, ତାହା ଦେଖାଯାଇଥିଲା। ଆଉ କେତେକ ଅନୁଧ୍ୟାନକାରୀ ଦଳ ପୂରା ମାଛ ଖାଇବା ଉପରେ ଅନୁଧ୍ୟାନ କରିଥିଲେ। ଏଏଲ୍ଏ ଉପରେ ଯେଉଁ ଅନୁଧ୍ୟାନ କରାଯାଇଥିଲା, ସେଥିରେ କିଛି ଲୋକଙ୍କୁ ଏଏଲ୍ଏ ମିଶାଯାଇଥିବା ଖାଦ୍ୟ ଏବଂ ଅନ୍ୟମାନଙ୍କୁ ଅଖରୋଟ ପ୍ରଭୃତି ପ୍ରାକୃତିକ ଭାବେ ଏଏଲ୍ଏ ଥିବା ଖାଦ୍ୟ ଖାଇବାକୁ କୁହାଯାଇଥିଲା।

ଗବେଷକମାନେ ଦେଖିଲେ ଯେ, ଯେଉଁମାନଙ୍କୁ ଲଙ୍ଗ୍ ଚେନ୍ ଓମେଗା-୩ ସପ୍ଲିମେଣ୍ଟ ଅଧିକ ପରିମାଣରେ ଦିଆଯାଇଛି, ତାହାଦ୍ୱାରା ସେମାନଙ୍କର କିଛି ବି ଲାଭ ହୋଇନାହିଁ। ହୃଦ୍‌ରୋଗରେ ମୃତ୍ୟୁ ଆଶଙ୍କା କମ୍ ବା ବେଶି ଓମେଗା-୩ ଖାଇଥିବା ସମସ୍ତଙ୍କ କ୍ଷେତ୍ରରେ ସମାନ ଥିଲା। ନିୟମିତ ଲଙ୍ଗ୍ ଚେନ୍ ଓମେଗା-୩ (ଇପିଏ ଓ ଡିଏଚ୍ଏ ସମେତ) ଔଷଧ ସ୍ୱାଭାବିକତାଠାରୁ ଅଧିକ ପରିମାଣରେ ଖାଇଲେ ମଧ୍ୟ ତାହା ହୃଦ୍‌ରୋଗ, ହୃଦ୍‌ଘାତ ଓ ଷ୍ଟ୍ରୋକ୍ ପ୍ରଭୃତି ଆଶଙ୍କା ଦୂର କରିବାରେ କିଛି ବି ସାହାଯ୍ୟ କରି ନ ଥିଲା। ସେହିପରି ଏହି ଔଷଧ ଅଧିକ ପରିମାଣରେ ଖାଇଲେ ମଧ୍ୟ ତାହା ଶରୀରର ଓଜନ ବା ଚର୍ବି କମାଇବାରେ ଆଦୌ ସାହାଯ୍ୟ କରି ନ ଥିଲା।

କୋକ୍ରେନ୍‌ର ମୁଖ୍ୟ ଲେଖକ ତଥା ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍‌ଲିଆ, ବ୍ରିଟେନ୍‌ର ଡ. ଲି ହୁପର କହିଛନ୍ତି- ଏହି ସମୀକ୍ଷାରୁ ଆମେ ନିଶ୍ଚିତ ଯେ, ଓମେଗା-୩ ଫ୍ୟାଟି ଏସିଡ୍ ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖେ ନାହିଁ। ଏ ନେଇ ରହିଥିବା ବିଶ୍ୱାସ ଭ୍ରମାତ୍ମକ। ତେଣୁ ମାଛତେଲ, ଇପିଏ ବା ଡିଏଚ୍ଏ ଖାଇଲେ ଯେ ହୃଦ୍‌ଘାତ ହେବ ନାହିଁ ବା ବ୍ରେନ୍ ଷ୍ଟ୍ରୋକ୍ ହେବ ନାହିଁ ଏପରି ଭାବିବା ଭୁଲ୍। ତେଣୁ ଆଜି ଯାଏ ଏ ସମ୍ପର୍କରେ ଆମର ଯେଉଁ ଧାରଣା ବା ବିଶ୍ୱାସ ସୃଷ୍ଟି ହୋଇଛି, ତାହା କିଛି ବରାଦିଆ ବା ତ୍ରୁଟିପୂର୍ଣ୍ଣ ଅନୁଧ୍ୟାନ ଏବଂ ତାକୁ ଭିତ୍ତିକରି କମ୍ପାନୀମାନଙ୍କର ପ୍ରସାରିତ ମିଥ୍ୟା ବିଜ୍ଞାପନ ଯୋଗୁ ସୃଷ୍ଟି ହୋଇଛି।

କିନ୍ତୁ ଉକ୍ତ ବିଧିବଦ୍ଧ ସମୀକ୍ଷାରୁ ଏହା ଜଣାପଡ଼ିଛି ଯେ, ଅଖରୋଟ୍, ଧଳା ସୋରିଷ ପ୍ରଭୃତି ଯେଉଁ ଉଦ୍ଭିଜ୍ଜ ତୈଳରେ ଏଏଲ୍ଏ ଥାଏ, ତାହା କିଛି ପରିମାଣରେ ହୃଦ୍‌ରୋଗ ଓ ରକ୍ତସଂଚାଳନ ପାଇଁ ଉପକାରୀ। ତେବେ ତା'ର ପ୍ରଭାବ ବହୁତ କମ୍। ମାଛ ତେଲରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ଆମ ଶରୀର ପାଇଁ ଉପକାରୀ ଓ ଅତ୍ୟନ୍ତ ଦରକାରୀ ବୋଲି ପ୍ରଚାର ହେବା ଫଳରେ ଅନେକ ଶିକ୍ଷିତ ଲୋକ ଧରିନେଇଛନ୍ତି ଯେ, ପ୍ରତିଦିନ ମାଛତେଲ ବା ମାଛ ଖାଇବା ଉଚିତ। ଯେଉଁ କମ୍ପାନୀମାନେ ନିରାମିଷ ବୋତଲ ବା ଡବା ଛତୁଆରେ ଆମିଷ (ଓମେଗା-୩) ମିଶାଇ ଘନ ଘନ ତା'ର ଉପକାରିତା ପ୍ରଚାର କରୁଛନ୍ତି ଓ ସେଥିପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ସେମାନେ ସବୁବେଳେ ଗବେଷଣାରୁ ଉପଲବ୍ଧ ସତ୍ୟକୁ ଲଚାଇଥାନ୍ତି। ବାସ୍ତବରେ ଏକ ଅନୁଧ୍ୟାନରେ ଆଞ୍ଜାଇନା ରୋଗରେ ପୀଡ଼ିତ ଲୋକଙ୍କୁ ଓମେଗା-୩ ସପ୍ଲିମେଣ୍ଟ ଖାଇବାକୁ ଦିଆଯିବାରୁ ସେମାନଙ୍କ ହୃଦ୍‌ଘାତ ଆଶଙ୍କା ତାହା ଦିଆଯାଇ ନ ଥିବା ଲୋକଙ୍କ ତୁଳନାରେ ବୃଦ୍ଧି ପାଇବାର ଦେଖାଯାଇଥିଲା।

Email: gandhim@nic.in

# ଧର୍ମ ଜୀବନର ରକ୍ଷାକବଚ



**ଶିବରାମ ଶତପଥୀ**

ଗୀତାରେ ଅଛି, 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍।' ଅର୍ଥାତ୍ କରିଥିବା ସାମାନ୍ୟତମ ଧର୍ମ ମଧ୍ୟ ସମୟ ପଡ଼ିଲେ ପ୍ରାଣୀକୁ ବଡ଼ ଭୟ (ମୃତ୍ୟୁଭୟ)ରୁ ରକ୍ଷାକରେ। ତେବେ ଏହି ଧର୍ମ କ'ଣ? ମହାଭାରତ ବନପର୍ବରେ ଯକ୍ଷ (ଛଦ୍ମବେଶୀ ଧର୍ମ)ଙ୍କ ପ୍ରଶ୍ନ (କଃ ପନ୍ଥାଃ)ର ଉତ୍ତରରେ ଯୁଧିଷ୍ଠିର କହିଥିଲେ- ନାନା ମୁନିଙ୍କର ନାନା ମତ। ସେହିପରି ବେଦ ମଧ୍ୟ ଗୋଟିଏ ନୁହେଁ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ଧର୍ମର ତତ୍ତ୍ୱ ପ୍ରତିପାଦିତ ହୋଇଛି। ତର୍କ ଦ୍ୱାରା କୌଣସି ସତ୍ୟର ପ୍ରତିଷ୍ଠା ସମ୍ଭବ ନୁହେଁ। ଧର୍ମର ତତ୍ତ୍ୱ ଗୋପନୀୟ, କେବଳ ଅନୁଭବଗମ୍ୟ। ତେଣୁ ମହାଜନ (ମହତ୍ ଜନ ବା ମହାନ୍ ପୁରୁଷ ବା ପୁରୁଷୋତ୍ତମ ବା ଅବତାର ପୁରୁଷ) ଯେଉଁ ପଥରେ ଯାଆନ୍ତି, ତାହା ହିଁ ଅନୁସରଣ କରିବା ବିଧେୟ। ଯୁଧିଷ୍ଠିର ଏଠାରେ ସେ ସମୟର ପୁରୁଷୋତ୍ତମ ଭଗବାନ୍ କୃଷ୍ଣଙ୍କୁ ଲକ୍ଷ୍ୟ କରି ମହାଜନ ଶବ୍ଦଟି ବ୍ୟବହାର କରିଥିଲେ।

ଧର୍ମ କହିଲେ ହିନ୍ଦୁ, ମୁସଲମାନ, ଶିଖ୍, ବୌଦ୍ଧ ପ୍ରଭୃତି ସମ୍ପ୍ରଦାୟକୁ ବୁଝାଏ ନାହିଁ। 'ଧାରଣାତ୍ ଧର୍ମ ଇତ୍ୟାହୁଃ', ଅର୍ଥାତ୍ ଯେଉଁ ନୀତିବିଧି ସମାଜକୁ, ସଂସାରକୁ ଓ ମଣିଷର ବଞ୍ଚିବା ଓ ବଢ଼ିବାକୁ ଧାରଣ କରେ ତାକୁ ଧର୍ମ କୁହାଯାଏ। ସମାଜରେ ସହାବସ୍ଥାନର ନାମ ଧର୍ମ। ଶାରୀରିକ ଶକ୍ତି ଓ ଧନରେ ଯେ ଦୁର୍ବଳ ତାକୁ ସାହାଯ୍ୟ କରିବା, ପରସ୍ପର ମିଳିମିଶି ଚଳିବା, ସ୍ନେହ, ପ୍ରେମ ଓ ସଦ୍ଭାବକୁ ଜୀବନର ମୂଳମନ୍ତ୍ର ରୂପେ ଗ୍ରହଣ କରିବାର ନାମ ଧର୍ମ। 'ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ', ଅର୍ଥାତ୍ ମୋ ପ୍ରତି ଜଣେ ଏପରି ବ୍ୟବହାର କଲେ ମୋତେ ଭଲ ଲାଗିବ ତ, ଏହା ଚିନ୍ତାକରି ଯେ ଅନ୍ୟ ପ୍ରତି ବ୍ୟବହାର କରେ ସେ ଧାର୍ମିକ। ଅନ୍ୟର ଧନ ଓ ସ୍ତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକାଇବା ଅସାମାଜିକ ବ୍ୟବହାର ହେତୁ ସେପରି ବ୍ୟକ୍ତି ଅଧାର୍ମିକ। ଅନୁରୂପ କ୍ରମେ କୋଠ ସମ୍ପତ୍ତି ଓ ଜମି ହଡପିବା ପାପ ପର୍ଯ୍ୟାୟଭୁକ୍ତ। ସଭାରେ ବସି ଯେ ମିଥ୍ୟା ଭାଷଣ କରେ, ବିଚାରପତିର ଆସନରେ ବସି ଯେ ପକ୍ଷପାତ ଓ ପ୍ରିୟାପ୍ରୀତି ତୋଷଣ କରେ ତା'ର ପାପ ଲେଖିବା ପାଇଁ ଚିତ୍ରଗୁପ୍ତଙ୍କ ପାଞ୍ଜିରେ ପୃଷ୍ଠାର ଅଭାବ ପଡ଼େ।

ଯଦି ଅସାମାଜିକ କାର୍ଯ୍ୟକଳାପରୁ ଦୂରରେ ରହି ପରୋପକାର କଲେ ବ୍ୟକ୍ତି ଧାର୍ମିକ ହୋଇଯାଏ, ତେବେ ଏ ଉପବାସ, ବ୍ରତ, ଧ୍ୟାନ, ଯଜ୍ଞ, ଉପାସନା, ଧର୍ମଗ୍ରନ୍ଥ ପାଠ, ତୀର୍ଥାଟନ ଆଦି କାହିଁକି? ବିକ୍ଷିପ୍ତ ଚଞ୍ଚଳ ମନକୁ ଏକାଗ୍ର କରି ସତ୍ ଚିନ୍ତନ, ସଦ୍‌ଭାଷଣ ଓ ସତ୍ କାର୍ଯ୍ୟରେ ବିନିଯୋଗ କରିବା ଏତେ ସହଜ ନୁହେଁ। ଉଚ୍ଛୃଙ୍ଖଳ ମନକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଉପବାସ, ଉପାସନା ଓ ତୀର୍ଥାଟନ ଏକ ଏକ ସାଧନା। ମନ ଯେତେବେଳେ ସତ୍ କାର୍ଯ୍ୟ ଓ ସତ୍ ଚିନ୍ତନରେ ସଦା ତତ୍ପର ରହେ ସେତେବେଳେ ଉଲ୍ଲିଖିତ ବାହ୍ୟ ଉପଚାରଗୁଡ଼ିକର ଆବଶ୍ୟକତା ରହେ ନାହିଁ। ଏକ ସୁସ୍ଥ ସମାଜରେ ସମସ୍ତେ ପରସ୍ପର ନିର୍ଭରଶୀଳ, ଜଣେ ଅପରର ପରିପୂରକ। ଯେ ଧର୍ମ ଅନୁସରଣ କରେ ସେ ହିଁ ଉତ୍ତମ ସାମାଜିକ ମଣିଷ ହୋଇପାରେ।

ସାମାନ୍ୟ ଧର୍ମାଚରଣ କିପରି ବ୍ୟକ୍ତିକୁ ବଡ଼ ବଡ଼ ବିପଦରୁ ରକ୍ଷା କରେ ତା'ର କିଛି ଉଦାହରଣ ଦେବା ଅସମୀଚୀନ ହେବ ନାହିଁ। ଜଣେ ବୃଦ୍ଧ ସପ୍ତାହକ ଭିତରେ ତିନିଥର ଖସିପଡିଲେ। ଥରେ ପାଣି ପଡିଥିବା ଚଟାଣରେ, ଦ୍ୱିତୀୟଥର ଗାଧୁଆ ଘରେ ଓ ତୃତୀୟଥର ପାହାଚରୁ ଓହ୍ଲାଇବା ବେଳେ। ଯଥାକ୍ରମେ ଡାହାଣ ବାହୁର ଖଞ୍ଜା, ଅଣ୍ଟାର ହାଡ଼ ଓ ଶେଷଥର ବାମପାଦର ଗୋଇଠିରେ ମାଡ଼ ହେଲା। ଏ ସବୁର ଉପଶମ ତିନି ସପ୍ତାହ ଭିତରେ ହୋଇଗଲା, ଯେହେତୁ ଏସବୁ ଦୁର୍ଘଟଣାରେ ଅସ୍ଥି ଆଘାତପ୍ରାପ୍ତ ହୋଇ ନ ଥିଲା। କହିବା ବାହୁଲ୍ୟମାତ୍ର ଯେ, ଭଦ୍ରବ୍ୟକ୍ତି ପ୍ରତ୍ୟହ ପ୍ରାର୍ଥନା କରୁଥିଲେ। ଅନ୍ୟର ଅନିଷ୍ଟ କରିବା ଦୂରେ ଥାଉ, ଚିନ୍ତା ମଧ୍ୟ କରୁ ନ ଥିଲେ। ସରଳ ବାର୍ତ୍ତାଳାପ ଓ କାର୍ଯ୍ୟକଳାପରେ ସମସ୍ତଙ୍କ ମନ ମୋହୁଥିଲେ। କାହା ମନରେ ଆଘାତ, ଉତ୍ତେଜନା ବା ଅବସାଦ ସୃଷ୍ଟି କରୁ ନ ଥିଲେ।

ଧର୍ମ ଓ ସଦାଚାରକୁ ବିଶ୍ୱାସ ନ କରି ଯେଉଁ ବ୍ୟକ୍ତି ନିଜକୁ ଖୁବ୍ ଚାଲାକ ମନେକରି ସବୁ କିଛି କାର୍ଯ୍ୟ ନିଜ ସ୍ୱାର୍ଥ ସିଦ୍ଧି ପାଇଁ କରୁଥିଲେ, ସେ ଶିଡି ଚଢୁ ଚଢୁ ଖସିପଡିଲେ। ତାଙ୍କ ମସ୍ତକରେ ଆଘାତ ଲାଗିଲା ଓ ସେ ତତକ୍ଷଣାତ୍ ପ୍ରାଣତ୍ୟାଗ କଲେ। ଆଉ ଜଣେ ବ୍ୟକ୍ତି ଯେ ନିଜ ଭାଇକୁ ଠକି ସମସ୍ତ ପୈତୃକ ସମ୍ପତ୍ତି ହଡପିଥିଲେ ସେ ସ୍ନାନାଗାରରେ ଖସି ପଡ଼ିବା ହେତୁ ଅଣ୍ଟାର ଖଞ୍ଜା ଖସିଯିବାରୁ ଦଶବର୍ଷ ଶଯ୍ୟାଶାୟୀ ରହି ପଞ୍ଚତ୍ୱପ୍ରାପ୍ତ ହେଲେ। ଆଉ ଜଣେ କ୍ରୂର ବ୍ୟକ୍ତି ଯେ ଲୋକଙ୍କୁ ଦୁଃଖକଷ୍ଟ ଦେଇ ନିଜର ପ୍ରାଧାନ୍ୟ ସାବ୍ୟସ୍ତ କରିବା ସହିତ ଅପାର ଆନନ୍ଦ ଉପଭୋଗ କରୁଥିଲେ ସେ ଓଦା ଚଟାଣରେ ଖସି ମେରୁଦଣ୍ଡରେ ଆଘାତପ୍ରାପ୍ତ ହେଲେ। ପରିଣାମତଃ ଦୁରାରୋଗ୍ୟ ପକ୍ଷାଘାତ ରୋଗରେ ପୀଡ଼ିତ ହେଲେ।

ଯେ ଅନ୍ୟ ପାଇଁ ଗାତ ଖୋଳେ ସେ ଗାତରେ ସେ ନିଜେ ପଡ଼େ, ଏହା ନିଃସନ୍ଦେହ। ଏଥିପାଇଁ ଲୋକମୁଖରେ କଥିତ ଅଛି, ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ। ଅନେକେ ଯୁକ୍ତି କରନ୍ତି, ଏଇଟା ତ ଜୀବନକୁ ଉପଭୋଗ କରିବା ସମୟ, ଏବେ କି ଧର୍ମାଧର୍ମ। ବୁଢ଼ା ହେଲାବେଳକୁ ସିନା ଧର୍ମକର୍ମ। କିନ୍ତୁ କାଳ ଯେ ଚିଲ ପରି ଉପରେ ଉଡି ବୁଲୁଥାଏ। ପୋଖରୀରୁ ମାଛ ଝାମ୍ପିନେଲା ପରି କେତେବେଳେ ପିଣ୍ଡରୁ ପ୍ରିୟ ପ୍ରାଣଟିକୁ କାଢିନେବ ତା' କିଏ ଜାଣେ?

ଇ-୧୮, ପଦ୍ମପାଣିବିହାର,
ନୀଳାଦ୍ରିବିହାର, ଭୁବନେଶ୍ୱର

## ଏଇ ଭାରତରେ

ଅପରାଧୀଙ୍କୁ କାବୁ କରିବାକୁ ପୋଲିସ କର୍ମଚାରୀଙ୍କୁ ନୂଆ ନୂଆ କୌଶଳ ପ୍ରଶିକ୍ଷଣ ଦିଆଯାଉଛି। ବିଶେଷକରି ମହିଳା କର୍ମଚାରୀଙ୍କୁ ଏନେଇ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଉଛି। କିପରି କମ୍ ପୋଲିସ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ କୋର୍ଟକୁ ଏସ୍‌କର୍ଟ କରି ନିଆଯାଇପାରିବ ସେଥିପାଇଁ ଗୁଜରାଟରେ ଏବେ ମହିଳା ପୋଲିସ କର୍ମଚାରୀଙ୍କୁ ନୂଆ ଲକ୍ ଆଣ୍ଡ ହୋଲ୍ଡ ପ୍ରଶିକ୍ଷଣ ଦିଆଯାଉଛି। ଲକ୍ ଆଣ୍ଡ ହୋଲ୍ଡ ପ୍ରଶିକ୍ଷଣ ଦ୍ୱାରା ଜଣେ ମହିଳା ପୋଲିସ ଅଭିଯୁକ୍ତଙ୍କୁ ଏଭଳି ଭାବେ ଧରିକି ନେବେ, ଯାହାଫଳରେ ଅଭିଯୁକ୍ତ ଜଣକ ସହଜରେ ଖସି ଯାଇପାରିବେ ନାହିଁ। ଏହାଦ୍ୱାରା ଜଣେ ଅପରାଧୀଙ୍କୁ ଏସ୍‌କର୍ଟରେ ନେବାକୁ ଆଉ ୩ରୁ ୪ଜଣ ମହିଳା କର୍ମଚାରୀଙ୍କ ଆବଶ୍ୟକତା ପଡ଼ିବ ନାହିଁ। ଜଣେ କିମ୍ବା ୨ଜଣ ମହିଳା ପୋଲିସ ଅପରାଧୀଙ୍କୁ ଏସ୍‌କର୍ଟରେ ନେବାକୁ ପର୍ଯ୍ୟାପ୍ତ ହୋଇପାରିବେ। ପ୍ରାଥମିକ ସ୍ତରରେ ୩୦ଜଣ ମହିଳା ପୋଲିସଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ମହିଳା କର୍ମଚାରୀଙ୍କୁ ଏହି ପ୍ରଶିକ୍ଷଣରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗୁଜରାଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗୁଜରାଟ ପୋଲିସର ଏଭଳି ଅଭିନବ କୌଶଳ ପ୍ରଶିକ୍ଷଣକୁ ଅନ୍ୟ ରାଜ୍ୟର ପୋଲିସ କର୍ମଚାରୀମାନେ ଗ୍ରହଣ କଲେ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି କୁହାଯାଇଛି।

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।

(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | A | | | | | | | 4 | | |
| D | 3 | 9 | | | | 4 | 5 | | | E | | | | |
| | | 0 | | | 5 | 6 | | D | 3 | A | | 7 | | |
| | | 7 | B | 0 | | | | | | C | | | 9 | 3 |
| E | | | 1 | D | 6 | A | | | | | 5 | | | B |
| | | | | | | 8 | | | C | | | | | |
| 3 | | 1 | | | 7 | 0 | | | | 4 | | | | |
| | 8 | D | | | | | A | 3 | | 1 | | | | |
| A | B | 2 | 3 | | | D | | 1 | | | 7 | | | 9 |
| | | | E | 5 | 1 | | | 6 | | | | | | 7 |
| | | | | | | | | | | | | 0 | 2 | |
| | 4 | E | | B | 3 | 1 | | | | | 6 | D | | |
| | | | 8 | | 0 | 3 | | 4 | | | 2 | | 6 | 1 |
| 5 | D | | | 9 | | | | 7 | 8 | | | | | |
| | 2 | | C | A | | | | | | | | 8 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 0 | D | 4 | 2 | 8 | 1 | C | 9 | 5 | E | 6 | 3 | B |
| 4 | 5 | E | 6 | C | 3 | 7 | 9 | B | 1 | 0 | A | 8 | 2 | D |
| B | 1 | 6 | 9 | 8 | A | D | 5 | 0 | 2 | 3 | 4 | C | E | 7 |
| 8 | 9 | 3 | 5 | E | B | 2 | A | 6 | D | 7 | C | 1 | 0 | 4 |
| D | C | 2 | 0 | 1 | 7 | E | 3 | 4 | 8 | 6 | B | 5 | A | 9 |
| C | D | 1 | E | 7 | 9 | 0 | 4 | 2 | A | 8 | 5 | B | 6 | 3 |
| 3 | 2 | B | 8 | A | C | 9 | D | 7 | 6 | E | 1 | 0 | 4 | 5 |
| 5 | E | 8 | 4 | D | 6 | 3 | C | 1 | 0 | B | 7 | A | 9 | 2 |
| A | 0 | 7 | 3 | 5 | 1 | B | 6 | E | 4 | 9 | 2 | D | C | 8 |
| 9 | 6 | 4 | B | 2 | 0 | 5 | 8 | A | C | D | 3 | E | 7 | 1 |
| 6 | B | 5 | 2 | 0 | 4 | 1 | E | 3 | 7 | A | 8 | 9 | D | C |
| E | 8 | 9 | C | 3 | 5 | A | 7 | D | B | 2 | 0 | 4 | 1 | 6 |
| 0 | 7 | D | 1 | 6 | 8 | C | 2 | 5 | E | 4 | 9 | 3 | B | A |
| 1 | 3 | A | 7 | B | D | 4 | 0 | 9 | 5 | C | 6 | 2 | 8 | E |
| 2 | 4 | C | A | 9 | E | 6 | B | 8 | 3 | 1 | D | 7 | 5 | 0 |

ଗତକାଲିର ଉତ୍ତର

# ଉଚ୍ଚଶିକ୍ଷା ଓ କାମଚଳା ଅଧ୍ୟକ୍ଷ



**ଡ. ସୁବାସ ଚନ୍ଦ୍ର ପାତ୍ର**

ପ୍ରଖ୍ୟାତ ଇଂରେଜୀ କବି ଜନ୍ ଡନ୍‌ଙ୍କର ଏକ କବିତା ଅଛି- 'କାହା ପାଇଁ ବାଜେ ଏ ଘଣ୍ଟା'। କୌଣସି ମଣିଷର ମୃତ୍ୟୁର ସୂଚନା ହିସାବରେ ବାଜୁଥିବା ଗୀର୍ଜାର ଘଣ୍ଟା ପ୍ରସଙ୍ଗରେ କୁହାଯାଇଛି ଯେ, ଏ ଘଣ୍ଟା ଯାହା ପାଇଁ ବି ବାଜୁନା କାହିଁକି ମନେରଖ ଏ ଘଣ୍ଟା ତୁମ ପାଇଁ ହିଁ ବାଜୁଛି, କାରଣ ତାଙ୍କ ମୃତ୍ୟୁଠୁ ତୁମ ମୃତ୍ୟୁ ବେଶି ଦୂର ନୁହେଁ। ଗୀର୍ଜାର ଘଣ୍ଟା ପରି ଆମ କଲେଜଗୁଡ଼ିକରେ ମଧ୍ୟ ନିତିଦିନ ଘଣ୍ଟା ବାଜେ। ତେବେ ଏ ଘଣ୍ଟା ବାଜିବା ଭେଣ୍ଟିଲେଟର ଲାଗିଥିବା ଉଚ୍ଚଶିକ୍ଷା ବିଭାଗର କରୁଣ ସ୍ଥିତିର ସୂଚକ।

ଉଚ୍ଚଶିକ୍ଷା ବିଭାଗର ନିଜସ୍ୱ ସୂଚନା ଅନୁଯାୟୀ ୫୨ଟି ସରକାରୀ କଲେଜ ଓ ୫୯୮ଟି ଅନୁଦାନପ୍ରାପ୍ତ କୌଣସି ଗୋଟିଏ ହେଲେ ଡିଗ୍ରୀ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ସେହିପରି ସରକାରୀ ଡିଗ୍ରୀ କଲେଜରେ ୧୨୮୪ ଏବଂ ଅନୁଦାନପ୍ରାପ୍ତ କଲେଜରେ ୧୬୬୬ ଅଧ୍ୟାପକ ପଦ ଖାଲି ରହିଛି। ଅଣଶିକ୍ଷକ କର୍ମଚାରୀ, ଯାହାଙ୍କ ଉପଯୋଗିତାକୁ ସବୁବେଳେ ନଜରଅନ୍ଦାଜ କରାଯାଏ, ସେମାନଙ୍କ ସ୍ଥିତି ଅନୁରୂପ ଭାବେ ଦୟନୀୟ। ଅଣଶିକ୍ଷକ ପଦବୀ ସରକାରୀ କଲେଜରେ ୧୧୬୫ଟି ଖାଲିଥିଲାବେଳେ ଅନୁଦାନପ୍ରାପ୍ତ କଲେଜରେ ୧୦୯୮ଟି ଖାଲି ରହିଛି। ପରିସ୍ଥିତି ଏତେ ଜଟିଳ ଓ ବ୍ୟାପକ ଯେ ଆପାତତଃ ସରକାରୀ କଲେଜ ଉପରେ ଏ ଆଲୋଚନା ସୀମିତ କରାଯାଉ, କାରଣ ସରକାରୀ କଲେଜକୁ ଦେଖିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ତେବେ ସଂଖ୍ୟା ଦୃଷ୍ଟିରୁ ଅନୁଦାନପ୍ରାପ୍ତ କଲେଜ ସରକାରୀ କଲେଜ ସଂଖ୍ୟାର ୧୦ଗୁଣ ହୋଇଥିବାରୁ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷାସେବାକୁ ସେ ସବୁ ମହାବିଦ୍ୟାଳୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏ ପ୍ରବନ୍ଧରେ ଆମେ ସରକାରୀ କଲେଜର ଅଧ୍ୟକ୍ଷ ପଦବୀ କଥା ବିଚାରକୁ ନେଉଛୁ। ଏବେ ସରକାରୀ କଲେଜରେ ଦୁଇପ୍ରକାର ଅଧ୍ୟକ୍ଷ ପଦବୀ-ସ୍ୱୟଂଶାସିତ କଲେଜ ପାଇଁ ପ୍ରଫେସର ଗ୍ରେଡ୍ ଏବଂ ଡିଗ୍ରୀ କଲେଜ ପାଇଁ ରିଡର ଗ୍ରେଡ୍। ବିଡ଼ମ୍ବନାର କଥା ଏବେ କୌଣସି ସରକାରୀ କଲେଜରେ ପ୍ରଫେସର ପଦବୀ ନ ଥିଲା ବେଳେ ପୁରୁଣା ନିୟମକୁ ଆଳକରି ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରାଯାଉନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଓଡ଼ିଶାର ୩ଟି ପ୍ରମୁଖ କଲେଜ- ରେଭେନ୍‌ଶା, ଗଙ୍ଗାଧର ମେହେର ଏବଂ ଖଲ୍ଲିକୋଟରେ ପ୍ରଫେସର ପଦବୀ ଥିଲା ଏବଂ ସେସବୁ କଲେଜ ଇତିମଧ୍ୟରେ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଯାଇଛି। ଯା' ଭିତରେ ଅନେକ ଡିଗ୍ରୀ କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଇଛି। ତେଣୁ ସବୁ କଲେଜକୁ ଗୋଟିଏ ଶ୍ରେଣୀଭୁକ୍ତ କରି ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ ବରିଷ୍ଠତା ଭିତ୍ତିରେ ଅଧ୍ୟକ୍ଷ ନିଯୁକ୍ତି କରାଯିବା ଉଚିତ। କୌତୁକର କଥା ଥରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେଇ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଓଡ଼ିଶାର ପ୍ରଶାସନିକ ଅଫିସର, ଡାକ୍ତର, ଇଞ୍ଜିନିୟର ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ ପଦୋନ୍ନତି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚି ପାରୁଥିବା ବେଳେ ଏବେକାର ନିୟମ ଅନୁଯାୟୀ ଜଣେ ସରକାରୀ କଲେଜର ଅଧ୍ୟାପକଙ୍କୁ ଅଧ୍ୟକ୍ଷ ହେବାକୁ ହେଲେ ଆଉ ଥରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେବାକୁ ପଡ଼ିବ। ଏହା ସମ୍ବିଧାନର ସମାନତା ଅଧିକାରର ବିରୋଧୀ ତଥା ଓଡ଼ିଶାର ଶିକ୍ଷା-ସ୍ୱାର୍ଥର ପରିପନ୍ଥୀ, ଯେହେତୁ ଏ ବାବଦରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ନିୟମିତ ହେଉନାହିଁ ଏବଂ ଯେହେତୁ ଅନ୍ୟ କୌଣସି ସମକକ୍ଷ ଚାକିରିରେ ଏ ବ୍ୟବସ୍ଥା ନାହିଁ, ତୁରନ୍ତ ଏ ପ୍ରକାର ବ୍ୟବସ୍ଥାର ଉଚ୍ଛେଦ କରି ସରକାରୀ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରାଯିବା ନିତାନ୍ତ ଆବଶ୍ୟକ।

କୁହାଯାଏ ଆନ୍ତଃବିଷୟ ବରିଷ୍ଠତାସୂଚୀ ନ ଥିବାରୁ ଅଧ୍ୟକ୍ଷ ନିଯୁକ୍ତି ହୋଇ ପାରୁନାହିଁ। ୨୦୦୧-୦୨ ପର୍ଯ୍ୟନ୍ତ କେମିତି ଓଡ଼ିଶାର ବିଭିନ୍ନ କଲେଜର ଅଧ୍ୟକ୍ଷ ପଦବୀ ଆନ୍ତ-ବିଷୟ ବରିଷ୍ଠତା ଭିତ୍ତିରେ ପୂରଣ କରାଯାଉଥିଲା? ସରକାରୀ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜଗୁଡ଼ିକରେ ବହୁତ ବିଷୟ/ ବିଭାଗ ଥାଇ ସେ ସବୁ କଲେଜର ଅଧ୍ୟକ୍ଷ ନିଯୁକ୍ତି କିପରି ହୋଇପାରୁଛି? ଆଗରୁ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ମନୋନୟନ ସୂଚୀ ପ୍ରଦାନ କଲାବେଳେ ସେହି ବ୍ୟାଚର ଆନ୍ତଃବିଷୟ/ବିଭାଗ ବରିଷ୍ଠତା ଥାଇ ଅନ୍ୟ ଏକ ସୂଚୀ ପ୍ରଦାନ କରୁଥିଲେ, ଯାହା ଆଜିକାଲି କରାଯାଉ ନାହିଁ। ସରକାର ଚାହିଁଲେ କୌଣସି ନୀତି ନିର୍ଦ୍ଧାରଣ କରି ଆନ୍ତ-ବିଷୟ ବରିଷ୍ଠତା ସ୍ଥିର କରିପାରିବେ। ଭାରତବର୍ଷର ଅନ୍ୟ ପ୍ରଦେଶର କଲେଜଗୁଡ଼ିକରେ କ'ଣ ଅଧ୍ୟକ୍ଷ ନିଯୁକ୍ତି ହେଉନାହିଁ? ତଥାପି ଯଦି ସରକାର ଅଧ୍ୟକ୍ଷ ନିଯୁକ୍ତି ପାଇଁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେବା ଜରୁରୀ ଭାବୁଛନ୍ତି, ତା'ହେଲେ ଗୋଟିଏ ସାକ୍ଷାତକାରମୂଳକ ପରୀକ୍ଷା କରି ମେଧା ତାଲିକାର ଉପର ଭାଗର ପ୍ରାର୍ଥୀମାନଙ୍କୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିଯୁକ୍ତି ଦେଇ ବାକି ପ୍ରାର୍ଥୀଙ୍କୁ ଡିଗ୍ରୀ କଲେଜରେ ଅବସ୍ଥାପିତ କରାଯାଇପାରେ କିମ୍ବା ସରକାର ଦୁଇ ପ୍ରକାର କଲେଜ ପାଇଁ ୨ଟି ତାଲିକା ମଗାଇ ପାରିବେ। ଆଇଏଏସ୍, ଆଇପିଏସ୍, ଆଲାଏଡ୍ ପାଇଁ ତ ଗୋଟିଏ ପରୀକ୍ଷା ହେଉଛି।

ଏବେ ସବୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ। ସେମାନେ ଭାରପ୍ରାପ୍ତ ହୋଇଥିବାରୁ ସେମାନଙ୍କ ନିଯୁକ୍ତି ପତ୍ରରେ ଲେଖାଯାଇଛି ସେମାନେ ଅଧ୍ୟକ୍ଷ ଦାୟିତ୍ୱ ସହ କ୍ଲାସ ନେବେ। ବଡ଼ ବିଚିତ୍ର କଥା। ସମାନ କାମ, ଦାୟିତ୍ୱ, ଚାପ ଥାଇ ଜଣେ ନିୟମିତ ଅଧ୍ୟକ୍ଷ କ୍ଲାସ ନେବେ ନାହିଁ, ଅଥଚ ଭାରପ୍ରାପ୍ତ ଅଧ୍ୟକ୍ଷ କ୍ଲାସନେବେ। ଏ କି ପ୍ରକାର ଦୋମୁହାଁ ନୀତି? ସେଥିପାଇଁ ଶିକ୍ଷାଦାନ ତଥା ପ୍ରଶାସନ ଉଭୟ କ୍ଷତିଗ୍ରସ୍ତ ହେଉଛି। ଭାରପ୍ରାପ୍ତ କହି କିଛି ଖସରା ପ୍ରକୃତିର ଅଧ୍ୟକ୍ଷ କଲେଜର ମୌଳିକ ସମସ୍ୟା ପ୍ରତି ଧ୍ୟାନ ଦେଉ୍‌ନାହାନ୍ତି। ଖାଲି କର୍ମଚାରୀମାନଙ୍କୁ ଦରମା ଦେଇ ଚୁପ୍ ବସିଯାଉଛନ୍ତି। କେବଳ ସେତିକି ନୁହେଁ ଭାରପ୍ରାପ୍ତ ବୋଲି ସେମାନେ ଅଧ୍ୟକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଭବନ ଗ୍ରହଣ କରୁନାହାନ୍ତି, ଯାହାଫଳରେ ଅଧିକାଂଶ ସରକାରୀ କଲେଜର ଅଧ୍ୟକ୍ଷଙ୍କ ବାସଭବନ ଭୂତକୋଠିରେ ପରିଣତ ହେବା ସହ କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହେଉଛି। ଚାକିରି କରୁଥିବା କଲେଜର ଅଧ୍ୟାପକମାନଙ୍କ ଭିତରେ ବରିଷ୍ଠତା କ୍ରମରେ (ଯାହା ସବୁବେଳେ ଠିକ୍ ନୁହେଁ, କାରଣ ଅନେକ ବରିଷ୍ଠ ଅଧ୍ୟାପକ ଭାରପ୍ରାପ୍ତ ଅଧ୍ୟକ୍ଷ ହେବାକୁ ଚାହାନ୍ତି ନାହିଁ) ଭାରପ୍ରାପ୍ତ ଅଧ୍ୟକ୍ଷ ଚୟନ ହେଉଥିବାରୁ କଲେଜ କଲେଜ ମଧ୍ୟରେ ଅଧ୍ୟକ୍ଷ ପଦବୀ ନେଇ କିଛି ସଂହତି ରହୁନାହିଁ। କେଉଁଠି ଟୋକା ଅଧ୍ୟକ୍ଷ ତ କେଉଁଠି ବୁଢ଼ା ଅଧ୍ୟକ୍ଷ। ଅଧ୍ୟକ୍ଷଙ୍କ ସମ୍ମିଳନୀବେଳେ ଅନେକେ ଅନେକଙ୍କୁ ଅଧ୍ୟକ୍ଷ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି, କାରଣ ସେମାନେ ସେମାନଙ୍କର ଛାତ୍ର ବି ହୋଇଥିବେ। ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ତୁରନ୍ତ ସରକାରୀ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରନ୍ତୁ। ମଥାଟି ଠିକ୍ ଥିଲେ ହାତଗୋଡ଼ ଆପଣ ଛାଏଁ ଭଲ କାମ କରିବ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼,
ବାଲେଶ୍ୱର, ମୋ-୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକମୁକ୍ତ ଓଡ଼ିଶା

ମହାଶୟ,

ଧରିତ୍ରୀ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ଓଡ଼ିଶା ଅଭିଯାନ ଏକ ଉତ୍ତମ ପଦକ୍ଷେପ। ସଚେତନତା ଓ ସହଯୋଗ ଯୋଗୁ ହିଁ ଓଡ଼ିଶା ପ୍ଲାଷ୍ଟିକ ଓ ପଲିଥିନର ବିଷବଳୟରୁ ମୁକ୍ତ ହୋଇପାରିବ। ରାଜ୍ୟ ସରକାର ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ସମ୍ପର୍କରେ ପ୍ରଣୟନ କରିଥିବା ନିୟମକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଲୋକନୃତ୍ୟ ଓ ଲୋକଗୀତ ମାଧ୍ୟମରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇପାରିଲେ ଗ୍ରାମାଞ୍ଚଳର ଜନସାଧାରଣ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରିବାର କୁପରିଣାମ ବିଷୟରେ ବୁଝିପାରିବେ।

ପୂର୍ଣ୍ଣଚନ୍ଦ୍ର ସାହୁ, ଖଣ୍ଡାୟତପାଟଣା, ବଳଙ୍ଗା, ପୁରୀ

### ଧର୍ମକୁ ଆଖିଠାର

ବିଦେଶରୁ ଭାରତୀୟଙ୍କ କଳାଧନ ଫେରାଇ ଆଣିବା ପାଇଁ ସରକାରଙ୍କ ଉଦ୍ୟମ ଫସର ଫାଟିଯାଇଛି। ବର୍ତ୍ତମାନ ସ୍ୱିସ୍ ବ୍ୟାଙ୍କରେ ବଢିଚାଲିଛି ଭାରତୀୟଙ୍କ ଜମା। ସାରା ବିଶ୍ୱରେ ଜମା ପରିମାଣ ହିସାବରେ ୨୦୧୬ରେ ଭାରତ ୮୮ତମ ସ୍ଥାନରେ ଥିଲାବେଳେ ୨୦୧୭ ମସିହାରେ ୭୩ତମ ସ୍ଥାନରେ ଥିଲା। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ ଜମାରାଶି ବୃଦ୍ଧି ପାଉଛି। ବିମୁଦ୍ରୀକରଣ ସତ୍ତ୍ୱେ କଳାଟଙ୍କାର ଅବସାନ ହେଲା ନାହିଁ। ସ୍ୱିସ୍ ବ୍ୟାଙ୍କ ପରେ ପାନାମା କାରନାମା ପ୍ରକାଶ ପାଇଲା। ଯେଉଁମାନେ ସ୍ୱିସ୍ ବ୍ୟାଙ୍କର ଜମାକାରୀ ସେମାନେ ଦେଶ ଚଳାଉଛନ୍ତି। ସରକାରଙ୍କୁ ଋଣ ପ୍ରଦାନ କରୁଛନ୍ତି। ସମସ୍ତ ରାଜନୈତିକ ଦଳକୁ ଚାନ୍ଦା ପ୍ରଦାନପୂର୍ବକ ହାତମୁଠାରେ ରଖିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର ସଦୃଶ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।

- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ଟ୍ରକ ଦୁର୍ଘଟଣାରେ ଶ୍ରମିକ ମୃତ

**ହୀରାକୁଦ,୧୯।୯(ଡି.ଏନ.ଏ.)-** ହିଣ୍ଡାଲୋକର କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାରେ ଶ୍ରମିକ ଲିଙ୍ଗରାଜ ସାହୁ (୫୨)ଙ୍କ ଜୀବନ ଯାଇଛି। ତାଙ୍କ ଘର ବରଗଡ଼ ସହରୀପଡ଼ାରେ ବୋଲି ଜଣାପଡ଼ିଛି। ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଓଡି ୧୬ସି ୯୪୫୭ ନମ୍ବର ବିଶିଷ୍ଟ କୋଇଲା ବୋଝେଇ ଟ୍ରକ ଖ୍ରୀଷ୍ଟିୟାନପଡ଼ା ଦେଇ ଦ୍ରୁତ ଗତିରେ ଆସୁଥିବା ବେଳେ ଶ୍ରମିକ ଲିଙ୍ଗରାଜଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସର୍ବସାଧାରଣଙ୍କ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପରିବହନ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରି ବିକ୍ଷୋଭ କରିଥିଲେ। ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକର ଡ୍ରାଇଭରଙ୍କ ପରିଚୟ ମିଳିଛି। ସେ ହେଲେ ଅସୀମ ଆକ୍ରମ । ଏ ନେଇ ହୀରାକୁଦ ଥାନାରେ ଏକ ମାମଲା (ନଂ.୨୦୮/୧୮)ରୁଜୁ ହୋଇଛି ।

### ଅସହାୟ ବୃଦ୍ଧା ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୧୯।୯(ବ୍ୟୁରୋ)** ଅସହାୟ ବୃଦ୍ଧା ରାଜକିଶୋରୀ ସିଂଦେଓ ବୁଧବାର ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ଫୁଲଝରନ ଜରାନିବାସରେ ଥଇଥାନ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜକିଶୋରୀ(୬୫) ମଙ୍ଗଳବାର ସୋନପୁର ସୋମନାଥ ମନ୍ଦିର ପରିସରରେ ଅସହାୟ ଭାବେ ପଡ଼ି ରହିଥିଲେ। ସମ୍ବଲପୁରର ବୁଦ୍ଧଦେବ ମେହେର ତାଙ୍କୁ ଉଦ୍ଧାର କରି ସମ୍ବଲପୁର ଆଣିଥିଲେ । ବୁଧବାର ମହେନ୍ଦ୍ର କୁମାର ଦେବନାଥ, ଦିଲୀପ ପଣ୍ଡା, ସୁବ୍ରତ ନାଥ, ବିଷ୍ଣୁ ବେହେରା ପ୍ରମୁଖ ରାଜକିଶୋରୀଙ୍କୁ ନେଇ ଜିଲାପାଳଙ୍କଠାରେ ପହଞ୍ଚିଥିଲେ। ତାଙ୍କୁ ପଚରାଉଚୁରା କରିବାରେ ସେ ସୋନପୁର ଜିଲା ବୀରମହାରାଜପୁର ଅନ୍ତର୍ଗତ ଉଲୁଣ୍ଡା ଗ୍ରାମର ବୋଲି କହିଛନ୍ତି । ତାଙ୍କର କେହି ଆତ୍ମୀୟ ସ୍ୱଜନ ନଥିବା ସ୍ୱୀକାର କରିଛନ୍ତି।

### ଗୋପାଳଜୀଉ ମନ୍ଦିରରୁ ଚୋରି

**ଦେବଗଡ,୧୯।୯(ସ୍ୱ.ପ୍ର.)-** ଦେବଗଡ ସହରର ମଧ୍ୟରେ ଥିବା ଗୋପାଳଜୀଉ ମନ୍ଦିର ପରିସରରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ହୁଣ୍ଡି ସହ ବହୁ ମୂଲ୍ୟବାନ ଧନସମ୍ପତ୍ତି ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବୁଧବାର ରାତିରେ ଗଣେଶ ପୂଜା ପାଇଁ ମନ୍ଦିର ପଡିଆରେ ଫ୍ରି ସୋ ଅପେରା ପଡିଥିବାରୁ ନାହିଁ ନ ଥିବା ଭିଡ ଜମିଥିଲା । ତେବେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ହୁଣ୍ଡିରେ ଥିବା ତିନି ବର୍ଷର ଦାନ ସହ ଅନ୍ୟ ଏକ ବାକ୍ସରୁ ପିତଳ ତଥା ପୂଜା ସାମଗ୍ରୀ ଚୋରି କରି ନେଇଥିବା ମନ୍ଦିର ଟ୍ରଷ୍ଟ ସଭାପତି ଲକ୍ଷ୍ମଣ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟି ଏବଂ ପୋଲିସକୁ ଖବର ଦିଆଯାଇଥିଲା । ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

# ରାଜ୍ୟର ଦ୍ୱିତୀୟ ପୋଲିସ ଜିଲା ଅନୁସନ୍ଧାନ କକ୍ଷ ଉଦ୍‌ଘାଟିତ

**ସମ୍ବଲପୁର,୧୯।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ କ୍ଷେତରାଜପୁର ଥାନା ପରିସରରେ ଜିଲା ଅନୁସନ୍ଧାନ କକ୍ଷ ଉଦ୍‌ଘାଟିତ ହୋଇଛି। ଏହା ରାଜ୍ୟର ଦ୍ୱିତୀୟ ଅନୁସନ୍ଧାନ ଗୃହ ଅଟେ। ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଗୃହରେ ଅତ୍ୟାଧୁନିକ ସିଡିଭି, ଅଡିଓ ଭିଡ଼ିଓ ଟେପ୍ ରହିଛି । ଯାହାକି ପୋଲିସକୁ ଅପରାଧୀଙ୍କୁ ଜେରା କରିବା ସମୟରେ ଲାଭଦାୟକ ହେବ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀକୃଷ୍ଣ ବେହେରା, ଅମରେନ୍ଦ୍ର ରଣା, ଏସଡିପିଓ ଭବାନୀଶଙ୍କର ଉଦ୍‌ଗାତା, ବିକ୍ରମକେଶରୀ ଭୋଇ, ଶ୍ରୀମନ୍ତ ବାରିକ(ହୋମଗାର୍ଡ), କ୍ଷେତରାଜପୁର ଥାନା ଅଧିକାରୀ ଯୋଗେଶ ପଣ୍ଡା, ଟାଉନ ଥାନାଧିକାରୀ ରମେଶ ଦୋରା, ଧନୁପାଲି ଥାନାଧିକାରୀ କମଳ ଲୋଚନ ପଣ୍ଡା, ଅଇଁଠାପାଲି ଥାନାଧିକାରୀ ଚିନ୍ତାମଣୀ ପ୍ରଧାନ ଉପସ୍ଥିତ ରହିଥିଲେ।



କ୍ଷେତରାଜପୁର ଥାନା ପରିସରରେ ଅନୁସନ୍ଧାନ ଗୃହ ଉଦ୍‌ଘାଟନ କରାଯାଉଛି।

# ଅଶୋକ ଗୁରୁ ରେଙ୍ଗାଲି ବ୍ଲକ ବିଜେଡି ସଭାପତି

**ଭୁବନେଶ୍ୱର,୧୯।୯ (ବ୍ୟୁରୋ)**

- ଭାଜପା ଛାଡ଼ିଲେ ସମ୍ବଲପୁର ସଂଖ୍ୟାଲଘୁ ନେତା
- ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଶୋକ ଗୁରୁଙ୍କୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ପଦରେ ଜୟରାମ କିଷାନ କାର୍ଯ୍ୟ କରି ଆସୁଥିଲେ। ସେହିପରି ସମ୍ବଲପୁର ଜିଲା ଭାଜପା ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ବିକାଶ କୁମାର ପଣି, ଗୁରୁପ୍ରୀତ୍ ସିଂହ ରାଇନା, ସମ୍ପାଦକ ନିନ୍ ଦୀପ୍ ସିଂହ ଟ୍ରେହାନ, ସାଧାରଣ ସମ୍ପାଦକ ମହମ୍ମଦ ମୁସ୍ତାକ ଅନ୍‌ସାରୀ ପ୍ରମୁଖ ବୁଧବାର ବିଜେଡିରେ ଯୋଗଦାନ କରିଛନ୍ତି। ପୂର୍ବାହ୍ନରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ବିଜେଡି ଦଳୀୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଥିବା ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୧୪ ମସିହା ପାଇଁ ପ୍ରମିଳାଙ୍କୁ ପଣ୍ଡିତ ନୀଳକଣ୍ଠ ଦାସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପାଇଁ ଦଳୀୟ କାର୍ଯ୍ୟାଳୟରେ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।



ସମ୍ବଲପୁର ଜିଲା ସଂଖ୍ୟାଲଘୁ ସେଲ୍‌ର ଭାଜପା କର୍ମୀ ନବୀନ ନିବାସଠାରେ ବିଜେଡିରେ ଯୋଗଦାନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ।

# ଦେବଗଡ଼ ଗଣେଶ ମେଳାର ସପ୍ତମ ଦିନ

**ଦେବଗଡ଼,୧୯।୯(ସ୍ୱ.ପ୍ର.)**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ପୂଜା ଉତ୍ସବର ସପ୍ତମ ଦିନରେ ମଧ୍ୟ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟୁଛି । ବୁଧବାର ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଗଣେଶଙ୍କ ଦର୍ଶନ ଓ କୃପାଲାଭ ପାଇଁ ପୂଜାମଣ୍ଡପ ସମ୍ମୁଖରେ ପ୍ରବଳ ଗହଳି ଲଗାଇଥିଲେ । ପୂଜା ପେଣ୍ଡାଲକୁ ବେଲୁନ ଡେକୋରେସନ୍ ଦ୍ୱାରା ସଜାଇ ନୂଆ ରୂପ ଦିଆଯାଇଛି । ଦୂରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା ସହ ଗୋପବନ୍ଧୁ ଛକ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ କଟକର ସାହେଂସା ମେଲୋଡି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ସେହିପରି ପୂଜା ମଣ୍ଡପ ପାଖ ପେଣ୍ଡାଲରେ ଦାସକାଠିଆ, ଗୋପାଳଜୀଉ ମନ୍ଦିର ପରିସରରେ ପଡିଥିବା ଫ୍ରି ସୋ ଅପେରା ଜଗନ୍ନାଥ, ପ୍ରଧାନପାଟ ବଡବଗିଚା ପଡିଆ ପରିସରରେ ଟିକଟ ସୋ ଯାତ୍ରାଶ୍ରୀ ବିଶ୍ୱ ଦରବାର ଅପେରା, ସ୍ଥାନୀୟ ସଭାଗୋଲିଠାରେ ପଡିଥିବା ମୀନାବଜାର, କିଡ୍‌ସ ୱାଟର ବୋଟିଂ ସମେତ ପରିବା ବଜାର ଓ ଗୋହିରୀ ବନ୍ଧ ନିକଟରେ ମୀନାବଜାର ଷ୍ଟଲ୍ ଖୋଲାଯାଇଥିଲା। ବିଶେଷ କରି ମହିଳାମାନେ ବିଭିନ୍ନ କିସମର ଘର କରଣା ସାମଗ୍ରୀ କିଣିବା ପାଇଁ ଭିଡ ଜମାଇଥିଲେ । ଗୁରୁବାର କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପ୍ରଭୁ ଗଜାନନଙ୍କ ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି ।

# ଗୋଦରେଜର ଗ୍ରାହକ ସମାବେଶ

**ସମ୍ବଲପୁର,୧୯।୯ (ବ୍ୟୁରୋ)**

ଗୋଦେରେଜ୍ ମେଟେରିଆଲ୍ ହେଣ୍ଡଲିଂ ଇକ୍ୟୁପମେଣ୍ଟ ସଂସ୍ଥା ପକ୍ଷରୁ ବୁଧବାର ସମ୍ବଲପୁର ପ୍ରାନ୍ତ ନିବାସଠାରେ ଗ୍ରାହକ ସମାବେଶ ହୋଇଥିଲା। ଏଥିରେ ଓଡ଼ିଶାର ଫୋରକଲିଟ୍ ବ୍ୟବସାୟୀକ ମୁଖ୍ୟ ସୁଦୀପ କୁମାର ଦତ୍ତା, ଭାରତ ଫୋରକଲିଟ୍ ସଂସ୍ଥା ବ୍ୟବସାୟିକ ମୁଖ୍ୟ ସୁମିତ ବଶଂଲ, ପରିଚାଳକ ଭାବକୃଷ୍ଣ ମହାନ୍ତି ଓ ସୋନି ସିଂ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ନବଭାରତ ଏଣ୍ଟରପ୍ରାଇଜର୍ସର ପରିଚାଳକ ଜିତେନ୍ଦ୍ର କୁମାର ପାଢ଼ୀ, ଜେନେରାଲ ମ୍ୟାନେଜର ପି କେ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଉଁଶ ଇଟା ବ୍ୟବସାୟ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ ।



ବୁଧବାର ସମ୍ବଲପୁର ପାନ୍ଥ ନିବାସରେ ଗୋଦରେଜ୍ ପକ୍ଷରୁ ଆୟୋଜିତ ଗ୍ରାହକ ସମାବେଶରେ ଅତିଥିମାନେ ।


airtel

**ନିରପେକ୍ଷ ବିଜ୍ଞପ୍ତି**

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341612000000504ରୁ 1341701025533121 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024



**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for supply and installation of Manual Changeover Switches with panel box and Comprehensive Annual Maintenance Contract (AMC) for Apple make Desktops and Laptops, last date for receipt of e-tenders are **11.10.2018** & **12.10.2018** respectively.

**- Director**



**ସିଣ୍ଡିକେଟ୍ ବ୍ୟାଙ୍କ** — SyndicateBank

 କ୍ଷେତ୍ରୀୟ କାର୍ଯ୍ୟାଳୟ-୨ : ଏଫ୍-୪, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧୀକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ"** ଇ-ନିଲାମ କରାଯିବ ।

| ଶାଖାର ନାମ / ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ମୂଲ୍ୟ ବୃଦ୍ଧି | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| **ବରଗଡ଼ ଶାଖା** ଋଣଗ୍ରହୀତା:ଶ୍ରୀ ମହାଦେବ ସାହୁ, ପିତା-ଶ୍ରୀ ଦୋଳମଣୀ ସାହୁ, ଜାମିନ୍‌ଦାର: ଶ୍ରୀ ସୁରଜ କୁମାର ସାହୁ, ପିତା-ଶ୍ରୀ ମହାଦେବ ସାହୁ, ଉଭୟଙ୍କ ଠିକଣା: ସା/ପୋ-ଖୁଣ୍ଟପାଲୀ, ଜିଲ୍ଲା-ବରଗଡ଼, ଓଡ଼ିଶା । | ଶ୍ରୀ ମହାଦେବ ସାହୁ, ପିତା-ଶ୍ରୀ ଦୋଳମଣୀ ସାହୁ ଙ୍କ ନାମରେ ଥିବା ଗୃହପୋଯୋଗୀ ଜମି ଯାହା ମୌଜା-ଖୁଣ୍ଟପାଲୀ, ତହସିଲି/ ଜିଲ୍ଲା-ବରଗଡ଼, ଖାତା ନଂ.- ୯୭୦/୧୧୩, ପ୍ଲଟ ନଂ.- ୭୨୦୬/ ୧୨୦୪୭, ଏରିଆ-ଏକର୦.୪୭ ଡ଼ିସିମିଲି, ପ୍ଲଟ ନଂ.-୭୮୨୨, ଏରିଆ-ଏକର୧.୮୪ ଡ଼ିସିମିଲି, ପ୍ଲଟ ନଂ.-୧୦୬୬୩/ ୧୨୦୪୯, ଏରିଆ-ଏକର୦.୫୧ ଡ଼ିସିମିଲିରେ ଅବସ୍ଥିତ । | ଟ.୧୪,୪୫,୦୦୦/- / ଟ.୧,୪୪,୫୦୦/- / ଟ.୧୦,୦୦୦/- | ତା୩୧.୦୮.୨୦୧୮ ସୁଦ୍ଧା ଟ.୧୨,୫୨,୯୫୭.୨୨ / ୧୪.୦୩.୨୦୧୮ / ୨୭.୦୭.୨୦୧୮ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟକଙ୍କ ପାଇଁ ୫ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ଛତ୍ରପୁର ଶାଖା** ଋଣଗ୍ରହୀତାମାନେ:ଶ୍ରୀ ଦାଶରଥୀ ସାହୁ, ପିତା-ଶ୍ରୀ ପିତାମ୍ବର ସାହୁ ଏବଂ ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱା-ଶ୍ରୀ ପିତାମ୍ବର ସାହୁ, ସାନ ଆର୍ଯ୍ୟପଲ୍ଲୀ, ବଡ଼ ଆର୍ଯ୍ୟପଲ୍ଲୀ, ଭାୟା-ଛତ୍ରପୁର, ଜିଲ୍ଲା-ଗଞ୍ଜାମ । | ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱା-ଶ୍ରୀ ପିତାମ୍ବର ସାହୁଙ୍କ ନାମରେ ଥିବା ବାସପୋଯୋଗୀ ପ୍ଲଟ ଯାହା ମୌଜା-ଆର୍ଯ୍ୟପଲ୍ଲୀ, ଖାତା ନଂ.-୪୩/୧୦୭୯, ପ୍ଲଟ ନଂ.- ୧୧୧୪, ଏରିଆ-ଏକର୦.୦୧୫ ଡ଼ିସିମିଲି, କିସମ-ଘରବାରୀ, ତହସିଲି-ଛତ୍ରପୁର, ଜିଲ୍ଲା-ଗଞ୍ଜାମରେ ଅବସ୍ଥିତ । | ଟ.୧,୦୦,୦୦୦/- / ଟ.୧୦,୦୦୦/- / ଟ.୧୦,୦୦୦/- | ତା୩୧.୦୮.୨୦୧୮ ସୁଦ୍ଧା ଟ.୫,୪୯,୫୫୨/- / ୩୦.୧୧.୨୦୧୨/ ୧୯.୦୩.୨୦୧୪ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟକଙ୍କ ପାଇଁ ୫ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

**ନିୟମ ଓ ସର୍ତ୍ତାବଳୀ :**

୧. ଇ-ନିଲାମ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ"** ସମ୍ପନ୍ନ ହେବ ।
୨. **ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା୨୬.୧୦.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: ତା୨୯.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ରୁ ମଧ୍ୟାହ୍ନ ୧୨.୦୦ ଘଟିକା ।**
୩. ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ NEFT/RTGS ମାଧ୍ୟମରେ **ଆକାଉଣ୍ଟ ନଂ.80083170000084, ଆକାଉଣ୍ଟର ନାମ: କ୍ଷମତାପ୍ରାପ୍ତ ଅଧୀକାରୀ, ସିଣ୍ଡିକେଟ୍ ବ୍ୟାଙ୍କ, ଆଇଆରସି ଭିଲେଜ୍ ଶାଖା, ହିତାଧୀକାରୀଙ୍କ ନାମ: ସିଣ୍ଡିକେଟ୍ ବ୍ୟାଙ୍କ, ଆକାଉଣ୍ଟ (ସମ୍ପୃକ୍ତ ଋଣଗ୍ରହୀତା), IFSC Code: SYNB0008008** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ ଡ୍ର କରି ସିଣ୍ଡିକେଟ୍ ବ୍ୟାଙ୍କ ସପକ୍ଷରେ ପୈଠ କରିପାରିବେ ।
୪. କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । **ସମ୍ପତ୍ତି ତା୧୮.୧୦.୨୦୧୮ ରିଖ ଏବଂ ୧୯.୧୦.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା ରୁ ୪.୦୦ ଘଟିକା ମଧ୍ୟରେ ତନଖୀ କରାଯାଇପାରେ ।**
୫. ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡ଼ି, ପାସୱାର୍ଡ଼, ଡ଼ାଟା ଅପଲୋଡ଼ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s e-Procurement Technologies Limited (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡ଼ି, ପାସୱାର୍ଡ଼ ଏବଂ ଇ-ନିଲାମ ତାଲିମ **M/s e-Procurement Technologies Limited (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ । **ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ-୦୮୦୦୦୦୨୩୨୯୭, ରାକେଶ, ମୋ-୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, E-mail ID: orissa@auctiontiger.net, & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଯୋଗାଯୋଗ ନଂ.: **୯୪୩୭୦୮୧୧୫୯** ରେ ଯୋଗାଯୋଗ କରନ୍ତୁ । **E-mail ID: ro2.bhubaneswar@syndicatebank.co.in**
୬. ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ ।
୭. ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଅଂଶିକ ବିକ୍ରୟ ବିବେଚନା କରାଯିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡ଼ିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ/ଅଧୀକାର ରହିବ ନାହିଁ ।
୮. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି କାହାକୁ ଯଦି ଦେବାକୁ ଥାଏ, ଇତ୍ୟାଦି ବହନ କରିବେ ।
୯. କ୍ଷମତାପ୍ରାପ୍ତ ଅଧୀକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦. ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡ଼ିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡ଼ିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

**ସ୍ଥାନ-ଭୁବନେଶ୍ୱର**
**ତାରିଖ- ୧୯.୦୯.୨୦୧୮**

**କ୍ଷମତାପ୍ରାପ୍ତ ଅଧିକାରୀ**
**ସିଣ୍ଡିକେଟ୍ ବ୍ୟାଙ୍କ**



**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

**Department of Empowerment of Persons with Disabilities (Divyangjan)**
**(Ministry of Social Justice & Empowerment, Govt. of India)**
**Olatpur, P.O.- Bairoi, Dist.- Cuttack (Odisha) - 754010**

**Ref. No.: AD 6B 19/02/2018** **Date: 12.09.2018**

**WALK-IN-INTERVIEW NOTICE**

Applications are invited from the eligible candidates for the following posts.

| Sl. No. | Name of the Post | No. of Post | Consolidated Amount per month | Date & time of Interview |
|---|---|---|---|---|
| 01 | Consultant (Accounts) | 01 | Rs.50,000/- Per month | 09.10.2018 10.00 A.M. |
| 02 | Sr. Level Consultant (Social Work) | 01 | Rs.40,000/- Per month | 09.10.2018 10.00 A.M. |

For all other details terms & conditions please log on to website **www.svnirtar.nic.in**.

**Sd./- Director**



**DIRECTORATE OF DISTANCE & CONTINUING EDUCATION**
**FAKIR MOHAN UNIVERSITY**
**VYASA VIHAR, BALASORE - 756019**

**ADMISSION ANNOUNCEMENT: 2018-19**

**No.: DDCE/FMU/504/2018** **Date: 18.09.2018**

Eligible candidates are invited for **Direct Admission (First-cum-First Basis)** into the following UGC approved programmes under distance mode for the academic session 2018-19.

**Last Date of Admission: 01.10.2018**

**COURSES OFFERED**

| Courses | Duration | Eligibility |
|---|---|---|
| **UG Programmes** | | |
| Bachelor of Computer Application (BCA) | 3 Years | 10+2 or Equivalent |
| Bachelor of Library & Information Science (BLIS) | 1 Year | Any Graduate or its equivalent |
| Bachelor of Commerce (B.Com) (Hons.) | 3 Years | 10+2 or Equivalent |
| B.A. (Education Hons.) | 3 Years | 10+2 or Equivalent |
| **Post-Graduate (PG) Programmes** | | |
| Master of Library & Information Science (MLIS) | 1 Year | BLIS or its equivalent |
| MA in Odia | 2 Years | Graduate with Odia as a subject |
| MA in English | 2 Years | Graduate with English as a subject |
| MA in History | 2 Years | Graduate with History as a subject |
| MA in Pol. Science | 2 Years | Graduate with Pol. Science as a subject |
| MA in Economics | 2 Years | Grduate with Economics as a subject |
| MA in Sociology | 2 Years | Grduate with Sociology as a subject |
| MA in Education | 2 Years | Grduate with Education/B.Ed as a subject |
| Master of Commerce (M.Com) | 2 Years | B.Com/BBA/MBA/CA/CS |

**Admission Procedures:**

Visit website at **www.fmuddce.org / www.fmuniversity.nic.in** and click on **"Admission to Distance Mode Programs 2018"** link for detail information. The candidates can download the application form and prospectus from the website. The filled in application form be submitted in the Office of the Director. DDCE with a Demad Draft of **Rs.600/-** towards processing fees along with other requisite documents and a course fee DD for admission into concerned programme. Demand Drafts be purchased from any Nationalised Bank in favour of **F.M. University, DDCE Fund,** payable at **Balasore**.

For details contact: **06782-241840 (Office), Contact Time: 10.30 A.M. - 5 P.M.**

**Sd./- Director**



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ନି.ପୋ. ଧନୁପାଲି, ସମ୍ବଲପୁର, ପି.ନଂ.– ୭୬୮୦୦୫, ଯୋଗାଯୋଗ– ୯୪୩୭୮୩୬୪୨୫, ୭୩୨୭୯୭୩୮୫୬, ୯୩୩୭୮୨୬୨୦୦

**ଗାଡି ନିଲାମ ନୋଟିସ**

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଧନୁପାଲି, ସମ୍ବଲପୁର, ନିମ୍ନଲିଖିତ ଜବତ ଗାଡି **"ଯାହା ଯେଉଁଠାରେ ଯେପରି ଅବସ୍ଥାରେ ଅଛି"** ଭିତ୍ତିରେ ନିଲାମ ହେବ । ନିଲାମ ପ୍ରକ୍ରିୟାର ସର୍ତ୍ତାବଳୀ ନିମ୍ନମତେ ପ୍ରଦାନ କରାଯାଇଅଛି । ଋଣ ଗ୍ରହୀତା ଓ ଜାମିନଦାରମାନଙ୍କୁ ନିର୍ଦ୍ଧାରିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ରହି ଋଣ, ସୁଧ ଓ ଅନ୍ୟାନ୍ୟ ଦେୟ ସମେତ ଋଣ ବାବଦ ବକେୟା ନିଲାମ ପୂର୍ବରୁ ଜମା କରିବାକୁ ଅନୁରୋଧ କରାଯାଉଅଛି ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ମେକ୍/ମଡେଲ | ଚେସିସ୍ ନମ୍ବର | ଇଞ୍ଜିନ ନମ୍ବର | ରେଜିଷ୍ଟ୍ରେସନ୍ ନମ୍ବର | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟଙ୍କା) | ଗାଡି ରଖାଯାଇଥିବା ସ୍ଥାନ |
|---|---|---|---|---|---|---|---|---|---|---|
| ୧. | ସୁନ୍ଦରଗଡ | ଶ୍ରୀ ପ୍ରଭାଶ ମହେନ୍ଦ୍ର ପଟେଲ | ଟ୍ରକ(ଅଶୋକ ଲେଲାଣ୍ଡ) | ୪୦୧୯/୧ | MB1 TRDFD4GEEU5595 | GEEZ405713 | OD15F4344 | ୨୦୧୬ | ୧୭,୦୦,୦୦୦ | ପୁଷ୍ପନାଥ ଷ୍ଟକ୍ ୟାର୍ଡ, ସିନ୍ଦୁରପଙ୍କ, ସମ୍ବଲପୁର |

**ନିଲାମ ତାରିଖ ଏବଂ ସମୟ: ତା. ୨୪.୧୦.୨୦୧୮, ପୂର୍ବାହ୍ନ ୧୧.୩୦ ଘଟିକା । ନିଲାମ ସ୍ଥାନ: ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଧନୁପାଲି, ସମ୍ବଲପୁର**

**ନିଲାମ ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ**

**୧.** ଯଦି ବିକ୍ରୟ କର୍ତ୍ତା ଆଶା କରାଯାଉଥିବା/ ଇଚ୍ଛା କରୁଥିବା ମୂଲ୍ୟ ନିଲାମ ଦ୍ୱାରା ପାଳନ ନକରନ୍ତି ତେବେ ନିଲାମ ପ୍ରକ୍ରିୟାରୁ ଗାଡିଟିକୁ ବାଦ ଦେଇପାରିବେ । **୨.** ନିଲାମ ମୂଲ୍ୟ ସହିତ ରୋଡ ଟେକ୍ସ ଏବଂ ଅନ୍ୟାନ୍ୟ ବୈଧାନିକ ଦେୟ ଯୋଗ କରାଯାଇ ପାରିବ ନାହିଁ । ଏହି ସବୁ ଦେୟକୁ ସଫଳ ନିଲାମଧାରୀ ନିଜେ ବହନ କରିବେ । **୩.** ନିଲାମ ଧାରୀ ଗାଡି ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ଗାଡି ଗୁଡିକ କେଉଁ ବର୍ଷରେ ତିଆରି ଏବଂ ତାହାର ଆନୁସାଂଗିକ କାଗଜ ପତ୍ର ଏବଂ ସେଥିରେ କୌଣସି ପ୍ରକାରଦ୍ୱନ୍ଦ, ଗାଡିର ଅବସ୍ଥା ଓ ଉପକରଣ ଗୁଡିକ ତନଖି କରି ଦେଖିବେ । **୪.** ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ସେମାନଙ୍କ ନାମ ବ୍ୟାଙ୍କ ନିକଟରେ ପଞ୍ଜିକୃତ କରିବାକୁ ପଡିବ । **୫.** ସଫଳ ନିଲାମଧାରୀମାନେ ଭାଟ, ନିର୍ଦ୍ଧାରିତ ବିକ୍ରୟ କର ଯଦି ଏହି ନିଲାମ ପ୍ରକ୍ରିୟାରେ ଦେବାକୁ ଠିକ୍ ହୁଏ ତାହା ସେମାନେ ବହନ କରିବେ । **୬.** ବ୍ୟାଙ୍କ ଏହି ଗାଡି କରୁଥିବା ପାଇଁ ଟ. ୧୯,୯୯୯/– ନିଲାମରେ ଅଂଶ ଗ୍ରହଣ କରିବାରେ ଇଚ୍ଛୁକ ନିଲାମଧାରୀଙ୍କ ଠାରୁ ସଂଗ୍ରହ କରିବେ । **୭.** ନିଲାମଧାରୀମାନେ ସେମାନଙ୍କ ନାମ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ସାଙ୍ଗରେ ପାନକାର୍ଡ (ଯାହାକି ବାଧ୍ୟତା ମୂଳକ) ଏବଂ ସଠିକ୍ ଠିକଣାର ପ୍ରମାଣ ପତ୍ର (ପାସ୍‌ପୋର୍ଟ/ ଡ୍ରାଇଭିଂ ଲାଇସେନ୍ସ/ ଭୋଟର କାର୍ଡ/ ଆଧାର କାର୍ଡ) ଆଣିବାକୁ ଅନୁରୋଧ । **୮.** ସ୍ୱିକୃତୀ ପ୍ରାପ୍ତ ନିଲାମଧାରୀମାନେ କେବଳ ନିଲାମରେ ଅଂଶ ଗ୍ରହଣ କରିପାରିବେ । **୯.** ସ୍ୱିକୃତୀ ପ୍ରାପ୍ତ ନିଲାମଧାରୀ ଯଦି ଗାଡି ନକିଣିବେ ନିଲାମ ପ୍ରକ୍ରିୟା ଶେଷ ହେବାପରେ ଜମା କରିଥିବା ଅମାନତ ରାଶି ତକ୍ଷଣାତ୍ ଫେରସ୍ତ କରାଯିବ । **୧୦.** ସଫଳ ନିଲାମଧାରୀମାନେ ବ୍ୟାଙ୍କକୁ ଜିଏସଟି ୧୮% ଦେବାକୁ ପଡିବ । **୧୧.** ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% ଏହି ଗାଡି ପାଇଁ ସେହି ଦିନ ଗାଡି ବକ୍ରେତାଙ୍କ ନିକଟରେ ଜମା କରିବାକୁ ପଡିବ ନଚେତ ନିଲାମକୁ ଗ୍ରହଣ କରାଯିବ ନାହିଁ ଏବଂ ଜମା କରିଥିବା ଅମାନତ ରାଶିକୁ କୌଣସି ସୂଚନା ନଦିଆଯାଇ ବାଜ୍ୟାପ୍ତି କରାଯିବ । **୧୨.** ସଫଳ ନିଲାମଧାରୀ ୭ଦିନ ମଧ୍ୟରେ ବଳକା ରାଶି ଗାଡିର ବିକ୍ରେତାଙ୍କ ନିକଟରେ ଜମା କରିବେ । ଯଦି ୭ଦିନ ମଧ୍ୟରେ ଜମା ନକରିପାରିଲେ ଅତି ବେଶିରେ ୧୫ ଦିନ ଭିତରେ ବିଳମ୍ବିତ ଜମାର ୧୮ % ସୁଦ୍ଧ ସହ ବିକ୍ରେତାଙ୍କ ନିକଟରେ ଜମା କରିପାରିବେ ଏବଂ ସେଥିପାଇଁ ଲିଖିତ ଅନୁରୋଧ କରିବାକୁ ପଡିବ । ୧୫ ଦିନ ବାଦ୍ ବଳକା ରାଶି ଜମା ନକରିପାରିଲେ ଅମାନତ ରାଶି ସହ ଜମା କରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡିର କୌଣସି ସୂଚନା ନଦିଆଯାଇ ପୁନର୍ବାର ବିକ୍ରୟ କରାଯିବ । **୧୩.** ସଫଳ ନିଲାମଧାରୀ ସମସ୍ତ ରାଶି ଜମା କଲାପରେ ଗାଡି ଗୁଡିକ ଆନୁସାଂଗିକ ଯନ୍ତ୍ରପାତି ସହ ବ୍ୟାଙ୍କଠାରୁ ନେବା ଦାୟୀତ୍ୱ ସେମାନଙ୍କର ଅଟେ । ସଫଳ ନିଲାମଧାରୀମାନେ ସମସ୍ତ ଦେୟ ପରିଶୋଧ କରିବା ପୂର୍ବରୁ ଗାଡି ଗୁଡିକ ପାର୍କିଂ ସ୍ଥାନରୁ ନେଇ ପାରିବେ ନାହିଁ । **୧୪.** ସଫଳ ନିଲାମଧାରୀ ନିଲାମ ପକ୍ରିୟାର ୧୫ ଦିନ ଭିତରେ ଗାଡି ନନେଲେ ପାର୍କିଂ ଫି ବାବଦରେ ଦୈନିକ ଟ. ୨୦୦/– ଯାହା ପ୍ରଯୁଜ୍ୟ ଦେବାକୁ ପଡିବ । **୧୫.** ଅମାନତ ରାଶି ଟ. ୧୯,୯୯୯/– ଅପେକ୍ଷା ଅଧିକ ଜମା କରାଯାଇଥିବା ଟଙ୍କା ନିଲାମଧାରୀଙ୍କୁ ଚେକ୍/ଡ୍ରାଫ୍/ଏନଇଏଫଟି ଟ୍ରାନ୍ସଫର ମାଧ୍ୟମରେ ୩ଦିନ ମଧ୍ୟରେ ଫେରସ୍ତ କରାଯିବ । **୧୬.** ଆଗ୍ରହୀ ନିଲାମଧାରୀ ନିଲାମ ସମ୍ପର୍କିୟ ବିଷୟ ଅଧିକ ଜାଣିବାକୁ ଚାହୁଁଥିଲେ ବ୍ୟାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

**ସ୍ଥାନ: ସମ୍ବଲପୁର, ତାରିଖ: ୧୮.୯.୨୦୧୮**

**ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର**



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଭୂଷଣରେ କର୍ମଚାରୀଙ୍କ ବୈଠକ

ସମ୍ବଲପୁର,୧୯।୯(ବ୍ୟୁରୋ)-ଠେଲକୁଲି ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ୍ ଲିମିଟେଡ ପରିସରରେ ବୁଧବାର ରିଜୋଲ୍ୟୁଶନ ପ୍ରଫେସନାଲ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ କର୍ମଚାରୀଙ୍କ ଦାବି ଉପରେ ଆଲୋଚନା ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରିଜୋଲ୍ୟୁଶନ ପ୍ରଫେସନାଲ୍ ମୁଖ୍ୟ ମହେନ୍ଦ୍ର କୁମାର ଖଣ୍ଡେୱାଲା କର୍ମଚାରୀମାନଙ୍କ ଇନ୍କ୍ରିମେଣ୍ଟ ଆସନ୍ତା ଏପ୍ରିଲ ୨୦୧୮ରୁ ଲାଗୁ କରାଯିବାକୁ ଘୋଷଣା କରିଛନ୍ତି। ୨୦୧୭ ଜୁଲାଇରୁ ଭୂଷଣର ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ସମସ୍ତ କର୍ମଚାରୀଙ୍କ ସମ୍ମିଳିତ ସହଭାଗିତାରେ ଉତ୍ପାଦନରେ ବୃଦ୍ଧି ହୋଇଛି। ଏଣୁ କର୍ମଚାରୀମାନଙ୍କ ଇନ୍କ୍ରିମେଣ୍ଟ ଦାବିକୁ ଯଥାର୍ଥ ଦର୍ଶାଯାଇ ପୂରଣ କରାଯାଇଛି।

### ସ୍ୱାସ୍ଥ୍ୟ ପରିଦର୍ଶକ ପୁରୁଷ ସଂଘର ବୈଠକ

ସମ୍ବଲପୁର/ଧମା,୧୯।୯(ବ୍ୟୁରୋ/ଡି.ଏନ.ଏ.) ସମ୍ବଲପୁର ଜିଲା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପୁରୁଷ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ତେଜରାମ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ । ସେପ୍ଟେମ୍ବର ୧୩ ତାରିଖ ଲୋୟର ପିଏମଜି ଛକଠାରେ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା ସମୟରେ ସ୍ୱାସ୍ଥ୍ୟ ସୁପରଭାଇଜର ଓ ସରକାରୀ କର୍ମଚାରୀଙ୍କ ବିରୋଧରେ ଏନଏଚଏମ କର୍ମଚାରୀ ମହାପ୍ରସାଦ ଯକ୍ଷେଶ ମହିମା ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନିନ୍ଦା କରାଯାଇଥିଲା। ଭବିଷ୍ୟତରେ ଏପରି ହେଲେ ସଂଘ ଆଇନର ଆଶ୍ରୟ ନେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ସମ୍ପାଦକ ସତ୍ୟନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

### ପୋଖରୀରେ ବୁଡ଼ି ଯୁବତୀ ମୃତ

ବାମରା,୧୯।୯(ସ୍ୱ.ପ୍ର.) : ବାମରା ବ୍ଲକ କିନାବଗା ପଞ୍ଚାୟତ କୋଲବାହାଲ ଗ୍ରାମର ଜଣେ ଯୁବତୀ ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ସେହି ଗ୍ରାମର ଅଲିଭା କୁଲୁ (୨୦)। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ନିକଟ ପୋଖରୀକୁ ଗାଧୋଇବାକୁ ଘରୁ ବାହାରିଥିଲେ। ହେଲେ ଆଉ ଫେରିନଥିଲେ। ମା' ବେର୍ଥା କୁଲୁ ଖୋଜିବାକୁ ଯାଇ ଝିଅ ଅଲିଭାଙ୍କୁ ପୋଖରୀ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ଏ ନେଇ ଗୋବିନ୍ଦପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛି।

ପରୀକ୍ଷା ଘୁଞ୍ଚାଇବା ଦାବି

# ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

**ସମ୍ବଲପୁର/ବୁର୍ଲା,୧୯।୯(ବ୍ୟୁରୋ/ଡି.ଏନ.ଏ.)** ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମ୍ମୁଖରେ ଛାତ୍ରୀଛାତ୍ର ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବିରେ ଏହି ଆନ୍ଦୋଳନ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ପିଜି କାଉନସିଲର ଅଧ୍ୟକ୍ଷା ପଦ୍ମାବତୀ ଗହଣା ସେମାନଙ୍କ ସହ ଆଲୋଚନା କରିଥିଲେ। ୨୨ ତାରିଖ ଦିନ ହେବାକୁ ଥିବା ପରୀକ୍ଷା ଅକ୍ଟୋବର ୧କୁ ଘୁଞ୍ଚାଇ ଦିଆଯିବ କହିଥିଲେ। ହେଲେ ଛାତ୍ରୀଛାତ୍ରମାନେ ସମସ୍ତ ପରୀକ୍ଷାକୁ ଘୁଞ୍ଚାଇ ଦିଆଯିବାକୁ ଜିଦ୍ ଧରିଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ ଯେ, ପରୀକ୍ଷା ପାଇଁ ୧୦ଦିନ ତଳେ ନୋଟିସ କରାଯାଇଛି। ନୂଆଁଖାଇ, ଗଣେଶ ପୂଜା, ବିଶ୍ୱକର୍ମା ପୂଜା ଇତିମଧ୍ୟରେ ପାଳିତ ହୋଇଛି। ଏଣୁ ଛାତ୍ରୀଛାତ୍ରମାନେ ମାନସିକସ୍ତରରେ ପରୀକ୍ଷା ଦେବାକୁ ପ୍ରସ୍ତୁତ ନାହାନ୍ତି। ଏଥିରେ ଅଧ୍ୟକ୍ଷା ସନ୍ଧ୍ୟା ସମୟରେ କୁଳପତିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ କହିବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜଗୁଡ଼ିକରେ ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଏପର୍ଯ୍ୟନ୍ତ ହୋଇନାହିଁ । ଡିସେମ୍ବର ମାସରେ ଏହା ହେବା କଥା।



ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ।

# ରାସ୍ତା ଉପରେ ପାଣି, ଆବର୍ଜନା : ମହାନଗରର ଦୃଷ୍ଟି ପଡୁନି

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମରେ ମାନେଶ୍ୱର ଗ୍ରାମ ସାମିଲ ହେବା ପରେ ଯେଉଁଭଳି ଆଶାନୁରୂପକ ଉନ୍ନୟନମୂଳକ କାର୍ଯ୍ୟ ହେବା କଥା ତାହା ହୋଇନାହିଁ। ଗ୍ରାମବାସୀଙ୍କୁ ନିରାଶା ମିଳିଛି। କଣ୍ଟିଆପଡ଼ା-ପୂଜାରୀପଡ଼ା କଂକ୍ରିଟ ରାସ୍ତା ଉପରେ ବର୍ଷା ପାଣି, ଅଳିଆ ଆବର୍ଜନା ଜମି ରହୁଛି। ମଶାମାଛିଙ୍କ ବଂଶବୃଦ୍ଧି ହୋଇଛି। ରାସ୍ତା ନିକଟରେ ରହୁଥିବା ପରିବାର ଲୋକଙ୍କୁ ମ୍ୟାଲେରିଆରେ ଆକ୍ରାନ୍ତ ହେବା ଚିନ୍ତା ଘାରିଛି। ମହାନଗର ନିଗମ କିନ୍ତୁ ସଫେଇ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉନଥିବା ଗ୍ରାମବାସୀ କହିଛନ୍ତି। ଅଭିଯୋଗକୁ କର୍ତ୍ତୃପକ୍ଷ ଅଣଦେଖା କରିଚାଲିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟଙ୍କୁ ଯୋଗାଯୋଗ କରିବାରେ ପଦକ୍ଷେପ ନିଆଯିବ, ସମସ୍ୟା ଦୂର ହେବ ଜଣାଇଛନ୍ତି।



ମାନେଶ୍ୱର ୱାର୍ଡ ନଂ ୪୦ କଂକ୍ରିଟ ରାସ୍ତା ଉପରେ ପାଣି ଓ ଆବର୍ଜନା



ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୋଜନା କାର୍ଯ୍ୟ ସମୀକ୍ଷା।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା

**ନାକଟିଦେଉଳ,୧୯।୯(ଡି.ଏନ.ଏ.)** ସମ୍ବଲପୁର ଜିଲା ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସମୀକ୍ଷା କରାଯାଇଛି। ରେଢ଼ାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକରେ ଯୋଜନା କାର୍ଯ୍ୟ ଓ ଏହାର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଅଧିକରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକରେ ୪୪୧୭ ଶ୍ରମିକ ଯୋଜନାରେ କାମ କରିବାକୁ ଆବେଦନ କରିଥିଲେ। ସେଥିମଧ୍ୟରୁ ୩୭୨୨ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ୧୭୫ ଜଣ ଶ୍ରମିକ ଶହେ ଦିନର କାମ ପାଇଛନ୍ତି। ଗତ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ଯୋଜନା ଅନ୍ତର୍ଗତ ଆରମ୍ଭ ହୋଇଥିବା ୬୫୪ ପ୍ରକଳ୍ପ କାର୍ଯ୍ୟ ମଧ୍ୟରୁ ୪୦୬ ଶେଷ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି। ଏଥିପାଇଁ ୧୦୬ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହି ଜନଶୁଣାଣିରେ ସମସ୍ତ ବିଭାଗର ଅଧିକାରୀ, ଜିଆରଏସ, ଗ୍ରାମ ସାଥି, ଭିଆରପି, ଶ୍ରମିକମାନେ ସାମିଲ ହୋଇଥିଲେ। ବିଡିଓ ମେଥୋଡିଅସ୍ ଲାକ୍ରା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ଦେହୁରୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ ଉପସ୍ଥିତ ରହି ମତାମତ ରଖିଥିଲେ। ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ଦାବି

**ସମ୍ବଲପୁର,୧୯।୯(ବ୍ୟୁରୋ)** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦର ୫ ୱାର୍ଡର ଚାଷୀମାନଙ୍କୁ ସାମିଲ କରିବାକୁ ଦାବି ହୋଇଛି । ଏହି ସବୁ ୱାର୍ଡରେ ପ୍ରଶାସନ ଓ ବୀମା କମ୍ପାନୀ କ୍ଷୟକ୍ଷତି ଆକଳନ କରିଥିଲା । ଚାଷୀମାନେ ବୁଧବାର ରେମେଡ ଫ୍ୟାକ୍ସରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଆଗାମୀ ଦିନରେ ଚାଷୀଙ୍କ କ୍ଷୟକ୍ଷତି ଆକଳନ ଅନୁଯାୟୀ ବୀମା ପ୍ରଦାନ କରାନଗଲେ ହୀରାକୁଦ ଭାଜପା ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ରେମେଡ ସମବାୟ ସମିତିକୁ ପ୍ରଦତ୍ତ ସ୍ମାରକପତ୍ରରେ ଶାନ୍ତନୁ ଗଡ଼ତିଆ, ବିଶ୍ୱଜିତ ବାଗ, ଗଗନ ପ୍ରଧାନ, ସିପନ୍ ସାହୁ, ଟି. ସଞ୍ଜୟ, ବିରେନ ଖମାରୀ, ଆଶିଷ ପ୍ରଧାନ, ସୁମନ ବାଗ, ଅଶ୍ୱିନୀ ବାରିକ, ସୁମନ୍ତ ବାଗ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# କଲାମାଟି ସରପଞ୍ଚଙ୍କ ସ୍କୁଲ ପରିଦର୍ଶନ

**ବୁର୍ଲା,୧୯।୯(ଡି.ଏନ.ଏ.)** ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଲାମାଟି ପଞ୍ଚାୟତ ସରପଞ୍ଚ ଡ. ଶ୍ରୀହରି ନାଗ ବୁଧବାର ସ୍ଥାନୀୟ ଗୋଶାଳାସ୍ଥିତ ଏସଏଲବି ଫାର୍ମ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମଦା ପଟ୍ଟନାୟକ ଓ ପରିଚାଳନା କମିଟି ସଭାପତି ସୁଦର୍ଶନ ହରିପାଲଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟରେ ଅଦ୍ୟାବଧି ପାଚେରୀ ନ ଥିବାରୁ ସ୍କୁଲ କମିଟି ପକ୍ଷରୁ ଏହାର ନିର୍ମାଣ ପାଇଁ ଏକ ଲିଖିତ ଦରଖାସ୍ତ ସରପଞ୍ଚଙ୍କୁ ଦିଆଯାଇଛି। ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ସରପଞ୍ଚ ଶ୍ରୀହରି ଜଣାଇଛନ୍ତି।


## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ) ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦୦,୦୦ ଭଡ଼ା ୪୫,୦୦୦, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ଇନ୍ଫ୍ରା ଟେଲିକମ୍ ନେଟ୍ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡ଼ିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡ଼ା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon

ବାବା ଆଜାଦ ଅଲ୍ଲୀ
9911436726, 9540938429

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ। (ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା 60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor, Cell : 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଏଚ୍‌ଏମ୍‌ଏସ୍‌ର ନୂତନ ରାଜ୍ୟ ଶାଖା ସମ୍ପାଦକ ଚୟନ

**ସମ୍ବଲପୁର, ୧୯।୯ (ବ୍ୟୁରୋ)**-ନିଖିଳ ଭାରତ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ରାଜ୍ୟ ଶାଖା ସମ୍ପାଦକ ଚୟନ କରାଯାଇଛି। ଅବିଭକ୍ତ ସମ୍ବଲପୁର ଓ ସୁନ୍ଦରଗଡ ଜିଲାର ମହମ୍ମଦ ମୃତ୍ୟୁଜା ଓ ରାଉରକେଲାର ଦିଗାମ୍ବର ମହାନ୍ତିଙ୍କୁ ସମ୍ପାଦକ ଭାବେ ରାଜ୍ୟ କମିଟି ଚୟନ କରିଛି। ଏଥିସହ ରାଉରକେଲା ଡିଭିଜନ କେନ୍ଦୁପତ୍ର କର୍ମଚାରୀ ସଂଘର କ୍ଷେତ୍ରଚନ୍ଦ୍ର ବାରିକ, ପଦ୍ମପୁର ଡିଭିଜନର ଯୁଗ୍ମ ସମ୍ପାଦକ କୋକିଲ ସାହୁ, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ହୀରାକୁଦର ଡି. ମହାନ୍ତି ରାଜ୍ୟ କାର୍ଯ୍ୟକାରୀ କମିଟିରେ ରହିଛନ୍ତି। ସେହିପରି କୁଚିଣ୍ଡା ଡିଭିଜନର ଯୁଗ୍ମ ସମ୍ପାଦକ ଯୋଗବିହାରୀ ପରିଡା ଓ ସଞ୍ଜିତ ମହାନ୍ତି, ଝାରସୁଗୁଡା ଡିଭିଜନର ଯୁଗ୍ମ ସମ୍ପାଦକ ପ୍ରଦୀପ ସାହୁଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି । ଏ ନେଇ ଏଚଏମଏସ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଗୋକୁଳ ମେହେର ଓ ରାଜ୍ୟ ଉପସଭାପତି ଦୀନବନ୍ଧୁ ବେହେରା ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।



### ଜିଲାସ୍ତରୀୟ ବିଜ୍ଞାନ ସେମିନାର: ଶାନ୍ତିଲତା ବିଶ୍ୱାଳ ଶ୍ରେଷ୍ଠ

**ସମ୍ବଲପୁର,୧୯।୯(ବ୍ୟୁରୋ)** -ଜିଲା ଶିକ୍ଷା ଅଫିସ ପକ୍ଷରୁ ଜିଲାସ୍ତରୀୟ ବିଜ୍ଞାନ ସେମିନାର ବୁଧବାର ମ୍ୟୁନିସିପାଲଟି ଗାର୍ଲ୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ହରିହର ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। 'ଔଦ୍ୟୋଗିକ କ୍ରାନ୍ତି ୪.୦-ଆମେ ପ୍ରସ୍ତୁତ କି' ଶୀର୍ଷକ ବିଜ୍ଞାନ ସେମିନାରରେ ଜିଲାର ୯ ବ୍ଲକରୁ ୧୬ ପ୍ରତିଯୋଗୀ ଭାଗ ନେଇଥିଲେ। ରେଙ୍ଗାଲି ଏନଆର ହାଇସ୍କୁଲର ଶାନ୍ତିଲତା ବିଶ୍ୱାଳ ପ୍ରଥମ, ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲର ଶିବାନୀ ପ୍ରଧାନ ଦ୍ୱିତୀୟ ଓ କେଶାଇବାହାଲ ପଞ୍ଚାୟତ ନୋଡ଼ାଲ ହାଇସ୍କୁଲର ଆରାଧନା ପଟେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲା ବିଜ୍ଞାନ ନିରୀକ୍ଷିକା ଦିପାଳୀ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାୟତ୍ରୀ ଯୁକ୍ତ ୨ ବିଜ୍ଞାନ କଲେଜ ଅଧାପକ ଶଶାଙ୍କ ଶେଖର ମହାପାତ୍ର, ରସାୟନ ବିଭାଗ ଅଧାପକ ଅନୀଲ ଦତ୍ତ ସା, ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏମଟେକ୍ ଛାତ୍ର ମନୋଜିତ ଦାଶ ବିଚାରକ ଭାବେ ଯୋଗ ଦେଇଥିଲେ।

■ ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚର ପଞ୍ଚାୟତ ଅଭିଯାନ

# ହକ୍ ହାସଲ ପାଇଁ ଗାଁରେ ସାର୍



ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଭାଟପୁରା ହାଇସ୍କୁଲ ଶିକ୍ଷୟିତ୍ରୀ ତନୁଜା ଶର୍ମା ସରପଞ୍ଚଙ୍କୁ ଦାବିପତ୍ର ଦେଉଛନ୍ତି।




ରେଢ଼ାଖୋଲ ଉପଖଣ୍ଡ କୁକୁଡାବାହାଲି ପଞ୍ଚାୟତ ଅଫିସ ଆଗରେ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନ ଅବସରରେ।

**ରେଢ଼ାଖୋଲ,୧୯।୯(ଡି.ଏନ.ଏ.)**

୭ଦଫା ଦାବି ନେଇ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଗତ ୩୩ ଦିନ ଧରି ଭୁବନେଶ୍ୱରରେ ଆନ୍ଦୋଳନ ଚାଲୁଥିବା ବେଳେ ରେଢ଼ାଖୋଲ ବ୍ଲକର ୭ଟି ହାଇସ୍କୁଲ ଓ ୨ଟି କଲେଜ ର ଶିକ୍ଷକ ଅଧ୍ୟାପକ କର୍ମଚାରୀ ଗତ ୬ତାରିଖ ଠାରୁ ତାଲା ପକାଇ ଆନ୍ଦୋଳନ କରୁଛନ୍ତି। ଓଡିଶା ରାଜ୍ୟ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଗତ ୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବୁଧବାର ଏହି ଆନ୍ଦୋଳନ ପଞ୍ଚାୟତକୁ ପହଞ୍ଚିଛି। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ବ୍ଲକର କୁକୁଡାବାହାଲି, ଲୁହାପଙ୍କ ଓ କଦଳୀଗଡ ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ତାଲା ପକାଇ ଦେଇଛନ୍ତି। ଏଥି ସହିତ ଗାଁ ଗୁଡିକରେ ପଥପ୍ରାନ୍ତ ସଭା କରି ଶିକ୍ଷକ, ଅଧ୍ୟାପକ, କର୍ମଚାରୀମାନଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାର ଅଣଦେଖା କରୁଥିବା ନେଇ ଜନସଚେତନତା ସୃଷ୍ଟି କରିଛନ୍ତି। ବ୍ଲକର ହରିହରାନନ୍ଦ ହାଇସ୍କୁଲ ଲୁହାପଙ୍କ, ସନ୍ଥକବି ଭୀମଭୋଇ ହାଇସ୍କୁଲ କୁକୁଡା ବାହାଲି, ତ୍ରିବଣପୁର ହାଇସ୍କୁଲ, ସାନନୂଆଁପଡା ହାଇସ୍କୁଲ, ବ୍ରାହ୍ମଣୀପାଲି ହାଇସ୍କୁଲ, ଗରଗଡବାହାଲ ହାଇସ୍କୁଲ, ବଡନୁଆପଡା ହାଇସ୍କୁଲ ଆଦି ୭ଟି ହାଇସ୍କୁଲ ଓ ଜୟଜଗନ୍ନାଥ କଲେଜ ବଡମାଲ ଏବଂ ରେଢ଼ାଖୋଲ ଯୁକ୍ତ ୨ ମହିଳା କଲେଜ ସମେତ ଭୀମ ଭୋଇ ମହାବିଦ୍ୟାଳୟର ବ୍ଲକ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହିଳା କଲେଜର ଅଧ୍ୟାପିକା ମମତା ବିଶ୍ୱାଳ, ଡ. ମିନତୀ ଷଡଙ୍ଗୀ, କଳ୍ପନା ସାହୁ, ପୁଷ୍ପାଞ୍ଜଳି ସାମନ୍ତରାଏ, ବଡମାଲ କଲେଜର ଅଧ୍ୟକ୍ଷ ରାଜେଶ ଦାସ, ଅଧ୍ୟାପକ ରତ୍ନମଣି ପ୍ରଧାନ, ଭୀମଭୋଇ କଲେଜର ଅଧ୍ୟାପକ ଅଂଜନ ମିଶ୍ର, ଶିକ୍ଷକ କୈଳାଶ ପ୍ରଧାନ, ସୁଶାନ୍ତ ମିଶ୍ର, ଗିରିଧାରି ସାହୁ, ନବୀନ ବେହେରା, ସନ୍ତୋଷ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଅଧ୍ୟାପକ, କର୍ମଚାରୀମାନେ ପଞ୍ଚାୟତ ଅଭିଯାନରେ ସାମିଲ ହୋଇଥିଲେ।

**ଜମନକିରା, (ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ବିକ୍ଷୋଭ ସଭା କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ସରପଞ୍ଚମାନଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭୋଜପୁର ବିଚ୍ଛାଲାଲ ରାମଚନ୍ଦ୍ର ଗୁପ୍ତା ମହାବିଦ୍ୟାଳୟରେ ଏକ ପ୍ରତିବାଦ ସଭା ହୋଇଥିଲା। ଡିମିରିମୁଣ୍ଡା, ଭୋଜପୁର, ସିରଡ଼ ଆଦି ପଞ୍ଚାୟତ ଅଫିସକୁ ଯାଇ ସରପଞ୍ଚମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ବିକ୍ଷୋଭ ସଭା ହୋଇଥିଲା। ଭୋଜପୁର କଲେଜ ଅଧକ୍ଷ କୁମରମଣୀ ପଟେଲଙ୍କ ଅଧକ୍ଷତାରେ ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ପଟେଲ, ଫାଶିମାଲ କଲେଜ ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା, ରମେଶଚନ୍ଦ୍ର ରାଉତ, ସୁବାସିନୀ ଶତପଥୀ, ଧୁଡ଼ିପାଲି ହାଇସ୍କୁଲର ଉପେନ୍ଦ୍ର ପଟେଲ, ବୁଦେଲକାନୀର ପ୍ରଶାନ୍ତ ପଟେଲ, ପ୍ରତାପ ମହାକୁଳ, ଶଶିନାଥ ନାଏକ, ଅରୁଣା ମିଶ୍ର, ପ୍ରଦୀପ ପଣ୍ଡା, ମଧୁମିତା ବହିଦାର, ତପସ୍ୱିନୀ ପଟେଲ, ତନୁଜା ଶର୍ମା, ଅନିତା ପଟେଲ, ଡଲି ପଟେଲ, ରଞ୍ଜନ କୁମାର ମହାକୁଲ, ମୁକୁଲ ବେହେରା, ବିରେନ ସାହୁ, ରୁଦ୍ରନାରାୟଣ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଅଧାପକ ଘାସିରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୈତିକତା, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆଲୋଚନାଚକ୍ର

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ପ୍ରତି ସମାଜରେ ନୈତିକତା ଓ ଚରିତ୍ର ନିର୍ମାଣ ଆଧାରିତ ଶିକ୍ଷା ବ୍ୟବସ୍ଥାର ଅଭାବ ଦେଖା ଦେଇଛି। ଏଣୁ ହିଂସା, ଅପରାଧ ବୃଦ୍ଧି ପାଇଛି । ହୀରାଖଣ୍ଡ ନାଗରିକ ପରିଷଦ ବୈଠକରେ ଆୟୋଜିତ ଆଲୋଚନା ଚକ୍ରରେ ଏହି ମତ ପ୍ରକାଶ ପାଇଛି । ସଭାନେତ୍ରୀ ଡ. ରେଣୁ ମିଶ୍ରଙ୍କ ଅଧକ୍ଷତାରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ପ୍ରବଣତା ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ବରିଷ୍ଠ ନାଗରିକମାନେ ଭାଗନେଇ କହିଥିଲେ ଯେ, ଭାରତୀୟ ଗୁରୁଶିଷ୍ୟ ପରମ୍ପରାରେ ନିଷ୍ଠା, ଶୃଙ୍ଖଳା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠ, ସଦ୍‌ଚରିତ୍ର ମୁଖ୍ୟ ଉପାଦେୟ ଥିଲା। କିନ୍ତୁ ଭାରତବର୍ଷକୁ ପରାଧୀନ କରି ରଖିବାକୁ ମେକାୱେଲେ ଫର୍ମୁଲାକୁ ବିନିଯୋଗ କରାଯାଇଥିଲା। ଶିକ୍ଷା ପରମ୍ପରାକୁ ପ୍ରତିହତ କରାଯାଇ ଚାକିରି ସର୍ବସ୍ୱ ବ୍ୟବସ୍ଥା ହୋଇଛି। ଫଳରେ ବିଭିନ୍ନ ପ୍ରକାର ଅପରାଧ ପ୍ରବଣତା, ଦୁର୍ନୀତି ବୃଦ୍ଧି ପାଇଛି । ନାରୀ ନିର୍ଯାତନା, ଗୁରୁଜନଙ୍କ ପ୍ରତି ଅନାଦର ଓ ଅନ୍ୟାନ୍ୟ ଅନୁରୂପ ଆଚରଣ ସମାଜରେ ବିଘଟନ ସୃଷ୍ଟି କରୁଛି। ସ୍ମାର୍ଟ ଫୋନ ଦ୍ୱାରା ଜୀବନ ଅଧିକ ସହଜ ହୋଇଛି । ଅପରପକ୍ଷେ, ଏହା ଅପରାଧ ବୃଦ୍ଧିରେ ସହାୟକ ହୋଇଛି। ରାମଚନ୍ଦ୍ର ମିଶ୍ର, ଗୋପରଞ୍ଜନ ଦୁବେ, ଅରବିନ୍ଦ ମହାପାତ୍ର, ଡା. ନାରାୟଣୀ ପଣ୍ଡା, ଯୋଗେଶ ପ୍ରସାଦ ହୋତା, ସଦାନନ୍ଦ ସୋନବର୍ଷା, ବିପିନ ବିହାରୀ ପଟ୍ଟନାୟକ, ଅରୁଣ ମଜୁମଦାର, ଡ. ସୁରୁବାବୁ ମେହେର, ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ ଘୋଷଣା କରିବାକୁ ଦାବି କରି ଲୋକେ ଶୋଭାଯାତ୍ରାରେ ବାହାରିଛନ୍ତି।



ଜମନକିରା ବିକାଶ ପରିଷଦ ସଭ୍ୟମାନେ ବିଡିଓଙ୍କୁ ଭେଟୁଛନ୍ତି।

## ବିଡିଓଙ୍କୁ ଭେଟିଲା ବିକାଶ ପରିଷଦ

**ଜମନକିରା,୧୯।୯(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ରେ ଗତ କିଛିଦିନ ପୂର୍ବରୁ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଅଜୟ କୁମାର ତିୱାରୀଙ୍କୁ ବୁଧବାର ଜମନକିରା ବ୍ଲକ୍ ବିକାଶ ପରିଷଦ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ବେଳେ ବିଭିନ୍ନ ସମସ୍ୟା ଉପରେ ଏମାନେ ଆଲୋଚନା କରିଥିଲେ। ଗୋକୁଳାନନ୍ଦ ଦାନୀ, ରବୀନ୍ଦ୍ର କୁମାର ମଲ୍ଲିକ, ସରୋଜ ପଟ୍ଟନାୟକ, ସାଲେକରାମ ପଧାନ, ଅମରେଶ୍ୱର ସ୍ୱାଇଁ, ସନ୍ତୋଷ ପଟ୍ଟନାୟକ, ଲକ୍ଷ୍ମଣ ନାଏକ, ବୀରେନ୍ଦ୍ର କାରୱାର, ବାବୁଲୁ ନାଏକ, ଆନନ୍ଦ ନାଏକ, ସତ୍ୟପ୍ରିୟ ମହାପାତ୍ର, ରବୀନ୍ଦ୍ର ଦାନୀ ପ୍ରମୁଖ ବିଡିଓଙ୍କୁ ଭେଟି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ ଦାବି

**ରେଢ଼ାଖୋଲ,୧୯।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଦାବିରେ ମିଳିତ ଓଡିଶା ନିଶାନିବାରଣ ଅଭିଯାନ ଓ ରେଢ଼ାଖୋଲ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବୁଧବାର ଏହି ମର୍ମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଶିକେସନ ଦେହୁରିଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ରାମମନ୍ଦିରଠାରୁ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ କଲେଜ ଛକ, ବସଷ୍ଟାଣ୍ଡ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ନିଶା ହଟାଅ, ଦେଶ ବଞ୍ଚାଅ, ମଦମୁକ୍ତ ପଞ୍ଚାୟତ, ମଦମୁକ୍ତ ଓଡିଶା, ମଦମୁକ୍ତ ଭାରତ ନାରା ଦେଇ ରାଜ ରାସ୍ତାରେ ହଜାର ହଜାର ମହିଳା ଶୋଭାଯାତ୍ରାରେ ଚାଲିଥିଲେ। ଶେଷରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଢ଼ାଖୋଲ ବିକାଶ ମଞ୍ଚ ସଭାପତି ଲକ୍ଷ୍ମୀନାରାୟଣ ଖିଲାରୀ, ଶ୍ରମିକ ନେତା ବିନୋଦ ପ୍ରଧାନ, ପ୍ରତାପ ପ୍ରଧାନ, ଶିବ ସାହୁ, ଅପର୍ଣ୍ଣା ବାଘ ପ୍ରମୁଖ ବିକ୍ଷୋଭ ସମାବେଶରେ ମଦମୁକ୍ତ ଓଡିଶା ଗଠନ ପାଇଁ ଦାବି କରିଥିଲେ।

## ସାଇକେଲରେ ଜଗତ୍‌ସିଂହପୁରରୁ ଶିରିଡି

**ରେଢ଼ାଖୋଲ,୧୯।୯(ଡି.ଏନ.ଏ.)**

ଜଗତସିଂହପୁର ଜିଲା ମଣ୍ଡାସାହରୁ ୨୪ ବର୍ଷିୟ ବୟସ୍କ ଯୁବକ ସାଇ ଦୀପୁନ ସାଇକେଲ ଯୋଗେ ମହାରାଷ୍ଟ୍ରର ଶିରିଡି ଧାମକୁ ବାହାରିଛନ୍ତି। ଦୀପୁନଙ୍କ ଘର କଟକ ବାଦାମବାଡିରେ। ତେବେ ମଣିଷ ସେବା ଓ ମା, ବାପାଙ୍କ ସେବା ହିଁ ଈଶ୍ୱର ସେବା ବୋଲି ବାର୍ତ୍ତା ନେଇ ସେ ଏହି ଯାତ୍ରାରେ ବାହାରିଛନ୍ତି। ବୁଧବାର ସେ ରେଢାଖୋଲରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ ବସ୍‌ଷ୍ଟାଣ୍ଡରେ ଆଲୋକ ବେହେରା, ଦିଲୀପ ବିଶ୍ୱାଳ, ଦେବାନନ୍ଦ ପ୍ରଧାନ, ବାସୁଦେବ ପୃଷେଠ, ସମରେନ୍ଦ୍ର ପଣ୍ଡା, ବିଜୟ ଲେଙ୍କା ପ୍ରମୁଖ ସାଇଭକ୍ତମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଗୁରୁବାର ରେଢାଖୋଲରୁ ବାହାରି ବରଗଡ଼ ଦେଇ ରାୟପୁର, ନାଗପୁର, ନାସିକ ହୋଇ ଅକ୍ଟୋବର ୩ରେ ସେ ଶିରିଡିରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ସମାଜରେ ବୃଦ୍ଧ ମାଆବାପାମାନେ ପିଲାମାନଙ୍କ ଅବହେଳାର ଶିକାର ହେଉଛନ୍ତି। ପରିଣତ ବୟସରେ ବୃଦ୍ଧାଶ୍ରମର ଆଶ୍ରୟ ନେଉଛନ୍ତି। ତେଣୁ ସେମାନଙ୍କୁ ହତାଦର ନ କରିବା ପାଇଁ ଦୀପୁନ ଆହ୍ୱାନ ଦେଇଛନ୍ତି।



ଶିରିଡି ଗସ୍ତ ଅବସରରେ ରେଢାଖୋଲରେ ଅଟକିଥିବା ସାଇ ଦୀପୁନ।

## ଛେଳି ଫେରିଲେ, କିନ୍ତୁ ବ୍ରହ୍ମା ଫେରିଲେନି

**ରେଢାଖୋଲ, ୧୯।୯ (ଡି.ଏନ.ଏ.)**

**ଲୁକାପାଲିରେ ଶୋକାକୁଳ ପରିବେଶ**
- ■ ବଜ୍ରପାତରେ ବ୍ରହ୍ମା ପ୍ରଧାନ ମହୁଲଗଛ ତଳେ ଟଳି ପଡିଲେ
- ■ ଛେଳିପଲ ଧରି ମଙ୍ଗଳବାର ଜଙ୍ଗଲକୁ ଚରାଇବାକୁ ନେଇଥିଲେ
- ■ ସଞ୍ଜ ନଇଁବା ପରେ ଛେଳିପଲ ଘରକୁ ଫେରି ଆସିଥିଲେ
- ■ ବିଳମ୍ବିତ ରାତିଯାଏ ବ୍ରହ୍ମା କିନ୍ତୁ ଘରେ ପହଞ୍ଚି ନ ଥିଲେ
- ■ ବୁଧବାର ସକାଳୁ ଜଙ୍ଗଲରୁ ମିଳିଲା ମୃତଦେହ

ମଙ୍ଗଳବାର ଘରୁ ଛେଳି ପଲକୁ ଧରି ଜଙ୍ଗଲକୁ ଚରାଇବା ଲାଗି ଯାଇଥିଲେ। ସଞ୍ଜ ନଇଁବାରୁ ଛେଳିପଲ ଘରକୁ ଫେରିଲେ। ଏ ଘଡି ସେ ଘଡି ଅନେଇ ଅନେଇ ଘର ଲୋକେ ରହିଲେ। ହେଲେ ରାତି ୯ଟା ସୁଦ୍ଧା ସେ କିନ୍ତୁ ଘରକୁ ଫେରିଲେନି। ଖୋଜାଖୋଜି କଲେ କିନ୍ତୁ ନିରାଶ ହେବାକୁ ପଡିଲା। ଆଶା ଆଶଙ୍କାରେ ରହିଲେ। ରାତିରେ କାହାକୁ ନିଦ ହେଲାନି। ବୁଧବାର ମୁହଁ ଫର୍ଚ୍ଚା ହେବା ପରେ ଘର ଲୋକେ ଜଙ୍ଗଲକୁ ଗଲେ ଖୋଜିବାକୁ। ହେଲେ ଯାହା ଦେଖିଲେ ଆଖିରେ ବିଶ୍ୱାସ କରିବା କଷ୍ଟକର ହୋଇ ପଡିଥିଲା। ଗୋଟିଏ ମହୁଲ ଗଛକୁ ଲାଗି ସେ ଆଉଜି ହୋଇ ବସିଥିଲେ। ଦେହ କଳା ପଡି ଯାଇଥିଲା। ଗଛ ବି ପୋଡ଼ି ଯାଇଥିଲା। ଏଥିରେ ଆଉ କିଛି ଅବୁଝା ରହିଲାନି। ଘର ଲୋକେ ଜାଣିଗଲେ ଯେ, ବଜ୍ରପାତରେ ସେ ଗଛ ତଳେ ଟଳି ପଡିଛନ୍ତି। ସମ୍ବଲପୁର ଜିଲା ରେଢାଖୋଲ ସହର ୮ ନମ୍ବର ୱାର୍ଡ ଅଧୀନ ଲୁକାପାଲିରେ ଏହି ଘଟଣା ଘଟିଛି। ବଜ୍ରପାତ ଯୋଗୁ ଲୁକାପାଲିର ବ୍ରହ୍ମା ପ୍ରଧାନ (୬୨)ନାମକ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମଙ୍ଗଳବାର ସକାଳେ ସେ ଘରୁ ଛେଳି ପଲଙ୍କୁ ଧରି ନିକଟସ୍ଥ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଅପରାହ୍ନ ପ୍ରାୟରୁ ୧ଟାରୁ ୨ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥିଲା। ସନ୍ଧ୍ୟାରେ ଛେଳିପଲ ଘରକୁ ଫେରି ଆସିଥିଲେ। ଛେଳି ପଲ ସହ କିନ୍ତୁ ବ୍ରହ୍ମା ଫେରି ନ ଥିଲେ। ବାଟରେ କେଉଁଠି କାମରେ ଅଟକି ଥିବେ ବୋଲି ଘର ଲୋକ ଧରି ନେଇ ଥିଲେ। ରାତି ୮/୯ଟା ସୁଦ୍ଧା ସେ ଘରକୁ ନ ଫେରିବାରୁ ଘର ଲୋକ ଅସ୍ଥିର ହୋଇ ଖୋଜାଖୋଜି କଲେ। ହେଲେ କିଛି ଖବର ମିଳି ନ ଥିଲା। ଏଣୁ ରାତିରେ କାହାକୁ ନିଦ ହୋଇ ନ ଥିଲା। ଭୟ ଭିତରେ ସମସ୍ତେ ରାତି କାଟି ଥିଲେ। ଭୋରରୁ ପାଖ ଜଙ୍ଗଲରେ ପହଞ୍ଚି ଖୋଜିଖୋଜି କରିଥିଲେ। ଦେଖିଲା ବେଳକୁ ଗୋଟିଏ ମହୁଲ ଗଛ ତଳେ ବ୍ରହ୍ମା ଆଉଜି ହୋଇ ବସିଛନ୍ତି। ତାଙ୍କ ଦେହ କଳା ପଡି ସିଝି ଯାଇଛି। ମହୁଲ ଗଛଟି ବି ପୋଡ଼ି ଯାଇଛି। ଏଣୁ ଘର ଲୋକେ ନିଶ୍ଚିତ ହେଲେ ଯେ ମଙ୍ଗଳବାର ମଧ୍ୟାହ୍ନରେ ହୋଇଥିବା ବର୍ଷା ଯୋଗୁ ବ୍ରାହ୍ମା ଗଛ ତଳେ ଆଶ୍ରୟ ନେଇଥାଇ ପାରନ୍ତି। ଦୁର୍ଭାଗ୍ୟକୁ ବଜ୍ରପାତ ଘଟି ତାଙ୍କ ଜୀବନ ଦୀପ ଲିଭି ଯାଇଛି। ତେବେ ଖବର ପାଇ ରେଢାଖୋଲ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ମେଡିକାଲ ପଠାଇଛି।

## ଜିଲା ସଂସ୍କୃତି ଅଫିସରେ ମୁରବି ନାହାନ୍ତି

**ସମ୍ବଲପୁର,୧୯।୯(ବ୍ୟୁରୋ)**

ସମ୍ବଲପୁର ସଂସ୍କୃତି ଅଫିସରେ କେହି ମୁରବି ନାହାନ୍ତି। ଅଫିସ ପରିସରରେ ଲୁହାଛଡ, ଗେଟି, ବାଲି ପ୍ରଭୃତି ନିର୍ମାଣ ସାମଗ୍ରୀ ରଖାଯାଇଛି । ଫଳରେ ଏହି ଅଫିସକୁ ଜନସାଧାରଣ ଯିବା ଆସିବା ବେଳେ ସମସ୍ୟା ସୃଷ୍ଟି ହେଉଛି । ଏଠାକୁ କାମରେ ଆସୁଥିବା ଅନେକ କଳାକାର ଲୁହାଛଡରେ ଛନ୍ଦି ହୋଇ ଆହତ ହେଉଛନ୍ତି। ଅନ୍ୟପକ୍ଷେ ଗେଟି, ବାଲି ଧୂଳିରେ ସଂସ୍କୃତି ଅଫିସ ପରିପୂର୍ଣ୍ଣ ହୋଇଛି। ଏଣୁ ଜନସାଧାରଣ ଓ କଳାକାରଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ ଗତ ଅଗଷ୍ଟ ୩୦ ତାରିଖରୁ ଜିଲା ସଂସ୍କୃତି ଅଧିକାରୀ (ଡିସିଓ) ଅର୍ପିତା ବେହେରା ମୟୂରଭଞ୍ଜ ବଦଳି ହୋଇଛନ୍ତି। ଅଥଚ ମୟୂରଭଞ୍ଜରେ କାର୍ଯ୍ୟରତ ଡିସିଓ ଏ ପର୍ଯ୍ୟନ୍ତ ସମ୍ବଲପୁର ଆସି କାର୍ଯ୍ୟରେ ଯୋଗଦେଇ ନାହିଁ । ଡେପୁଟି କଲେକ୍ଟର ଭିକ୍ଟୋରିଆ ଏକ୍କାଙ୍କୁ ନାମକୁ ମାତ୍ର ଦାୟିତ୍ୱ ଦିଆଯାଇଛି। ତେଣୁ ସଂସ୍କୃତି କାର୍ଯ୍ୟାଳୟକୁ କଳାକାର ଓ ଜନସାଧାରଣ ଆସି ଫେରି ଯାଉଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମା ଦୃଷ୍ଟି ଦିଅନ୍ତୁ ବୋଲି କଳାକାରମାନେ ଦାବି କରିଛନ୍ତି ।



"ଟ୍ରିପଲ୍ ତଲାକ୍ ଅଧାଦେଶ ମୁସଲମାନ ମହିଳା ବିରୋଧୀ ଓ ଅସାମ୍ବିଧାନିକ। ଏହା ସମ୍ବିଧାନର ସମାନତା ଅଧିକାରକୁ କ୍ଷୁଣ୍ଣ କରୁଛି।"
-ଅସାଦୁଦ୍ଦିନ ଓ୍ୱାଇସି, ଏଆଇଏମ୍ଆଇଏମ୍ ଅଧକ୍ଷ

# ପାକିସ୍ତାନ ଟାର୍ଗେଟରେ ବିଏସ୍ଏଫ୍

ଲକ୍ଷ୍ନୌ,୧୯।୯(ପି.ଟି.)

ପାକିସ୍ତାନ ଟାର୍ଗେଟରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)। କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ହନିଟ୍ରାପ୍‌ରେ ଛନ୍ଦି ହୋଇଛନ୍ତି ଜଣେ ବିଏସ୍ଏଫ୍ ଯବାନ। ସେ ପାକିସ୍ତାନକୁ କେତେକ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ନଏଡାରୁ ତାଙ୍କୁ ଧରିବାରେ ସକ୍ଷମ ହୋଇଥିବା ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ବୁଧବାର ସୂଚନା ଦେଇଛନ୍ତି। ମଧ୍ୟପ୍ରଦେଶର ରେୱା ଜିଲା ନିବାସୀ ଅଚ୍ୟୁତାନନ୍ଦ ମିଶ୍ର ବିବାହିତ ଓ ୨ ସନ୍ତାନଙ୍କ ଜନକ। ୨୦୦୬ରେ ସେ ବିଏସ୍ଏଫ୍‌ରେ ନିଯୁକ୍ତ ହୋଇଥିଲେ। ୨୦୧୬ରେ ଅଚ୍ୟୁତାନନ୍ଦ ନିଜକୁ ପ୍ରତିରକ୍ଷା ଖବରଦାତା ବୋଲାଉଥିବା ଜଣେ ପାକିସ୍ତାନୀ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ହନିଟ୍ରାପ୍‌ରେ ପଡ଼ିବା ପରେ ସେ ତାଙ୍କୁ ୟୁନିଟ୍ ଅବସ୍ଥିତି, ଅସ୍ତ୍ରଶସ୍ତ୍ର ସମ୍ପର୍କିତ



ତଥ୍ୟ ଏବଂ ବିଏସ୍ଏଫ୍ ଶିବିରର ଫଟୋ ଫେସ୍‌ବୁକ୍ ଓ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ପ୍ରଦାନ କରିଥିଲେ। ପରେ ସେ ହ୍ୱାଟ୍ସଆପ୍‌ରେ ପାକିସ୍ତାନୀ ମହିଳାଙ୍କ ସହ ଅନେକ ସମୟ ଧରି ଚାଟିଂ କରିଥିଲେ। କଶ୍ମୀରରେ ଧର୍ମପରିବର୍ତ୍ତନ ପ୍ରତି ସେ ପ୍ରଭାବିତ ହୋଇଥିବା ତାଙ୍କ ଚାଟିଂ ବିବରଣୀରୁ ଜଣାପଡ଼ିଛି। ଅଚ୍ୟୁତାନନ୍ଦ ନିଜ ମୋବାଇଲ୍‌ରେ ସମ୍ପୃକ୍ତ ମହିଳାଙ୍କ ନମ୍ବରକୁ 'ପାକିସ୍ତାନୀ ବାନ୍ଧବୀ' ବୋଲି ସେଭ୍ କରିଥିଲେ। ଧରାପଡ଼ିବା ପରେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଅଫିସିଆଲ ସିକ୍ରେଟ ଆକ୍ଟ ଅନୁସାରେ ତାଙ୍କ ଅପରାଧର ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅଚ୍ୟୁତାନନ୍ଦଙ୍କୁ ଗିରଫ କରିବା ପରେ ଏଟିଏସ୍ ଏବଂ ବିଏସ୍ଏଫ୍ ପକ୍ଷରୁ ତାଙ୍କୁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ତୁହାକୁ ତୁହା ଜେରା କରାଯାଇଛି। ଏଟିଏସ୍ ତାଙ୍କୁ ଲକ୍ଷ୍ନୌର ଏକ କୋର୍ଟରେ ହାଜର କରାଇ ରିମାଣ୍ଡରେ ନେବ ବୋଲି କହିଛି।

**ହନିଟ୍ରାପ୍‌ରେ ପଡ଼ିଥିବା ଯବାନ ଗିରଫ**



ଅଚ୍ୟୁତାନନ୍ଦ ମିଶ୍ର

## ସଂକ୍ଷେପରେ

### ଅଗଷ୍ଟା ଦୁର୍ନୀତି ମଧ୍ୟସ୍ଥ ମାଇକେଲ୍ ଗାଏବ

**ନୂଆଦିଲ୍ଲୀ,୧୯।୯(ପି.ଟି.):** ଅଗଷ୍ଟା ୱେଷ୍ଟଲାଣ୍ଡ ଚୁକ୍ତି ଦୁର୍ନୀତି ମାମଲାର ବ୍ରିଟିଶ୍ ମଧ୍ୟସ୍ଥ ଖ୍ରୀଷ୍ଟିଆନ୍ ମାଇକେଲ୍‌ଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ପାଇଁ ଦୁବାଇ କୋର୍ଟ ଆଦେଶ ଦେଇଥିବା ନେଇ ମଙ୍ଗଳବାର ଚର୍ଚ୍ଚା



ଚାଲିଥିଲା। କିନ୍ତୁ ଏହାର କିଛିଘଣ୍ଟା ପରେ ମାଇକେଲଙ୍କ ନିଖୋଜ ଖବର ସାମ୍ନାକୁ ଆସିଛି। ଗତବର୍ଷ ମାଇକେଲ୍‌ଙ୍କୁ ଦୁବାଇ ପୋଲିସ ଗିରଫ କରିଥିଲା। ବର୍ତ୍ତମାନ ସେ ଜାମିନରେ ବାହାରେ ଅଛନ୍ତି। ମଙ୍ଗଳବାର ଦୁବାଇର ଏକ କୋର୍ଟ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଆଦେଶ ଦେଇଥିବା ଖବର ମିଳିଥିଲା। ଏ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଆଦେଶକୁ ଅପେକ୍ଷା କରିଥିବା ସିବିଆଇ ମଧ କହିଥିଲା। କିନ୍ତୁ ଏହି ରିପୋର୍ଟ ମିଥ୍ୟା ବୋଲି ଏବେ କୁହାଯାଉଛି। ମାମଲାର ଶୁଣାଣି ବେଳେ କୋର୍ଟ କହିଥିଲେ, ଜଣେ ବ୍ରିଟିଶ ନାଗରିକଙ୍କୁ ୟୁଏଇ ତୃତୀୟ ରାଷ୍ଟ୍ରକୁ ପ୍ରତ୍ୟର୍ପଣ କରିପାରିବ କି ନାହିଁ ତାହାର ତର୍ଜମା କରିବା ଲାଗି କୋର୍ଟ ସରକାରଙ୍କୁ କହିଥିଲେ। କିନ୍ତୁ ଏହାକୁ ପ୍ରତ୍ୟର୍ପଣ ଆଦେଶ ବୋଲି ଗୁଜବ ସୃଷ୍ଟି କରାଯାଉଥିବା ୟୁଏଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ଅଦାଲତି ଆଦେଶ ଖବର ପ୍ରକାଶ ପାଇବା ପରଠାରୁ ମାଇକେଲ୍‌ଙ୍କ ବିଷୟରେ କିଛି ସୂଚନା ନାହିଁ ବୋଲି ତାଙ୍କ ଓକିଲ ଅମାଲ ଆଲ୍‌ସୁବେଇ ବୁଧବାର ପ୍ରକାଶ କରିଛନ୍ତି। ମାଇକେଲ୍‌ଙ୍କୁ ଠାବ କଲାପରେ ତୁରନ୍ତ ତାଙ୍କୁ ଗିରଫ କରାଯିବ। କିନ୍ତୁ ଅଦାଲତି ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିପାରନ୍ତି ବୋଲି ଆଲ୍‌ସୁବେଇ କହିଛନ୍ତି।

### ସଂଘର ଆଭିମୁଖ୍ୟ ସ୍ପଷ୍ଟ କଲେ ଭାଗବତ

**ନୂଆଦିଲ୍ଲୀ,୧୯।୯(ପି.ଟି.):** ତିନିଦିନିଆ ବକ୍ତୃତାମାଳାର ଅନ୍ତିମ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ବୁଧବାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଦେଶରେ ଜନସଂଖ୍ୟା ସନ୍ତୁଳନ ପାଇଁ ନୀତି ନିର୍ଦ୍ଧାରଣ କରିବା ଲାଗି ଭାଗବତ ଆହ୍ୱାନ ଦେଇଛନ୍ତି। ଏଥିରେ ସମାଜର ସବୁ ବର୍ଗର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ହେବ। ବିଶେଷକରି ଅଧିକ ସନ୍ତାନ ଜନ୍ମ ଦେଉଥିବା ଲୋକଙ୍କଠାରୁ ନୀତିକୁ ଆରମ୍ଭ କରିବା ଉଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟ ଜାତିରେ ବିବାହ, ଶିକ୍ଷା ନୀତି, ମହିଳାଙ୍କ ବିରୋଧରେ ଅପରାଧ, ଗୋରକ୍ଷକ ହିଂସା ଆଦି ପ୍ରସଙ୍ଗରେ ଭାଗବତ ଆର୍ଏସ୍ଏସ୍‌ର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାଗବତ କହିଛନ୍ତି, ଭିନ୍ନ ଜାତିରେ ବିବାହକୁ ସଂଘ ସମର୍ଥନ କରେ। ଏଭଳି ବିବାହର ଯଦି ଗଣନା କରାଯାଏ, ତା'ହେଲେ ଅଧିକାଂଶ ଆର୍ଏସ୍ଏସ୍ ସମର୍ଥନରେ ହୋଇଥିବା ଜଣାପଡ଼ିବ। ମହିଳାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ହେବ। କୌଣସି ଭେଦଭାବରୁ ନିଜ ନାଗରିକଙ୍କୁ ସୁରକ୍ଷିତ କରିବା ଦାୟିତ୍ୱ ସରକାର ଏବଂ ପ୍ରଶାସନର ହେବା ଉଚିତ। ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀକୁ ସଂଘ ବିରୋଧ କରେନାହିଁ। କାରଣ ସେମାନେ ମଧ ସମାଜର ଏକ ଅଂଶ। ଇଂଲିଶକୁ ଆର୍ଏସ୍ଏସ୍ ବିରୋଧ କରେନାହିଁ। ଇଂଲିଶ୍ କହୁଥିବା ଲୋକଙ୍କ ସହ ଆମର କୌଣସି ଶତ୍ରୁତା ନାହିଁ। ସେହିପରି ଯଥାଶୀଘ୍ର ସମ୍ଭବ ଅଯୋଧାରେ ରାମମନ୍ଦିର ନିର୍ମାଣ ହେବା ଉଚିତ ବୋଲି ଭାଗବତ କହିଛନ୍ତି।

# ମୁକୁଳିଲେ ଶରିଫ୍, ମରିୟମ

ଇସ୍‌ଲାମାବାଦ,୧୯।୯(ପି.ଟି.)

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଆଶ୍ୱସ୍ତି ମିଳିଛି। ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ଶରିଫ୍ ଓ ତାଙ୍କ ଝିଅ-ଜ୍ୱାଇଁଙ୍କ ଦଣ୍ଡାଦେଶ ଉପରେ ଇସ୍‌ଲାମାବାଦ ହାଇକୋର୍ଟ ବୁଧବାର ରୋକ ଲଗାଇଛନ୍ତି। ସେମାନଙ୍କୁ ମୁକ୍ତ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ପରେ ୩ ଜଣଯାକ ଜେଲରୁ ମୁକୁଳିଛନ୍ତି। ରାୟକୁ ଶରିଫ୍‌ଙ୍କ ଭାଇ ଶାହବାଜ ଶରିଫ୍ ଓ ପିଏମ୍ଏଲ୍-ଏନ୍ ଦଳର ନେତାମାନେ ସ୍ୱାଗତ କରିଛନ୍ତି।

ଗତ ଜୁଲାଇ ୬ରେ ଏଭନ୍‌ଫିଲ୍ଡ ସମ୍ପତ୍ତି ଦୁର୍ନୀତି ମାମଲାରେ ପାକିସ୍ତାନର ଏକ ସ୍ୱତନ୍ତ୍ର ଅଦାଲତ ଶରିଫ୍ (୬୮)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହାସହ ତାଙ୍କ ଝିଅ ମରିୟମ୍ (୪୪)ଙ୍କୁ ୭ ଓ ଜ୍ୱାଇଁ କ୍ୟାପଟେନ୍ (ଅବସରପ୍ରାପ୍ତ) ମହମ୍ମଦ ସଫଦର (୫୪)ଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୩ ଦୋଷୀଙ୍କୁ ଜରିମାନା ପାଇଁ ମଧ ଆଦେଶ ଦିଆଯାଇଥିଲା। ସେବେଠୁ ଏମାନେ ରାୱଲପିଣ୍ଡିସ୍ଥିତ ଆଦିଆଲା ଜେଲରେ ଅଛନ୍ତି। ସେମାନେ ଦଣ୍ଡାଦେଶକୁ ଇସ୍‌ଲାମାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଏକ ରିଟ୍ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ଅତହର ମିନାଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ଏହାକୁ ଗ୍ରହଣ କରି ଶରିଫ୍‌ଙ୍କ ସପକ୍ଷରେ ରାୟ ଦେଇଛନ୍ତି।

**ଜେଲ ଦଣ୍ଡାଦେଶ ଉପରେ ରୋକ ଲଗାଇଲେ ଇସ୍‌ଲାମାବାଦ୍ ହାଇକୋର୍ଟ**



## ରାଫେଲ୍ ଚୁକ୍ତି: ତଦନ୍ତ ଦାବିକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

# କଂଗ୍ରେସ ସିଏଜିଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୯।୯(ପି.ଟି.)

ରାଫେଲ୍ ଚୁକ୍ତିକୁ ନେଇ ଏନ୍‌ଡିଏ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଥିବା କଂଗ୍ରେସ ବୁଧବାର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରସ୍ଥ ହୋଇଛି। ରାଫେଲ ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ କରାଯାଇଥିବା ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିବା ପରେ ଦଳୀୟ ନେତାମାନେ ସ୍ୱର ଆହୁରି ଶାଣିତ କରିଛନ୍ତି।

ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କ ନେତୃତ୍ୱରେ କଂଗ୍ରେସର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ସିଏଜି ରାଜୀବ ମେହେର୍ଷିଙ୍କୁ ଭେଟି ରାଫେଲ୍ ଚୁକ୍ତିର ତଦନ୍ତ ଦାବି କରିଥିଲେ। ଏଥିସହ ସେମାନେ ୩୬ ଯୁଦ୍ଧବିମାନ କିଣିବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କ ପକ୍ଷରୁ ଫ୍ରାନ୍ସ ସହ ହୋଇଥିବା ଡିଲ୍ ସମ୍ପର୍କିତ ରିପୋର୍ଟ ଜାରି କରିବାକୁ ଦାବି ନେଇ ଏକ ସ୍ମାରକପତ୍ର ସିଏଜିଙ୍କୁ ପ୍ରଦାନ କରିଥିଲେ। ଏହି ଚୁକ୍ତି ରାଜକୋଷକୁ କ୍ଷତି ପହଞ୍ଚାଇବା ସହ ଜାତୀୟ ସୁରକ୍ଷାକୁ ବିପନ୍ନ କରିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ଅନୁଧ୍ୟାନ କରାଯାଉଛି ଏବଂ ଏନେଇ ପାର୍ଲାମେଣ୍ଟରେ ଏକ ରିପୋର୍ଟ ଶୀଘ୍ର ଉପସ୍ଥାପନ କରାଯିବ ବୋଲି ସିଏଜି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

# ଯବାନଙ୍କୁ ତଣ୍ଟିକାଟି ହତ୍ୟା

ଜମ୍ମୁ/ନୂଆଦିଲ୍ଲୀ,୧୯।୯(ପି.ଟି.)

ସୀମା ଲଂଘିଛି ପାକିସ୍ତାନୀ ସେନାର ବର୍ବରତା। ଜମ୍ମୁ ଅଞ୍ଚଳରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଜଣେ ଯବାନଙ୍କୁ ତଣ୍ଟିକାଟି ହତ୍ୟା କରିଛନ୍ତି ପାକିସ୍ତାନୀ ସୈନ୍ୟ। ନିଖୋଜ ଯବାନଙ୍କୁ ସେମାନେ ଗୁଳି କରିବା ପରେ ଧାରୁଆ ଅସ୍ତ୍ରରେ ତାଙ୍କର ତଣ୍ଟିକାଟି ଦେଇଥିବା ଜଣାପଡ଼ିଛି। ସୀମାରେ



ନରେନ୍ଦର ସିଂ

ତାଙ୍କର ମୃତଦେହ ବୁଧବାର ଠାବ ହୋଇଛି। ଏହାକୁ ନେଇ ଜମ୍ମୁ-କଶ୍ମୀର ସଂଲଗ୍ନ ୧୯୨ କି.ମି. ବ୍ୟାପୀ ଅନ୍ତର୍ଜାତୀୟ ସୀମା(ଆଇବି) ଏବଂ ୭୪୦ କି.ମି. ବିସ୍ତୃତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ସେନା ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି।

ବିଏସ୍ଏଫ୍ ହେଡ୍ କନ୍‌ଷ୍ଟେବଲ ନରେନ୍ଦର ସିଂ କିଛିଦିନ ହେଲା ନିଖୋଜ ଥିଲେ। ରାମଗଡ଼ ସେକ୍ଟରରେ ମଙ୍ଗଳବାର ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତାଙ୍କ ଦେହରେ ୩ଟି ଗୁଳି ମଧ ବାଜିଛି। ଉପଯୁକ୍ତ ସମୟରେ ଏହାର ଠିକଣା ଯବାବ ଦିଆଯିବ ବୋଲି ବିଏସ୍ଏଫ୍ ପକ୍ଷରୁ କୁହାଯାଇଛି। ଭାରତ-ପାକ୍ ସୀମା ସୁରକ୍ଷା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସୋମବାର 'ସ୍ମାର୍ଟ ଫେନ୍ସି'ର ଆରମ୍ଭ କରିବାର ଦିନକ ପରେ ପାକିସ୍ତାନୀ ସେନା ଏହି କାଣ୍ଡ ଭିଆଇଥିବା କୁହାଯାଉଛି।

## ଫୁର୍‌ସତ

# 'ଦି କେପ୍ଟ'ରେ ଜୋଲି

**ଲସ୍ ଏଞ୍ଜେଲ୍ସ:** ରିଭେଞ୍ଜ ଥ୍ରିଲର୍ 'ଦି କେପ୍ଟ' ଜରିଆରେ ହଲିଉଡ୍‌ରେ ପୁଣିଥରେ ଧମାଲ କରିବାକୁ ଯାଉଛନ୍ତି ଅଭିନେତ୍ରୀ ତଥା ପ୍ରଯୋଜିକା ଆଞ୍ଜେଲିନା ଜୋଲି। 'ଦି କେପ୍ଟ' ହେଉଛି ଜେମ୍ସ ସ୍କଟ୍‌ଙ୍କ ୨୦୧୫ର ଏହି ନାମର ଉପନ୍ୟାସର କାହାଣୀ। ଫିଲ୍ମକୁ ନିଜେ ପ୍ରଯୋଜନା ମଧ ଦେଇଛନ୍ତି ୪୩ ବର୍ଷୀୟା ଜୋଲି। ଫିଲ୍ମର କାହାଣୀ ୧୮୯୭ର ଏକ ଶୀତଦିନର ଘଟଣାକୁ ଦର୍ଶାଏ। ନ୍ୟୁୟର୍କର ଏକ ପରିବାରର ଗଣହତ୍ୟା ଏବଂ ପ୍ରତିଶୋଧ ଉପରେ ଏହା ଆଧାରିତ। ଏଲ୍‌ସପେଥ୍ ହାୱେଲ୍ (ଜୋଲି) ନାମ୍ନୀ ଜଣେ ମହିଳା ନିଜର ୪ ସନ୍ତାନ ଏବଂ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ ନିପାତ କରିବା



ଲାଗି ଯେଭଳି କାର୍ଯ୍ୟ କରିଛନ୍ତି ତାହା ବଡ଼ ପରଦାରେ ଦର୍ଶକଙ୍କୁ ରୋମାଞ୍ଚିତ କରିବ ବୋଲି ଆଶା କରାଯାଉଛି।

# ଭାରତରେ ସର୍ବାଧିକ ଟିବି ଆକ୍ରାନ୍ତ

**ୱାଶିଂଟନ୍:** ଟ୍ୟୁବରକୁଲୋସିସ୍ ବା ଟିବି ଏବେ ବି ବିଶ୍ୱର ଏକ ମାରାତ୍ମକ ସଂକ୍ରାମକ ରୋଗ ପାଲଟିଛି। ସଚେତନତା ଏବଂ ନିରାକରଣ ଅଭିଯାନ ସତ୍ତ୍ୱେ ୨୦୧୭ରେ ବିଶ୍ୱବ୍ୟାପୀ ୧୬ ଲକ୍ଷ ଲୋକ ଟିବିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି, ଯାହାକି ବିଶ୍ୱ ସମୁଦାୟ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଦକ୍ଷିଣ ଏସିଆ ପ୍ରାନ୍ତରେ ଏହା ଅଧିକ ଘାତକ ରୂପ ଧାରଣ କରିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସଦ୍ୟ ଏକ ରିପୋର୍ଟରେ ଉଲ୍ଲେଖ କରିଛି। ୨୦୧୬ରେ ପୃଥିବୀରେ ଟିବିଜନିତ ମୃତ୍ୟୁସଂଖ୍ୟା ୧୭ ଲକ୍ଷ ଥିଲା। ମୃତ୍ୟୁହାର ହ୍ରାସ ପାଇଥିଲେ ସୁଦ୍ଧା ବିଶ୍ୱରେ ଦିନକୁ ୪୦୦୦ ଲୋକ ଏଥିରେ ପ୍ରାଣ ହରାଉଛନ୍ତି। ସେମାନଙ୍କ ମଧ୍ୟରୁ ୩ ଲକ୍ଷ ହେଉଛନ୍ତି ଏଚ୍ଆଇଭି ସଂକ୍ରମିତ। ଏଚ୍ଆଇଭି ଏବଂ ଟିବି ସଂକ୍ରମିତଙ୍କ ସଂଖ୍ୟାରେ ଦକ୍ଷିଣ ଆଫ୍ରିକା ରହିଛି ଆଗରେ। ମୋଟ ଟିବି/ଏଚ୍ଆଇଭି ଆକ୍ରାନ୍ତଙ୍କ ୩୯% ସେଠାରେ ଅଛନ୍ତି। ସେହିପରି ୨୦୧୭ରେ ୧୦ ନିୟୁତ ଲୋକ ଏହାର ଶିକାର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ରହିଛନ୍ତି ୫୮ ଲକ୍ଷ ପୁରୁଷ, ୩୨ ଲକ୍ଷ ମହିଳା ଏବଂ ୧୦ ଲକ୍ଷ ଶିଶୁ। ନୂଆ ସଂକ୍ରମଣ ୨% ହାରରେ କମୁଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ନୁହେଁ। ଏଭଳି ସ୍ଥିତିରେ ଟିବି ନିରାକରଣ ଲାଗି ୨୦୩୦ ସୁଦ୍ଧା ରଖାଯାଇଥିବା ଲକ୍ଷ୍ୟ ପୂରଣ କରିବା ଜଟିଳ ହେବ ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି।



ଭାରତରେ ମଧ ଟିବି ରୋଗ ଘାତକ ରୂପ ଧାରଣ କରିଛି ବୋଲି ଡବ୍ଲ୍ୟୁଏଚ୍ଓ ଦର୍ଶାଇଛି। ଟିବିରୁ ବଞ୍ଚିବାର ଦୁଇଟି ଉପାୟ ହେଲା ରୋଗ ଚିହ୍ନଟ କରିବା ଏବଂ ଉପଚାର ବୋଲି ସ୍ୱାସ୍ଥ୍ୟ ସଙ୍ଗଠନର ୨୦୧୮ ବିଶ୍ୱ ଟିବି ରିପୋର୍ଟରେ ସ୍ପଷ୍ଟ କରିଛି। ବିଶ୍ୱର ୨୦୫ଟି ଦେଶରେ ଟିବି ସ୍ଥିତି ଅନୁଧ୍ୟାନ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ତେବେ ମାତ୍ର ୧୦ଟି ଦେଶରେ ୮୦% ଟିବି ରୋଗୀ ରହିଛନ୍ତି। ଏଥିରେ ୨୬% ଟିବି ଆକ୍ରାନ୍ତଙ୍କ ସହ ଆଗରେ ରହିଛି ଭାରତ। ଏହା ପଛକୁ ରହିଛି ଇଣ୍ଡୋନେସିଆ (୧୧%) ଏବଂ ନାଇଜେରିଆ (୯%)। ଏମ୍‌ଡିଆର୍ ଟିବି ରୋଗୀଙ୍କ ସଂଖ୍ୟାରେ ମଧ ଭାରତ ଆଗୁଆ ବୋଲି ରିପୋର୍ଟରେ କୁହାଯାଇଛି।

![ଇତିହାସର ଆଇନାରେ]

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୦ର ପ୍ରମୁଖ ଘଟଣା

୧୯୪୬ ସେପ୍ଟେମ୍ବର ୨୦ରେ ଫ୍ରାନ୍ସର କାନ୍ସଠାରେ ପ୍ରଥମ ବାର୍ଷିକ କାନ୍ସ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ହୋଇଥିଲା। ଏଥିରେ ବିଶ୍ୱର ପ୍ରାୟ ୨୦ଟି ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା।

୨୦୦୧ ସେପ୍ଟେମ୍ବର ୨୦ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଆତଙ୍କବାଦ ବିରୋଧରେ ଯୁଦ୍ଧ ଡାକରା ଦେଇଥିଲେ। ବିଶ୍ୱ ବାଣିଜ୍ୟ କେନ୍ଦ୍ର ଆକ୍ରମଣ ପରେ ଆମେରିକୀୟ କଂଗ୍ରେସରେ ବୁଶ୍‌ଙ୍କ ଯୁଦ୍ଧ ଡାକରାକୁ 'ଗ୍ଲୋବାଲ୍ ୱାର୍ ଅନ୍ ଟେରର୍' ନାମ ଦିଆଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୫.୬ |
| ଚାନ୍ଦବାଲି | ୩୩.୭ | ୨୬.୪ |
| କଟକ | ୩୨.୬ | ୨୪.୪ |
| ପାରାଦ୍ୱୀପ | ୩୩.୭ | ୨୬.୯ |
| ଭୁବନେଶ୍ୱର | ୩୩.୬ | ୨୫.୧ |
| ଗୋପାଳପୁର | ୩୪.୦ | ୨୫.୭ |
| ପୁରୀ | ୩୩.୬ | ୨୫.୬ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୫.୦ | ୨୭.୦ |
| ଝାରସୁଗୁଡ଼ା | ୩୪.୭ | ୨୫.୩ |
| କେନ୍ଦୁଝର | ୩୧.୫ | ୨୩.୪ |
| ସମ୍ବଲପୁର | ୩୪.୦ | ୨୨.୬ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୪.୦ | ୨୫.୦ |
| ତାଳଚେର | ୩୫.୧ | ୨୫.୦ |
| ଭବାନୀପାଟଣା | ୩୨.୦ | ୨୩.୫ |
| ବଲାଙ୍ଗୀର | ୩୪.୦ | ୨୪.୨ |
| କୋରାପୁଟ | ୨୮.୦ | ୧୮.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୩.୦ | ୨୨.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୪.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୫ |
| ଢେଙ୍କାନାଳ | ୩୩.୨ | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍

# ନାମ ପରିବର୍ତ୍ତନ ସତ୍ତ୍ୱେ ବିରୋଧ

**ଅହମ୍ମଦାବାଦ:** ସଲ୍‌ମାନ ଖାନ୍ ପ୍ରଯୋଜିତ 'ଲଭ୍‌ରାତ୍ରି' ଫିଲ୍ମ ପଛରୁ ଛାଡୁନି ବିବାଦ। ନାମ ପରିବର୍ତ୍ତନ କରାଯାଇଥିଲେ ମଧ ଏହାକୁ ପୁଣି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଫିଲ୍ମର ନାମ 'ଲଭ୍‌ରାତ୍ରି' ରଖି ପବିତ୍ର ହିନ୍ଦୁ ପର୍ବ 'ନବରାତ୍ରି'କୁ ଅପମାନିତ କରାଯାଇଛି। ଏହା ହିନ୍ଦୁ ଧର୍ମୀୟ ଭାବନା ପ୍ରତି କୁଠାରାଘାତ ଅଭିଯୋଗ ଆଣି ବିହାରରେ ଏକ ମାମଲା ଦାଏର ହୋଇଥିଲା। ଏହାପରେ ସଲ୍‌ମାନଙ୍କ ସମେତ ଫିଲ୍ମର ଅନ୍ୟ କଳାକାରଙ୍କ ବିରୋଧରେ ଏତଲା ଦାଏର କରିବା ଲାଗି ବିହାର ତଳକୋର୍ଟ ପୋଲିସକୁ ଆଦେଶ ଦେଇଥିଲେ। ବିବାଦ ପରେ ଫିଲ୍ମର ନାମ ପରିବର୍ତ୍ତନ କରି 'ଲଭ୍‌ଯାତ୍ରୀ' ରଖାଯାଇଥିବା ମଙ୍ଗଳବାର ସଲ୍‌ମାନ ସୂଚନା ଦେଇଥିଲେ। କିନ୍ତୁ 'ଲଭ୍‌ଯାତ୍ରୀ' ନାମକୁ ମଧ ବିରୋଧ ହୋଇଛି। ଫିଲ୍ମର ନୂଆ ନାମ ଗ୍ରହଣୀୟ ନୁହେଁ ବୋଲି ଗୁଜରାଟ ହାଇକୋର୍ଟରେ ରାଜ୍ୟର ଏକ ହିନ୍ଦୁ ସଙ୍ଗଠନ ଦର୍ଶାଇଛି। ଫିଲ୍ମର ନାମ ଓ କିଛି ତଥ୍ୟ ପରିବର୍ତ୍ତନ କରାଯାଉ, ନଚେତ୍ ଏହାକୁ ନିଷିଦ୍ଧ ଘୋଷଣା କରାଯାଉ ବୋଲି ସନାତନ ଫାଉଣ୍ଡେଶନ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲା। ଏହାର ନାମ 'ଲଭ୍ କୀ ଯାତ୍ରା' କରିପାରିବେ ବୋଲି ସଙ୍ଗଠନ ପରାମର୍ଶ ଦେଇଛି। ସଲ୍‌ମାନ ଖାନ୍‌ଙ୍କ ପ୍ରଯୋଜନାରେ ନିର୍ମିତ ଏହି ଫିଲ୍ମ ଅକ୍ଟୋବର ୫ରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମ ଜରିଆରେ ସଲ୍‌ମାନ ନିଜ ଭିଣୋଇ ଆୟୁଷ ଶର୍ମା ଏବଂ ନବାଗତା ୱରିନା ହୁସେନ୍‌ଙ୍କୁ ବଲିଉଡ୍‌ରେ ପଦାର୍ପଣ କରାଇବାକୁ ଯାଉଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଏବେ ଯୁବପିଢ଼ିଙ୍କ ଉପରେ ସେଲଫି ମାନିଆ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ରୁଷିଆରେ ଆରମ୍ଭ ହୋଇଛି ଏକ ପ୍ରତିଯୋଗିତା। ଏଥିରେ ମୃତ ଲୋକଙ୍କ ସହିତ ସେଲଫି ଉଠାଇଲେ ଦିଆଯାଉଛି ପୁରସ୍କାର। ଏହାକୁ ଆରମ୍ଭ କରିଛି ଏକ ସୋସିଆଲ୍ ନେଟୱାର୍କିଂ ସାଇଟ୍ । ଏହାର ଶୀର୍ଷକ ରହିଛି 'ସେଲଫି ଉଇଥ୍ ଦି ଡିସିସ୍ଡ'। ଏହି ପ୍ରତିଯୋଗିତା ଏବେ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ପ୍ରତିଯୋଗିତାରେ ସେଲଫି ଉଠାଉଥିବା ବ୍ୟକ୍ତିଙ୍କୁ ୧୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା ରହିଛି।

## ସଂକ୍ଷେପରେ

**ମଝି ଚିଲିକାରେ ଅଟକିଲା ଡଙ୍ଗା**

### ଘଣ୍ଟାଏ ଫସିରହିଲେ ୨୦ ଯାତ୍ରୀ

କୃଷ୍ଣପ୍ରସାଦ, ୧୯।୯(ଡି.ଏନ୍.ଏ.): ଚିଲିକା ମଝିରେ ପୁଣି ଅଟକିଗଲା ଯାତ୍ରୀବାହୀ ଡଙ୍ଗା। ଘଣ୍ଟାଏ ଫସି ରହିଲେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ। ଅନ୍ୟ ଏକ ଡଙ୍ଗା ସହାୟତାରେ ସେମାନଙ୍କୁ ଉଦ୍ଧାର ପରେ ଟଳିଗଲା ବଡ଼ ବିପଦ। ଗତ ତିନିମାସ ତଳେ ଚିଲିକାରେ ଡଙ୍ଗାବୁଡ଼ି ୬ଜଣଙ୍କ ମୃତ୍ୟୁ ଘଟଣା ପରେ ଏବେ ଚିଲିକାରେ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି ରହିଛି। ଏଭଳି ସ୍ଥଳେ ବୁଧବାର ଘଟିଥିବା ଏହି ଘଟଣା ପ୍ରଶାସନର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ମୋଟର ଚାଳିତ କାଠ ଡଙ୍ଗାଟି ୨୦ଜଣ ଯାତ୍ରୀ ଓ ୭ଟି ବାଇକ୍‌କୁ ନେଇ ସାତପଡ଼ା ଘାଟରୁ ଜହ୍ନିକୁଦା ଯାଉଥିଲା। ମଏଁଷା ନିକଟରେ ଥିବା କୁଦ ପାଖଦେଇ ଡଙ୍ଗାଟି ଚାଲୁଥିବାବେଳେ ହଠାତ୍ ମୋଟର ବନ୍ଦ ହୋଇଯାଇଥିଲା। ଉକ୍ତ ଡଙ୍ଗାର ଚାଳକ ଓ ଅନ୍ୟ ଜଣେ କର୍ମଚାରୀ ମୋଟରଟିକୁ ସଜାଡ଼ିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଯାତ୍ରୀମାନେ ମଧ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଭାବିନୀପୁରରୁ କେତେଜଣ ମତ୍ସ୍ୟଜୀବୀ ଡଙ୍ଗା ନେଇ ସମସ୍ତଙ୍କୁ ଉଦ୍ଧାର କରିଥିଲେ।

ଚିଲିକାରେ ସାତପଡ଼ାଠାରୁ ଜହ୍ନିକୁଦାକୁ ଯାତାୟାତ ପାଇଁ ଚିଲିକାର ୫ କିଲୋମିଟର ଜଳପଥ ଅତିକ୍ରାନ୍ତ କରିବାକୁ ପଡ଼ିଥାଏ। ଏଥିପାଇଁ ମୋଟର ଚାଳିତ କାଠ ଡଙ୍ଗା ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ

ଚାଲୁଥିବା ଭେସେଲ ଉପରେ ଲୋକେ ନିର୍ଭର କରନ୍ତି। ମାତ୍ର ଉକ୍ତ ଭେସେଲଟି ବାରମ୍ବାର ଖରାପ ହେଉଥିବାରୁ ଅଧିକାଂଶ ସମୟରେ ଲୋକେ ଘାଟ ଡଙ୍ଗା ଓ ଘରୋଇ ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଏସବୁ ଡଙ୍ଗାରେ ଯାତ୍ରୀଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଡଙ୍ଗାବୁଡ଼ି ପରେ ପ୍ରଶାସନ କଟକଣା ଜାରି କରିବା ସହ ଲାଇସେନ୍ସ ଓ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ପ୍ରକୃତରେ ତାହାକୁ ପାଳନ କରାଯାଉ ନ ଥିବା ଆଜିର ଘଟଣାରୁ ସ୍ପଷ୍ଟ ହୋଇଛି। ଉକ୍ତ ଡଙ୍ଗାରେ କୌଣସି ଯାତ୍ରୀ ଲାଇଫ୍ ଜ୍ୟାକେଟ ପିନ୍ଧି ନ ଥିଲେ କି ଡଙ୍ଗାରେ ସୁରକ୍ଷା ବ୍ୟବସ୍ଥା ନ ଥିଲା ବୋଲି ଉଦ୍ଧାରକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# କଂଗ୍ରେସ, ବିଜେଡି ବିରୋଧରେ ସବୁ ରାଜନୈତିକ ଶକ୍ତିଙ୍କୁ ଏକାଠି କରିବ ଭାଜପା: ଧର୍ମେନ୍ଦ୍ର



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଭାଜପା ନେତାମାନେ।

- ରାଜ୍ୟରେ ନୂତନ ରାଜନୈତିକ ସମୀକରଣର ଆଭାସ
- ରାଜ୍ୟ ସରକାରଙ୍କୁ ସମାଲୋଚନା
- ଓଡ଼ିଶାରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି
- ପୁରୀ ଏସ୍‌ପି ଔଦ୍ଧତ୍ୟ ଦେଖାଇଛନ୍ତି

ପୁରୀ ଅଫିସ, ୧୯।୯

ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚିଲିକାରେ ହେଲିକପ୍ଟର ଉଡ଼ାଇବା ଏବଂ ବିଜେଡିରୁ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ବହିଷ୍କାର ହେବା ଘଟଣା ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏହି ଦୁଇ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଲାଗି ସାରିଲାଣି। ନିୟମ କାନୁନ୍ ଉପରେ କେହି ନୁହନ୍ତି। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ, ଆଇନ କାନୁନ ବାହାରକୁ ଯିବା ଉଚିତ ନୁହେଁ। କିନ୍ତୁ ମୁଁ ମଙ୍ଗଳବାର ଟିଭିରେ ପୁରୀ ଏସ୍‌ପିଙ୍କ ଔଦ୍ଧତ୍ୟକୁ ଦେଖୁଥିଲି। ସେ କହୁଥିଲେ ସମନ କରାଯିବ। ଏହା ପ୍ରମାଣିତ କରୁଛି ରାଜ୍ୟର ଅବସ୍ଥା କ'ଣ ହୋଇଛି।

ପୁରୀର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଜାତିକୁ ଆକ୍ଷେପ କରିବାରୁ ଦାମୋଦର ରାଉତଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଗଲା ବୋଲି ୬ରୁ ୮ମାସ ତଳେ କୁହାଯାଇଥିଲା। କିନ୍ତୁ ସେତେବେଳେ ନିର୍ଦ୍ଦିଷ୍ଟ ଖବର ମୋ ପାଖରେ ଥିଲା। ଦୁର୍ନୀତିକୁ ଘୋଡ଼ାଇବା ଲାଗି ଏସବୁ କରାଯାଉଛି। ଦାମୋଦର ରାଉତ ଏବଂ ବୈଜୟନ୍ତଙ୍କ ମିଳାମିଶା ଏକ ନୂତନ ରାଜନୈତିକ ସମୀକରଣର ଆଭାସ ଦେଉଛି। ଏହାକୁ ଭାଜପା ସମର୍ଥନ କରିବ କି ପ୍ରଶ୍ନରେ ସେ କହିଥିଲେ ଯେ, ଭାରତୀୟ ଜନତା ପାର୍ଟି(ଭାଜପା) ଓଡ଼ିଶାରେ କଂଗ୍ରେସ ଓ ବିଜେଡି ବିରୋଧରେ ସବୁ ରାଜନୈତିକ ଶକ୍ତିଙ୍କୁ ଏକାଠି କରିବ। ଭାଜପା ଏହାର ନେତୃତ୍ୱ ନେବ। ଏଥିରେ ଭାଜପା ପୂରା ସଫଳ ହେବ ଏହା ମୋର ବିଶ୍ୱାସ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ମୃତ୍ତିକା ସଂରକ୍ଷଣ ବିଭାଗରେ ଅନିୟମିତତା, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଅର୍ଥ ବାଟମାରଣା ଆଦି ଦୁର୍ନୀତି ବିଜେଡି ସରକାର ବିରୋଧରେ ଆସିଛି। ରାଜ୍ୟ ସରକାରଙ୍କ କୋଷାଗାର କୌଣସି ଦଳର ଦଳୀୟ କୋଷାଗାର ନୁହେଁ। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଅର୍ଥ ଖର୍ଚ୍ଚ ହେବା କଥା। ରାଜ୍ୟ ସରକାରଙ୍କ ୩ଟି ଯୋଜନା ଉପରେ ଦଳର ବିଧାୟକମାନେ ଏଜିଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ଏଜି ଅଡିଟ୍ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ରାଜ୍ୟ ସରକାର ଅଡିଟ ପାଇଁ ରାଜି ନୁହନ୍ତି। ଆଇନକାନୁନର ପରିଧି ମଧ୍ୟରେ ରାଜ୍ୟ ସରକାର ରହିବାକୁ ଚାହୁଁ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି।

ଉକ୍ତ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଉପ ସଭାପତି ନୟନ କିଶୋର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ସମୀର ମହାନ୍ତି, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏବେବି ମୁଁ ବିଜେଡିରେ ଅଛି: ଦାମ

- ପାରାଦୀପରୁ ନିର୍ବାଚନ ଲଢ଼ିବେ କହିଲେ ବିଷ୍ଣୁ
- ସେ ଆଉ ବିଧାୟକ ହୋଇପାରିବେନି: ଦାମ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ବିଜେଡିରୁ ବହିଷ୍କୃତ ହେବାପରେ ମଧ ଦାମଙ୍କ ତୁଣ୍ଡରେ ଲଗାମ୍ ଲାଗୁନି। ବୁଧବାର ପୁନର୍ବାର ଦାମ ନୂଆ କଥା କହିଛନ୍ତି। ସେ ଏବେବି ବିଜେଡିରେ ଅଛନ୍ତି ବୋଲି କହିଛନ୍ତି । ଅନ୍ୟପଟେ ଦାମଙ୍କ ପାରମ୍ପରିକ ଶତ୍ରୁ ତଥା ପୂର୍ବତନ ବିଧାୟକ ବିଷ୍ଣୁ ଦାସ କହିଛନ୍ତି ସୁଯୋଗ ମିଳିଲେ ପାରାଦୀପରୁ ନିର୍ବାଚନ ଲଢ଼ିବି। ଏହାକୁ ନେଇ ଦାମ ଓ ବିଷ୍ଣୁ ପୁଣି ମୁହାଁମୁହିଁ ହୋଇଛନ୍ତି।

ବିଷ୍ଣୁ କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳ ଚାହିଁବ ତେବେ ମୁଁ ପାରାଦୀପରୁ ଲଢ଼ିବାକୁ ପ୍ରସ୍ତୁତ। ଦାମଙ୍କ ପାଖରେ ଏବେ କେହି ନାହାନ୍ତି , ଆମ ପାଖରେ ସଙ୍ଗଠନ ରହିଛି। କିଛିଦିନ ତଳେ ଦାମବାବୁ ପାରାଦୀପ ଯାଇଥିଲେ ସେଠାରେ କ'ଣ ଘଟିଲା ତାହା ଆପଣମାନେ ଜାଣିଛନ୍ତି। ପାରାଦୀପକୁ ନେଇ ଦାମ ଯେଉଁ ଦମ୍ଭୋକ୍ତି ଦେଖାଉଛନ୍ତି ତାହା କେବଳ ତାଙ୍କ ବାହାସ୍ଫୋଟ। ମୁଁ ନିର୍ବାଚନ ଲଢ଼ିଲେ ଜିତିବି କି ହାରିବି ତାହା ସମୟ ଓ ପାରାଦୀପ ଜନସାଧାରଣ କହିବେ। ଜିଲାରେ ଅନେକ କର୍ମୀ ଅଛନ୍ତି ଯେଉଁମାନେ ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ, ମାତ୍ର ଦାମବାବୁ ତାଙ୍କୁ ଡରାଇ ରଖିଥିଲେ। ଏବେ ସେମାନେ ସ୍ୱେଚ୍ଛାକୃତ ଭାବେ ଆସି ଦଳକୁ ଆଗେଇ ନେବେ ବୋଲି ବିଷ୍ଣୁ କହିଛନ୍ତି।

ବିଷ୍ଣୁଙ୍କ ଏଭଳି ବୟାନ ଉପରେ ପ୍ରତିକ୍ରିୟା ରଖି ଦାମ କହିଛନ୍ତି , ପାରାଦୀପ କ'ଣ ସେ କେଉଁଠାରୁ ବି ବିଧାୟକ ହୋଇପାରିବେ ନାହିଁ। ବିଷ୍ଣୁଙ୍କ ଭଳି ଅବାଞ୍ଛିତ ଲୋକଙ୍କ ସହ ତାଙ୍କୁ ଯୋଡ଼ା ନ ଯାଉ। ବିଷ୍ଣୁଙ୍କ ସମ୍ପର୍କରେ କିଛି ପଚାରନ୍ତୁ ନାହିଁ ବୋଲି ଦାମ ସିଧାସଳଖ କହିଛନ୍ତି। ଅନ୍ୟପଟେ ବିଜେଡିରେ ଏବେ ବି ସେ ଅଛନ୍ତି ବୋଲି ଦାମ କହିଛନ୍ତି । ବିଜେଡିରୁ ବହିଷ୍କାର ନେଇ କେବଳ ଗଣମାଧ୍ୟମରୁ ଶୁଣିବାକୁ ପାଇଛି। ଦଳ ତରଫରୁ ମୋତେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। ଦଳର ଗୋଟିଏ ସମ୍ବିଧାନ ଅଛି। ମୁଁ ଦଳରେ ଜଣେ ପୁରୁଖା ସଭ୍ୟ ଓ କାର୍ଯ୍ୟକାରିଣୀ କମିଟିର ନିର୍ବାଚିତ ସଦସ୍ୟ। କାର୍ଯ୍ୟକାରିଣୀ କମିଟିରେ କଥା ନ ପକାଇ ଓ ମୋତେ କୌଣସି କୈଫିୟତ ମଗା ନ ଯାଇ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଏପରି କି ଘଟଣା ସମ୍ପର୍କରେ ସଭାପତି ମୋତେ ଡାକି କିଛି ପଚାରି ନାହାନ୍ତି। ତେବେ ମୋତେ କିପରି ଦଳରୁ ବହିଷ୍କାର କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଖବରକାଗଜରୁ ଜାଣିବାକୁ ପାଇଲି ମୋତେ ଦଳରୁ ବହିଷ୍କାର କରାଯାଇଛି। କିଏ ଜଣେ ବିଜୟ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୋତେ ଦଳରୁ ବହିଷ୍କାର କରିଛନ୍ତି ବୋଲି ଜାଣିବାକୁ ପାଇଲି। ସିଏ କିଏ, କେବେହେଲେ ବୋଲି ଦାମ କହିଛନ୍ତି । ବିଜୟ ନାୟକ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇ ନାହାନ୍ତି। ସେ କେଉଁ ଆଧାରରେ ଜଣେ କାର୍ଯ୍ୟକାରୀ ସଦସ୍ୟଙ୍କୁ ବହିଷ୍କାର କରୁଛନ୍ତି। ଯିଏ ବୋଲି ସିଏ ଚିଠିରେ ଲେଖିଦେଲେ କ'ଣ ମୁଁ ଦଳରୁ ବହିଷ୍କୃତ ହୋଇଯିବି। ତେଣୁ ବିଜେଡିର ବିଧିବ୍ୟବସ୍ଥା ଅନୁସାରେ ମୋତେ ବହିଷ୍କାର କରାଯାଉ ବୋଲି ଦାମ କହିଛନ୍ତି। ସେ ପୁଣି କହିଛନ୍ତି, ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଦୁର୍ନୀତି ହୋଇଛି ବୋଲି ମନ୍ତ୍ରୀ ସ୍ୱୀକାର କରିଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସିକି ଉଡ଼ାଇଦେଇଥିଲେ। ଏହାକୁ ହାସ୍ୟାସ୍ପଦ ବୋଲି କହିଥିଲେ। ସରକାରଙ୍କ ସ୍ୱୀକୃତ ଦୁର୍ନୀତିକୁ ମୁଖ୍ୟମନ୍ତ୍ରୀ ହାସ୍ୟାସ୍ପଦ କହୁଛନ୍ତି। ଏଥିରୁ ଜଣାପଡ଼ୁଛି ମୁଖ୍ୟମନ୍ତ୍ରୀ ଦୁର୍ନୀତିକୁ ନୀତି କରିଦେଇଛନ୍ତି। ଆଉ ନୀତିକୁ ଦୁର୍ନୀତି କରୁଛନ୍ତି।

# ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ: ପ୍ରଧାନ ଶିକ୍ଷକ ନିଲମ୍ବିତ

ହେମଗିର, ୧୯।୯(ଡି.ଏନ.ଏ.)

ଗୁରୁକୁଳ ଶିକ୍ଷା ଠାରୁ ସରକାର ଆଉ ପାଦେ ଆଗକୁ ଯାଇ ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଥିଲେ । ଯେଉଁଥିରେ ଦଣ୍ଡମୁକ୍ତ, ନିଶାମୁକ୍ତ,ଭେଦଭାବ ଶୂନ୍ୟ ବିଦ୍ୟାଳୟର ଆରମ୍ଭ କରିଥିଲେ । ଯାହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ । କିନ୍ତୁ ସରକାରଙ୍କ ଏପରି ନିୟମ ସତ୍ତ୍ୱେ ମଧ କିଛିକାଂଶ ଶିକ୍ଷକ ନିୟମକୁ ବେଖାତିର କରି ଛାତ୍ରୀଛାତ୍ରଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରୁଛନ୍ତି । ଏପରି ଏକ ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କୋଡବାହାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ଗତ ସେପ୍ଟେମ୍ବର ୫ତାରିଖ ଗୁରୁଦିବସ ଅବସରରେ ସ୍କୁଲର ଛାତ୍ରୀଛାତ୍ର ଗାଁରେ ବୁଲି ଗୁରୁ ଦିବସ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ । ସେଥିରେ ସେମାନେ ଗାଁ ଲୋକଙ୍କଠାରୁ କିଛି ଟଙ୍କା ଓ ଚାଉଳ ସଂଗ୍ରହ କରିଥିଲେ । ସେହି ସଂଗୃହୀତ ଚାଉଳକୁ ନେଇ ଛାତ୍ରୀଛାତ୍ରମାନେ ସ୍କୁଲରେ ଭୋଜି କରି ଖାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ସ୍କୁଲ ଶିକ୍ଷକ ସେହିଦିନ ମଧ୍ୟାହ୍ନ ଭୋଜନ ନ ଦେଇ ମଧ ଦିଆଯାଇଛି କହି ଉଲ୍ଲେଖ କରିଛନ୍ତି । ଛାତ୍ରୀଛାତ୍ର ସେହି ପାଣ୍ଠିରେ ଚାଉଳ ରାନ୍ଧି ଖାଇଥିବା ଯୋଗୁ ଗତ ୧୮ତାରିଖ ପ୍ରଧାନଶିକ୍ଷକ ହିମାଂଶୁ ପଞ୍ଚଭାୟା ଛାତ୍ରୀଛାତ୍ରଙ୍କୁ ବାଡ଼ିରେ ନିସ୍ତୁକ ମାଡ ମାରିଥିଲେ। ଆଉ ସେହି କଥା କାହାରିକୁ ନ କହିବା ପାଇଁ ଭୟଭୀତ କରାଯାଇଥିଲା । ଏହି ସମୟରେ ଅନ୍ୟ ଦୁଇ ଶିକ୍ଷକ ଶ୍ରୀକାନ୍ତ ପ୍ରଧାନ ଓ ଗଙ୍ଗା ପଟେଲ ଉପସ୍ଥିତ ଥାଇ ମଧ ମାଡ ମାରୁଥିବା ପ୍ରଧାନଶିକ୍ଷକଙ୍କୁ ମନା କରିବା ବଦଳରେ ସମର୍ଥନ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୧୮ ତାରିଖ ସନ୍ଧ୍ୟା ସମୟରେ ମାଡ ଖାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ଜଣ ଛାତ୍ରୀଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହେମଗିର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣି ଏ ନେଇ ଥାନାରେ ମଧ ଜଣାଇଥିଲେ । ଖବରପାଇ ବ୍ଲକ ଶିକ୍ଷାଅଧିକାରୀ ସୁରେନ୍ଦ୍ର ସାହୁ ଓ ଏବିଇଓ ସହଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ସ୍କୁଲ କମିଟି ଉପସ୍ଥିତିରେ ତଦନ୍ତ କରିଥିଲେ । ଏ ନେଇ ବିଇଓ ସାହୁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି ଏବଂ ଉପସ୍ଥିତ ଥିବା ଦୁଇ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି ବୋଲି କହିଛନ୍ତି।


## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(A Govt. of Odisha Undertaking)
OFFICE OF DGM(EL) EHT (C) DIVISION, BERHAMPUR - 760007

**NOTICE INVITING TENDER**
**TENDER CALL NOTICE No.-03/2018-19**

Advt. No.03/2018-19 Date: 19.09.2018

Sealed tenders are invited from the registered service providers / contractors having valid GST registration, EPF & ESI registration, PAN for the work **"Annual maintenance contract for cleaning, sweeping, up-keeping and sanitation works of different offices with its surroundings under EHT(C) Division, Berhampur"**. Cost of tender paper (non-refundable) - Rs.4,000/- + 12% GST = Rs. 4,480/, EMD 1% of total estimated value (EMD = Rs.5,550.00). Sale of tender documents from **22.09.2018** to **01.10.2018**. Last date of submission of tender **11.00 AM** of **03.10.2018**. Date of opening of tender **03.00 PM** of **03.10.2018**.

For details please visit our website **www.optcl.co.in** or office in official hours. Corrigendum if any will be published in the office notice board only.

**Sd./- DGM (Elect.)**

## DISTRICT RURAL DEVELOPMENT AGENCY, BARGARH
**At/PO/District-Bargarh-768028, Odisha**
**Tel. No./Fax No: 06646234499,**
**email id: ori-dbargarh@nic.in, www.bargarh.nic.in**
**MGNREGA CELL**
**Letter No.XXIII-5/2017-2797 dated 18.09.2018**

**OFFICE ORDER**

Keeping in view of the G.O No. 13404/PR & DW Dtd. 19.07.2018 of Panchayati Raj and Drinking Water Department, Odisha and due to some un-avoidable reasons, the advertisement published vide this office letter no. 1117/DRDA, dtd. 20.04.18 for contractual engagement of 6 Nos. of vacant Post of Additional Programme Officers in various Blocks of Bargarh District and the process thereof is hereby cancelled.

**Sd./- Project Director, DRDA, Bargarh**

## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

F.No. J-11048(086)/2018-19/S&P Date: 18.09.2018

**TENDER CALL NOTICE**

The All India Institute of Medical Sciences (AIIMS) Bhubaneswar,Odisha, GOI, inviting tender for **"Selection of Service Agencies to Outsource Housekeeping Services at AIIMS, Bhubaneswar" in Two Bid System"**. The tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.edu.in.**The sealed Tender will be received through Speed post/Regd. post/Courier/by hand only on or before due date & time by office of the **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on same day at 3.00 p.m. in presence of the bidders or their authorised representatives in the chamber of the undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

| Subject | Description |
|---|---|
| Tender No | J-11048(086)/2018-19/S&P |
| Tender Issue and Publishing Date | 18-09-2018 |
| Pre-Bid Conference Date | 28-09-2018, 03.00 PM |
| Last Date & Time of Submission | 26-10-2018, 12.00 P.M |
| Tender Opening Date (Technical Bid) | 26-10-2018, 03.00 P.M |

Sd/-
Sr. Procurement-Cum Store Officer
AIIMS, Bhubaneswar

## ODISHA ADMINISTRATIVE TRIBUNAL
## BHUBANESWAR
Tel: 0674-2436154/2433165, E-mail: oatpbbbsr@gmail.com
www.oat.nic.in

**QUOTATION CALL NOTICE**

**No. 14-W:-** No. E(vi) 05/2018/**7892**/O.A.T. Dated.**18th September, 2018.** Sealed Quotations are hereby invited from the intending reputed authorized and Govt. approved Original Equipment Manufacturers (OEMs)/ Distributors/Regional Distributors/firms/agencies/service providers / dealers of Computer consumables items for supply of the following items for use in the office of OAT at Principal Bench, Bhubaneswar as well as Cuttack Bench, Cuttack.

1. Original Cartridge of P1108 model HP LaserJet Printer 50 nos. (Original HP 88A Tonner cartridge)
2. Original Cartridge of 1007model HP LaserJet Printer 50 nos. (Original HP 88A Tonner cartridge)
3. Original Cartridge of RICOH SP-6430 DN 02 nos.

The Quotationers must quote the price of the items and Goods and Service Tax if any thereon separately. They must furnish their up-to-date Goods and Service Tax clearance certificate/ authorization certificate while submitting their quotations.

The quotations should be accompanied with a brochure. The forwarding letter must be on the letter pad of the dealer/service provider and must mention the current rate. As required for the Central Payment Processing Centre (CePC) guided by the RBI vide Finance Department OM No.27444/ F dated.26.07.2012, it is mandatory to furnish the valid **GST number/O.S.T. registration number/ Beneficiary A/C No./ I.F.S. code, MICR Code of the nationalized Bank, Mobile number and Email ID.** The guarantee/warranty period shall be indicated in the quotation.

Terms of supply within 3 days from the date of receipt of the supply order failing which the entire supply order shall be rejected at the risk and responsibility of the supplier and he/she shall not be entitled for any compensation.

All the information as called for in the quotation call notice should be submitted truly, clearly legible, transparently, unambiguously and without the use of abbreviation.

All crucial figures, like rates and amount should be written in figures followed by words in bracket. Goods and Service Tax position should be clearly mentioned therein.

There should be no over writing in the quotation paper submitted or other papers submitted. All additions, alterations, deletions, cuttings, corrections etc. should be indicated and rubber stamped (or seal) by the same person who signs the quotation failing which the quotation may be rejected.

Submission of more than one competitive bid/quotation by the same firm in response to the quotation call notice is prohibited. All such bids/quotations except one will be cancelled at the discretion of the authority calling the quotations/bids.

The rates quoted shall be inclusive of all taxes, transportation and delivery charges of consumables, if any. The rate quoted should be valid for one year counted from the last date of submission of quotations/bids.

The quotations mentioning the rate of the aforementioned items along with Goods and Service Taxes, other Taxes, if any, and complying with any other Government instructions in this regard should be submitted in sealed cover to the undersigned **within 21 (Twenty one) days of the date of publication of this notice**, superscribing **"Quotation for supplying computer items i.e. Original cartridge for HP Printer of P1108/1007 model, and Original cartridge for RICOH SP-6430 DN"** on the cover.

The undersigned reserves the right to cancel any or all quotations without assigning any reason thereof.

*DEPUTY REGISTRAR*

18009/11/0001/1819

## ODISHA TOURISM DEVELOPMENT CORPORATION LIMITED
**(A GOVT. OF ODISHA UNDERTAKING)**
**PANTHANIVAS (OLD BLOCK), LEWIS ROAD, BHUBANESWAR-14**
E-mail : otdc@panthanivas.com, Tel. -(0674)- 2432477, Fax:- (0674)-2431053

Letter No.- 6053 Date: 17.09.2018

**NOTICE INVITATION FOR BIDS (NIFB)**
**e-Procurement Notice No. BP -III/13/2018-19 dt.17.09.2018**

1. Nature of Work : Construction & Finishing Works.
2. Total Nos. of Works : 03 (Three) Nos.
3. Tender cost of the works : From Rs. 48.25 to Rs. 324.68 lakhs.
4. Bid security : 1% of the amount put to tender.
5. Class of Contractor : "B" & "A" to "A" & "Special Class"
6. Period of Completion : 6 (Six) Months to 11 (Eleven) Months
7. Other details as follow

| Procurement Officer | Bid Identification No. | Availability of Bid online | | Payment Mode | Date & Time & Place of opening of Tender |
|---|---|---|---|---|---|
| Executive Engineer B.P. Divn. No.- III O.T.D.C. Ltd. | BP - III/13/2018-19 dt.17.09.2018 | From:- 25.09.2018 | To:- 09.10.2018 | Online | Dt.10.10.2018 at 11.30 A.M. in the office of the Executive Engineer, B.P. Divn. No.- III O.T.D.C. Ltd. |

Further details can be seen from the Government website: **www.etenderodisha.gov.in**.

No.CAD-849

**Sd./- Executive Engineer,**
**Building Project Division No. III,**
**O.T.D.C. Ltd, Bhubaneswar**

37002/11/0044/1819

## BHUBANESWAR MUNICIPAL CORPORATION
**No. 31113 COMPETITIVE BIDDING THROUGH e-Procurement Dt.18/09/18**

**NOTICE INVITING TENDER**
**Bid Reference No. BMC-EED-II/05 (EL)/2018-19,Dt.18.09.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference No. **(BMC-EED-II/05(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. Failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **07** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : Rs. 110635/- to Rs. 481473/-
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11 A.M on dt.20.09.2018 to 5 P.M on dt.29.09.2018** for online bidding.
7. Bids received online will be opened at **11 A.M** on **dt.04.10.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **07** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**
**Executive Engineer,BMC Division No.-II**

Progress Through Partnership for a Better Bhubaneswar



# କାହାକୁ ବାହାହେବେ ରିୟା

ଅଭିନେତ୍ରୀ ରିୟା କାହା ହାତ ଧରି ଘର ସଂସାର କରିବେ। ଏହାକୁ ନେଇ ସେ ଗୋଲକ ଧନ୍ଦାରେ ପଡିଯାଇଛନ୍ତି। ଏହାକୁ ନେଇ ସେ ଖୁସି ହେବେ କ'ଣ ତାଙ୍କର ଟେନସନ ବଢ଼ିଯାଇଛି। ଘଟଣା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବା ପୂର୍ବରୁ ଅସଲ କଥା ଜଣାଇ ଦେବା ଠିକ୍ ହେବ। ଏଭଳି କଥାର ରିୟାଙ୍କ ରିୟଲ ନୁହେଁ ରିଲ୍ ଲାଇଫ ସହ ସଂଯୋଗ ରହିଛି। ହଁ, ତାଙ୍କୁ ଏଭଳି ଏକ ଭୂମିକା ମିଳିଛି ନୂଆ ଓଡ଼ିଆ ସିନେମା 'ପ୍ରେମ ପାଇଁ ମହାଭାରତ'ରେ। ଜଣେ ସୁନ୍ଦରୀକୁ ବାହା ହେବାକୁ ୫-୬ ଜଣ ଚାତକ ପରି ଚାହିଁ ବସିଛନ୍ତି। କାରଣ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ତାକୁ ୫-୬ଜଣ ଉଦ୍ଧାର କରିଛନ୍ତି। ଧୀରେ ଧୀରେ ଜଣେ ଝିଅକୁ ସେମାନେ ବାହା ହେବାକୁ ମନସ୍ଥ କରିଛନ୍ତି। ତେବେ କିଏ ବାହା ହେବ ? ଏଭଳି ଘଟଣାର ସମାଧାନ ପାଇଁ ଯାହାକୁ ଧରି ଆଣିଛନ୍ତି ସେ ହେଉଛନ୍ତି ଉକ୍ତ ଯୁବତୀର ପ୍ରେମିକ। ବାସ୍, ତା'ପରେ ଘଟଣା କି ମୋଡ ନେଉଛି ତାହାକୁ ନେଇ ସିନେମାର କାହାଣୀ ଆଗେଇଛି। ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟଙ୍କ ପ୍ରଯୋଜନାରେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ନିରଞ୍ଜନ ବେହେରା। ରିୟା, ସମ୍ବିତ, ସମରେଶ, ପିଣ୍ଟୁ ନନ୍ଦ, ଶ୍ରୀତମ ଦାସ, ପୁପିନ୍ଦର, ବବି ମିଶ୍ର, ବିଜୁ ବଡଜେନା, ଗୁଣ୍ଟୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

ଅପେରା ହାଲ୍‌ଚାଲ୍



# ଷ୍ଟାଇଲିଶ୍ ସିଙ୍ଗରଙ୍କ ଅକୁହା କଥା

ଦିନେଶ

ଜଲିଉଡ୍‌ର ଷ୍ଟାଇଲିଶ୍ ସିଙ୍ଗର ଦିନେଶ। ତାଙ୍କର ଷ୍ଟାଇଲ୍ ଆଉ ସିଙ୍ଗିଙ୍ଗ ନିଆରା। ତେବେ ତାଙ୍କର ଯାତ୍ରାକୁ ଆସିବାର କାହାଣୀ ଯେତିକି ନାଟକୀୟ; ସେତିକି ରୋମାଞ୍ଚକର। ସେ ସେତେବେଳେ ହିନ୍ଦୁସ୍ତାନୀ କ୍ଲାସିକାଲ୍ ଶିଖୁଥାନ୍ତି। ଆଉ ଅର୍କେଷ୍ଟ୍ରାରେ ଗୀତ ଗାଉଥାନ୍ତି। ଦିନକର କଥା। ଯେନାପୁରରେ ଶୁଭଶ୍ରୀ ଗଣନାଟ୍ୟ ପଡ଼ିଥାଏ। ସେଠାରେ ତାଙ୍କର ଭିଣୋଇ ଅଚ୍ୟୁତବାବୁ ପରିଚାଳକ ଥା'ନ୍ତି। ମାତ୍ର ଗୋଟିଏ ରାତି ଯାତ୍ରା ସରିଥାଏ। କୌଣସି କାରଣ ପାଇଁ ପାର୍ଟିର ମୁଖ୍ୟ ଗାୟକ କୁଆଡ଼େ ଗାଏବ ହୋଇଗଲେ। ପାର୍ଟିରେ ଭାଳେଣି ପଡ଼ିଲା ଗୀତ ଗାଇବ କିଏ ? ଅଚ୍ୟୁତବାବୁ ପାର୍ଟିର ମାଲିକଙ୍କୁ କହିଲେ, 'ସେମାନେ କବାଟବନ୍ଧ (ଦିନେଶଙ୍କ ଗାଁ) ଯାଆନ୍ତୁ। ସେହି ଗାଁରେ ମୋର ଜଣେ ଶାଳକ ଅଛି - ଦିନେଶ। ତାକୁ ମୋ କଥା କହି ଡାକିଆଣିବେ।' ଦିନେଶ କିନ୍ତୁ ରାଜି ନ ଥିଲେ ଯାତ୍ରାକୁ ଆସିବା ପାଇଁ। କାରଣ ସେତେବେଳେ ସେ ମ୍ୟୁଜିକ୍ ଶିଖୁଥାନ୍ତି। ସେମାନେ କିନ୍ତୁ କିଛି ନ ଶୁଣି ତାଙ୍କ ବାପାଙ୍କ ହାତରେ ଗୋଟିଏ ରାତି ପାଇଁ ତିନିହଜାର ଟଙ୍କା ଧରେଇଦେଲେ। ବାସ୍, ତାଙ୍କ ବାପାଙ୍କ କଥାକୁ ଏଡାଇ ନ ପାରି ଦିନେଶ ପାଦ ଦେଲେ ଯାତ୍ରା ଦୁନିଆରେ। ଦିନେଶ ମେଲୋଡି କାମ ସିନା ଚଳେଇ ନେଲେ ହେଲେ ନାଟକର ଟାଇଟଲ୍, ସିକ୍ୱେନ୍ସ ପୁଣି ଡୁଏଟ୍ ଗାଇବେ କେମିତି। ପାର୍ଟିର ମାଲିକ କହିଲେ- ସେସବୁ ଆମେ ବୁଝିବୁ। ସେଠାରେ ଅନି ବୋଲି ଜଣେ ଲେଡି ସିଙ୍ଗର ତାଙ୍କୁ ଖୁବ୍ ସାହାଯ୍ୟକଲେ। ଠାକୁରଙ୍କୁ ମୁଣ୍ଡିଆମାରି ଦିନେଶ ପ୍ରଥମଥର କରି ଗାଇଲେ ନାଟକ ଗୀତ। ତା'ପରେ ତାଙ୍କୁ ଛାଡ଼େ କିଏ ? ସେଇ ଯେ ଅଛନ୍ତି। ଆଉ ଏବେ ତାରିଣୀ, ତୁଳସୀ, ପାର୍ବତୀ ଆଦି ବହୁ ନାଟ୍ୟାନୁଷ୍ଠାରେ ସଫଳତାର ଗୀତ ଗାଇ ଏବେ ଧଉଳିରେ ଅଛନ୍ତି। ସ୍ତ୍ରୀ ରୀତାଞ୍ଜଳିଙ୍କ ପ୍ରେରଣାକୁ ଜୀବନରେ ସବୁଠୁ ବେଶି ଗୁରୁତ୍ୱ ଦେଉଥିବା ଦିନେଶ କହନ୍ତି, ଗୀତ ଓ ବାଦ୍ୟଶିଳ୍ପୀଙ୍କୁ ଛାଡ଼ି ନାଟକ ନାହିଁ। ହେଲେ ପାର୍ଟିରେ ସେମାନେ ହିଁ ବେଶି ଅବହେଳିତ।

# ଗୋଟିଏ ସିନେମା, ଦୁଇଟି ଇଣ୍ଟରଭାଲ





ସାଧାରଣତଃ ଗୋଟିଏ ସିନେମାରେ ଗୋଟିଏ ହିଁ ଇଣ୍ଟରଭାଲ ଥାଏ। କାହାଣୀ ଏକ ନିର୍ଣ୍ଣାୟକ ମୋଡରେ ଗତି କରୁଥିବା ବେଳେ ହଠାତ୍ ପରଦା ଉପରେ ଲେଖି ହୋଇଯାଏ 'ଇଣ୍ଟରଭାଲ'। ସେହି ସ୍ୱଳ୍ପ ସମୟରେ ସିନେମା ଭିତରେ ପାଖାପାଖି ଦେଢ଼ ଘଣ୍ଟା ବୁଡି ରହିଥିବା ଦର୍ଶକ ମାଇଣ୍ଡ ଫ୍ରେଶ କରିଥାଆନ୍ତି। ହେଲେ ଏପରି ଏକ ହିନ୍ଦୀ ସିନେମା ଅଛି ଯେଉଁଥିରେ ଦୁଇଟି ଇଣ୍ଟରଭାଲ ଥିଲା। ବଲିଉଡ୍‌ର ଶୋ' ମ୍ୟାନ୍ ରାଜ କପୁରଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ତଥା ଅଭିନୀତ ସେହି ସିନେମାଟି ହେଲା 'ମେରା ନାମ ଜୋକର'। ୧୯୭୦ରେ ରିଲିଜ ହୋଇଥିବା ଏହି ଫିଲ୍ମର ଅବଧି ଥିଲା ୨୪୪ ମିନିଟ୍। ରାଜ କପୁରଙ୍କ ବ୍ୟତୀତ ଏଥିରେ ସିମି ଗେରେୱାଲ, ମନୋଜ କୁମାର, ଋଷି କପୁର, ଧର୍ମେନ୍ଦ୍ର, ଦାରା ସିଂ ଏବଂ ରାଜେନ୍ଦ୍ର କୁମାର ଅଭିନୟ କରିଥିଲେ। କେ.ଏ. ଆବାସ କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶଙ୍କର ଜୟକିଶନ।

# ମୌନ ଅବତାର

ଦୀପିକା ପାଦୁକୋନଙ୍କୁ ଏବେ ନୂଆ ଅବତାରରେ ଦେଖିବାକୁ ମିଳୁଛି। କାହା ସହ ଅଧିକ କଥାବାର୍ତ୍ତା କରୁନାହାନ୍ତି। କାହା ସହ କଥା ହେଲେ ମାପିଚୁପି କଥା ହେଉଛନ୍ତି। ହେଲେ ହଠାତ୍ ତାଙ୍କର ଏଭଳି ମୌନ ଅବତାର କାହିଁକି ? କଥା କ'ଣ କି ସେ କୁଆଡେ ସଫେଇ ଦେଇ ଦେଇ ହାଲିଆ ହୋଇଗଲେଣି। ରଣବୀର ସିଂଙ୍କୁ ସେ ପତି ଭାବରେ ଗ୍ରହଣ କରିବେ ଏବଂ ଏହି ହାଇପ୍ରୋଫାଇଲ ମ୍ୟାରେଜ ଇଟାଲୀର ଏକ ଦ୍ୱୀପରେ ହେବ-ଏକଥା ତ ସମସ୍ତେ ଜାଣନ୍ତି। ହେଲେ ସେହି ଶୁଭ ଦିନ କେବେ ? ଶୁଣିବାକୁ ମିଳୁଛି ଯେ ନଭେମ୍ବର ୨୦ରେ ବଲିଉଡ୍‌ର ଏହି ଏଲିଜିବ୍‌ଲ ବ୍ୟାଚେଲରଦ୍ୱୟ ସତସିକା ଘର ସଂସାର କରିବେ। ନିକଟରେ ମୁମ୍ବାଇସ୍ଥିତ ଏକ ମଲ୍‌କୁ ଦୀପିକା ଶପିଂ ପାଇଁ ଯାଇଥିଲେ। ସେଠାରେ ପ୍ରଶଂସକଙ୍କ ସହ ଭେଟ ହେବା ପରେ ସେ ଏମିତି ହଟହଟା ହେବାକୁ ପଡିବ ତାହା ଜାଣି ନ ଥିଲେ। ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ପର୍ବ ଶେଷ ହେବା ପରେ 'କେବେ ବିବାହ କରିବେ କୁହନ୍ତୁ' ବୋଲି ପ୍ରଶ୍ନ ଶୁଣି ଶୁଣି ସେ ବିରକ୍ତ ହୋଇଯାଇଥିଲେ। ହେଲେ ବେଶ୍ ଚତୁରତାର ସହ କହିଥିଲେ, 'ବ୍ୟସ୍ତ ହୁଅନ୍ତୁ ନାହିଁ, ଖୁବ୍ ଶୀଘ୍ର ଏ ବିଷୟରେ ଜାଣିପାରିବେ।' ଆଉ ତା'ପରେ କାଳ ବିଳମ୍ବ ନ କରି କାର୍ ଆଡକୁ ମୁହାଁଇଥିଲେ। ଆଉ ଏବେ କୌଣସି ପ୍ରଶ୍ନ ପଚାରିଲେ ସେ ପ୍ରାୟ ନୀରବ ରହୁଛନ୍ତି। ତେବେ ନିଜ ମ୍ୟାରେଜ ଡେଟ୍ ପ୍ରଶ୍ନକୁ ଆଭୋଏଡ୍ କରିବାକୁ ଦୀପିକାଙ୍କର ଏହା ନୂଆ ଚାଲ୍ ନୁହେଁ ତ !



ଦୀପିକା

# ଯେତିକି ଖୁସି ସେତିକି ଦୁଃଖୀ

ଅନୁଷ୍କା ଶର୍ମାଙ୍କ ମନ ଏବେ ଭଲ ନାହିଁ। ବଲିଉଡ୍‌ରେ ଏଣ୍ଟ୍ରି କଲେ। କେତୋଟି ସିନେମାରେ ଆକ୍ଟିଂ କରିବା ପରେ ନିଜେ ପ୍ରଯୋଜିକା ସିଟ୍‌ରେ ବସିଲେ। ପୁଣି ମନର ମଣିଷ ବିରାଟ କୋହଲିଙ୍କୁ ବିବାହ କଲେ। ତଥାପି ଏବେ ସେ ଯେତିକି ଖୁସି ସେତିକି ଦୁଃଖୀ। କାରଣ କ'ଣ ? ଅସଲ କଥା ହେଲା, ମ୍ୟାଡାମ ଯେଉଁ କାହାଣୀ ଚୟନ କରି ସିନେମା ପ୍ରସ୍ତୁତ କଲେ ତାହାକୁ ଦର୍ଶକ ଗ୍ରହଣ କଲେ ନାହିଁ। ରୋମାଣ୍ଟିକ ରୋଲ୍ ନ ହେଲା ନାହିଁ, ଭୂତୁଣୀ ସାଜି ଉଭା ହେଲେ। କିନ୍ତୁ ଫଳାଫଳ ଏକା। ଫିଲ୍ମଗୁଡିକୁ ଦର୍ଶକ ଏମିତି ପ୍ରତ୍ୟାଖ୍ୟାନ କଲେ ଯେ ସେ ଦୁଃଖକୁ ଭୁଲିବାକୁ ଚାହିଁଲେ ମଧ୍ୟ ସେ ଭୁଲି ପାରୁ ନାହାନ୍ତି। ସେ କହନ୍ତି, 'ଯାହା ଘଟିଗଲା ତାକୁ ଭାବିଲା ବେଳକୁ ମନ ତ ଦୁଃଖ ହେଉଛି। କ'ଣ କରିବା ? ଏଥର ଏପରି କାହାଣୀ ଖୋଜିବି ଯାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ।' ତେଣୁ ଦୈନନ୍ଦିନ କାମକୁ କାଣ୍ଟଛାଣ୍ଟ କରି ସେ କାହାଣୀ ଖୋଜିବାରେ ଲାଗିପଡିଛନ୍ତି। ଏଥର ଅନୁଷ୍କାଙ୍କର କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି ନା ପୁଣି ଥରେ ଫ୍ଲପ ମୁହଁ ଦେଖିବାକୁ ପଡୁଛି ତାହା ସମୟ କହିବ।

# ଟାଇଗର ଶ୍ରଫ

ଅଳ୍ପରେ

**ବଲଉଡ୍‌ର 'ଲଙ୍ଗ୍ ରେସ୍‌ର ଘୋଡା' ଭାବରେ ତାଙ୍କୁ ବିବେଚନା କରାଯାଏ। ହିନ୍ଦୀ ସିନେମାରେ କ୍ୟାରିୟର ଆରମ୍ଭ କରୁ କରୁ ସେ ଦର୍ଶକଙ୍କ ମନ ଜିଣିବାରେ ସମର୍ଥ ହୋଇଛନ୍ତି। ପ୍ରଥମ ସିନେମା 'ହେରୋପନ୍ତୀ' ବ୍ୟତୀତ ୧୦୦କୋଟି କ୍ଲବରେ ସାମିଲ ହୋଇଥିବା 'ବାଗୀ', 'ଏ ଫ୍ଲାଇଙ୍ଗ ଜ୍ୟାଟ୍', 'ବାଗୀ-୨'କୁ ତାଙ୍କ ଅଭିନୟ ଦକ୍ଷତାର ମାପକାଠି ଭାବରେ ନିଆଯାଇପାରେ। ସେ ହେଲେ ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫଙ୍କ ସୁପୁତ୍ର ଟାଇଗର।**

- ଟାଇଗର ୧୯୯୦ ମାର୍ଚ୍ଚ ୨ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ।
- ତାଙ୍କର ପ୍ରକୃତ ନାମ ହେଲା ଜୟ ହେମନ୍ତ ଶ୍ରଫ।
- ୨୦୧୪ରେ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ସାଜିଦ ନାଦିୱାଦୱାଲା ତାଙ୍କୁ 'ହେରୋପନ୍ତୀ'ର ନାୟକ ଭାବରେ ବ୍ରେକ୍ ଦେଇଥିଲେ ଏବଂ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଏହି ଫିଲ୍ମ ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର (ବେଷ୍ଟ ମେଲ୍ ଡେବ୍ୟୁ) ମିଳିଥିଲା।
- ଟାଇଗର କେବଳ ଜଣେ ଅଭିନେତା ନୁହନ୍ତି ସେ ଏକାଧାରରେ ମାର୍ଶଲ ଆର୍ଟ, ଜିମ୍‌ନାଷ୍ଟିକ ଏବଂ ଡ୍ୟାନ୍ସରେ ପାରଙ୍ଗମ।
- 'ଧୁମ-୩' ସମୟରେ ସେ ଆମିର ଖାଁଙ୍କ ଫିଜିକ୍ ଗଠନରେ ସାହାଯ୍ୟ କରିଥିଲେ।
- 'ହେରୋପନ୍ତୀ'ର ଶୁଟିଂ ପୂର୍ବରୁ ଟାଇଗର ତିନିବର୍ଷ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଜିମ୍‌ନାଷ୍ଟିକ୍ ପ୍ରଶିକ୍ଷକ ଜିଲ୍ଲେମୱାନୀଙ୍କ ଅଧୀନରେ ଜିମ୍‌ନାଷ୍ଟିକ ଅଭ୍ୟାସ କରିଥିଲେ।
- ଟାଇଗର କୌଣସି ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ।
- ଟାଏକୋଣ୍ଡୋରେ ସେ ବ୍ଲାକବେଲ୍ଟ ହାସଲ କରିଛନ୍ତି।
- ପ୍ରଥମେ ଟାଇଗର ଡ୍ୟାନ୍ସ ପ୍ରତି ଆକର୍ଷିତ ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ମାର୍ଶଲ ଆର୍ଟ ଶିଖିଥିଲେ।





# ଆଶାରେ ଏଲସା

ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ। କେବଳ ଓଡିଆ ନୁହେଁ, ଛତିଶଗଡି, ତେଲୁଗୁ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଛି। ଓଡ଼ିଆ ଚଳଚ୍ଚିତ୍ର 'ଦିପୁ : ଦି ଡ୍ୟାନ୍ସିଙ୍ଗ ବୟ'ରେ। ତା'ପରେ ଛତିଶଗଡି ଫିଲ୍ମ 'ମାୟାରୁ ଗଙ୍ଗା'ରେ ନିଜ ଅଭିନୟ ଦକ୍ଷତାର ପ୍ରମାଣ ଦେଇଥିଲେ ଏହି ଅଭିନେତ୍ରୀ। ଏହା ପରେ ଓଡିଆ ସିନେମା 'ଭୈରବ'ରେ ପପୁ ପମ୍‌ପମ୍‌ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଏସ. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ତୁ ମୋ ସୁନା ଚଢ଼େଇ'ର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଏଲସା। ଆଉ ଏଥିରେ ସେ ଜ୍ୟୋତି ନାୟକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏଲସା। ଜ୍ୟୋତି-ଏଲସାଙ୍କ ବ୍ୟତୀତ ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେଉଛନ୍ତି ରାଇମୋହନ (ଅଘୋରି) ଏବଂ ଅପେରା ଜଗତର ନାମୀ ଖଳନାୟକ ଦଇତାରି ପଣ୍ଡା। 'ସମାଜର ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ଫିଲ୍ମଟି ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ବୈଦ୍ୟନାଥ ଦାଶଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ। ଏହା ବ୍ୟତୀତ ଦୁଇଟି ତେଲୁଗୁ ଫିଲ୍ମ 'ଆଶାଦମ୍ଭ' ଏବଂ 'କ୍ରିଷ୍ଣା ରାଓ ସୁପରମାର୍କେଟ'ରେ ଦେଖିବାକୁ ମିଳିଛି ଏଲସାଙ୍କୁ।

## ସଂକ୍ଷେପରେ

### ୬୧ ପଇସା ସମୃଦ୍ଧ ହେଲା ଭାରତୀୟ ମୁଦ୍ରା



**ମୁମ୍ବାଇ, ୧୯-୯(ପି.ଟି.):** ଦୀର୍ଘ ଦେଢ଼ବର୍ଷ ପରେ ପ୍ରଥମ ଥର ପାଇଁ ଗୋଟିଏ ଦିନରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୬୧ ପଇସା ସମୃଦ୍ଧ ହୋଇଛି। ଫଳରେ ମଙ୍ଗଳବାର ଏକ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୨ ଟଙ୍କା ୯୮ ପଇସା ଥିବାବେଳେ ବୁଧବାର ଏହା ୭୨ ଟଙ୍କା ୩୭ ପଇସା ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ହ୍ରାସ ପାଇବାରୁ ମୁଦ୍ରା ମୂଲ୍ୟରେ ବୃଦ୍ଧି ଘଟିଛି। ସୂଚନା ଅନୁସାରେ ଡଲାର ତୁଳନାରେ ମୁଦ୍ରାର ମୂଲ୍ୟ ଦୀର୍ଘ ଦେଢବର୍ଷ ପରେ ଗୋଟିଏ ଦିନରେ ୦.୮୪% ବୃଦ୍ଧି ପାଇଛି। ସେହିପରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସୂଚକାଙ୍କ ସେନସେକ୍ସରେ ୧୬୯ ପଏଣ୍ଟ୍ ହ୍ରାସ ଘଟି କାରବାର ଶେଷରେ ୩୭,୧୨୧.୨୨ ପଏଣ୍ଟ୍‌ରେ ବନ୍ଦ ହୋଇଛି। ଦିଲ୍ଲୀ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସୂଚକାଙ୍କ ନିଫ୍ଟିରେ ୪୪.୫୫ ପଏଣ୍ଟ୍ ହ୍ରାସ ଘଟି ଏହା ୧୧,୨୩୪.୩୫ ପଏଣ୍ଟ୍‌ରେ ବନ୍ଦ ହୋଇଛି।

### ପିଏନ୍‌ବି ଦୁର୍ନୀତି
### ଦେଶର ସବୁଠୁ ବଡ଼ ଆଇନ ପରାମର୍ଶଦାତା କମ୍ପାନୀ ଉପରେ ସିବିଆଇ ନଜର



**ନୂଆଦିଲ୍ଲୀ,୧୯-୯:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଦୁର୍ନୀତି ମାମଲାରେ ସମ୍ପୃକ୍ତି ଥିବା ନେଇ ଦେଶର ସର୍ବବୃହତ୍ ଆଇନ ପରାମର୍ଶଦାତା କମ୍ପାନୀ ସିରିଲ ଅମରଚାନ୍ଦ ମଙ୍ଗଲଦାସ ଉପରେ ଏବେ ସିବିଆଇର ନଜର ପଡିଛି। ଚଳିତ ବର୍ଷ ଫେବୃୟାରୀରେ ଏହି କମ୍ପାନୀରେ ସିବିଆଇ ଚଢ଼ାଉ କରିଥିଲା। ସେଠାରୁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପିଏନ୍‌ବି ଋଣ ଦୁର୍ନୀତି ସଂକ୍ରାନ୍ତୀୟ ବହୁ ଆପତ୍ତିଜନକ କାଗଜପତ୍ର ଉଦ୍ଧାର କରିଥିଲା। ଉକ୍ତ ଦୁର୍ନୀତି ମାମଲାରେ ଏଜେନ୍ସି ଏବେ ସିରିଲ ଅମରଚାନ୍ଦର ଭୂମିକା ସମ୍ପର୍କରେ ଯାଞ୍ଚ କରୁଛି ବୋଲି ମାମଲା ପରିଚାଳନା କରୁଥିବା ଜଣେ ଓକିଲ କେ.ରାଘବଆଚାର୍ଯ୍ୟୁଲୁ କହିଛନ୍ତି। ସେ କହିଛନ୍ତି ଯେ, ଉକ୍ତ ଆଇନ କମ୍ପାନୀ ନୀରବ ମୋଦିଙ୍କ ବ୍ୟକ୍ତିଗତ ମାମଲା ପରିଚାଳନା କରୁଥିଲା। ତେବେ ଏହା ନିକଟରୁ ପିଏନ୍‌ବି ଋଣ ସଂକ୍ରାନ୍ତୀୟ କାଗଜପତ୍ର ମିଳିବା ଯାଞ୍ଚ ଏଜେନ୍ସିକୁ ଚକିତ କରିଛି। ଏସମ୍ପର୍କରେ କମ୍ପାନୀ ମୁଖପାତ୍ର ମଧୁମିତା ପଲ୍ କହିଛନ୍ତି ଯେ, ଅଦାଲତରେ ମାମଲା ଚାଲିଥିବାରୁ କିଛି କହିପାରିବେ ନାହିଁ। ତେବେ ତାଙ୍କ କମ୍ପାନୀ ଆଇନକୁ କଡାକଡି ପାଳନ କରିଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ନୀରବ ମୋଦିଙ୍କ ବିରୋଧରେ ଆଗତ ଚାର୍ଜସିଟ୍‌ରେ ଉକ୍ତ କମ୍ପାନୀଙ୍କୁ ପକ୍ଷଭୁକ୍ତ କରାଯାଇନି।

---

> ବିଓବି, ଦେନା, ବିଜୟା ବ୍ୟାଙ୍କ ମିଶ୍ରଣ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଦ୍ୱାରା ବ୍ୟାଙ୍କଗୁଡ଼ିକର ପରିଚାଳନା ଦକ୍ଷତା ବୃଦ୍ଧି ହେବ।
> – କ୍ରିଷ୍ଣନ ସୀତାରମଣ, ବରିଷ୍ଠ ନିର୍ଦ୍ଦେଶକ, କ୍ରିସିଲ ରେଟିଂ



> ସାର୍କ ରାଷ୍ଟ୍ର ସମୂହକୁ ଆପ୍ଲାଏନ୍ସ ରପ୍ତାନୀ ଲାଗି ଭାରତ ବଜାର ଗୁରୁତ୍ୱପୂର୍ଣ୍ଣ। ଏଠାରୁ ୧୦୦ କୋଟି ଟଙ୍କାର ରପ୍ତାନୀ ନେଇ ଯୋଜନା ଧାର୍ଯ୍ୟ ହୋଇଛି।
> – ହିଦେନୋରୀ ଆସୋ, ପାନାସୋନିକ ଆପ୍ଲାଏନ୍ସ ଇଣ୍ଡିଆ ଏମ୍‌ଡି



# ଜାତୀୟ ରାଜପଥ ନିର୍ମାଣରେ ବାଧକ ଏନ୍‌ପିଏ

ନୂଆଦିଲ୍ଲୀ,୧୯-୯

- ବ୍ୟାଙ୍କଗୁଡ଼ିକ ଋଣ ଦେଉନାହାନ୍ତି
- ଅର୍ଥ ଅଭାବରୁ କଣ୍ଟ୍ରାକ୍ଟର ନିର୍ମାଣ କରିପାରୁନି ସଡ଼କ
- ୨୦୨୨ ସୁଦ୍ଧା ୮୪ ହଜାର କିମି ରାସ୍ତା ନିର୍ମାଣ ଲଟକିପାରେ

ବଡ଼ ବଡ଼ କମ୍ପାନୀ ଋଣ ନେଇ ଆଉ ପରିଶୋଧ କଲେ ନାହିଁ। ଫଳରେ ଏହା ଅନାଦାୟ ଋଣ(ଏନ୍‌ପିଏ) ହେଲା। କେନ୍ଦ୍ର ସରକାର ଜାତୀୟ ରାଜପଥ ନିର୍ମାଣକୁ ଦ୍ରୁତଗତିରେ ଆଗେଇ ନେଉଥିବା ବେଳେ ଏବେ ଏହି ଏନ୍‌ପିଏ ଏଥିରେ ବାଧକ ସାଜିଛି। ଏକଥା ଆଉ କେହି ନୁହେଁ କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ନିର୍ମାଣ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତୀନ ଗଡ଼କରୀ ପ୍ରକାଶ କରିଛନ୍ତି।

ବ୍ଲୁମବର୍ଗ ଇକୋନୋମିକ୍ ଫୋରମରେ ଯୋଗ ଦେଇ ଗଡ଼କରୀ କହିଛନ୍ତି ଯେ, ଏବେ ବ୍ୟାଙ୍କଗୁଡିକ ଦେଶର ଢ଼ାଞ୍ଚାଗତ ପ୍ରକଳ୍ପ ନିର୍ମାଣ ଗତିକୁ ଧିମା କରିବା ଆରମ୍ଭ କଲେଣି। ସେ କହିଛନ୍ତି, ସଡ଼କ ନିର୍ମାଣ ଲାଗି ଠିକାଦାରଙ୍କୁ ବ୍ୟାଙ୍କ ଋଣ ଦେଉନି। ଏଥିପାଇଁ ସେମାନେ ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ଦେଉ ନାହାନ୍ତି। ଫଳରେ ୨୦୨୨ ସୁଦ୍ଧା ଦେଶରେ ୮୪ ହଜାର କିମି ସଡ଼କ ନିର୍ମାଣ ଲାଗି କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ଅଧୁରା ରହିଯିବ ବୋଲି ଗଡ଼କରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବ୍ୟାଙ୍କଗୁଡିକ ଋଣ ପ୍ରଦାନ ବେଳେ ଏବେ ମାପିଚୁପି ନିଷ୍ପତ୍ତି ନେଉଛନ୍ତି। ଉଦ୍ୟୋଗ, ନିବେଶ, ଠିକାକାର୍ଯ୍ୟ, ରୋଜଗାର ସୃଷ୍ଟି ଓ ସର୍ବୋପରି ଅର୍ଥନୀତି ପାଇଁ ବ୍ୟାଙ୍କଗୁଡିକରୁ ସକାରାତ୍ମକ ସମର୍ଥନ ମିଳିବା ଦରକାର। ବ୍ୟାଙ୍କଗୁଡିକରୁ ସହାୟତା ମିଳୁଛି ସତ, କିନ୍ତୁ ଅତ୍ୟନ୍ତ ଧିମା ଗତିରେ ଏହା ଚାଲିଛି। ସେ କହିଛନ୍ତି, ଜାତୀୟ ରାଜପଥର ଆଧୁନିକୀକରଣ ଲାଗି ବହୁ ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ରହିଛି। କିନ୍ତୁ ଏନ୍‌ପିଏ ବୃଦ୍ଧି ଯୋଗୁ ବ୍ୟାଙ୍କଗୁଡିକ ଏବେ ଅଧିକ ସତର୍କ ହୋଇଗଲେଣି। ଋଣ ଦେବା ବେଳେ ସେମାନେ ଏବେ ଟାଳଟୁଳ ନୀତି ଆପଣାଇଲେଣି। ଉଲ୍ଲେଖଥାଉ କି, ଗତ ମେ'ରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଥିଲେ ଯେ, ଋଣ ପ୍ରଦାନ କରିବା ଲାଗି ଏବେ ବ୍ୟାଙ୍କ ଅଧିକାରୀ ପଛାଉଛନ୍ତି। କାରଣ ନିଷ୍ପତ୍ତି ଭୁଲ୍ ହୋଇଗଲେ ଏଥିପାଇଁ ଯାଞ୍ଚର ସମ୍ମୁଖୀନ ହେବାକୁ ପଡିବ ବୋଲି ସେମାନେ ମନେ କରୁଛନ୍ତି। ଏଭଳି ବହୁ ନଜିର ରହିଛି। ଗଡ଼କରୀ କହିଛନ୍ତି ଯେ, ଜାତୀୟ ରାଜପଥ ପ୍ରାଧିକରଣ ଗତ ମାସରେ ଏସ୍‌ବିଆଇ ଠାରୁ ୨୫ ହଜାର କୋଟି ଟଙ୍କା ଋଣ ନେଇଛି। ଏହି ଋଣ ଯେ ସୁରକ୍ଷିତ ଏହା ସମ୍ପୃକ୍ତ ବ୍ୟାଙ୍କ ଜାଣିପାରୁନି।

# ବଜାରରେ ଓଜି ହେଭିଡ୍ୟୁଟିର ୱାଟର ଡିସ୍‌ପେନ୍ସର




ଭୁବନେଶ୍ୱର,୧୯-୯

ପ୍ରମୁଖ କମ୍ପାନୀ ଓଜି ହେଭି ଡ୍ୟୁଟି ପକ୍ଷରୁ ନୂଆ ୱାଟର ଡିସ୍‌ପେନ୍ସରର ବଜାର ପ୍ରବେଶ ହୋଇଛି। ସ୍ଥାନୀୟ ଏକ ହୋଟେଲରେ କମ୍ପାନୀର ନିର୍ଦ୍ଦେଶକ ବୈଭବ ଜୈନ, ଅଗୋସ ଜୈନ, ସଞ୍ଜୟ ଗୋଏଲ, ଜାତୀୟ ସେଲସ ମୁଖ୍ୟ ଏସ୍.ପି ସିଂ ଓ ଶାଖା ମୁଖ୍ୟ ବାବି କର ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ପୂଜା ସ୍କିମ୍ 'ତ୍ୟୋହାର କା ଉପହାର' ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ କମ୍ପାନୀ ପ୍ରତି ପ୍ରଡକ୍ଟ ଉପରେ ଉପହାର ପ୍ରଦାନ କରୁଛି। ୨୦ ଇଞ୍ଚର ଏଲ୍‌ଇଡି କ୍ରୟ ଉପରେ ୧ ହଜାର ଟଙ୍କା ମୂଲ୍ୟର କଡାଇ, ୩୨ ଇଞ୍ଚ ଏଲ୍‌ଇଡିରେ ୩ ଲିଟରର ପ୍ରେସରକୁକର ଏବଂ ୪୨ ଇଞ୍ଚରୁ ଅଧିକ ସାଇଜ୍‌ର ଏଲ୍‌ଇଡି କିଣିଲେ ୨,୫୦୦ ଟଙ୍କା ମୂଲ୍ୟର କୁକ୍‌ୱେର ଉପହାର ଭାବେ ପ୍ରଦାନ କରୁଛି। ଏହା ସହ କମ୍ପାନୀ ଅତିରିକ୍ତ ୱାରେଣ୍ଟି ପ୍ରଦାନ କରୁଛି। ୩୨ ଇଞ୍ଚରୁ ଅଧିକ ସାଇଜ୍ ବିଶିଷ୍ଟ ଟିଭି ଉପରେ ୪୨ ମାସ ଏବଂ ୩୨ ଇଞ୍ଚରୁ ନିମ୍ନ ସାଇଜର ଟିଭିରେ ୨ ବର୍ଷର ୱାରେଣ୍ଟି ଦିଆଯାଉଛି। ଏହାର ବିଭିନ୍ନ ପ୍ରଡକ୍ଟ ଶୃଙ୍ଖଳା ଦେଶରେ ୫୦୦୦ରୁ ଅଧିକ ରିଟେଲ କାଉଣ୍ଟରରେ ଉପଲବ୍ଧ। ସେହିଭଳି ରାଜ୍ୟରେ ୬୦୦ ରିଟେଲ ଆଉଟଲେଟରରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି। କମ୍ପାନୀ ଫ୍ୟୁଚର ତଥା ସ୍ମାର୍ଟ ପ୍ରଡକ୍ଟ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛି। ଆଗାମୀ ଦିନରେ ପରବର୍ତ୍ତି ପିଢିର ୧ଟିବି କ୍ଷମତା ବିଶିଷ୍ଟ ଟିଭି ଏବଂ ଆଣ୍ଡ୍ରଏଡ ୭.୧ ବୈଶିଷ୍ଟ୍ୟ ଆଣିବା ଦିଗରେ ଏହା କାର୍ଯ୍ୟରତ। ଓଡିଶାରେ ଚଳିତ ବର୍ଷ ୫୦ କୋଟି ଏବଂ ଆସନ୍ତା ବର୍ଷ ୧୦୦ କୋଟି କାରବାର ଲକ୍ଷ୍ୟ ରଖିଛି। ମାର୍ଚ୍ଚ ୨୦୧୮ ଠାରୁ ଓଡିଶାରେ କମ୍ପାନୀ ଏହାର ବ୍ୟବସାୟ ବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ନେଉଛି। ବଜାରକୁ ଆସିଥିବା ଏହାର ନୂଆ ୱାଟର ଡିସପେନ୍ସରର ବଜାର ଦର ୭,୫୦୦ ଟଙ୍କାରୁ ଆରମ୍ଭ। କମ୍ପାନୀ ୨୦ରୁ ୬୫ ଇଞ୍ଚ ବର୍ଗରେ ଟିଭି ଆଣିଛି। ଏଗୁଡିକର ମୂଲ୍ୟ ୧୭ ହଜାରରୁ ଆରମ୍ଭ ହେଉଛି। ଏଲ୍‌ଇଡି ଟିଭି ବର୍ଗରେ ୧୭ଟି ମଡେଲ ବଜାରକୁ ଆସିଛି। ସେହିଭଳି ବିଭିନ୍ନ ସେଗମେଣ୍ଟରେ ଏସି କମ୍ପାନୀ ବଜାରକୁ ଆଣିଛି। ଏହା ଉତ୍ତରାଖଣ୍ଡର ଡେରାଡୁନଠାରେ ମାନୁଫାକଚରିଂ ୟୁନିଟ ସ୍ଥାପନା କରିଥିବା ସୂଚନା ଦେଇଛି।

# ଏକାଧିକ ନୂଆ ଉତ୍ପାଦ ଆଣିଲା ବଟରଫ୍ଲାଏ

ଭୁବନେଶ୍ୱର,୧୯-୯(ବ୍ୟୁରୋ)




ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ କିଚେନ ଏବଂ ହୋମ୍ ଆପ୍ଲିଆନ୍ସସେସ୍ ବ୍ରାଣ୍ଡ 'ବଟରଫ୍ଲାଏ' ଏହାର ବିଭିନ୍ନ ସେଗ୍‌ମେଣ୍ଟରେ ବ୍ୟାପକ ଉତ୍ପାଦ ବଜାର ପ୍ରବେଶ କରାଇଛି। ମିକ୍ସର ଗ୍ରାଇଣ୍ଡର, ଏଲ୍‌ପିଜି ଷ୍ଟୋଭସ୍ ଏବଂ ଟେବୁଲ ଟପ୍ ୱେଟ ଗ୍ରାଇଣ୍ଡର୍ସ କ୍ଷେତ୍ରରେ ନିଜକୁ ମାର୍କେଟ୍ ଲିଡର ଭାବେ ଦାବି କରୁଥିବା ଏହି କମ୍ପାନୀ ନୂଆ ଜେନେରେଶନର ଇଲେକ୍ଟ୍ରିକ୍ ଚିମ୍‌ନିରେ ୫ଟି ମଡେଲ୍ ବଜାରକୁ ଆଣିଛି। ଦୁଇଟି ମଡେଲ୍‌ରେ ନୂଆ ମିକ୍ସର ଗ୍ରାଇଣ୍ଡର ଏବଂ ଇଲେକ୍ଟ୍ରିକ୍ ରାଇସ୍ କୁକର ବଜାର ପ୍ରବେଶ କରିଛି। ସେହିପରି ପ୍ରଥମଥର ପାଇଁ ଫୁଲ୍ ରେଞ୍ଜରେ ଫ୍ଲାସ୍କ ମଧ୍ୟ ଆସିଛି ବୋଲି କମ୍ପାନୀର ସେଣ୍ଟ୍ରାଲ ଜୋନ୍ ଡିଜିଏମ୍ ଅରୁଣ ସାହୁ ପ୍ରକାଶ କରିଛନ୍ତି।

ଏଠାରେ କମ୍ପାନୀ ପକ୍ଷରୁ ଆୟୋଜିତ ଡିଲର୍ସ ମିଟ୍-୨୦୧୮ରେ ଶତାଧିକ ବିକ୍ରେତା ଏବଂ ଏହାର ଡିଲର୍ସ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଟ୍ରେଡ୍ ମାର୍କେଟିଂ ମ୍ୟାନେଜର ସେନ୍ଥିଲ୍ ଭାସନ ଅତିଥିଭାବେ ଯୋଗଦେଇ ନୂତନ ଉତ୍ପାଦର ଗୁଣବତ୍ତା ସମ୍ପର୍କରେ ଡିଲରମାନଙ୍କୁ ଅବଗତ କରାଇଥିଲେ। ପାର୍ବଣ ଅବସରରେ ମିକ୍ସର ଗ୍ରାଇଣ୍ଡର, ଇଲେକ୍ଟ୍ରିକ୍ ଚିମ୍‌ନି, ଏଲ୍‌ପିଜି ଗ୍ଲାସ ଷ୍ଟୋଭ୍, ଏଲ୍‌ପିଜି ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ରୟରେ ଅଫର ସାଙ୍ଗକୁ ନିର୍ଦ୍ଦିଷ୍ଟ ରେଞ୍ଜ୍‌ର ଉତ୍ପାଦରେ ୨୫% ପର୍ଯ୍ୟନ୍ତ ରିହାତି ମଧ୍ୟ ଘୋଷଣା କରାଯାଇଛି। ସୂଚନା ଅନୁସାରେ ବଟରଫ୍ଲାଏର ଚେନ୍ନାଇରେ ଦୁଇଟି ମାନୁଫାକ୍ଚରିଂ ୟୁନିଟ ରହିଛି। ବର୍ତ୍ତମାନ ଦେଶରେ ବର୍ଷକୁ ବର୍ଷ ହାରାହାରି ୩୩% ଅଭିବୃଦ୍ଧି ହାସଲ କରୁଥିବା ବେଳେ ଓଡିଶାରେ ୨୦୧୩ରେ ପ୍ରବେଶ କରିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଏଠାରେ କମ୍ପାନୀ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର କାରବାର କରିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏଥିରେ ୩୦ ରୁ ୩୫% ଅଭିବୃଦ୍ଧି ଲକ୍ଷ୍ୟ ରଖିଛି ବୋଲି ସାହୁ କହିଛନ୍ତି। ସାରା ଦେଶରେ ୫୦୦ରୁ ଊର୍ଦ୍ଧ୍ୱ ଏକ୍ସକ୍ଲୁସିଭ୍ ଡିଷ୍ଟ୍ରିବ୍ୟୁଟର ରହିଥିବା ବେଳେ ଓଡିଶାରେ ୫୦୦ରୁ ଅଧିକ ରିଟେଲ୍ ଆଉଟ୍‌ଲେଟ୍ ଏବଂ ୧୫ ଜଣ ଡିଷ୍ଟ୍ରିବ୍ୟୁଟରଙ୍କ ଦ୍ୱାରା ନିଜକୁ ସକ୍ରିୟ ରଖିଛି। ବିକ୍ରି ପରବର୍ତ୍ତୀ ସେବା ପାଇଁ ପ୍ରତି ଜିଲାରେ ଏହାର ଟେକ୍ନିସିଆନ୍ ଏକ୍ସପର୍ଟ ମଧ୍ୟ ରହିଛନ୍ତି ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

# କଟକରେ କ୍ରକୋଡାଇଲର ନୂଆ ଶୋ'ରୁମ

କଟକ,୧୯-୯




ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କ୍ରକୋଡାଇଲ ପକ୍ଷରୁ କଟକର ବଜ୍ରକବାଟି ରୋଡ଼ଠାରେ ବୁଧବାର ପୂର୍ବାହ୍ନରେ ନୂଆ ଶୋ'ରୁମ ଉଦ୍‌ଘାଟିତ ହୋଇଛି। ଏହାକୁ କମ୍ପାନୀର ଏରିଆ ସେଲସ୍ ମ୍ୟାନେଜର ଶୋଭନ ମିଶ୍ର ଉନ୍ମୋଚନ କରିଥିଲେ। ରାଜ୍ୟରେ କ୍ରକୋଡାଇଲର ଏହା ତୃତୀୟ ଫ୍ରାଞ୍ଚାଇଜ୍ ଷ୍ଟୋର ବୋଲି ମିଶ୍ର ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଉକ୍ତ ବ୍ରାଣ୍ଡ ଏବେ ଯୁବବର୍ଗଙ୍କ ଦ୍ୱାରା ବେଶ ଆଦୃତି ଲାଭ କରିଛି। ଷ୍ଟୋରରେ କ୍ରକୋଡାଇଲର ଟି-ଶାର୍ଟ, ଟ୍ରାଉଜର, ଡେନିକ୍ସ, ଶୀତକାଳୀନ ପୋଷାକ, ପୁରୁଷଙ୍କ ପାଇଁ ରନର୍‌ୱେର, ଉପଲବ୍ଧ। ରାଜ୍ୟର ପଶ୍ଚିମାଞ୍ଚଳ ଏବଂ ଦକ୍ଷିଣାଞ୍ଚଳରେ ନୂଆ ଶୋ'ରୁମ ଖୋଲିବାକୁ କ୍ରକୋଡାଇଲ୍ ଯୋଜନା ରଖିଛି। ନିକଟରେ କମ୍ପାନୀ ବାଲେଶ୍ୱର ଏବଂ ଯାଜପୁର ରୋଡରେ ନୂଆ ଷ୍ଟୋର ଖୋଲିଛି। ଏହି ଅବସରରେ ୨୯୯୯ ଟଙ୍କା ଏବଂ ୪୯୯୯ ଟଙ୍କାର କ୍ରୟ ଉପରେ ଆକର୍ଷଣୀୟ ଉପହାର ମିଳିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ଶୋ'ରୁମର ଫ୍ରାଞ୍ଚାଇଜ୍ ଦେବାଶିଷ ସାହୁ, କବିରାଜ ସାହୁ, କମ୍ପାନୀର ବିଜନେସ ଡେଭଲପମେଣ୍ଟ ମ୍ୟାନେଜର ପ୍ରକାଶ କାଞ୍ଚନ ଉପସ୍ଥିତ ଥିଲେ।

# ୨୫ରେ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଜେଟ୍‌ଲୀ

ନୂଆଦିଲ୍ଲୀ,୧୯-୯

କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆସନ୍ତା ୨୫ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିବେ। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ପତ୍ର ଲେଖାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଶକ୍ତିଶାଳୀ ପିଏସ୍‌ୟୁ ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରିବା ଲାଗି ବ୍ୟାଙ୍କ ମୁଖ୍ୟମାନେ ନବୀନତମ ଚିନ୍ତାଧାରା ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ ହୋଇ ଆସିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ ଗତ ୬ ମାସ ମଧ୍ୟରେ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନ କ'ଣ ଥିଲା ସେ ସମ୍ପର୍କରେ ଅର୍ଥ ମନ୍ତ୍ରୀ ସମୀକ୍ଷା କରିବେ ବୋଲି ବହୁ ବ୍ୟାଙ୍କ ମୁଖ୍ୟମାନେ ପ୍ରକାଶ କରିଛନ୍ତି।

# ରାଲ୍‌କୋ ଟାୟାର ପକ୍ଷରୁ ବନ୍ଧୁମିଳନ

କଟକ,୧୯-୯




ରାଲ୍‌କୋ ଟାୟାର ପକ୍ଷରୁ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୯୭୦ରେ ରାମଭୁଲାୟାଙ୍କ ଦ୍ୱାରା ସ୍ଥାପନ ହୋଇଥିବା ରାଲସନ କମ୍ପାନୀ ୪୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ଅବସରରେ କମ୍ପାନୀ ଗ୍ରାହକଙ୍କୁ ଶୁଭେଚ୍ଛା ପ୍ରଦାନ କରିଛି। ଗୁଣବତ୍ତା ଶକ୍ତି, ବିଶ୍ୱାସ ଏବଂ ନୂତନ ଜ୍ଞାନକୌଶଳ ଆଧାରରେ କମ୍ପାନୀ ପ୍ରସ୍ତୁତ କରୁଥିବା ଟାୟାର ତଥା ଟ୍ୟୁବ୍ ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିଛି। ଏହା 'ରାଇଡ ଉଇଥ୍ ପ୍ରାଇଡ୍ ଆଣ୍ଡ ରାଇଡ୍ ଉଇଥ୍ ଟ୍ରଷ୍ଟ'କୁ ନେଇ ଅଗ୍ରସର ହେଉଛି। ରାଲ୍‌କୋ ବର୍ତ୍ତମାନ ୨ ଚକିଆ ଟାୟାର, ୩ ଚକିଆ, ଇ-ଯାନ, ହାଲ୍‌କା ବାଣିଜ୍ୟିକ ଯାନ ଏବଂ ଟ୍ରାକ୍ଟର ଭଳି ବିଭିନ୍ନ ଯାନ ପାଇଁ ଟାୟାର ଏବଂ ଟ୍ୟୁବ ମାନୁଫାକ୍‌ଚରିଂ କରୁଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ୟୁନିଟ୍ ରହିଛି। ୨ ହଜାର ଡିଲର ଏବଂ ୪୫ ଶାଖା ଅଫିସ ଦ୍ୱାରା ରାଲ୍‌କୋ ସେବା ଯୋଗାଇ ଦେଉଛି। କାର୍ଯ୍ୟକ୍ରମ ଅବସରରେ ସିଆଣ୍ଡଏଫ୍ ଏଜେଣ୍ଟ କଟକ ଉମରଜିତ ସିଂ ଏବଂ ଅର୍ଶଦିପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

---

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER**CM
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ସମ୍ପତ୍ତି କ୍ଷୟର କାରଣକୁ ଦୃଷ୍ଟିଦେବା ଜରୁରୀ

**ପ୍ର: ମୁଁ ୧୫ ବର୍ଷ ପରେ ମୋ ଇପିଏଫ୍ ପାଣ୍ଠିରୁ ସମସ୍ତ ଟଙ୍କା ଉଠାଣ କରିସାରିଛି। ଏହି ଉଠାଣ ଟଙ୍କା ଉପରେ ଆୟକର ଦେବାକୁ ପଡିବ କି ? ଯଦି ଦେବାକୁ ପଡିବ, ତେବେ କେଉଁ ଆୟ ହିସାବରେ ଦେଖାଇବାକୁ ପଡିବ? ଏ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସୁଲୋଚନା ବେହେରା, ଅନୁଗୋଳ**

ଉ: ଆୟକର ନିୟମ ଅନୁଯାୟୀ ଯଦି ୫ ବର୍ଷ କ୍ରମାଗତ ଭାବେ ଚାକିରି କରିଥିବେ ଏବଂ ତା'ପରେ ଆପଣ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ଟଙ୍କା ଉଠାଣ କରିଥିବେ ତେବେ ଏହି ଉଠାଣ ଟଙ୍କା ଉପରେ କର୍ମଚାରୀଙ୍କୁ କୌଣସି ଆୟକର ଦେବାକୁ ପଡିବ ନାହିଁ। ଯେହେତୁ ଆପଣ ୧୫ ବର୍ଷ ପରେ ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିଛନ୍ତି ତେଣୁ ଆପଣଙ୍କୁ କୌଣସି ଆୟକର ଦେବାକୁ ପଡିବ ନାହିଁ।

**ପ୍ର: ମୋ ବୟସ ୫୫ ବର୍ଷ ଓ ଜୀବନରେ ପିଲାମାନଙ୍କର ସମସ୍ତ ସାମାଜିକ ଦାୟିତ୍ୱ ଶେଷ କରିସାରିଛି। ଧରିତ୍ରୀ 'ଅର୍ଥର ଅର୍ଥ' ସ୍ତମ୍ଭର ମୁଁ ଜଣେ ନିୟମିତ ପାଠକ। ମୋର କିଛି ସ୍ଥାବର ସମ୍ପତ୍ତି ଓ କିଛି ଆର୍ଥିକ ସମ୍ପତ୍ତି ରହିଛି। ବ୍ୟାଙ୍କ ସ୍ଥାୟୀ ଜମା, ମ୍ୟୁଚୁଆଲ ଫଣ୍ଡ ଏବଂ ବଣ୍ଡସବୁରେ ଏହାକୁ ନିବେଶ କରିଛି। ଏ ସବୁ ସମ୍ପତ୍ତିର ମୂଲ୍ୟ କିପରି ବଢ଼ିବ କିମ୍ବା ଆର୍ଥିକ ନିବେଶ ସମ୍ପତ୍ତି କ୍ରୟ କରିବା ଶକ୍ତି ବା ମୂଲ୍ୟ କିପରି ସୁରକ୍ଷିତ ରହିବ? ସମ୍ପତ୍ତି କ୍ଷୟ ହୋଇପାରେ କି? ଦୟାକରି ଏ ବିଷୟରେ ପରାମର୍ଶ ଲେଖିବେ?**

**– ସୋମନାଥ ସ୍ୱାଇଁ, ସମ୍ବଲପୁର**

ଉ: ପ୍ରାୟତଃ ଆମେ ସମସ୍ତେ ନିଜ ରୋଜଗାରରୁ କିଛି ଅର୍ଥ ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ପାଇଁ ସଞ୍ଚୟ କରିଥାଉ। ଏ ସବୁ ସଞ୍ଚୟ କରିବା ଭିତରେ କିଛି ଧନ ବା ସମ୍ପତ୍ତି ସୃଷ୍ଟି କରିଥାଉ। ସାଧାରଣତଃ ଆମମାନଙ୍କର ସଞ୍ଚୟ ରାଶି ୫ଟି ବିଭାଗରେ ବା ନିବେଶ ସ୍କିମ୍‌ରେ ଯଥା-ଜମି ବାଡି, ଇକ୍ୟୁଟି, ଡେବ୍ଟ, ବହୁମୂଲ୍ୟ ଧାତୁ-ସୁନା ଏବଂ ନଗଦ ଟଙ୍କାରେ ନିବେଶ କରିଥାଉ। ଜୀବନର ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜୀବନକାଳ ଭିତରେ ଆମେ ସଞ୍ଚୟ କରିଥାଉ। କିନ୍ତୁ ସମସ୍ତ ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରି ସାରିବା ପରେ ଆପଣ ପାଖରେ ସ୍ଥାବର ସମ୍ପତ୍ତି କିମ୍ବା ଅସ୍ଥାବର ସମ୍ପତ୍ତି(ଆର୍ଥିକ ସମ୍ପତ୍ତି) ଅଛି, ତେବେ ଏ କ୍ଷେତ୍ରରେ ପ୍ରଶ୍ନ ଆସେ ଯେ, ନିଜ ସମ୍ପତ୍ତିର ସୁରକ୍ଷା କିପରି କରିବେ? ଆର୍ଥିକ ନିବେଶ ବା ସମ୍ପତ୍ତି ଉପରେ ମୁଦ୍ରାସ୍ଫୀତିର ପ୍ରଭାବ କାରଣରୁ ଏହାର କ୍ରୟ କରିବା ଶକ୍ତି ହ୍ରାସ ପାଇଥାଏ। ଆୟକର ପ୍ରଭାବ କିପରି ପଡିବ ?

ସମ୍ପତ୍ତି ସୃଷ୍ଟିକୁ ଯେତିକି ପ୍ରାଧାନ୍ୟ ଦେଉଛନ୍ତି ବା ନିବେଶ କରିବା କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରୁଛନ୍ତି ସେହିପରି ସମ୍ପତ୍ତି କ୍ଷୟ ପ୍ରତି ସେତିକି ପ୍ରାଧାନ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ନିହାତି ଜରୁରୀ। ସମ୍ପତ୍ତି କ୍ଷୟ ହେଉଛି ଏକ ଧୀର ଧ୍ୱଂସ ସାଧକ କାର୍ଯ୍ୟଧାରା। ଏହା ଏକ ମନ୍ଥର ଧ୍ୱଂସ ସାଧନ କାର୍ଯ୍ୟଧାରା ହୋଇଥିବାରୁ ଦୀର୍ଘକାଳୀନ ସମୟ ଭିତରେ କାର୍ଯ୍ୟ କରିଥାଏ। ଏଣୁ ଏହାର କୁପ୍ରଭାବ ଆପଣ ତତ୍‌କ୍ଷଣାତ ଅନୁଭବ କରିପାରନ୍ତି ନାହିଁ। ଏହି କ୍ଷୟପ୍ରାପ୍ତ ଉତ୍ପାଦକ ଶକ୍ତିର ଫଳାଫଳ ଅତ୍ୟନ୍ତ ଗଭୀର। ଏହା ଦ୍ୱାରା ଅପୂରଣୀୟ କ୍ଷତି ହୋଇଥାଏ। ଏହାକୁ ପୁନର୍ଲାଭ ବା ଭରଣା କରିବା କ୍ଷେତ୍ରରେ ଆପଣଙ୍କ ପାଖରେ ଆଉ ସମୟ ନ ଥାଏ। ଏଥିପାଇଁ ଆପଣଙ୍କୁ ସତର୍କସତାର ସହ ପଦକ୍ଷେପ ନେବାକୁ ପଡିବ। ଏହା ଉପରେ କାର୍ଯ୍ୟ କରିବା ସମୟରେ କେତେକ ବିଶେଷ ଦିଗକୁ ଧ୍ୟାନ ଦେବାକୁ ପଡିବ?

ଏକ ଉଦାହରଣ ସ୍ୱରୂପ, ଯଦି ଜଣେ ନିବେଶକାରୀ ୧୦ ଲକ୍ଷ ଟଙ୍କା ବ୍ୟାଙ୍କରେ ସ୍ଥାୟୀ ଜମା କରନ୍ତି ଏବଂ ମୁଦ୍ରାସ୍ଫୀତିର ବାର୍ଷିକ ହାର ୬% ଧରି ନେବା ତେବେ ୧୨ ବର୍ଷ ପରେ ଏହି ୧୦ ଲକ୍ଷ ଟଙ୍କା ମୂଲ୍ୟ ଅଧା ହୋଇଯିବ। ଅର୍ଥାତ୍ ୫ ଲକ୍ଷ ଟଙ୍କା। ଏହି ପରି ଅନେକ କାରଣ ଅଛି।

### ସମ୍ପତ୍ତି କ୍ଷୟର କାରଣ

- କ୍ରମାଗତ ଭାବରେ ଅର୍ଥର ମୂଲ୍ୟ ହ୍ରାସ ହୋଇଯାଏ।
- ପ୍ରତ୍ୟେକ ଟଙ୍କାର କ୍ରୟ କରିବା ଶକ୍ତି କମି କମି ଯାଇଥାଏ।
- ପ୍ରତ୍ୟେକ ବର୍ଷ ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚର ଧାରା ବଢ଼ି ଚାଲିଛି।
- ବର୍ତ୍ତମାନର ସଞ୍ଚିତ ଅର୍ଥ ବା ପାଣ୍ଠିରୁ ଉଠାଣ କରି ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ କରିବା।
- ଆକସ୍ମିକ ଖର୍ଚ୍ଚ ବା ଜରୁରିକାଳୀନ ଖର୍ଚ୍ଚ ପାଇଁ ବର୍ତ୍ତମାନର ସମ୍ପତ୍ତି ବା ନିବେଶକୁ ନଗଦ କରିବା।
- ଯେକୌଣସି ଋଣ ପରିଶୋଧ ପାଇଁ ନିଜର ସ୍ଥାବର ସମ୍ପତ୍ତି ବିକ୍ରି କରିବା କିମ୍ବା ନିବେଶ ଅର୍ଥ ଉଠାଣ କରି ପରିଶୋଧ କରିବା।
- ନିବେଶ ରାଶି ଉପରେ କିମ୍ବା ଲାଭ ବା ସୁଧରାଶି ଉପରେ ଆୟକର ପ୍ରଭାବ।
- ବ୍ୟାଙ୍କ ସୁଧହାର କମିଯିବା।
- ଅକାଳ ମୃତ୍ୟୁ, ଶାରୀରିକ ଅସମର୍ଥ କିମ୍ବା ଚାକିରିରୁ ଛଟେଇ ଯୋଗୁ ପରିବାରର ରୋଜଗାର କରୁଥିବା ବ୍ୟକ୍ତିର ମାସିକ ରୋଜଗାର ହଠାତ୍ ବନ୍ଦ ହୋଇଯିବା।
- ଜୀବନରେ ଯଥେଷ୍ଟ ପରିମାଣ ଜୀବନ ବୀମା ସୁରକ୍ଷା ନ କିଣିବା। ପ୍ରାୟତଃ ଅଧିକାଂଶ ଲୋକ ଭାବନ୍ତି ମୋର ଯଥେଷ୍ଟ ପରିମାଣର ଜୀବନ ସୁରକ୍ଷା ଅଛି। ଏହା ଏକ ଭ୍ରାନ୍ତ ଧାରଣା।
- ଅଧିକ ବର୍ଷ ଧରି ଜଟିଳ ରୋଗରେ ପୀଡ଼ିତ ହେବା ସହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପରିବାର ସଦସ୍ୟଙ୍କ ପାଇଁ ନ କିଣିବା।
- ସ୍ଥାବର ସମ୍ପତ୍ତି ଉପରେ ଦିନକୁ ଦିନ ଅଧିକ କର ଲାଗୁ ହେବା।
- ଆପଣଙ୍କ ସ୍ଥାବର ସମ୍ପତ୍ତି ଉପରେ ସ୍ଥାନୀୟ ବଜାରର ପରିସ୍ଥିତି ପ୍ରଭାବ ପଡ଼ିଥାଏ।

ଏସବୁକୁ ଦୃଷ୍ଟି ଦେବା ନିହାତି ଜରୁରୀ।

ଆପଣଙ୍କ ପାଇଁ ସମ୍ପତ୍ତି ସୃଷ୍ଟି କରିବା ଯେତିକି ପ୍ରାଧାନ୍ୟ ରଖୁଛି ତା ଠାରୁ ସମ୍ପତ୍ତି କ୍ଷୟ ରୋକିବା ବା ସୁରକ୍ଷିତ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ଓ ତାଠାରୁ ଅଧିକ ପ୍ରାଧାନ୍ୟ ରଖୁଛି। ଆପଣଙ୍କ ସମ୍ପତ୍ତିକୁ ନିବେଶ କରି ସୁପରିଚାଳନା କରିବା ପାଇଁ ଜଣେ 'ସାର୍ଟିଫାଏଡ ଫାଇନାନସିଆଲ ପ୍ଲାନର' କିମ୍ବା ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜରଙ୍କୁ ସାକ୍ଷାତ କରି ପରାମର୍ଶ ନିଅନ୍ତୁ।

**ପ୍ର: ମୋର ସ୍ୱଳ୍ପ ରୋଜଗାର ଓ ପରିବାରରେ ୮ ଜଣ ସଦସ୍ୟ। ବାର୍ଦ୍ଧକ୍ୟ ସମୟ ପାଇଁ ଏ ପର୍ଯ୍ୟନ୍ତ କିଛି ସଞ୍ଚୟ କରିନାହିଁ। ଏକ ସୁରକ୍ଷିତ ଓ ଛୋଟ ସ୍କିମ୍ ବିଷୟରେ ପରାମର୍ଶ ଦେବେ।**

**– ଆଦର୍ଶ ନାୟକ, ଛତ୍ରପୁର**

ଉ: ଆପଣ 'ଅଟଳ ପେନ୍‌ସନ ଯୋଜନା'ରେ ଏବେଠାରୁ ସଞ୍ଚୟ ଆରମ୍ଭ କରନ୍ତୁ। ଏହି ସ୍କିମ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦



❝ ନିଜ ଅଞ୍ଚଳରେ ବ୍ୟାଡ୍‌ମିଣ୍ଟନ ଖେଳର ପ୍ରଚାର ଓ ଉନ୍ନତି ପାଇଁ ପ୍ରତ୍ୟେକ ରାଜ୍ୟକୁ ସହାୟତା ରାଶିପ୍ରଦାନ କରିବା ଆମର ଲକ୍ଷ୍ୟ ଥିଲା ।

–ହିମତ୍ ବିଶ୍ୱ ଶର୍ମା, ବାଇ ସଭାପତି



❝ ମୋ ଫର୍ମକୁ ନେଇ ପ୍ରଶ୍ନ ଉଠିନି, ମୁଁ ଭଲ ବ୍ୟାଟିଂ କରୁଥିଲି କିନ୍ତୁ ରନ ସଂଗ୍ରହ କରିବାରେ ବିଫଳ ହେଉଥିଲି ।

–ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଦ୍ରୋଣାଚାର୍ଯ୍ୟ ପୁରସ୍କାରରୁ ତେଜାଙ୍କ ନାମ ବାଦ୍

ନୂଆଦିଲ୍ଲୀ, ୧୯।୯(ପି.ଟି.)- ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମେ ବୁଧବାର ଆର୍ଚେରୀ କୋଚ୍ ଜିୱନ ସିଂ ତେଜାଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ମନୋନୀତ ତାଲିକାରୁ ବାଦ୍ ଦିଆଯାଇଛି। ଖେଳରତ୍ନ, ଅର୍ଜୁନ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଚୟନ କମିଟି ସୁପାରିସ କରିଥିବା ସମସ୍ତ ଖେଳାଳିଙ୍କ ନାମକୁ କ୍ରୀଡ଼ାବିଭାଗ ସବୁଜ ସଙ୍କେତ ପ୍ରଦାନ କରିଥିଲା। ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଗି ରବିବାର ଚୟନ କମିଟି ତେଜାଙ୍କ ସମେତ ୫ଜଣଙ୍କ ନାମ ମନୋନୀତ କରିଥିଲା। କିନ୍ତୁ କିନ୍ତୁ ଏକ ପୁରୁଣା ବିଶୃଙ୍ଖଳିତ ଆଚରଣ ଲାଗି ତେଜାଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ୨୦୧୫ରେ କୋରିଆରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସ ଅବସରରେ ତେଜା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିଲାଗି ତାଙ୍କୁ ଏକବର୍ଷ ଲାଗି ବାସନ୍ଦ କରାଯାଇଥିଲା।

### ବିଜୟ ସହ ଘରୋଇ କ୍ରିକେଟକୁ ବିହାରର ପ୍ରତ୍ୟାବର୍ତ୍ତନ

ଆନନ୍ଦ (ଗୁଜରାଟ), ୧୯।୯(ପି.ଟି.)- ବୃହତ ବିଜୟ ସହ ବିହାର କ୍ରିକେଟ ଦଳ ଘରୋଇ କ୍ରିକେଟକୁ ଦମ୍‌ଦାର ଭାବେ ପ୍ରତ୍ୟାବର୍ତ୍ତନ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ପ୍ଲେଟ୍ ଗ୍ରୁପ୍‌ର ଏକ ମ୍ୟାଚ୍‌ରେ ବିହାର ଦଳ ୮ ଉଇକେଟ୍‌ରେ ନାଗାଲାଣ୍ଡକୁ ପରାସ୍ତ କରିଛି।

୧୮ ବର୍ଷ ପରେ ଘରୋଇ କ୍ରିକେଟକୁ ଫେରିଥିବା ବିହାର ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ନାଗାଲାଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୨୫୩ ରନ କରିଥିଲା। ଦଳ ପକ୍ଷରୁ ନୀତେଶ ଲୋଚବା ସର୍ବାଧିକ ୭୯ ରନ କରିଥିଲା। ଜବାବରେ ବିହାର ବବୁଲ କୁମାରଙ୍କ ଅପରାଜିତ ୧୨୧ ରନ ବଳରେ ୪୩.୪ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ପ୍ରଥମ ପ୍ଲେଟ୍ ଟିମ୍ ଭାବେ ପୁଡୁଚେରୀ ବିଜୟ ହଜାରେ ଟ୍ରଫିରେ ବିଜୟ ସ୍ୱାଦ ଚାଖିଛି। ଭଦୋଦରାରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପୁଡୁଚେରୀ ୮ ଉଇକେଟ୍‌ରେ ମଣିପୁରକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ମଣିପୁର ୧୨୦ ରନ କରିଥିବାବେଳେ ପୁଡୁଚେରୀ ୨୫ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ନଦିଆରେ ଖେଳାଯାଇଥିବା ପ୍ଲେଟ୍ ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୪ ଉଇକେଟ୍‌ରେ ମିଜୋରାମକୁ ପରାସ୍ତ କରିଛି।

# କ୍ୟାମ୍ପରେ ଅମିତ, ଚାପ ନା ବାସ୍ତବତା



ହରେନ୍ଦ୍ର ସିଂ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ବିଶ୍ୱକପକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ସାମିଲ ନ ଥିଲେ। ବୀରେନ୍ଦ୍ର ଲାକ୍ରା ଆହତ ସମସ୍ୟାରେ ଥିବା ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶା ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୋର ଗ୍ରୁପର କ୍ୟାମ୍ପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବାବେଳେ କ୍ୟାମ୍ପରେ ଅମିତ ରୋହି ଦାସ ଅଛନ୍ତି ବୋଲି ବୁଧବାର ଗଣମାଧ୍ୟମ ସହିତ କଥା ହେବାବେଳେ ଦାବି କରିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହି ପାରିବିନି, ମାତ୍ର ମୁଁ ଏତିକି ଜାଣିଛି ଯେ ଅମିତ ରୋହି ଦାସ କ୍ୟାମ୍ପରେ ଅଛନ୍ତି ବୋଲି ହରେନ୍ଦ୍ର କହିଛନ୍ତି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ଅମିତଙ୍କୁ କ୍ୟାମ୍ପରେ ନିଆଗଲା ତେବେ ପରିବର୍ତ୍ତିତ ତାଲିକା କାହିଁକି ପ୍ରକାଶ କରାଗଲାନାହିଁ। ଫଳରେ ଗଣମାଧ୍ୟମ ଚାପରେ ଅମିତଙ୍କୁ କ୍ୟାମ୍ପକୁ ଡକା ଯାଇଛି ବୋଲି ଆଲୋଚନା ଜୋର୍ ଧରିଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ହରେନ୍ଦ୍ରଙ୍କ ସହ ସାକ୍ଷାତକାର।**

**ଏହି କ୍ୟାମ୍ପ ଟିମ୍ ସିଲେକ୍ସନରେ କିପରି ଭୂମିକା ନେବ ?**

ଆମେ ବର୍ତ୍ତମାନ ଏଠାକାର ପିଚ୍ ଓ ପରିବେଶ ସହିତ ପ୍ରଥମେ ପରିଚିତ ହେବୁ। ପିଚ୍ କିପରି ବ୍ୟବହାର କରୁଛି, ଏଥିରୁ ଆମକୁ କେତେ ଫାଇଦା ମିଳିବ ତାହାକୁ ଆମେ ଦେଖିବୁ। ଏହା ବ୍ୟତୀତ ଡେ ଟୁ ଡେ ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନିଆଯିବ। ଗତ ତିନୋଟି ଟୁର୍ନାମେଣ୍ଟ ଚାମ୍ପିୟନ୍ସ ଟ୍ରଫି, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସର ପ୍ରଦର୍ଶନ ଏବଂ ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫିର ପ୍ରଦର୍ଶନକୁ ଦେଖି ଆମେ କେଉଁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରୁଛି ତାହା ଦେଖିବୁ।

**କୋର ଗ୍ରୁପ୍‌ରୁ କେତେ ଖେଳାଳି ବିଶ୍ୱକପ ଟିମ୍‌ରେ ଆସିପାରିବେ**

ଏବେ ସେ କଥା କହି ହେବନି। କାରଣ ଏହା କେବଳ ଏକ କ୍ୟାମ୍ପ। ପୂର୍ବ ପ୍ରଦର୍ଶନ, କ୍ୟାମ୍ପରେ ପ୍ରଦର୍ଶନ, ଏହି ପିଚ୍ ସହିତ କେଉଁ ଖେଳାଳି କେତେ ଅଭ୍ୟସ୍ତ ହୋଇପାରୁଛି ଏବଂ ସର୍ବୋପରି ଟିମ୍ କମ୍ବିନେଶନକୁ ଦେଖି ଦଳ ନିର୍ଣ୍ଣୟ କରାଯିବ।

**କୋର ଗ୍ରୁପ ବାହାରୁ ଖେଳାଳି ଟିମ୍‌କୁ ଆସିପାରିବେ କି ?**

ପ୍ରକୃତରେ ହକି ଇଣ୍ଡିଆ ୪୮ ଜଣ ଖେଳାଳିଙ୍କୁ ନେଇ କୋର ଗ୍ରୁପ କରିଛି। ତା' ଭିତରୁ ଖେଳାଳି ଚୟନ ହେବ। କେତେବେଳେ କେଉଁ ଖେଳାଳି ବାହାରିବେ, କେଉଁ ଖେଳାଳି ଟିମ୍‌କୁ ଆସିବେ ତାହା ଚୟନକର୍ତ୍ତାଙ୍କ ଉପରେ ନିର୍ଭର କରେ।

**ଜୁନିୟର ଓ ସିନିୟରଙ୍କୁ ମିଶାଇ ୭-୮ ଜଣ ଓଡ଼ିଶା ଖେଳାଳି ଏବେ ହକିରେ ସକ୍ରିୟ ଅଛନ୍ତି, ମାତ୍ର କେହିଁ କ୍ୟାମ୍ପରେ ନାହାନ୍ତି ?**

ଅମିତ ରୋହି ଦାସ ଏଠାରେ ଆମ ସହିତ ଟ୍ରେନିଂ ନେଉଛନ୍ତି। ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହି ପାରିବିନି, ମାତ୍ର ମୁଁ ଏତିକି ଜାଣିଛି ଯେ ଅମିତ କ୍ୟାମ୍ପରେ ଅଛନ୍ତି। ଚୟନକର୍ତ୍ତା ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଖେଳାଳି ମନୋନୟନ କରିଥାନ୍ତି। ଏଥିରେ ଓଡ଼ିଶା, ପଞ୍ଜାବ କିମ୍ବା ହରିୟାଣା ପ୍ରସଙ୍ଗ ନୁହେଁ। ଆମ ପାଇଁ ଦେଶ ସବୁଠାରୁ ବଡ଼।

**ବୀରେନ୍ଦ୍ରଙ୍କ ଆହତ ସମସ୍ୟା କିପରି ଅଛି ?**

ଏବେ ସେ ରିହାବିଲିଟେଶନରେ ଅଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଡାକ୍ତର ତାଙ୍କୁ ୩ ସପ୍ତାହ ପାଇଁ ବିଶ୍ରାମ ପରାମର୍ଶ ଦେଇଛନ୍ତି। ଫିଜିଓ ଓ ଟ୍ରେନର ମଧ୍ୟ ତାଙ୍କ ଉପରେ ନଜର ରଖିଛନ୍ତି। ମେଡିକାଲ କ୍ୟାମ୍ପର ପରାମର୍ଶ ଉପରେ ତାଙ୍କର ଦଳକୁ ଫେରିବା ନିର୍ଭର କରିବ।

**ଏହି କ୍ୟାମ୍ପ କେବଳ ଏସିଆନ ଚାମ୍ପିୟନ୍ସ ଟ୍ରଫି ପାଇଁ ନା ବିଶ୍ୱକପ ପାଇଁ ମଧ୍ୟ ?**

ଏହି କ୍ୟାମ୍ପ ବିଶ୍ୱକପ ପର୍ଯ୍ୟନ୍ତ କ୍ରମାଗତ ଚାଲୁ ରହିବ। ଏସିଆନ ଚାମ୍ପିୟନ୍ସ ଟ୍ରଫି ପରେ ଏହି କ୍ୟାମ୍ପ ପୁଣି ଜାରି ରହିବ।

**ଅମିତଙ୍କୁ ଯଦି କ୍ୟାମ୍ପକୁ ଡକାଯାଇଛି, ତାଙ୍କ ନାମ ଚୂଡ଼ାନ୍ତ ଦଳ ମନୋନୟନ ବେଳେ ବିଚାରକୁ ନିଆଯିବ କି ନାହିଁ ?**

ଯେଉଁ ଖେଳାଳି କ୍ୟାମ୍ପରେ ଅଛନ୍ତି ସମସ୍ତଙ୍କ ନାମ ବିଚାରକୁ ନିଆଯିବ। ମୋଟ ୪୮ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖାଯିବ। ତା ବାହାରେ କୌଣସି ଖେଳାଳିଙ୍କୁ ନିଆଯିବନାହିଁ।

**ଏସିଆନ ଗେମ୍ସରେ ଆମ ପିଲା ଆଶାନୁରୂପ ଖେଳିପାରି ନ ଥିଲେ ?**

ପୂରା ମ୍ୟାଚରେ ନୁହେଁ। ବଲ୍ ପୋଜେଶନ ୫୬% ଥିଲା। ଆମେ ୫୬-୫୭ ମିନିଟ ଯଦି ଭଲ ଖେଳୁଛୁ ତେବେ ଅବଶିଷ୍ଟ ୩-୪ ମିନିଟ କାହିଁକି ନୁହେଁ। ଶେଷ ହ୍ୱିସିଲ ନ ବାଜିବା ପର୍ଯ୍ୟନ୍ତ ମ୍ୟାଚ ଶେଷ ହୋଇଗଲା ବୋଲି କେବେ ଭାବିବା କଥା ନୁହେଁ। ମୁଁ, ସିନିୟର ଖେଳାଳି ଏବଂ ଅନ୍ୟ ସହକାରୀମାନେ ବସି ଏ ସମ୍ପର୍କରେ ବିଶଦ ଆଲୋଚନା କରିଛୁ। ଚାପ ତ ରହିବ। ମାତ୍ର ଚାପରେ ପ୍ରଦର୍ଶନ କରିବାର ଅଛି। ଆମେ ବଲ୍ ନ ଦେବା ପର୍ଯ୍ୟନ୍ତ ପ୍ରତିପକ୍ଷ ଦଳ ଗୋଲ କରି ପାରିବ ନାହିଁ। ମୁଁ ବଲ୍ ଛାଡ଼ିଲେ ଯାଇ ସେମାନେ ଗୋଲ ଦେବେ। ଏହାକୁ ଆମକୁ ଶିଖିବାକୁ ପଡ଼ିବ।

**ପେନାଲ୍ଟି କର୍ନର କନଭର୍ସନରେ ବିଫଳତା ଏବଂ ଶେଷ ମୁହୂର୍ତ୍ତ ଗୋଲ ବରଣ ଦୁର୍ବଳତା ଦୂର ହୋଇପାରିନାହିଁ, କାରଣ କ'ଣ ?**

ଏସିଆନ ଗେମ୍ସରେ ଆମର କନଭର୍ସନ ରେଟ ଥିଲା ୩୬.୨। ଯେଉଁ ଟିମ୍ ୨୮-୨୯ % କନଭର୍ସନ କରିପାରେ ତାକୁ ଭଲ ଦଳ ବୋଲି କୁହା ଯାଇଥାଏ। ତୁଳନାତ୍ମକଭାବେ ଦେଖିଲେ ଆମର ପ୍ରଦର୍ଶନ ସେତେ ଖରାପ ନୁହେଁ। ମାତ୍ର ତାହାକୁ ବଜାୟ ରଖିବାକୁ ପଡ଼ିବ।

**ବିଶ୍ୱକପ ପୂର୍ବରୁ କେଉଁ ବିଭାଗକୁ ଆମକୁ ସୁଧାରିବାକୁ ପଡ଼ିବ ?**

କେବେ ଓ କେତେବେଳେ ବଲ୍‌କୁ ଆମ ପାଖରେ ରଖିବା ଆବଶ୍ୟକ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବଲ୍ ପୋଜେଶନ ଉପରେ ମଧ୍ୟ ନଜର ରଖିବାକୁ ପଡ଼ିବ।

**ଏସିଆନ ଗେମ୍ସରେ ଚାମ୍ପିୟନ ନ ହେବାରୁ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ପାଇ ପାରିଲାନି। ସୂଚନା ଅନୁସାରେ ଆମେ ପ୍ରୋ-ଲିଗ୍ ଖେଳିବାକୁ ଯିବୁନାହିଁ। ଏହା ଦ୍ୱାରା ଅଲିମ୍ପିକ୍ସ ଯୋଗ୍ୟତା କଷ୍ଟସାଧ୍ୟ ହେବ କି?**

ପ୍ରୋ ଲିଗ୍‌ରେ କିଏ ଖେଳିବ କିମ୍ବା ନ ଖେଳିବ ତାହା ଏଫଆଇଏଚ୍ ଉପରେ ନିର୍ଭର କରେ। ଆମକୁ ଏବେ ର୍ୟାଙ୍କିଙ୍ଗ ମେଣ୍ଟେନ କରିବାକୁ ପଡ଼ିବ। ତେଣୁ ଆମପାଇଁ ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ମୁଖ୍ୟ ଲକ୍ଷ୍ୟ। ଅଲିମ୍ପିକ୍ସ ସମ୍ପର୍କରେ ଏବେଠାରୁ ଆଲୋଚନା କରିବା ଠିକ୍ ହେବନି। ଏବେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପକୁ ଆମେ ପ୍ରାଥମିକତା ଦେଉଛୁ।

**ଏବେ ଅନେକ ନୂଆ ଦଳ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି। ସେ ସମ୍ପର୍କରେ କ'ଣ କହିବେ ?**

ଏହା ହକି ପାଇଁ ବହୁତ ଭଲ। ଫୁଟବଲରେ କ୍ରୋଏସିଆ ଫାଇନାଲ ଖେଳିବ ବୋଲି କେହି ଚିନ୍ତା ମଧ୍ୟ କରି ନ ଥିଲେ। ଏବେ ସାରା ବିଶ୍ୱ କ୍ରୀଡ଼ା ସହିତ ଆଗକୁ ବଢୁଥିବା ଏହାର ପ୍ରମାଣ।

**ଆପଣ ପୂର୍ବରୁ ମହିଳା ଦଳର ମୁଖ୍ୟ କୋଚ୍ ଥିଲେ, ଏବେ ପୁରୁଷ ଦଳର। ଏହା ମଧ୍ୟରେ କ'ଣ ଭିନ୍ନ ଚ୍ୟାଲେଞ୍ଜ ରହିଛି ?**

ଭିନ୍ନତା ବେଶି ନୁହେଁ। କାରଣ କୋଚିଂ ଫିଲୋସୋଫିରେ ପରିବର୍ତ୍ତନ ହୁଏନାହିଁ। ହଁ ମହିଳା ଟିମ୍ ଅଧିକ ସେନ୍‌ସିଟିଭ୍। ସେ ଟିମ୍ ଦାୟିତ୍ୱରେ ରହିଲେ ଅଧିକ ଦାୟିତ୍ୱ ବଢ଼ିଯାଇଥାଏ। ସେଠାରେ ଆଗ୍ରେସିଭ୍ କୋଚିଂ ହୋଇପାରି ନ ଥାଏ। ବୁଝାଇବାର ତରିକା ଭିନ୍ନ କରିବାକୁ ପଡ଼ିଥାଏ। ବଡି ଲାଙ୍ଗୁଏଜ ମଧ୍ୟ ଭିନ୍ନ ହୋଇଥାଏ। ହକି କୋଚିଂର ବେସିକ୍ ହେଲା ଏନର୍ଜି, ଏକାଗ୍ରତା, ଉତ୍ସର୍ଗୀକୃତ ମନୋଭାବ, ଶିକ୍ଷା, ଫିଟ୍‌ନେସ ଓ ଟାକ୍ଟିସ। ଏହି ୫ଟି ଜିନିଷ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ।

**କଳିଙ୍ଗ ଷ୍ଟାଡିୟମର ନୂଆ ଟର୍ଫ ସମ୍ପର୍କରେ କ'ଣ କହିବେ?**

ଆମେ ଏହି ନୂଆ ଟର୍ଫକୁ ନେଇ ବହୁତ ଖୁସି। ଏଥିରେ ଆମେ ଦେଢ଼ଘଣ୍ଟା ଟ୍ରେନିଂ କରିଛୁ। ପୂର୍ବପରି କେଉଁଠି ପାଣି ଜମି ରହୁନାହିଁ। ସବୁ ସ୍ଥାନରେ ପାଣି ସମାନ ଥିବା ଅନୁଭବ କରିଛୁ। ତେଣୁ ଏହି ଟର୍ଫ ଯିଏ ପକାଇଛନ୍ତି ତାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। କଳିଙ୍ଗ ଷ୍ଟାଡିୟମ ବିଶ୍ୱସ୍ତରର। ବିଶ୍ୱର ଯେ କୌଣସି ଖେଳାଳିଙ୍କୁ ପଚାରିଲେ ସେହି ଗୋଟିଏ ଉତ୍ତର ମିଳିବ। ମୁଁ ଭାବୁଛି ସେମାନେ କେବେ ଏପରି ଏକ ପରିବେଶରେ ପୂର୍ବରୁ କେବେ ହକି ଖେଳି ନ ଥିବେ। ଓଡ଼ିଶା ସମସ୍ତଙ୍କୁ ଏକ ଭିନ୍ନ ଅନୁଭବ ଦେବାକୁ ଯାଉଛି ବୋଲି ମୁଁ ଭାବୁଛି।

**ଏସିଆନ ଗେମ୍ସର ଦୁଃଖ ମନରେ ଅଛି କି?**

ଏହା ରହିବା ଆବଶ୍ୟକ। ସେଥିରୁ ଦୂରେଇ ଯିବାକୁ ଚାହିଁଲେ ଆଗକୁ ବଢ଼ିବା ସମ୍ଭବ ନୁହେଁ। ତ୍ରୁଟିରୁ ଆମକୁ ଶିଖିବାର ଅଛି।

**ଏକମାତ୍ର ରାଜ୍ୟଭାବେ ଓଡ଼ିଶା ସରକାର ଗ୍ଲୋବାଲ ହକିକୁ ପ୍ରମୋଟ କରୁଛନ୍ତି ଏ ସମ୍ପର୍କରେ କ'ଣ କହିବେ?**

ଏଥିରୁ ହକିକୁ ବହୁତ ଫାଇଦା ମିଳିଛି। ଏହି ରାଜ୍ୟ ଉପରେ ମଧ୍ୟ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ସମସ୍ତଙ୍କ ମନରେ ଏବେ ଏକମାତ୍ର ଇଚ୍ଛା ଆମେ ଭୁବନେଶ୍ୱର ଯିବୁ। ମୋତେ ହଜାରେରୁ ଉର୍ଦ୍ଧ୍ୱ ଏସଏମଏସ ମିଳିଛି ଯେ ଆମେ କିପରି ଯିବୁ, ଟିକେଟ ମିଳିବ କି ନାହିଁ, ସେଠାରେ କେଉଁଠି ରହିବୁ ଇତ୍ୟାଦି ଇତ୍ୟାଦି। ସରକାରଙ୍କ ଉଦ୍ୟମ ଓଡ଼ିଶା ଓ ଭୁବନେଶ୍ୱର ପ୍ରତି ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆଣିଛି। ବିଶ୍ୱକପ ପାଇଁ ଯେତେ ସଂଖ୍ୟାରେ ଲୋକ ଆସିବାକୁ ଚାହୁଁଛନ୍ତି ସେମାନଙ୍କୁ ଟିକେଟ ମିଳିବ କି ନାହିଁ, ରହିବାକୁ ସ୍ଥାନ ମିଳିବ କି ନାହିଁ ତାହାକୁ ନେଇ ମୁଁ ସନ୍ଦେହରେ ଅଛି।

### ହକି ଇଣ୍ଡିଆ ପକ୍ଷରୁ ୧୨ ତାରିଖରେ ପ୍ରକାଶିତ କୋର୍ ଗ୍ରୁପ୍ ଖେଳାଳି ତାଲିକା

- ଗୋଲକିପର: ପି.ଆର୍. ଶ୍ରୀଜେଶ, ସୂରଜ କେର୍‌କେରା, କ୍ରିଷ୍ଣା ପାଠକ।
- ଡିଫେଣ୍ଡର: ହର୍‌ମନପ୍ରୀତ୍ ସିଂ, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଠଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଜର୍‌ମନପ୍ରୀତ୍ ସିଂ, ପ୍ରଦୀପ ସିଂ।
- ମିଡ୍‌ଫିଲ୍ଡର: ମନ୍‌ପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ କୁମାର ଉପାଧ୍ୟାୟ, ବିବେକ ସାଗର ପ୍ରସାଦ।
- ଫରୱାର୍ଡ: ଏସ୍.ଭି. ସୁନୀଲ, ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲ୍‌ପ୍ରୀତ୍ ସିଂ ଓ ସୁମିତ୍ କୁମାର।

# ଓଡ଼ିଶା ମହିଳା ଦଳର କ୍ରମାଗତ ଦ୍ୱିତୀୟ ବିଜୟ



ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ହକି ଇଣ୍ଡିଆ ୫-ଏ- ସାଇଡ୍ ଜାତୀୟ ଚାମ୍ପିୟନଶିପ୍

ବେଙ୍ଗାଲୁରୁ, ୧୯।୯ (ପି.ଟି.)

ଏଠାରେ ଚାଲିଥିବା ତୃତୀୟ ହକି ଓଡ଼ିଶା ୫-ଏ- ସାଇଡ୍ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ୬-୩ ଗୋଲରେ ପଞ୍ଜାବକୁ ହରାଇବା ପରେ ଓଡ଼ିଶା ବୁଧବାର ପୁଲ୍-ଏ' ମ୍ୟାଚ୍‌ରେ ତାମିଲନାଡୁକୁ ୯-୧ ଗୋଲରେ ପରାସ୍ତ କରି ଏକ ବୃହତ୍ ବିଜୟ ହାସଲ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ର ପ୍ରଥମ ପିରିୟଡରେ ଓଡ଼ିଶା ଖେଳାଳିମାନେ ୫ଟି ଓ ଦ୍ୱିତୀୟ ପିରିୟଡ୍‌ରେ ୪ଟି ଗୋଲ ସ୍କୋର କରିଥିଲେ। ଓଡ଼ିଶା ତରଫରୁ ମାରିଆନା କୁଜୁର ଦ୍ୱିତୀୟ, ଦଶମ ଓ ୧୭ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ଏଲିମା ମିଞ୍ଜ୍ ଷଷ୍ଠ ଓ ୧୧ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଏହା ପରେ ପ୍ରିୟଙ୍କା ଏକ୍କା ସପ୍ତମ ଓ ୨୦ତମ, ମଞ୍ଜୁ ଲାକ୍ରା ନବମ ଓ ଅସ୍ମିତା ବାର୍ଲା ୧୫ତମ ମିନିଟରେ ଗୋଲ ଦେଇଥିଲେ। ଅପରପକ୍ଷରେ ତାମିଲନାଡୁ ତରଫରୁ ଇ. ପୋନମାଥି ୧୬ତମ ମିନିଟରେ ଦଳ ତରଫରୁ ଏକ ମାତ୍ର ଗୋଲ ସ୍କୋର କରିଥିଲେ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍ ଗୁଡିକରେ ହରିୟାଣା, ମହାରାଷ୍ଟ୍ର ବୃହତ୍ ବିଜୟ ହାସଲ କରିଥିବା ବେଳେ କର୍ନାଟକ ଓ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ରହିଥିଲା। ପୁଲ୍-ଏ'ର ପ୍ରଥମ ମ୍ୟାଚ୍‌ରେ ହରିୟାଣା ୫-୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ପୁଲ୍ ବି'ରେ ମହାରାଷ୍ଟ୍ର ୬-୨ ଗୋଲରେ ଉତ୍ତରପ୍ରଦେଶକୁ ହରାଇଛି। ପୁଲ୍ ବି'ର ଦ୍ୱିତୀୟ ମ୍ୟାଚ୍‌ରେ କର୍ନାଟକ ଓ ଝାଡଖଣ୍ଡ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଫଳରେ ୩-୩ ଗୋଲରେ ଅମୀମାଂସିତ ରହିଥିଲା।

# ପ୍ରି କ୍ୱାର୍ଟରରେ ଶ୍ରୀକାନ୍ତ, ଅଶ୍ୱିନୀ- ସାତ୍ତ୍ୱିକ୍

ଚାଙ୍ଗଝଉ, ୧୯।୯ (ପି.ଟି.)

ଏଠାରେ ଚାଲିଥିବା ୧୦ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ତାରକା ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ମଧ୍ୟ ପ୍ରି କ୍ୱାର୍ଟର ପର୍ଯ୍ୟାୟକୁ ଉଠିଛନ୍ତି।

ବିଶ୍ୱର ୨୫ ନମ୍ବର ମିକ୍ସଡ ଡବଲ୍ସ ଯୋଡି ସାତ୍ତ୍ୱିକ ଓ ଅଶ୍ୱିନୀ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ହାସଲ କରିଥିବା ଇଂଲଣ୍ଡ ଯୋଡି ମାର୍କସ ଏଲିସ୍ ଓ ଲରେନ ସ୍ମିଥ୍‌ଙ୍କୁ ୨୧- ୧୩, ୨୦-୨୨, ୨୧- ୧୭ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବା ପାଇଁ ଏହି ଭାରତୀୟ ଯୋଡିଙ୍କୁ ଏକ ଘଣ୍ଟା ୩ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଯୋଜନା ଅନୁଯାୟୀ ଖେଳି ଆମେ ସଫଳ ହେଲୁ ବୋଲି ସାତ୍ତ୍ୱିକ କହିଛନ୍ତି। ପ୍ରି କ୍ୱାର୍ଟରରେ ଏହି ଭାରତୀୟ ଯୋଡି ଟପ୍ ସିଡ ଚାଇନା ଯୋଡି ଝେଙ୍ଗ୍ ସିୱେଇ ଓ ହୁଆଙ୍ଗ ୟକିୟଙ୍ଗଙ୍କୁ ଭେଟିବେ।

ସେହିପରି ପୁରୁଷ ସିଙ୍ଗଲ୍ସରେ ସପ୍ତମ ସିଡ ମାନ୍ୟତା ପାଇଥିବା ଶ୍ରୀକାନ୍ତ ଡେନମାର୍କର ରାସମସ ଗେମ୍‌କେଙ୍କୁ ୨୧-୯, ୨୧-୧୯ରେ ହରାଇ ଅଗ୍ରଗତି କରିଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ଜାପାନ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ଶ୍ରୀକାନ୍ତ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏବେ ଅଶ୍ୱିନୀ ଥାଇଲାଣ୍ଡର ସୁପ୍ପାନୟୁଙ୍କୁ ଭେଟିବେ। ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ଓ ଚିରାଗ ଶେଟ୍ଟୀ ପ୍ରତିପକ୍ଷ ମାଲେସିଆ ଯୋଡି ଗୋ ଭି ଶେମ ଓ ଟାନ ୱି କିଓଙ୍ଗଙ୍କଠାରୁ ୧୯-୨୧, ୨୦-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ସେହିପରି ମହିଳା ଡବଲ୍ସ ଇଭେଣ୍ଟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ପ୍ରତିପକ୍ଷ କୋରିଆ ଯୋଡି କିମ୍ ସୋ ୟେୟଙ୍ଗ୍ ଓ କଙ୍ଗ୍ ହି ୟଙ୍ଗଙ୍କଠାରୁ ୧୦-୨୧, ୧୮-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ମେସିଙ୍କ ହ୍ୟାଟ୍ରିକ

ବାର୍ସିଲୋନା, ୧୯।୯

ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କ ହ୍ୟାଟ୍ରିକ ଗୋଲ ବଳରେ ବାର୍ସିଲୋନା କ୍ଲବ ବିଜୟ ସହ ଚାମ୍ପିୟନ୍ସ ଲିଗ୍‌ରେ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୪-୦ ଗୋଲରେ ଡଚ୍ ଚାମ୍ପିୟନ ପିଏସ୍‌ଭି ଇଣ୍ଡଓଭେନକୁ ହରାଇ ଦେଇଛି। ବାର୍ସିଲୋନା ଇତିହାସରେ ସର୍ବାଧିକ ଗୋଲ ଦେଇଥିବା ମେସି ୩୨ତମ ମିନିଟ୍‌ରେ ଦଳକୁ ପ୍ରଥମ ସଫଳତା ଆଣି ଦେଇଥିଲେ। ଏହି ଗୋଲ ଯୋଗୁ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଲା' ଲିଗା ଲିଗ୍ ଚାମ୍ପିୟନ ୧-୦ ଗୋଲରେ ଆଗୁଆ ରହିଥିଲା।

### ସୁଲତାନ ଅଫ୍ ଜୋହର କପ୍ ଜୁନିୟର ହକି

# ଭାରତୀୟ ଦଳରେ ଓଡ଼ିଶାର ୩

ନୂଆଦିଲ୍ଲୀ, ୧୯।୯(ପି.ଟି.)

ମାଲେସିଆରେ ଆସନ୍ତା ଅକ୍ଟୋବର ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ୮ମ ସୁଲତାନ ଅଫ୍ ଜୋହର କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ୧୮ ଜଣିଆ ଭାରତୀୟ ଜୁନିୟର ହକି ଦଳ ଘୋଷିତ ହୋଇଯାଇଛି। ମନ୍‌ଦୀପ ମୋର ଦଳର ଅଧିନାୟକ ଏବଂ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ଓଡ଼ିଆ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁମନ ବେକ (ଡିଫେଣ୍ଡର) ଓ ପଙ୍କଜ କୁମାର ରଜାକ (ଗୋଲକିପର)। ଝାଡ଼ଖଣ୍ଡର ପଙ୍କଜ ୨୦୧୨ରୁ ସେଲ୍ ଏକାଡେମୀରେ ଟ୍ରେନିଂ ନେଇ ଆସୁଛନ୍ତି। ଏହା ବ୍ୟତୀତ ସେ ଜାତୀୟ ଜୁନିୟର ଓ ସିନିୟର ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ଭାରତୀୟ ଦଳ ଆୟୋଜକ ମାଲେସିଆ, ନ୍ୟୁଜିଲାଣ୍ଡ, ଜାପାନ, ଅଷ୍ଟ୍ରେଲିଆ ଓ ଗ୍ରେଟ ବ୍ରିଟେନ ସହ ମୁକାବିଲା କରିବ। ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବା ପରେ ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ଖେଳାଯିବ। "୮ମ ଜୋହର କପ୍‌କୁ ଦୃଷ୍ଟିରେ ରଖି ଆମେ ଖେଳାଳି ଚୟନ କରିଛୁ। ଏଥିରେ ଯୁବ ବର୍ଗର କେତେକ ଭଲ ଦଳକୁ ଆମେ ଭେଟିବୁ। ଜୋହର ବାହରୁଠାରେ ଖେଳାଯିବାକୁ ଥିବା ଫାଇନାଲରେ ଆମ ଦଳ ଯେ କୌଣସି ଯୁବ ଦଳକୁ ଚ୍ୟାଲେଞ୍ଜ ଦେଇ ପାରିବ ବୋଲି ବିଶ୍ୱାସ ରହିଛି। କୋଚ୍ ଜୁଡ୍ ଫେଲିକ୍ସ ଚଳିତ ବର୍ଷ ବେଲଜିୟମ ଗସ୍ତ ଓ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପବେଳେ ଜୁନିୟର ବର୍ଗର ଖେଳାଳିଙ୍କୁ ବିଭିନ୍ନ କମ୍ବିନେଶନରେ ଖେଳାଇଥିଲେ। ଏଥିରେ ସେମାନେ ଭଲ ପ୍ରଦର୍ଶନ କରିଥିଲେ। ଭାରତୀୟ ଖେଳାଳିଙ୍କ ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏହା ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବ" ବୋଲି ହକି ଇଣ୍ଡିଆ ହାଇ ପରଫରମାନ୍ସ ନିର୍ଦ୍ଦେଶକ ଡେଭିଡ ଜନ କହିଛନ୍ତି।



ଶିଳାନନ୍ଦ ଲାକ୍ରା



ସୁମନ ବେକ



ପଙ୍କଜ କୁମାର ରଜାକ

### ଶିଳାନନ୍ଦ ଉପ ଅଧିନାୟକ

ଭାରତୀୟ ଦଳ

ଗୋଲକିପର: କାମଲବୀର ସିଂ ଓ ପଙ୍କଜ କୁମାର ରଜାକ।

ଡିଫେଣ୍ଡର: ସୁମନ ବେକ୍, ମହମ୍ମଦ ଫରାଜ, ସୋମଜିତ, ମନଦୀପ ମୋର (ଅଧିନାୟକ), ପ୍ରିନ୍ସ ଓ ବରିନ୍ଦର ସିଂ ।

ମିଡ୍‌ଫିଲ୍ଡର: ଯଶଦୀପ ସିୱାଚ, ହରମନଜିତ ସିଂ, ବିଷ୍ଣୁକାନ୍ତ ସିଂ, ଗୋପୀ କୁମାର ସୋନକାର, ବିଶାଲ ଆଣ୍ଟିଲ ଓ ହଶପ୍ରୀତ ସିଂ।

ଫରୱାର୍ଡ: ଗୁରୁସାହାବଜିତ ସିଂ, ଅଭିଷେକ, ପ୍ରଭଜୋତ ସିଂ ଓ ଶିଳାନନ୍ଦ ଲାକ୍ରା (ଉପ ଅଧିନାୟକ)।



ପାକିସ୍ତାନ ବିପକ୍ଷ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଭାରତ ସହ ଆମ ଖେଳାଳିମାନେ ଯେଉଁଭଳି ଲଢୁଆ ପ୍ରଦର୍ଶନ ଦେଖାଇଲେ ତାହାକୁ ନେଇ ଗର୍ବିତ ।

–ଅଂଶୁମାନ ରଥ, ହଂକଂ ଅଧିନାୟକ



ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଧୈର୍ଯ୍ୟ ରଖନ୍ତୁ। ଆଗାମୀ ଦୁଇବର୍ଷ ମଧ୍ୟରେ ସେ ବେନ୍ ଷ୍ଟୋକ୍ସଙ୍କ ନିକଟତର ହୋଇପାରିବେ।

–ଲାନ୍ସ କ୍ଲୁଜନର, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର

## ସଂକ୍ଷେପରେ

### ପ୍ରଥମ ଟି୨୦ରେ ମହିଳା ଦଳ ବିଜୟୀ

କଲମ୍ବୋ,୧୯।୯- ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ଜିତିବା ପରେ ଟି୨୦ ସିରିଜରେ ଭାରତୀୟ ମହିଳା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। କାଟୁନାୟାକେସ୍ଥିତ ଏଫଂଟିଜେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଖେଳାଯାଇଥିବା ମ୍ୟାଚ୍‌କୁ ଭ୍ରମଣକାରୀ ଦଳ ୧୩ ରନ୍‌ରେ ଜିତି ନେଇଛି। ବିଜୟୀ ଭାରତ ଲାଗି ସ୍ପିନର ପୁନମ ଯାଦବ ୪ ଉଇକେଟ ନେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ନିକଟରେ ଅବସର ନେଇଥିବା ପେସର ଝୁଲନ ଗୋସ୍ୱାମୀଙ୍କୁ ଅତିକ୍ରମ କରି ଟି୨୦ ଫର୍ମାଟରେ ସେ ଭାରତର ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇଯାଇଛନ୍ତି। **ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୧୬୮/୮(ତାନିୟା ଭାଟିୟା ୪୬, ଜେମିମା ରୋଡ୍ରିଗୁଏଜ ୩୬ ଓ ଅନୁଜା ପାଟିଲ ୩୬, ଉଦେଶିକା ପ୍ରବୋଧିନୀ ୨/୧୮)। ଶ୍ରୀଲଙ୍କା ୧୯.୩ ଓଭରରେ ୧୫୫/ଅଲଆଉଟ୍

### ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୯।୯(ପି.ଟି.)- ମଙ୍ଗୋଲିଆର ଉଲାନ ବାତୋରରେ ଚାଲିଥିବା ୧୬ ବର୍ଷରୁ କମ୍ ଏସିଆନ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ମହିଳା ଚାମ୍ପିୟନଶିପ୍ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୦ ଗୋଲରେ ହରାଇଛି। ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ପାକିସ୍ତାନ ଉପରେ ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲା । ଭାରତ ପକ୍ଷରୁ ୨୨ତମ ମିନିଟରେ ଅଭିକା ସିଂ ଗୋଲ ସ୍କୋର କରି ଖାତା ଖୋଲିଥିଲେ। ଏହା ପରେ ୪୩ ତମ ମିନିଟରେ ପାକିସ୍ତାନର ଗୋଲକିପର ଆୟେସାଙ୍କ ଆତ୍ମଘାତୀ ଗୋଲ ମାଧ୍ୟମରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ୮୨ତମ ମିନିଟ୍‌ରେ ସୁନୀତା ମୁଣ୍ଡା ଆଉ ଏକ ଗୋଲ ସ୍କୋର କରିଥିଲେ। ଶେଷରେ ଶିଲକି ଦେବୀ ୮୮ତମ ମିନିଟରେ ଭାରତ ପାଇଁ ଚତୁର୍ଥ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ।

# ଭାରତର ସହଜ ବିଜୟ

ଏସିଆ କପ୍ କ୍ରିକେଟ

ଦୁବାଇ, ୧୯।୯ (ପି.ଟି.)

ଏସିଆ କପ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨୧ ଓଭର ବାକିଥାଇ ୮ ଉଇକେଟରେ ଅତି ସହଜରେ ପରାସ୍ତ କରି ସୁପର-୪ ପର୍ଯ୍ୟାୟରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୩.୧ ଓଭରରେ ୧୬୨ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଭାରତ ୨୯ ଓଭରରେ ୨ ଉଇକେଟ ହରାଇ ୧୬୪ ରନ କରି ବିଜୟୀ ହୋଇଥିଲା। ମାତ୍ର ୧୫ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୩ ରନ ଟାର୍ଗେଟ୍‌ର ପିଛା କରି ଭାରତ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ପ୍ରଥମ ଉଇକେଟ ଯୋଡିରେ ୮୬ ରନ କରି ଭଲ ଆରମ୍ଭ କରିଥିଲେ। ରୋହିତ ୩୯ ବଲରୁ ୬ ଚୌକା, ୩ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହେବା ପରେ ଧାୱନ ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦୀନେଶ କାର୍ତ୍ତିକ ଓ ଅମ୍ବାତି ରାୟୁଡୁ ଉଭୟ ୩୧ରନ ଲେଖାଏ କରି ଅପରାଜିତ ରହିବା ସହ ତୃତୀୟ ଉଇକେଟ ଯୋଡିରେ ଅପରାଜିତ ୬୦ ରନ କରି ଦଳକୁ ଜିତାଇଥିଲେ। ପାକିସ୍ତାନ ତରଫରୁ ଫହିମ ଆଶ୍ରଫ୍ ଓ ଶଦାବ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ଦେଖିଚାହିଁ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ମାତ୍ର ୩ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଇମାମ- ଉଲ ହକ ଓ ଫକର ଜମାନ ଯଥାକ୍ରମେ ୨ ଓ ବିନା ସ୍କୋରରେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ବଡ଼ ଶଟ୍ ଖେଳିବାକୁ ଯାଇ ଇମାମ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀ ଓ ଜମାନ ଯୁଜବେନ୍ଦ୍ର ଚହଲଙ୍କ ହାତରେ ଧରାପଡିଥିଲେ। ଏହାପରେ ତୃତୀୟ ଉଇକେଟ ଯୋଡିରେ ଅଭିଜ୍ଞ ସୋଏବ ମଲିକ ଓ ବାବର ଆଜମ ୮୨ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୪୭ ରନ କରି ବାବର ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହେବା ପରେ ସୋଏବ ୪୩ ରନ କରିଥିବା ବେଳେ ରାୟୁଡୁଙ୍କ ଡାଇରେକ୍ଟ ଥ୍ରୋରେ ରନ୍ ଆଉଟ୍ ହୋଇଥିଲେ। ଏହା ପରେ ପାକିସ୍ତାନ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା। ଫହିମ ଆଶ୍ରଫ୍ ୨୧ ଓ ମହମ୍ମଦ ଅମୀର ଅପରାଜିତ ୧୮ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଭାରତ ତରଫରୁ ଭୁବନେଶ୍ୱର ଓ କେଦାର ଯାଦବ ୩ଟି ଲେଖାଏ, ଯଶପ୍ରୀତ ବୁମରା ୨ ଏବଂ କୁଲଦୀପ ଯାଦବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୩.୧ ଓଭରରେ ୧୬୨ ଅଲଆଉଟ୍ (ବାବର- ୪୭, ସୋଏବ- ୪୩, ଆଶ୍ରଫ୍- ୨୧, ଅମୀର- ୧୮*, ଭୁବନେଶ୍ୱର- ୩/୧୫, କେଦାର- ୩/୨୩, ବୁମରା- ୨/୨୩, କୁଲଦୀପ- ୧/୩୭)। ଭାରତ ୨୯ ଓଭରରେ ୧୬୪/୨ (ରୋହିତ- ୫୨, ଧାୱନ- ୪୬, ରାୟୁଡୁ- ୩୧*, କାର୍ତ୍ତିକ- ୩୧*)।



ଭୁବନେଶ୍ୱର କୁମାର

### ଷ୍ଟ୍ରେଚରରେ ବାହାରକୁ ଗଲେ ପାଣ୍ଡ୍ୟା



ବୁଧବାର ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇଥିଲେ ଓ ତାଙ୍କୁ ଷ୍ଟ୍ରେଚର ଯୋଗେ ପଡିଆ ବାହାରକୁ ନିଆଯାଇଥିଲା। ଆକ୍ୟୁଟ ଲୋୟର ବ୍ୟାକ୍ ଇଞ୍ଜୁରି ବା ପିଠିର ନିମ୍ନ ଭାଗରେ ଆଘାତ ସମସ୍ୟା ଯୋଗୁ ପାଣ୍ଡ୍ୟାଙ୍କୁ ବାହାରକୁ ଯିବାକୁ ହୋଇଥିଲା। ପାକିସ୍ତାନ ଇନିଂସର ୧୮ତମ ଓଭରରେ ଏହି ଘଟଣା ଘଟିଥିଲା। ପାଣ୍ଡ୍ୟା ତାଙ୍କ ପଞ୍ଚମ ଓଭରର ପଞ୍ଚମ ବଲ୍ ପକାଇବା ପରେ ଫଲୋଥ୍ରୁରେ ବଲ ସଂଗ୍ରହ କରିବା ବେଳେ ଯନ୍ତ୍ରଣା ଅନୁଭବ କରି ତଳେ ପଡିଯାଇଥିଲେ। ଏପରି କି ସେ ଉଠିବାକୁ ସକ୍ଷମ ହୋଇ ନ ଥିଲେ। ତାଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଥିଲା। ସେ ଏବେ ଠିଆହେବାକୁ ସକ୍ଷମ ବୋଲି ମେଡିକାଲ ଟିମ୍ ତରଫରୁ କୁହାଯାଇଥିଲା। ତାଙ୍କ ବଦଳ ଖେଳାଳିଭାବେ ମନୀଷ ପାଣ୍ଡେ ପଡିଆରେ ପ୍ରବେଶ କରିଥିଲେ।

## ଲଢ଼େଇ କରି ହାରିଲା ହଂକଂ

ଦୁବାଇ, ୧୯।୯

ଶିଖର ଧାୱନଙ୍କ ଆକର୍ଷଣୀୟ ଶତକ ସହାୟତାରେ ଏସିଆ କପ୍ କ୍ରିକେଟର ଚତୁର୍ଥ ମ୍ୟାଚରେ ଭାରତ ୨୬ ରନରେ ହଂକଂକୁ ପରାସ୍ତ କରିଛି। ୨୮୬ରନର ବିଜୟ ଲକ୍ଷ୍ୟ ନେଇ ହଂକଂ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୨୫୯ ରନ କରିବାରେ ସମର୍ଥ ହୋଇଥିଲା। ମଙ୍ଗଳବାର ଗ୍ରୁପ୍ ଏ'ର ଏହି ମ୍ୟାଚରେ ନିଜାକତ ଖାଁ (୯୨) ଓ ଅଧିନାୟକ ଅଂଶୁମାନ ରଥ(୭୩) ପ୍ରଥମ ଉଇକେଟରେ ୧୭୪ରନ ଯୋଗକରି ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ହଂକଂ ପାଇଁ ଯେକୌଣସି ଉଇକେଟରେ ଏହାଥିଲା ସର୍ବାଧିକ ଭାଗୀଦାରି। ମାତ୍ର ଏହି ଯୋଡ଼ି ଭାଙ୍ଗିଗଲା ପରେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। କୁଲଦୀପ ଯାଦବ ଭାରତ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ। ସେ ଅଂଶୁମାନଙ୍କୁ ରୋହିତ ଶର୍ମାଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଅଂଶୁମାନଙ୍କ ପରେ ପରେ ନିଜାକତଙ୍କୁ ମଧ୍ୟ ଶୀଘ୍ର ବିଦା ହେବାକୁ ପଡ଼ିଥିଲା। ତାଙ୍କୁ କେ. ଖଲିଲ ଅହମ୍ମଦ ଆଉଟ କରିଦେଇଥିଲେ। ସେତେବେଳକୁ ଦଳର ସ୍କୋର ୧୭୫ ରହିଥିଲା। ପରେ ହଂକଂ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲା। ଭାରତ ବୁଧବାର ପରବର୍ତ୍ତୀ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମୁକାବିଲା କରିବ।

ହଂକଂ ଦଳର ନେତୃତ୍ୱ ନେଉଥିବା ଓଡ଼ିଶାର ଅଂଶୁମାନ ରଥ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୮୫ ରନ କରିଥିଲା। ଅଧିନାୟକ ରୋହିତ ଶର୍ମା ୨୩, ଶିଖର ଧାୱନ ୧୨୭ ରାୟୁଡୁ ୬୦ ରନ କରିଥିଲେ। ଦୀନେଶ କାର୍ତ୍ତିକ ୩୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତର ବାମହାତୀ ପେସର ଖଲିଲ ଅହମ୍ମଦ ଏଠାରେ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

## ସାଜନଙ୍କୁ ଐତିହାସିକ ପଦକ

ନୂଆଦିଲ୍ଲୀ,୧୯।୯(ପି.ଟି.)

ସାଜନ ଭାନୱାଲ ପ୍ରଥମ ଭାରତୀୟ ଯୋଦ୍ଧା ଭାବେ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ କ୍ରମାଗତ ପଦକ ଜିତିଛନ୍ତି। ସ୍ଲୋଭାକିଆର ଟ୍ରନାଭାଠାରେ ଚାଲିଥିବା ଇଭେଣ୍ଟର ୭୭ କିଗ୍ରା ଗ୍ରୀକୋ ରୋମାନ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ରୁଷିଆ ଯୋଦ୍ଧା ଇସ୍‌ଲାମ ଓପିଭ ୨୦ ବର୍ଷୀୟ ଭାରତୀୟ ଯୋଦ୍ଧାଙ୍କୁ ୮-୦ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ ମୁକାବିଲାର ପ୍ରଥମ ଦେଢ଼ ମିନିଟ୍ ପର୍ଯ୍ୟନ୍ତ ସାଜନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। କିନ୍ତୁ ପଏଣ୍ଟ ହାସଲ କରିବାରେ ସକ୍ଷମ ହୋଇ ନ ଥିଲେ। ମାତ୍ର ପ୍ରତିପକ୍ଷ ବକ୍ସର ସାଜନଙ୍କୁ ତଳେ ପକାଇ ୬ ପଏଣ୍ଟ ହାସଲ କରିନେଇଥିଲେ। ଏହାପରେ ସାଜନ ମ୍ୟାଚ୍‌କୁ ଫେରିବାକୁ ସକ୍ଷମ ହୋଇ ନ ଥିଲେ। ଜୁନିୟର ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ହରିୟାଣା କୁସ୍ତିଯୋଦ୍ଧା ଚଳିତ ପ୍ରତିଯୋଗିତାର ସେମିଫାଇନାଲରେ ୟୁକ୍ରେନ୍‌ର ଡିମିତ୍ରିଓ ଗାର୍ଡୁବେଇଙ୍କୁ ହରାଇଥିଲେ। ଗତବର୍ଷ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ଜୁନିୟର ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ତାଙ୍କ ବ୍ୟତୀତ ବିଜୟ ପୂର୍ବରୁ ୫୫ କିଗ୍ରାରେ ଗ୍ରୀକୋ ରୋମାନ୍ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ Sambalpur, Thursday, September 20/ 2018




# ସାପ କାମୁଡ଼ାରେ ୩ୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

- କାକୁଡ଼ି ତୋଳିବାକୁ ଘରକୁ ଯାଇଥିଲେ
- ଶିକ୍ଷକଙ୍କ ନିର୍ଦ୍ଦେଶ ମହଙ୍ଗା ପଡ଼ିଲା

**ନୂଆପଡା ଅଫିସ,୧୯।୯**

ନୂଆପଡ଼ା ଜିଲା ସଦର ବ୍ଲକ ଖଲନା ପ୍ରାଥମିକ ବିଦ୍ୟାଳୟର ଚେତନ ପାଣ୍ଡେ (୯) ନାମକ ଜଣେ ଛାତ୍ର ଶିକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ଘରକୁ କାକୁଡି ତୋଳିବାକୁ ଯାଇଥିବା ବେଳେ ବାଡିରେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ନୂଆପଡା ଥାନାରେ ଏକ ମାମଲା (ନଂ. ୬୨/୧୮) ରୁଜୁ ହୋଇଛି ।

ପ୍ରାପ୍ତ ଖବର ଅନୁଯାୟୀ ବୁଧବାର ଦ୍ୱିପ୍ରହରେ ଖଲନା ପ୍ରାଥମିକ ବିଦ୍ୟାଳୟରେ ସବୁଦିନ ଭଳି ପିଲା ମଧ୍ୟାହ୍ନ ଭୋଜନ ଖାଇଥିଲେ । ପରେ ଚେତନ ନିଜ ସାଙ୍ଗମାନଙ୍କ ସହ ମିଶି ନିଜ ବାଡିକୁ କାକୁଡି ତୋଳିବାକୁ ଯାଇଥିଲେ । ସେଠାରେ ହଠାତ ତାଙ୍କୁ ଏକ ସାପ କାମୁଡି ଦେଇଥିଲା । ସେତେ ବେଳେ ତାଙ୍କ ବାପା ତୁଳସୀ ଏବଂ ମା' ଅନ୍ୟ ଗାଁକୁ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏଥିପାଇଁ ନିଜର ସମ୍ପର୍କୀୟମାନେ ଚେତନଙ୍କୁ ଧରି ସ୍କୁଲକୁ ନେଇଥିଲେ। ସେଠାରୁ ତାଙ୍କୁ ଶିକ୍ଷକମାନେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ଶିକ୍ଷକମାନେ ଧରି ଗାଁକୁ ନେଇଯାଉଥିଲେ । ରାସ୍ତାରେ ଗ୍ରାମବାସୀ ତାଙ୍କୁ ପୁଣିଥରେ ଅଟକାଇ ହସ୍ପିଟାଲକୁ ନେଇ ବ୍ୟବଚ୍ଛେଦ କରିବାକୁ ଆଣିଥିଲେ । ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାକୁ ନେଇ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୁଲାଲ ସାହୁଙ୍କୁ ପଚାରିବାରୁ ଖାଇ ଛୁଟି ପରେ ପିଲାମାନେ ଶିକ୍ଷକଙ୍କ କଥା ନ ମାନି ଘରକୁ ଚାଲିଯାଇଥିଲେ। ସେଠାରେ କୌଣସି ବିଷାକ୍ତ ଜୀବ କାମୁଡିଥିବା ଜାଣିବା ପରେ ଆମେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିବା କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକଙ୍କୁ ପଚାରିବାରେ ସରକାରୀ ଗାଇଡଲାଇନ ଅନୁଯାୟୀ କୌଣସି ପିଲାଙ୍କୁ ଖାଇଛୁଟିରେ ଘରକୁ ଛଡାଯିବା କଥା ନୁହେଁ । ଏହା ଉପରେ ସେ ସବିଶେଷ ତଦନ୍ତ କରିବେ ବୋଲି କହିଛନ୍ତି ।

# ବାଇକ୍ ଦୁର୍ଘଟଣା, ୨ ମୃତ

**ବିଜେପୁର, ୧୯।୯ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ ସମଲାଇପଦର ଛକରେ ବୁଧବାର ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଦୁଇ ବାଇକ ଆରୋହୀ ମୃତ୍ୟୁବରଣ କରିଛନ୍ତି । ମୃତକ ଦ୍ୱୟ ହେଲେ ତାଳପଦର ପଞ୍ଚାୟତ ଝାଲପାଲିର ଅଶ୍ୱିନୀ ସାହୁ (୪୨) ଓ ତୁଳସୀ ସାହୁ (୪୮) । ଅଶ୍ୱିନୀ ଓ ତୁଳସୀ କୌଣସି କାମରେ (ନଂ.ସିଜି ୦୪ ଡିକେ/୧୦୮୧) ନମ୍ବର ବିଶିଷ୍ଟ ଏକ ବାଇକରେ ଘରୁ ବରଗଡକୁ ଯାଉଥିଲେ। ଅପରାହ୍ନ ପ୍ରାୟ ୩ଟାରେ ସମଲାଇପଦର ଛକ ବୁଲାଣୀରେ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ପ୍ରଥମେ ସେମାନଙ୍କୁ ବିଜେପୁର ହସ୍ପିଟାଲ ଓ ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଅବକାରୀ ଚଢାଉ: ୨ କୋର୍ଟ ଚାଲାଣ

ବୌଦ୍ଧ,୧୯।୯(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ମଦ କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଭଞ୍ଜ ସେଠୀ (୫୫) ଓ ବିପିନ ମହାନନ୍ଦିଆ (୩୦)। ସେମାନଙ୍କ ଘରୁ ମୋଟ୍ ୩୫ ଲିଟର ମଦ ଜବତ ହୋଇଛି। ଏ ନେଇ ପୃଥକ ୨ଟି ମାମଲା ରୁଜୁ ହେବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ବିଜୟ କୁମାର ଧରୁଆ ପ୍ରକାଶ କରିଛନ୍ତି ।

### ପାଗଳା କୁକୁର କାମୁଡାରେ ଦୁଇ ଯୁବକ ଗୁରୁତର

ବାଉଁଶୁଣୀ,୧୯।୯(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ନିକଟ ଜାତୀୟ ରାଜପଥ ଉପରେ ବୁଧବାର ପାଗଳା କୁକୁର କାମୁଡାରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଅପରାହ୍ନ ୪ ଟା ସମୟରେ ଗୁଗୁଡିକନପା ଗ୍ରାମର ବେଣୁଧର ଛନ୍ଦ (୨୦) ବାଉଁଶୁଣୀ ଛକରେ ଥିବା ବେଳେ ହଠାତ ପାଗଳା କୁକୁର ତାଙ୍କୁ କାମୁଡିଥିଲା । ପରେ ଉକ୍ତ କୁକୁର ଜଗନ୍ନାଥ ମନ୍ଦିର ଛକରେ ତାଳପଦର ଗ୍ରାମର ସାଧୁ କର୍ମୀ(୨୫)ଙ୍କୁ ମଧ୍ୟ କାମୁଡି ଥିଲା । ସ୍ଥାନୀୟ ଲୋକମାନେ ଉଭୟଙ୍କୁ ନିକଟସ୍ଥ ବାଉଁଶୁଣୀ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ଏହାପରେ ସେମାନେ ଉକ୍ତ କୁକୁରକୁ ପିଟି ପିଟି ମାରି ଦେଇଥିବା ଜଣାପଡିଛି ।



### ଶ୍ମଶାନ ଘାଟ ଅପରିଷ୍କାର

ବୌଦ୍ଧ,୧୯।୯(ସ୍ୱ.ପ୍ର): ବୌଦ୍ଧ ସହରର ଏକମାତ୍ର ଶ୍ମଶାନ ଘାଟ (ରାଜଘାଟ)କୁ ସ୍ୱଚ୍ଛ ରଖିବା ପରିବର୍ତ୍ତେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ କ୍ରମାଗତ ଭାବେ ଅପରିଷ୍କାର କରୁଥିବାରୁ ସହରରେ ଜନ ଅସନ୍ତୋଷ ପ୍ରକାଶ ପାଉଛି । ସହରର ଏହି ରାଜଘାଟକୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବହୁ ସମୟରେ ପରିଷ୍କାର କରିବା ସହ ବୃକ୍ଷରୋପଣ କରି ପରିବେଶକୁ ସୁନ୍ଦର କରିବାର ପ୍ରୟାସ କରାଯାଉଛି । ମାତ୍ର ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀମାନଙ୍କ ପକ୍ଷରୁ ସହରର ପାଇଖାନା ମଇଳାକୁ ଗାଡିରେ ନେଇ ରାଜଘାଟ ପରିସର ଭିତରେ ପକାଯାଉଛି । ଫଳରେ ସମଗ୍ର ରାଜଘାଟ ସମେତ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି । ଏହି ରାଜଘାଟ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିଚାଳନା ଦାୟିତ୍ୱରେ ଥିବାବେଳେ ପରିବେଶକୁ ସଜାଡିବା ପରିବର୍ତ୍ତେ ମଇଳା ପକାଉଥିବାରୁ ସହରର ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ଏ ନେଇ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ମୁଁ ବାହାରେ ଅଛି । ଏକଥା ଆପଣଙ୍କ ପାଖରୁ ଜାଣିବାକୁ ପାଇଲି । ଏ ଦିଗରେ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ ।

# ପରୀକ୍ଷା ଘୁଞ୍ଚାଇବା ଦାବିରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୧୯।୯

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନ କଲେଜ ଗୁଡ଼ିକରେ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଘୁଞ୍ଚାଇବା ଦାବି ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ବୁଧବାର ବରଗଡ଼ ଜିଲା ଛାତ୍ର ବିଜେଡ଼ି ପକ୍ଷରୁ କୁଳପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବରଗଡ଼ ଜିଲାର ୧୫ରୁ ଊର୍ଦ୍ଧ୍ୱ କଲେଜର ଛାତ୍ରୀଛାତ୍ର ସମ୍ମିଳିତ ହୋଇ ଏକ ଶୋଭାଯାତ୍ରାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ପରୀକ୍ଷା ଘୁଞ୍ଚାଇବା ଦାବିରେ ନାରାବାଜି କରିବା ସହିତ ସେମାନେ ସ୍ମାରକପତ୍ର ଦେଇଥିଲେ । ବରଗଡ଼ ଜିଲା ଛାତ୍ର ବିଜେଡ଼ି ସଭାପତି କରନ ସିକନ୍ଦରଙ୍କ ନେତୃତ୍ୱରେ ପଞ୍ଚାୟତ କଲେଜର ଭୂମୟ ଛତ୍ରିଆ, ମୋହନ ସୁନା, ପଦ୍ମପୁର ଅଞ୍ଚଳ କଲେଜର ନୀଳାମ୍ବର ଦୀପ, ଅତାବିରା କଲେଜର ମୋହିତ ଭୋଇ, ବରପାଲି କଲେଜର ଶୁଭମ ସାହୁ, ଭଟଲି ଦଧିବାମନ କଲେଜର ସୁମନ କୁମାର ସାହୁଙ୍କ ସମେତ ଗୋଡ଼ଭଗା କଲେଜର ଛାତ୍ର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି ଛାତ୍ର ଅଭିନାଶ ବାଗ, ସଞ୍ଜୟ କୁମ୍ଭାର, ପଞ୍ଚାୟତ କଲେଜର ପିଜି ଛାତ୍ର ସୁରେନ ତାଣ୍ଡି, ଯୁକ୍ତତିନି ଛାତ୍ର ଲିପନ ଦାଶ, ସଞ୍ଜୟ ଦିପ, କାହ୍ନୁ କରୁଆଁ, ଜିଲା ଛାତ୍ର ବିଜେଡ଼ିର ଜୋନାଲ ଉପସଭାପତି ରାହୁଲ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଇଥିବା ଛାତ୍ରମାନେ ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ



ପୁରୁଣାକଟକ ଭୈରବୀ ଜୁନିୟର କଲେଜ ପରିସରରେ ସ୍ୱତନ୍ତ୍ର ଭୋଟର ତାଲିକା କାର୍ଯ୍ୟକ୍ରମ ଚାଲିଛି ।

ତଳଗାଁ/ପୁରୁଣାକଟକ, ୧୯।୯(ଡି.ଏନ.ଏ.)

ବୌଦ୍ଧ ଜିଲା ପୁରୁଣାକଟକ ଭୈରବୀ ଜୁନିୟର କଲେଜ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଥିଲେ । ବିଡିଓ ରବିନ୍ଦ୍ର କୁମାର ଶତପଥି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଶିକ୍ଷକ ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳେଶ୍ୱରରେ ସମ୍ବଲପୁରୀ କବି ସମ୍ମିଳନୀ

ବରଗଡ଼ ଅଫିସ୍,୧୯।୯

ଜୁହା ଯୁବ ସଙ୍ଗଠନ ଓ ଇନ୍ଦ୍ର ମଣ୍ଡଳୀ ବିଶ୍ୱକର୍ମା ପୂଜା କମିଟି



ନୀଳେଶ୍ୱରରେ ଅନୁଷ୍ଠିତ କବି ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ବ୍ଲକ ଅନ୍ତର୍ଗତ ନିଲେଶ୍ୱର ଗ୍ରାମରେ ସ୍ଥାନୀୟ ଜୁହା ଯୁବ ସଙ୍ଗଠନ ଓ ଇନ୍ଦ୍ର ମଣ୍ଡଳୀ ବିଶ୍ୱକର୍ମା ପୂଜା କମିଟିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସମ୍ବଲପୁରୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ଭାଷା, ସାହିତ୍ୟ ପ୍ରତି ସ୍ଥାନୀୟ ଯୁବ ସମାଜର ରଚିକୁ ପ୍ରଶଂସା କରିଥିଲେ । ସେହିପରି ଯୁବନେତା ଉମେଶ ପଣ୍ଡା, ସରପଞ୍ଚ ଶୋଭାବତୀ ବିଶ୍ୱାଳ, ଗୋବିନ୍ଦ ସାହୁ, ଧନଞ୍ଜୟ ପ୍ରଧାନ, କବି କିଶୋର ସାହୁ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଗୁଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କବି କିଶୋର ସାହୁ, ଭୀମସେନ ଜେନା, ଭରତ ଜେନାଙ୍କ ସମେତ ବହୁ ବ୍ୟଙ୍ଗକବି ସ୍ୱରଚିତ କବିତା ପାଠ କରିଥିଲେ । ସଭା ଆରମ୍ଭରେ କମିଟି ସଭାପତି ନୀଳାମ୍ବର ସାହୁ, ଉପସଭାପତି କୈଳାଶ ସାହୁ, ଗୁଣସାଗର ସାହୁ ପ୍ରମୁଖ ଗ୍ରାମର ବିଭିନ୍ନ ସମସ୍ୟା ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗଣନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ସମ୍ମିଳନୀ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ରଞ୍ଜିତ ସାହୁ, ସନ୍ୟାସୀ ସାହୁ, ଅଶୋକ ସାହୁ, ସୁବାସ ସାହୁ, ପ୍ରେମରାଜ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।


NATIONAL INSTITUTE OF FASHION TECHNOLOGY, BBSR
(Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for supply and installation of Manual Changeover Switches with panel box and Comprehensive Annual Maintenance Contract (AMC) for Apple make Desktops and Laptops, last date for receipt of e-tenders are **11.10.2018 & 12.10.2018** respectively.

- Director

airtel

**ନିରପେକ୍ଷ ବିଜ୍ଞପ୍ତି**

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341612000000504ରୁ 1341701025533121 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024



**ସିଣ୍ଡିକେଟ୍ ବ୍ୟାଙ୍କ** — SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ-୨: ଏଫ୍-୪, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧୀକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ"** ଇ-ନିଲାମ କରାଯିବ ।

| ଶାଖାର ନାମ / ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ମୂଲ୍ୟ ବୃଦ୍ଧି | ମୋଟ ବକେୟା/ ଡିମାଣ୍ଡ ନୋଟିସ/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| **ବରଗଡ଼ ଶାଖା** ଋଣଗ୍ରହୀତା:**ଶ୍ରୀ ମହାଦେବ ସାହୁ,** ପିତା-ଶ୍ରୀ ଦୋଳମଣୀ ସାହୁ, **ଜାମିନ୍‌ଦାର: ଶ୍ରୀ ସୁରଜ କୁମାର ସାହୁ,** ପିତା-ଶ୍ରୀ ମହାଦେବ ସାହୁ, ଉଭୟଙ୍କ ଠିକଣା: ସା/ପୋ-ଖୁଣ୍ଟପାଲୀ, ଜିଲ୍ଲା-ବରଗଡ଼, ଓଡ଼ିଶା । | **ଶ୍ରୀ ମହାଦେବ ସାହୁ,** ପିତା-ଶ୍ରୀ ଦୋଳମଣୀ ସାହୁ ଙ୍କ ନାମରେ ଥିବା ଗୃହପୋଯୋଗୀ ଜମି ଯାହା ମୌଜା-ଖୁଣ୍ଟପାଲୀ, ତହସିଲି/ଜିଲ୍ଲା-ବରଗଡ଼, ଖାତା ନଂ.- ୯୭୦/୧୧୩, ପ୍ଲଟ ନଂ.- ୭୨୦୬/୧୨୦୪୭, ଏରିଆ-ଏକର୦.୪୭ ଡ଼ିସିମିଲି, ପ୍ଲଟ ନଂ.-୭୮୨୨, ଏରିଆ-ଏକର୧.୮୪ ଡ଼ିସିମିଲି, ପ୍ଲଟ ନଂ.-୧୦୬୭୩/୧୨୦୪୯, ଏରିଆ-ଏକର୦.୫୧ ଡ଼ିସିମିଲିରେ ଅବସ୍ଥିତ । | ଟ.୧୪,୪୫,୦୦୦/- / ଟ.୧,୪୪,୫୦୦/- / ଟ.୧୦,୦୦୦/- | ତା୩୧.୦୮.୨୦୧୮ ସୁଦ୍ଧା ଟ.୧୨,୫୨,୯୫୭.୨୨ / ୧୪.୦୩.୨୦୧୮ / ୨୭.୦୭.୨୦୧୮ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟକଙ୍କ ପାଇଁ ୫ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ଛତ୍ରପୁର ଶାଖା** ଋଣଗ୍ରହୀତାମାନେ:**ଶ୍ରୀ ଦାଶରଥୀ ସାହୁ,** ପିତା-ଶ୍ରୀ ପିତାମ୍ବର ସାହୁ ଏବଂ **ଶ୍ରୀମତୀ ସାବିତ୍ରୀ ସାହୁ,** ସ୍ୱା-ଶ୍ରୀ ପିତାମ୍ବର ସାହୁ, ସାନ ଆର୍ଯ୍ୟପଲ୍ଲୀ, ବଡ଼ ଆର୍ଯ୍ୟପଲ୍ଲୀ, ଭାୟା-ଛତ୍ରପୁର, ଜିଲ୍ଲା-ଗଞ୍ଜାମ । | **ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱା-ଶ୍ରୀ ପିତାମ୍ବର ସାହୁଙ୍କ** ନାମରେ ଥିବା ବାସପୋଯୋଗୀ ପ୍ଲଟ ଯାହା ମୌଜା-ଆର୍ଯ୍ୟପଲ୍ଲୀ, ଖାତା ନଂ.-୪୩/୧୦୭୯, ପ୍ଲଟ ନଂ.- ୧୧୧୪, ଏରିଆ-ଏକର୦.୦୧୫ ଡ଼ିସିମିଲି, କିସମ-ଘରବାରୀ, ତହସିଲି-ଛତ୍ରପୁର, ଜିଲ୍ଲା-ଗଞ୍ଜାମରେ ଅବସ୍ଥିତ । | ଟ.୧,୦୦,୦୦୦/- / ଟ.୧୦,୦୦୦/- / ଟ.୧୦,୦୦୦/- | ତା୩୧.୦୮.୨୦୧୮ ସୁଦ୍ଧା ଟ.୫,୪୯,୫୫୨/- / ୩୦.୧୧.୨୦୧୨/ ୧୯.୦୩.୨୦୧୪ | ୨୯.୧୦.୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟକଙ୍କ ପାଇଁ ୫ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

**ନିୟମ ଓ ସର୍ତ୍ତାବଳୀ :**

୧. ଇ-ନିଲାମ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଏବଂ ସେଠାରେ ଯାହାଅଛି ଭିତ୍ତିରେ"** ସମ୍ପନ୍ନ ହେବ ।
୨. **ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା୨୬.୧୦.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: ତା୨୯.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ରୁ ମଧ୍ୟାହ୍ନ ୧୨.୦୦ ଘଟିକା ।**
୩. ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ NEFT/RTGS ମାଧ୍ୟମରେ **ଆକାଉଣ୍ଟ ନଂ.80083170000084, ଆକାଉଣ୍ଟର ନାମ: କ୍ଷମତାପ୍ରାପ୍ତ ଅଧୀକାରୀ, ସିଣ୍ଡିକେଟ୍ ବ୍ୟାଙ୍କ, ଆଇଆରସି ଭିଲେଜ୍ ଶାଖା, ହିତାଧୀକାରୀଙ୍କ ନାମ: ସିଣ୍ଡିକେଟ୍ ବ୍ୟାଙ୍କ, ଆକାଉଣ୍ଟ (ସମ୍ପୃକ୍ତ ଋଣଗ୍ରହୀତା), IFSC Code: SYNB0008008** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ ଡ୍ର କରି ସିଣ୍ଡିକେଟ୍ ବ୍ୟାଙ୍କ ସପକ୍ଷରେ ପୈଠ କରିପାରିବେ ।
୪. କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । **ସମ୍ପତ୍ତି ତା୧୮.୧୦.୨୦୧୮ ରିଖ ଏବଂ ୧୯.୧୦.୨୦୧୮ରିଖ ଅପରାହ୍ନ ୨.୦୦ ଘଟିକା ରୁ ୪.୦୦ ଘଟିକା ମଧ୍ୟରେ ତନଖୀ କରାଯାଇପାରେ ।**
୫. ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡ଼ି, ପାସୱାର୍ଡ଼, ଡ଼ାଟା ଅପଲୋଡ଼ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s e-Procurement Technologies Limited (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡ଼ି, ପାସୱାର୍ଡ଼ ଏବଂ ଇ-ନିଲାମ ତାଲିମ **M/s e-Procurement Technologies Limited (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ । **ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ-୦୮୦୦୦୦୨୩୨୯୭, ରାକେଶ, ମୋ-୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, E-mail ID: orissa@auctiontiger.net, & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଯୋଗାଯୋଗ ନଂ.: **୯୪୩୭୦୮୧୧୫୯** ରେ ଯୋଗାଯୋଗ କରନ୍ତୁ । **E-mail ID: ro2.bhubaneswar@syndicatebank.co.in**
୬. ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ ।
୭. ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଅଂଶିକ ବିକ୍ରୟ ବିବେଚନା କରାଯିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡ଼ିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ/ଅଧୀକାର ରହିବ ନାହିଁ ।
୮. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି କାହାକୁ ଯଦି ଦେବାକୁ ଥାଏ, ଇତ୍ୟାଦି ବହନ କରିବେ ।
୯. କ୍ଷମତାପ୍ରାପ୍ତ ଅଧୀକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦. ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡ଼ିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡ଼ିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୧୯.୦୯.୨୦୧୮

କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ** — **ଗାଡି ନିଲାମ ନୋଟିସ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ନି.ପୋ. ଧନୁପାଲି, ସମ୍ବଲପୁର, ପି.ନଂ.– ୭୬୮୦୦୫, ଯୋଗାଯୋଗ– ୯୪୩୭୮୩୬୪୨୫, ୭୩୨୭୯୭୩୮୫୬, ୯୩୩୭୮୨୬୨୦୦

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଧନୁପାଲି, ସମ୍ବଲପୁର, ନିମ୍ନଲିଖିତ ଜବତ ଗାଡି **"ଯାହା ଯେଉଁଠାରେ ଯେପରି ଅବସ୍ଥାରେ ଅଛି"** ଭିତ୍ତିରେ ନିଲାମ ହେବ । ନିଲାମ ପ୍ରକ୍ରିୟାର ସର୍ତ୍ତାବଳୀ ନିମ୍ନମତେ ପ୍ରଦାନ କରାଯାଇଅଛି । ଋଣ ଗ୍ରହୀତା ଓ ଜାମିନଦାରମାନଙ୍କୁ ନିର୍ଦ୍ଧାରିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ରହି ଋଣ, ସୁଧ ଓ ଅନ୍ୟାନ୍ୟ ଦେୟ ସମେତ ଋଣ ବାବଦ ବକେୟା ନିଲାମ ପୂର୍ବରୁ ଜମା କରିବାକୁ ଅନୁରୋଧ କରାଯାଉଅଛି ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ମେକ୍/ମଡେଲ | ଚେସିସ୍ ନମ୍ବର | ଇଞ୍ଜିନ ନମ୍ବର | ରେଜିଷ୍ଟ୍ରେସନ୍ ନମ୍ବର | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟଙ୍କା) | ଗାଡି ରଖାଯାଇଥିବା ସ୍ଥାନ |
|---|---|---|---|---|---|---|---|---|---|---|
| ୧. | ସୁନ୍ଦରଗଡ | ଶ୍ରୀ ପ୍ରଭାଶ ମହେନ୍ଦ୍ର ପଟେଲ | ଟ୍ରକ(ଅଶୋକ ଲେଲାଣ୍ଡ) | ୪୦୧୯/୧ | MB1 TRDFD4GEEU5595 | GEEZ405713 | OD15F4344 | ୨୦୧୬ | ୧୭,୦୦,୦୦୦ | ପୁଷ୍ପନାଥ ଷ୍ଟକ୍ ୟାର୍ଡ, ସିନ୍ଦୁରପଙ୍କ, ସମ୍ବଲପୁର |

**ନିଲାମ ତାରିଖ ଏବଂ ସମୟ: ତା. ୨୪.୧୦.୨୦୧୮, ପୂର୍ବାହ୍ନ ୧୧.୩୦ ଘଟିକା । ନିଲାମ ସ୍ଥାନ: ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଧନୁପାଲି, ସମ୍ବଲପୁର**

**ନିଲାମ ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ**

**୧.** ଯଦି ବିକ୍ରୟ କର୍ତ୍ତା ଆଶା କରାଯାଉଥିବା/ ଇଚ୍ଛା କରୁଥିବା ମୂଲ୍ୟ ନିଲାମ ଦ୍ୱାରା ପାଳନ ନକରନ୍ତି ତେବେ ନିଲାମ ପ୍ରକ୍ରିୟାରୁ ଗାଡିଟିକୁ ବାଦ ଦେଇପାରିବେ । **୨.** ନିଲାମ ମୂଲ୍ୟ ସହିତ ରୋଡ ଟେକ୍ସ ଏବଂ ଅନ୍ୟାନ୍ୟ ବୈଧାନିକ ଦେୟ ଯୋଗ କରାଯାଇ ପାରିବ ନାହିଁ । ଏହି ସବୁ ଦେୟକୁ ସଫଳ ନିଲାମଧାରୀ ନିଜେ ବହନ କରିବେ । **୩.** ନିଲାମ ଧାରୀ ଗାଡି ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ଗାଡି ଗୁଡିକ କେଉଁ ବର୍ଷରେ ତିଆରି ଏବଂ ତାହାର ଆନୁସାଂଗିକ କାଗଜ ପତ୍ର ଏବଂ ସେଥିରେ କୌଣସି ପ୍ରକାରଦ୍ୱନ୍ଦ, ଗାଡିର ଅବସ୍ଥା ଓ ଉପକରଣ ଗୁଡିକ ତନଖି କରି ଦେଖିବେ । **୪.** ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ସେମାନଙ୍କ ନାମ ବ୍ୟାଙ୍କ ନିକଟରେ ପଞ୍ଜିକୃତ କରିବାକୁ ପଡିବ । **୫.** ସଫଳ ନିଲାମଧାରୀମାନେ ଭାଟ, ନିର୍ଦ୍ଧାରିତ ବିକ୍ରୟ କର ଯଦି ଏହି ନିଲାମ ପ୍ରକ୍ରିୟାରେ ଦେବାକୁ ଠିକ୍ ହୁଏ ତାହା ସେମାନେ ବହନ କରିବେ । **୬.** ବ୍ୟାଙ୍କ ଏହି ଗାଡି କରୁଥିବା ପାଇଁ ଟ. ୧୯,୯୯୯/– ନିଲାମରେ ଅଂଶ ଗ୍ରହଣ କରିବାରେ ଇଚ୍ଛୁକ ନିଲାମଧାରୀଙ୍କ ଠାରୁ ସଂଗ୍ରହ କରିବେ । **୭.** ନିଲାମଧାରୀମାନେ ସେମାନଙ୍କ ନାମ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ସାଙ୍ଗରେ ପାନକାର୍ଡ (ଯାହାକି ବାଧତା ମୂଳକ) ଏବଂ ସଠିକ୍ ଠିକଣାର ପ୍ରମାଣ ପତ୍ର (ପାସ୍‌ପୋର୍ଟ/ ଡ୍ରାଇଭିଂ ଲାଇସେନ୍ସ/ ଭୋଟର କାର୍ଡ/ ଆଧାର କାର୍ଡ) ଆଣିବାକୁ ଅନୁରୋଧ । **୮.** ସ୍ୱିକୃତୀ ପ୍ରାପ୍ତ ନିଲାମଧାରୀମାନେ କେବଳ ନିଲାମରେ ଅଂଶ ଗ୍ରହଣ କରିପାରିବେ । **୯.** ସ୍ୱିକୃତୀ ପ୍ରାପ୍ତ ନିଲାମଧାରୀ ଯଦି ଗାଡି ନକିଣିବେ ନିଲାମ ପ୍ରକ୍ରିୟା ଶେଷ ହେବାପରେ ଜମା କରିଥିବା ଅମାନତ ରାଶି ତତ୍କ୍ଷଣାତ୍ ଫେରସ୍ତ କରାଯିବ । **୧୦.** ସଫଳ ନିଲାମଧାରୀମାନେ ବ୍ୟାଙ୍କକୁ ଜିଏସଟି ୧୮% ଦେବାକୁ ପଡିବ । **୧୧.** ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% ଏହି ଗାଡି ପାଇଁ ସେହି ଦିନ ଗାଡି ବିକ୍ରେତାଙ୍କ ନିକଟରେ ଜମା କରିବାକୁ ପଡିବ ନଚେତ ନିଲାମକୁ ଗ୍ରହଣ କରାଯିବ ନାହିଁ ଏବଂ ଜମା କରିଥିବା ଅମାନତ ରାଶିକୁ କୌଣସି ସୂଚନା ନଦିଆଯାଇ ବାଜ୍ୟାପ୍ତି କରାଯିବ । **୧୨.** ସଫଳ ନିଲାମଧାରୀ ୭ଦିନ ମଧ୍ୟରେ ବଳକା ରାଶି ଗାଡିର ବିକ୍ରେତାଙ୍କ ନିକଟରେ ଜମା କରିବେ । ଯଦି ୭ଦିନ ମଧ୍ୟରେ ଜମା ନକରିପାରିଲେ ଅତି ବେଶିରେ ୧୫ ଦିନ ଭିତରେ ବିଳମ୍ବିତ ଜମାର ୧୮ % ସୁଦ୍ଧ ସହ ବିକ୍ରେତାଙ୍କ ନିକଟରେ ଜମା କରିପାରିବେ ଏବଂ ସେଥିପାଇଁ ଲିଖିତ ଅନୁରୋଧ କରିବାକୁ ପଡିବ । ୧୫ ଦିନ ବାଦ୍ ବଳକା ରାଶି ଜମା ନକରିପାରିଲେ ଅମାନତ ରାଶି ସହ ଜମା କରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡିର କୌଣସି ସୂଚନା ନଦିଆଯାଇ ପୁନର୍ବାର ବିକ୍ରୟ କରାଯିବ । **୧୩.** ସଫଳ ନିଲାମଧାରୀ ସମସ୍ତ ରାଶି ଜମା କଲାପରେ ଗାଡି ଗୁଡିକ ଆନୁସାଂଗିକ ଯନ୍ତ୍ରପାତି ସହ ବ୍ୟାଙ୍କଠାରୁ ନେବା ଦାୟୀତ୍ୱ ସେମାନଙ୍କର ଅଟେ । ସଫଳ ନିଲାମଧାରୀମାନେ ସମସ୍ତ ଦେୟ ପରିଶୋଧ କରିବା ପୂର୍ବରୁ ଗାଡି ଗୁଡିକ ପାର୍କିଂ ସ୍ଥାନରୁ ନେଇ ପାରିବେ ନାହିଁ । **୧୪.** ସଫଳ ନିଲାମଧାରୀ ନିଲାମ ପକ୍ରିୟାର ୧୫ ଦିନ ଭିତରେ ଗାଡି ନନେଲେ ପାର୍କିଂ ଫି ବାବଦରେ ଦୈନିକ ଟ. ୨୦୦/– ଯାହା ପ୍ରଯୁର୍ଜ୍ୟ ଦେବାକୁ ପଡିବ । **୧୫.** ଅମାନତ ରାଶି ଟ. ୧୯,୯୯୯/– ଅପେକ୍ଷା ଅଧିକ ଜମା କରାଯାଇଥିବା ଟଙ୍କା ନିଲାମଧାରୀଙ୍କୁ ଚେକ୍/ଡ୍ରାଫ୍/ଏନଇଏଫଟି ଟ୍ରାନ୍ସଫର ମାଧ୍ୟମରେ ୩ଦିନ ମଧ୍ୟରେ ଫେରସ୍ତ କରାଯିବ । **୧୬.** ଆଗ୍ରହୀ ନିଲାମଧାରୀ ନିଲାମ ସମ୍ପର୍କିୟ ବିଷୟ ଅଧିକ ଜାଣିବାକୁ ଚାହୁଁଥିଲେ ବ୍ୟାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

**ସ୍ଥାନ: ସମ୍ବଲପୁର, ତାରିଖ: ୧୮.୯.୨୦୧୮**

**ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର**



**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**Department of Empowerment of Persons with Disabilities (Divyangjan)**
**(Ministry of Social Justice & Empowerment, Govt. of India)**
**Olatpur, P.O.- Bairoi, Dist.- Cuttack (Odisha) - 754010**

**Ref. No.: AD 6B 19/02/2018** **Date: 12.09.2018**

**WALK-IN-INTERVIEW NOTICE**

Applications are invited from the eligible candidates for the following posts.

| Sl. No. | Name of the Post | No. of Post | Consolidated Amount per month | Date & time of Interview |
|---|---|---|---|---|
| 01 | Consultant (Accounts) | 01 | Rs.50,000/- Per month | 09.10.2018 10.00 A.M. |
| 02 | Sr. Level Consultant (Social Work) | 01 | Rs.40,000/- Per month | 09.10.2018 10.00 A.M. |

For all other details terms & conditions please log on to website **www.svnirtar.nic.in**.

**Sd./- Director**



**DIRECTORATE OF DISTANCE & CONTINUING EDUCATION**
**FAKIR MOHAN UNIVERSITY**
**VYASA VIHAR, BALASORE - 756019**

**ADMISSION ANNOUNCEMENT: 2018-19**

**No.: DDCE/FMU/504/2018** **Date: 18.09.2018**

Eligible candidates are invited for **Direct Admission (First-cum-First Basis)** into the following UGC approved programmes under distance mode for the academic session 2018-19.

**Last Date of Admission: 01.10.2018**

**COURSES OFFERED**

| Courses | Duration | Eligibility |
|---|---|---|
| **UG Programmes** | | |
| Bachelor of Computer Application (BCA) | 3 Years | 10+2 or Equivalent |
| Bachelor of Library & Information Science (BLIS) | 1 Year | Any Graduate or its equivalent |
| Bachelor of Commerce (B.Com) (Hons.) | 3 Years | 10+2 or Equivalent |
| B.A. (Education Hons.) | 3 Years | 10+2 or Equivalent |
| **Post-Graduate (PG) Programmes** | | |
| Master of Library & Information Science (MLIS) | 1 Year | BLIS or its equivalent |
| MA in Odia | 2 Years | Graduate with Odia as a subject |
| MA in English | 2 Years | Graduate with English as a subject |
| MA in History | 2 Years | Graduate with History as a subject |
| MA in Pol. Science | 2 Years | Graduate with Pol. Science as a subject |
| MA in Economics | 2 Years | Grduate with Economics as a subject |
| MA in Sociology | 2 Years | Grduate with Sociology as a subject |
| MA in Education | 2 Years | Grduate with Education/B.Ed as a subject |
| Master of Commerce (M.Com) | 2 Years | B.Com/BBA/MBA/CA/CS |

**Admission Procedures:**

Visit website at **www.fmuddce.org / www.fmuniversity.nic.in** and click on **"Admission to Distance Mode Programs 2018"** link for detail information. The candidates can download the application form and prospectus from the website. The filled in application form be submitted in the Office of the Director. DDCE with a Demad Draft of **Rs.600/-** towards processing fees along with other requisite documents and a course fee DD for admission into concerned programme. Demand Drafts be purchased from any Nationalised Bank in favour of **F.M. University, DDCE Fund,** payable at **Balasore.**

For details contact: **06782-241840 (Office), Contact Time: 10.30 A.M. - 5 P.M.**

**Sd./- Director**



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଡୁଙ୍ଗୁରିପାଲିରେ ପେନ୍‌ସନ୍ ସଚେତନତା ସଭା

ଡୁଙ୍ଗୁରିପାଲି,୧୯।୯(ଡି.ଏନ୍.ଏ.)- ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଆର୍‌ଏମ୍‌ସି ପ୍ରାଙ୍ଗଣରେ ବୁଧବାର ପୂର୍ବାହ୍ନ ୧୧ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଡୁଙ୍ଗୁରିପାଲି ଶାଖା ପକ୍ଷରୁ ଏକ ପେନସନ ସଚେତନତା ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜର ପ୍ରଶାନ୍ତ କୁମାର ସୁନ୍ଦରରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରିଜିଓନାଲ ମ୍ୟାନେଜର ଗୌରୀ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ମ୍ୟାନେଜର ଟିକେଲାଲ କୁମ୍ଭାର, ପେନସନ ହିତାଧିକାରୀ ସଂଘ ସଭାପତି ବିନୋଦବିହାରୀ ପାଣ୍ଡିଆ, ବ୍ୟାଙ୍କ ଫିଲ୍ଡ ଅଫିସର ଝସକେତନ ପଧାନ, ପେନସନ ସଂଘର ଉପସଭାପତି ଚୈତନ୍ୟ ମେହେର ପ୍ରମୁଖ ମଞ୍ଚସୀନ ଥିଲେ। ସଭାରେ ଅତିଥିମାନେ ପେନସନ ହିତାଧିକାରୀମାନଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ପେନସନ ହିତାଧିକାରୀ ଯୋଗ ଦେଇଥିଲେ।

ଜିଲାସ୍ତରୀୟ ନିଯୁକ୍ତି ମେଳା

# ୫୮ଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ସୋନପୁର,୧୯।୯ (ନି.ପ୍ର.)

ଅଗ୍ରଣୀ ସୁଯୋଗ ସେବା କମ୍ପାନୀ ଆଇଏସ୍‌ଏସ୍ ସିକ୍ୟୁରିଟି ଫେସିଲିଟି ସର୍ଭିସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ବୁଧବାର ସୁବର୍ଣ୍ଣପୁରଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ପଲିଟେକ୍‌ନିକ୍‌ରେ ଆୟୋଜିତ ଏହି ଏକଦିବସୀୟ ମେଳାରେ ୨୪୦ଜଣ ବେକାର ଯୁବତୀଯୁବକ ନିଯୁକ୍ତି ପାଇଁ ନିଜ ନାମ ପଞ୍ଜୀକରଣ କରିଥିଲେ। ସାକ୍ଷାତକାର ପରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ପକ୍ଷରୁ ୪ଟି ବର୍ଗରେ ୫୮ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂହଦେଓଙ୍କ ଅନୁରୋଧ କ୍ରମେ ସଂସ୍ଥା ପକ୍ଷରୁ ନିଯୁକ୍ତି ମେଳା ଜିଲାରେ ଆୟୋଜନ କରାଯାଇଥିଲା । ପ୍ରାୟ ୧ହଜାର ବେକାରିଙ୍କୁ ସଂସ୍ଥା ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯିବାର ପ୍ରତିଶ୍ରୁତି ମିଳିଥିଲା । ତେବେ ସରକାରଙ୍କ ଅନୁଦାନ ବ୍ୟବସ୍ଥା ନ ଥିବାରୁ ପ୍ରଚାର ପ୍ରସାର ଠିକ୍ ଭାବେ ହୋଇ ପାରି ନ ଥିଲା। ଫଳରେ ନିଯୁକ୍ତି ପାଇଁ ଅଗ୍ରହୀଙ୍କ ଉପସ୍ଥାନ କମ୍ ରହିଲା। ଏହି ପରିପ୍ରେକ୍ଷୀରେ ପଲିଟେକ୍‌ନିକ୍ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏମ୍‌ପି କଲିକେଶ ନାରାୟଣ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ଚାଷୀ ଓ ବୟନ ଶିଳ୍ପ ବ୍ୟତୀତ ଅନ୍ୟ କୌଣସିଥିରେ ନିଯୁକ୍ତି ସୁଯୋଗ ନାହିଁ । ସରକାରୀ ଚାକିରି ସୀମିତ । ତେଣୁ ବେକାର ଯୁବତୀଯୁବକଙ୍କ ଦକ୍ଷତା ବୃଦ୍ଧି କରାଯାଇ ପାରିଲେ ସେମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ । ନିଯୁକ୍ତି ପାଇଥିବା ଯୁବତୀ ଯୁବକ ଭଲ କାମ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଏମ୍‌ପି ସିଂହଦେଓ ମତ ପ୍ରକାଶ କରିଥିଲେ । ଡିଆର୍‌ଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ଡେପୁଟି ଜେନେରାଲ ମ୍ୟାନେଜର ଅନିଲ ସି ସାଇନାଥ କହିଥିଲେ ଯେ, ୨୦୦୫ରୁ ସଂସ୍ଥା ଭାରତରେ କାମ କରୁଛି । ଦେଶରେ ୬୫ହଜାର କର୍ମଚାରୀ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି । ଅଷ୍ଟମ ଶ୍ରେଣୀ ପାସରୁ ଆଇଟିଆଇ ପାସ କରିଥିବା ପିଲାଙ୍କ ପାଇଁ ସଫେଇ କର୍ମଚାରୀ, ଖାଦ୍ୟ ପ୍ରସ୍ତୁତ ଓ ଯୋଗାଇବା କର୍ମଚାରୀ, ବୈଷୟିକ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ପାଇଁ ନିଯୁକ୍ତି ସୁଯୋଗ ଥିବା କହିଥିଲେ। ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ସମ୍ପର୍କରେ ବୁଝାଇଥିଲେ। ପଲିଟେକ୍‌ନିକ୍‌ର ଉପାଧ୍ୟକ୍ଷ ଶରତ କୁମାର ବିଶ୍ୱାଳ ଓ ସୋନପୁର ଆଇଟିଆଇ ଅଧ୍ୟକ୍ଷ ସୁଧାଂଶୁ ଶେଖର ସାହୁ ମଞ୍ଚାସୀନ ଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ।



ନିଯୁକ୍ତି ମେଳାରେ ଏମ୍‌ପି ବକ୍ତବ୍ୟ ପ୍ରଦାନ କରୁଛନ୍ତି, ପାର୍ଶ୍ୱରେ ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ।

ପ୍ରଶାସନିକ ମଞ୍ଜୁରୀ ପରେ ମିଳିଲା ଅନୁଦାନ

## କେନ୍ଦ୍ରୀୟ ବିଦ୍ୟାଳୟର କ୍ୟାମ୍ପସ ଶିଳାନ୍ୟାସ

ସୋନପୁର,୧୯।୯ (ନି.ପ୍ର.)

ସୋନପୁର ବ୍ଲକର ପାଣିସିଆଲିରେ ନିର୍ମାଣ ହେବ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ୍। ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଧବାର ବହୁ ପ୍ରତୀକ୍ଷିତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଉତ୍ସବରେ ଜିଲାପାଳ ମଧୁସୂଦନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଇ. ସ୍ୱପ୍ନିଲ ପାଠକ, ସହକାରୀ ଯନ୍ତ୍ରୀ ଇ.ହରିଶ ନାଏକ ଓ ଅଭିଭାବକ ବୃନ୍ଦ ଉପସ୍ଥିତ ଥିଲେ । ପ୍ରକାଶ ଯେ, ୨୦୧୦ରେ ସୋନପୁରରେ ପ୍ରତିଷ୍ଠା ହୋଇଥିଲା କେନ୍ଦ୍ରୀୟ ବିଦ୍ୟାଳୟ । ଆରମ୍ଭ ଦିନଠାରୁ ଜିଲା ସାଧନ କେନ୍ଦ୍ର ପରିସରରେ ଶିକ୍ଷାନୁଷ୍ଠାନ ଅସ୍ଥାୟୀ ଭାବେ ଚାଲିଛି । ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ତେବେ ପ୍ରଶାସନିକ ଅବହେଳା ପାଇଁ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ହୋଇପାରୁ ନ ଥିଲା । ଯୁକ୍ତ ୨ ଶ୍ରେଣୀ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଭିତ୍ତିଭୂମି ଅଭାବ ପ୍ରତିବନ୍ଧକ ସିଜିଛି। ଜିଲା ପ୍ରଶାସନ ପାଣିସିଆଲିରେ ୧୦ ଏକର ଜମି ଚିହ୍ନଟ କରିଥିଲେ ହେଁ, ୨୦୧୫ରେ ଜମି ବିଦ୍ୟାଳୟ ନାମରେ ହସ୍ତାନ୍ତର କଲେ। କିନ୍ତୁ ଜମି ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଜମିକୁ ଅନୁପଯୁକ୍ତ ଦର୍ଶାଇଥିଲା। ଶେଷରେ ଏମ୍‌ପି ସିଂହଦେଓ ନିଜସ୍ୱ ପାଣ୍ଠିରୁ ଅନୁଦାନ ଦେବା ପରେ ଇଲେକ୍ଟ୍ରିକ୍ ପୋଲ ଓ ତାର ଜମିରୁ ହଟାଯାଇଥିଲା। ସେହିପରି ବିଦ୍ୟାଳୟ ଜମିକୁ ରାସ୍ତା ନିର୍ମାଣ ପାଇଁ ଆଇଏପି ଯୋଜନାରେ ୩ ବର୍ଷତଳୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲେ ମଧ୍ୟ ସୋନପୁର ପଞ୍ଚାୟତ ସମିତିର ଅବହେଳା କାରଣରୁ ରାସ୍ତା ନିର୍ମାଣ ହେଉ ନ ଥିଲା । ଅଭିଭାବକ ସଂଘର ଚାପ ପରେ ଗତ ଜୁଲାଇ ମାସରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ଜମିକୁ ପାନୀୟଜଳ ଯୋଗାଣର ବ୍ୟବସ୍ଥା ହୋଇଥିଲା। ଏସବୁ ସମସ୍ୟା ସମାଧାନ ହେବା ପରେ କେନ୍ଦ୍ର ସରକାରଙ୍କ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରିଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ବିଦ୍ୟାଳୟ ଗୃହ ନିର୍ମାଣ ବାବଦକୁ ପର୍ଯ୍ୟାୟ କ୍ରମେ ୧୫କୋଟି ୪୪ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବ। ଆସନ୍ତା ୧୪ ମାସ ଭିତରେ ବିଦ୍ୟାଳୟ ପାଇଁ କୋଠା, ପ୍ରାଚୀର, ଖେଳପଡ଼ିଆ, ଶିକ୍ଷକ, କର୍ମଚାରୀଙ୍କ ପାଇଁ ୮ଟି କ୍ୱାର୍ଟସ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡିଛି।

# ଜିଲାସ୍ତରୀୟ ଖୋଖୋ, କବାଡ଼ି ଚାମ୍ପିୟନଶିପ୍

ସୋନପୁର,୧୯।୯ (ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ୧୪ ବର୍ଷରୁ କମ୍ ବାଳିକା ବାଳକ ବିଭାଗର ଖୋ-ଖୋ, କବାଡ଼ି ଚାମ୍ପିୟନଶିପ୍ ସ୍ଥାନୀୟ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬ଟି ବ୍ଲକରୁ ୨୮୮ ପ୍ରତିଯୋଗୀ ଓ ୨୪ ଜଣ କୋଚ୍ ଯୋଗ ଦେଇଥିଲେ। ଖୋ-ଖୋ ବାଳିକା ବିଭାଗରେ ଡୁଙ୍ଗୁରିପାଲି ବ୍ଲକ ବିଜୟୀ ହୋଇଥିବା ବେଳେ ବିନିକା ରନର୍ସ ଅପ୍ ଓ ବାଳକ ବିଭାଗରେ ସୋନପୁର ବିଜୟୀ ଓ ତରଭା ରନର୍ସ ଅପ୍ ହୋଇଥିଲା। ସେହିପରି କବାଡ଼ି ବାଳିକା ବିଭାଗରେ ଉଲୁଣ୍ଡା ବିଜୟୀ ହୋଇଥିବା ବେଳେ ସୋନପୁର ରନର୍ସ ଅପ ଓ ବାଳକ ବର୍ଗରେ ତରଭା ବିଜୟୀ ହୋଇଥିବା ବେଳେ ଡୁଙ୍ଗୁରିପାଲି ରନର୍ସ ଅପ୍ ହୋଇଛି। ବିଜୟୀ ଦଳ ରାଜ୍ୟସ୍ତରୀୟ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବେଣୁଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନସିପ୍‌କୁ ଉଦ୍‌ଘାଟନ କରିଥିଲେ। ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିନିକା ବିଇଓ ଶଶିଭୂଷଣ ସେଠୀ, ବୀରମହାରାଜପୁର ବିଇଓ ଶାନ୍ତନୁ କୁମାର କୁମ୍ଭକାର, ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଜୟନାରାୟଣ ମିଶ୍ର, ଯଶୋବନ୍ତ ପୁଟେଲ, ମନୋଜ ପାତ୍ର, ବ୍ରଜବନ୍ଧୁ ମହାପାତ୍ର, ସଞ୍ଜୟ କୁମାର ସାହୁ, ଶ୍ୟାମ ସୁନ୍ଦର ନାଏକ, ଚୌଧୁରୀ ବିଭାର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ୯୨ ବସ୍ତା ସାର, କୀଟନାଶକ ଜବତ

ସାର ଗୋଦାମରେ ଚଢ଼ାଉ

ବୀରମହାରାଜପୁର,୧୯।୯ (ଡି.ଏନ.ଏ.)

ଯାହା ସନ୍ଦେହ କରାଯାଉଥିଲା ତାହା ସତ୍ୟ ପ୍ରମାଣିତ ହେଲା । ଖରିଫ ଚାଷ ପାଇଁ ରାସାୟନିକ ସାର ପ୍ରୟୋଗ ନିମନ୍ତେ ଚାଷୀମାନଙ୍କ ବ୍ୟାକୁଳତାର ଫାଇଦା ନେବା ପାଇଁ ଲାଭଖୋର ବେପାରୀଙ୍କ କାରସାଦି ଏବଂ ଏହାକୁ ରୋକିବାରେ କୃଷି ବିଭାଗର ଉଦାସୀନତା ନେଇ ମାସକ ପୂର୍ବରୁ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ କରିଥିଲା । ଏଥିରେ ଚାଷୀଙ୍କ ଅଭିଯୋଗ ତଥା ମତାମତ ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୀରମହାରାଜପୁର ବ୍ଲକ ମୁଷୁର୍ଣ୍ଣୀସ୍ଥିତ ଅକ୍ରୁର ସାହୁଙ୍କ ଏକ ଗୋଦାନରେ ମଙ୍ଗଳବାର ଅଧିକାରୀମାନେ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ ୯୨ ବସ୍ତା ସାର ସହ ବିଭିନ୍ନ କୀଟନାଶକ ଦ୍ରବ୍ୟ ଜବତ କରିଥିବା ଜଣାପଡିଛି। କର୍ଡାପାଳ ସହକାରୀ କୃଷି ଅଧିକାରୀ ତୁଷାର କାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସ୍କ୍ୱାର୍ଡ ପକ୍ଷରୁ ଅନୀଲ ପ୍ରହରାଜ, ସୁଶ୍ରୀ ସ୍ମିତା ପଣ୍ଡା, ବୀରମହାରାଜପୁର ସହ କୃଷି ଅଧିକାରୀ କାଳିନ୍ଦୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟ କରିଥିଲେ। ଏ ସଂକ୍ରାନ୍ତରେ ବୀରମହାରାଜପୁର ପୋଲିସକୁ ଏକ ରିପୋର୍ଟ କରାଯିବା ସହ ସୁବର୍ଣ୍ଣପୁର କୃଷି ଉପନିର୍ଦ୍ଦେଶକ ଓ ଜିଲାପାଳଙ୍କୁ ଅବଗତ କରାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ 90,000,00 ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon



9911436726, 9540938429

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା 60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor, Cell : 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### କେନାଲରେ ଭାସିଗଲା ଶିଶୁ

**ଅତାବିରା, ୧୯।୯ (ଡି.ଏନ.ଏ):** ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ଲହଣ୍ଡା ବଲିପଡା ଗ୍ରାମର ସନୁ ମିର୍ଦ୍ଧାଙ୍କ ୩ବର୍ଷର ଶିଶୁ ଜିତୁ ବୁଧବାର ସକାଳେ ଘର ନିକଟରେ ଥିବା ଲହଣ୍ଡା ମାଇନର କେନାଲରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଶିଶୁକୁ ଉଦ୍ଧାର କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ ।

### ଉଦ୍ୟାନ ବିଭାଗରେ ଚାଲିଛି ଫାଇଲ ଚାଷ

**ଅତାବିରା, ୧୯।୯ (ଡି.ଏନ.ଏ):** ବରଗଡ ଉଦ୍ୟାନ ବିଭାଗ ତରଫରୁ ଡାଳିମ୍ବ, ଅମୃତଭଣ୍ଡା, ଆମ୍ବ ଆଦି ପନିପରିବା ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସରକାରୀ ମୂଲ୍ୟଠାରୁ ଅଧିକ ଟଙ୍କା ନେଉଥିବା ଓ ବିନା ରସିଦରେ ଟଙ୍କା ଅସୁଲି କରୁଥିବା ଭଳି ଅଭିଯୋଗ ହୋଇଛି । ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର କେତେକ ତଥାକଥିତ ଚାଷୀ ନେତାଙ୍କୁ ହାତ କରି ବେଆଇନ ଭାବେ କାଗଜ କଲମରେ ଉଦ୍ୟାନ ବିଭାଗର ଏହି ଚାଷ ଚାଲିଛି। ଏ ବିଷୟରେ କ୍ଷେତ୍ର ପରିଦର୍ଶକ ଜଗତରାମ ମିର୍ଦ୍ଧାଙ୍କୁ ପଚରାଯିବାରୁ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



### ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ର

**ଜାମଟିକ୍ରା, ୧୯।୯ (ଡି.ଏନ.ଏ):** ଅତାବିରା ବ୍ଲକ ଜାଙ୍ଗେଡରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ ହୋଇ ପଡି ରହିଛି । ଗତ ୨୦୧୬ ଅକ୍ଟୋବର ମାସରୁ ଏହି କାମ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ପ୍ରାୟ ୨ବର୍ଷ ହେଲାଣି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଉକ୍ତ କାମ କରୁଥିବା ଠିକାଦାର ବିକାଶ ଗଡତିଆଙ୍କୁ ପଚାରିବାରୁ ବିଲ୍ ପାଇ ନ ଥିବାରୁ କାମ ବନ୍ଦ ରହିଛି ବୋଲି ସେ କହିଥିଲେ । ଅନ୍ୟପଟେ ଅତାବିରା ଜେଇ ରଞ୍ଜନ ନାୟକଙ୍କୁ ପଚାରିବାରୁ ଠିକାଦାର ଉକ୍ତ କାମର ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇସାରିଛନ୍ତି ବୋଲି ମତ ଦେଇଛନ୍ତି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଶିକ୍ଷକଙ୍କ ନୂଆଁଖାଇ ଭେଟଘାଟ

**ପଦ୍ମପୁର, ୧୯।୯ (ଡି.ଏନ.ଏ):** ରାଜବୋଡାସମ୍ବର ବ୍ଲକ ଅଧୀନସ୍ଥ ଖଇରପାଲି କେନ୍ଦ୍ରର ସମସ୍ତ ଶିକ୍ଷକମାନଙ୍କ ଏକ ନୂଆଁଖାଇ ଭେଟଘାଟ କେଉଁଟେନ୍ ବାହାଲି ଖେଳ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଇଓ ଧବଳେଶ୍ୱର ବରିହା, ବରିଷ୍ଠ ଶିକ୍ଷକ କରୁଣାକର ମେହେର, ଶିକ୍ଷକ ନରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ସାହୁ, ସିଆରସିସି ପ୍ରହଲ୍ଲାଦ ମହାନନ୍ଦ ଯୋଗ ଦେଇଥିଲେ। ଏଥିରେ ମସୀ ନାଗ ଓ ଦିବ୍ୟକିଶୋର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ ।

■ କଂଗ୍ରେସର ଯୁବ ଆକ୍ରୋଶ ରାଲି

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଟାର୍ଗେଟ

**ଭେଡ଼େନ, ୧୯।୯(ଡ଼ି.ଏନ.ଏ)**

ଭେଡେନ ବ୍ଲକ




ଭେଡ଼େନରେ କଂଗ୍ରେସର ଯୁବ ଆକ୍ରୋଶ ଶୋଭାଯାତ୍ରାରେ ଯୋଗ ଦେଇଥିବା କର୍ମୀ ଓ ନେତା ।

ବରଗଡ଼ ଲୋକସଭା ଯୁବ କଂଗ୍ରେସ ତରଫରୁ ଉଭୟ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡ଼ି ସରକାରଙ୍କ ଅପାରଗତା, ଦରଦାମ ବୃଦ୍ଧି, ଦୁର୍ନୀତି, ଭ୍ରଷ୍ଟାଚାର, ବେରୋଜଗାରୀ ପ୍ରତିବାଦରେ ବୁଧବାର ବରଗଡ଼ ଜିଲା ଭେଡ଼େନ ଠାରେ ଏକ ଜନ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଛି । ବରଗଡ଼ ଲୋକସଭା ଯୁବ ସଭାପତି ସ୍ୱାଧୀନ କୁମାର ରଥଙ୍କ ଆହ୍ୱାନ କ୍ରମେ ହୋଇଥିବା ଏହି ଶୋଭାଯାତ୍ରା ଭେଡ଼େନ ସପ୍ତାହିକ ବଜାର ପ୍ରାଙ୍ଗଣରୁ ବାହାରି ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା ଏବଂ ସେଠାରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ପରେ ଏହି ଶୋଭାଯାତ୍ରା ଭେଡ଼େନ ବ୍ଲକ ଅଫିସ ଯାଇଥିଲା। ବ୍ଲକ ଅଫିସ ପରିସରରେ ଜିଲା କଂଗ୍ରେସ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ହୋଇଥିବା ପ୍ରତିବାଦ ସଭାରେ ଯୁବ କଂଗ୍ରେସ ରାଜ୍ୟ ସଭାପତି ଲୋକନାଥ ମହାରଥି, ଯୁବ କଂଗ୍ରେସ ରାଜ୍ୟ ପ୍ରଭାରୀ ନିଜାମୁଲ ଅନସାରୀ, ବରଗଡ଼ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସାଧୁ ନେପାକ, ରାଜ୍ୟ ସମ୍ପାଦକ ହରଦୀପ ସିଂ, ନିପନ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଜିପିଓ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ବ୍ଲକ ସଭାପତି ଗଣେଷ ପଧାନ, ଜୋନ ସଭାପତି ଚମାର ମେହେର, ବିଶ୍ୱଜିତ ହୋତା, ବରିଷ୍ଠ ନେତା ଦଶରଥ ମେହେର, ଡ଼ୋଳାବତୀ ମେହେର, ସରୋଜ ପଶାୟତ, କିଶୋର ସାହୁଙ୍କ ସମେତ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ବହୁ ସଂଖ୍ୟକ ଯୁବ କର୍ମୀ ଯୋଗ ଦେଇଥିଲେ ।

## ଭ୍ୟାନ ଧକ୍କାରେ ବାଇକ୍ ଆରୋହୀ ମୃତ

**ସୋହେଲା,୧୯।୯(ଡି.ଏନ.ଏ.)**

ସୋହେଲା ଥାନା ରାୟପୁର ରୋଡ ୬ ନମ୍ବର ଜାତୀୟ ରାଜପଥର ଅଏଁଲାପାଲି ଛକରେ ମଙ୍ଗଳବାର ଅପରାହ୍ନ ଦେଢ଼ଟାରେ ପିକଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ ରାଜ୍ୟ ଜାଜଗିଁର ଜିଲା ଜେଜେପୁର ଥାନା ଚାମା ଗ୍ରାମର ମନୁ ଚନ୍ଦର ବଢ଼େଇ । ମନୁଚନ୍ଦର ଏବଂ ଆଉ ଦୁଇ ଜଣ ଗୋଟିଏ ବାଇକରେ ଲୋହରାଚଟି (ରାୟପୁର)ରୁ ସୋହେଲା ପଟକୁ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଗୋଟିଏ ପିକଅପ୍ ଭ୍ୟାନ ଦ୍ରୁତଗତିରେ ଆସି ବାଇକକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ମନୁଚନ୍ଦରଙ୍କ ମୃତ୍ୟୁ ଘଟିଥିଲା । ବାଇକରେ ଥିବା ଅନ୍ୟ ଦୁଇ ଆରୋହୀ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ସୋହେଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ ଶବ ଜବତ କରି ବରଗଡକୁ ବ୍ୟବଚ୍ଛେଦ ପାଇଁ ପଠାଇ ପିକଅପ ଭ୍ୟାନ ଓ ବାଇକକୁ ଜବତ କରିଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୫୬/୧୮) ରୁଜୁ ହୋଇଛି ।

## କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

**ପଦ୍ମପୁର, ୧୯।୯ (ଡି.ଏନ.ଏ)**

ପଦ୍ମପୁର ନିକଟସ୍ଥ ସତୀଭଟା ଗ୍ରାମ ଖେଳପଡିଆରେ ବୁଧବାର ଶିକ୍ଷକ ଏକାଦଶ ଓ ସତୀଭଟା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସତୀଭଟା କ୍ରିକେଟ ସଂଘ ଦ୍ୱାରା ଆୟୋଜିତ ଏହି ମ୍ୟାଚରେ ଶିକ୍ଷକ ଏକାଦଶ ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିବା ବେଳେ ସତୀଭଟା ଏକାଦଶ ୧୦ ଓଭରରେ ୭୩ରନ କରି ମାତ୍ର ୮ରନରେ ପରାସ୍ତ ହୋଇଥିଲା । ନିରଞ୍ଜନ ଲୁହାର ଓ ମଳୟ ସାହୁ ଖେଳ ପରିଚାଳନା କରିଥିଲେ। ସତୀଭଟା ଏକାଦଶର ସମୀର ସାହୁ ସର୍ବାଧିକ ୩୨ରନ କରିଥିଲେ। ଶିକ୍ଷକ ଏକାଦଶ ପକ୍ଷରୁ ସିପୁନ ବୈକାର ସର୍ବାଧିକ ୧୬ ରନ ଓ ୨ ଉଇକେଟ ନେଇ ଅଲରାଉଣ୍ଡର ଭାବେ ବ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ । ସାମାଜିକ କର୍ମୀ ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବିକାଶ କୈବର୍ତ୍ତ ଓ ସାହିଲ ଖାଁନ୍ ସ୍କୋରିଂ କରିଥିଲେ ।

■ ଭୁକ୍ତାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

## ୮୧ ୟୁନିଟ୍ ରକ୍ତ ସଂଗ୍ରହ

**ଅମ୍ବାଭୋନା, ୧୯।୯ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ନେତାଜୀ କ୍ଲବ ଆନୁକୂଲ୍ୟରେ ବୁଧବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବରଗଡ ଏମ୍‌ପି ଡ. ପ୍ରଭାସ ସିଂ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ସାମାଜିକ କର୍ମୀ ଡ. ଚିନ୍ତାମଣି ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ପଟେଲ, ପୂର୍ବତନ ସମ୍ପାଦକ ଛବିଲାଲ ପଟେଲ, ଜୀବନ ବିନ୍ଦୁର ବରଗଡ ଜିଲା ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୮୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବରଗଡ ରେଡକ୍ରସର ଡା. ଦିବ୍ୟକିଶୋର ପତି, ଲାବ୍ରୋଟାରୀ ଟେକ୍‌ନିସିଆନ୍ ଅମରଜିତ ମହାନ୍ତି, ଭୁବନ ପ୍ରଧାନ, କେ. ରୋଜା, ରେବତୀକାନ୍ତ ସାହୁ, ରୋହିତ କଲେତ, ମହେନ୍ଦ୍ର ମେହେର, ବାବୁଲ ବର୍ଗତ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଭୁକ୍ତା ବିଜେଡି କର୍ମୀ ମେଘନାଦ ପଟେଲ, ପରେଶ ମହାନନ୍ଦ, ଗଣେଶ ସା, ଶିବ ଅଗ୍ରୱାଲ, ରିକୁ ଦାଶ, ମଣ୍ଟୁ ବଢ଼େଇ, ଟୁଲୁ ମହାନ୍ତି, ମୋତିରାମ ପଧାନ ପ୍ରମୁଖ ସହଯୋଗ କରିଥିଲେ ।



ଭୁକ୍ତାସ୍ଥିତ ନେତାଜୀ କ୍ଲବ ଆନୁକୂଲ୍ୟରେ ରକ୍ତଦାନ ଶିବିର ଚାଲିଛି ।

## ନୃସିଂହନାଥର ଗୁପ୍ତଗଙ୍ଗାରେ ବିସର୍ଜନ ହେଲା ଚିତାଭସ୍ମ

**ବରଗଡ଼ ଅଫିସ/ପାଇକମାଳ, ୧୯।୯(ଡି.ଏନ.ଏ.)**



ନୃସିଂହନାଥ ଗୁପ୍ତଗଙ୍ଗାକୁ ଚିତାଭସ୍ମ ନିଆଯାଉଛି ।

ବରଗଡ଼ ଜିଲାର ବହୁମୁଖୀ ପ୍ରତିଭା ତଥା ବରିଷ୍ଠ ସାମ୍ବାଦିକ, କଳା, ସଂସ୍କୃତିପ୍ରେମୀ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଚିତାଭସ୍ମକୁ ବୁଧବାର ପବିତ୍ର ନୃସିଂହନାଥ ପୀଠର ଗୁପ୍ତଗଙ୍ଗା କୁହାଯାଉଥିବା ଚିରସ୍ରୋତା ଝରଣାରେ ବିସର୍ଜନ କରାଯାଇଛି । ଏହି ଅବସରରେ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ଚିତାଭସ୍ମକୁ ଏକ ସୁସଜ୍ଜିତ ଗାଡ଼ିରେ ନୃସିଂହନାଥ ଅଭିମୁଖେ ନିଆଯାଇଥିଲା । ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ସଂଘର ଉପସଭାପତି ଉମେଶ ବିଶ୍ୱାଳ ସ୍ୱର୍ଗତ ବିଶ୍ୱାଳଙ୍କ ଚିତାଭସ୍ମକୁ ଧରି ସକାଳୁ ନୃସିଂହନାଥ ଅଭିମୁଖେ ଯାତ୍ରା କରିଥିଲେ। ଯିବା ବାଟରେ ସ୍ଥାନୀୟ ଗାନ୍ଧୀଛକରେ ଅବସରପ୍ରାପ୍ତ ସେନା ଅଧିକାରୀ ସଂଘ, ହଳଦୀପାଲି ଛକରେ ଜିଲା କୁଲିତା ସମାଜ ଓ ରଣେଶ୍ୱର ରାମଚଣ୍ଡୀ ଯୁବ ସଂଗଠନ ଏବଂ ବୀରଛକରେ ସ୍ଥାନୀୟ ଲୋକେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ଚକରକେନ୍ଦସ୍ଥିତ ମାତୃଛାୟା, ଶାନ୍ତି ତପୋବନ ଅନ୍ତେବାସୀ, ଦଶମାଇଲ ଛକ, ସୋହେଲାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସୋହେଲାରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସମେତ ବହୁ ନାଗରିକ, ଖବରଦାତା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଘେଁସଠାରେ ଅଭିମନ୍ୟୁ ସାହିତ୍ୟ ସଂସଦ, ଜମିଦାର ପରିବାରର ରାଜମାତା ଓ ପରିବାର ବର୍ଗ, ମେଲଛାମୁଣ୍ଡାରେ ସଚେତନ ନାଗରିକ, କଳାକାର, ପଦ୍ମପୁର ଭେଉଁରିଆ ଛକରେ ପଦ୍ମପୁର ନାଗରିକ କମିଟି, ଓକିଲ ସଂଘ, ବଣିକ ସଂଘ, ଟ୍ୟାକ୍ସି ଚାଳକ ସଂଘ, ଘରୋଇ ବସ ମାଲିକ ସଂଘ, ସାମ୍ବାଦିକ ସଂଘ, ଅଞ୍ଚଳ କଲେଜ, ଯୁବ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସେହିପରି ପାଇକମାଳ ବିନ୍ଧ୍ୟବାସିନୀ କଲେଜ, ଯମୁନା କନ୍ଧୁଣୀ ହାଇସ୍କୁଲ, ନୃସିଂହନାଥ ଆୟୁର୍ବେଦ କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଜନସାଧାରଣ, କସ୍ତୁରବା ଗାନ୍ଧୀ ମାତୃ ନିକେତନ, ପାଇକମାଳ କୁଲିତା ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ରାମଚଣ୍ଡୀ ମନ୍ଦିର ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା । ସ୍ୱର୍ଗତ ବିଶ୍ୱାଳଙ୍କ ଚିତାଭସ୍ମ ନୃସିଂହନାଥ ପହଞ୍ଚିବା ପରେ ନୃସିଂହନାଥ ମନ୍ଦିର ପରିଚାଳନା କମିଟି ତରଫରୁ ଚିତାଭସ୍ମକୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହିତ ଚିରସ୍ରୋତା ଝରଣାର ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ପାଛୋଟି ନିଆଯାଇ ଗୁପ୍ତଗଙ୍ଗାରେ ଚିତାଭସ୍ମ ବିସର୍ଜନ କରାଯାଇଥିଲା। ସଂଘର ସମ୍ପାଦକ ରବି ପଣ୍ଡା, ବରିଷ୍ଠ ସଦସ୍ୟ ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଏଥିରେ ସାମିଲ ଥିଲେ । ବିସର୍ଜନ ସାରି ଫେରିବା ପରେ ବରଗଡ଼ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ବରିଷ୍ଠ ସଦସ୍ୟ ଦୀପକ ଶର୍ମା, ସମାଜସେବୀ ଶିବାନନ୍ଦ ମଟାରୀ, ସୁଦାମ ଭୋଇ, ସରୋଜ ଷଡ଼ଙ୍ଗୀ ପ୍ରମୁଖ ନୃସିଂହନାଥ ଯାଇଥିବା କାର୍ଯ୍ୟକର୍ତ୍ତାଙ୍କ ପଦଧୌତ କରିଥିଲେ । ପଣ୍ଡିତ ଗୋପବନ୍ଧୁ ପୁରୋହିତ ମନ୍ତ୍ର ଉଚ୍ଚାରଣ କରିଥିଲେ ।

### ୨୦ ଦିନରେ ସରକାରୀ ବସ୍ ଆନ୍ଦୋଳନ

**ପଦ୍ମପୁର, ୧୯।୯ (ଡି.ଏନ.ଏ)**

ରାଜ୍ୟ ସଡକ ପରିବହନ ପଦ୍ମପୁର ଜୋନର ଡ୍ରାଇଭରମାନେ ଦେଇଥିବା କାର୍ଯ୍ୟବନ୍ଦ ଡାକରା ବୁଧବାର ୨୦ ଦିନରେ ପହଞ୍ଚିଛି । ମାତ୍ର ପରିବହନ ନିଗମ କିମ୍ବା ପ୍ରଶାସନିକ ଅଧିକାରୀ ଏହାର ସମାଧାନ କରିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଜିଲା ପରିବହନ ପରିଚାଳକ ରାଜେନ୍ଦ୍ର ପୂଝାରୀଙ୍କୁ ପଚାରିବାରୁ ଗୁରୁବାର ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରାଯିବ ବୋଲି କହିଥିଲେ ।

## ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀଙ୍କ ପଦଯାତ୍ରା




ବିଜେପୁର ଅଞ୍ଚଳରେ ଭଟିଗାଁରୁ ଯୋଖିପାଲିକୁ ପଞ୍ଚାୟତସ୍ତରୀୟ ପଦଯାତ୍ରା ଯାଉଛି ।

**ପଦ୍ମପୁର/ବିଜେପୁର, ୧୯।୯ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲି, ଡଙ୍ଗାଘାଟ, ଜମଲା, ବରିହାପାଲି, ଗ୍ରାମପଞ୍ଚାୟତରେ ବ୍ଲକଗ୍ରାଣ୍ଟ ଆନ୍ଦୋଳନରତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଏକ ବିରାଟ ମୋଟର ସାଇକେଲ ରାଲିରେ ଗାଁ ଗାଁ ବୁଲିବା ସହ ପଥପ୍ରାନ୍ତ ସଭା କରି ସଚେତନତା ସୃଷ୍ଟି କରିଥିଲେ । ସରପଞ୍ଚ ଝସକେତନ ସାହୁ, ବିଳାସିନୀ ଧରୁଆ, ତୁଳାରାମ ବେହେରା, ସତ୍ୟବାନ ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ତୋଷ ମେହେର, ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟ ସଭାପତି ଲକ୍ଷ୍ମଣ ସାହୁ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ତୀବ୍ର ବିରୋଧ କରି ଶିକ୍ଷକଙ୍କ ଦାବିକୁ ସମର୍ଥନ ଜଣାଇଥିଲେ । ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆବାହକ ପ୍ରଶନ୍ନ କୁମାର ମେହେର, ଅଧ୍ୟାପକ ଦିବ୍ୟକିଶୋର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

**ବିଜେପୁର, (ଡି.ଏନ.ଏ);** ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବରଗଡ ଜିଲା ବିଜେପୁର ବ୍ଲକରେ ପଞ୍ଚାୟତସ୍ତରୀୟ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ସଞ୍ଜୟ କୁମାର ସିଂଙ୍କ ନେତୃତ୍ୱରେ ଶିକ୍ଷକ ଓ କର୍ମଚାରୀ ଭଟିଗାଁରୁ ଶୋଭାଯାତ୍ରାରେ ବାହାରି ଯୋଖିପାଲି, ବାଦିପାଲି ଗ୍ରାମ ପରିକ୍ରମା କରି ପୁଞ୍ଜିପଥର ଛକରେ ପହଞ୍ଚିଥିଲେ । ସରକାର ସେମାନଙ୍କ ୬ଦଫା ଦାବି ପୁରଣ କରୁ ନ ଥିବାରୁ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନରତ ଶିକ୍ଷକ ଓ କର୍ମଚାରୀ ଲିଫଲେଟ ବଣ୍ଟନ କରିଥିଲେ । ପରେ ପୁଞ୍ଜିପଥର ଛକରେ ବିକ୍ଷୋଭ ସମାବେଶ ହୋଇ ପଦଯାତ୍ରା ସମ୍ପନ୍ନ ହୋଇଥିଲା । ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ବହୁ ଶିକ୍ଷକ ଓ କର୍ମଚାରୀ ପଦଯାତ୍ରାରେ ସାମିଲ ହୋଇଥିଲେ ।

### ବରଗଡ଼ରେ ଶିକ୍ଷକ, କର୍ମଚାରୀଙ୍କ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୧୯।୯**

ରାଜ୍ୟରେ ଚାଲିଥିବା ଶିକ୍ଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ଓଡ଼ିଶା ସ୍କୁଲ କଲେଜ ମିଳିତ ଶିକ୍ଷକ ମଞ୍ଚ, ସୋହେଲ ଶାଖା ପକ୍ଷରୁ ଏକ ବିଶାଳ ରାଲି, ପଦଯାତ୍ରା ଓ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ, କର୍ମଚାରୀମାନେ ସନିମାଲ, କୁଚିପାଲି, ସିଧିରା, କଲଙ୍ଗାପାଲି, ଘେଁସ ଓ ପେଟୁପାଲି ପରିକ୍ରମା କରି ସ୍ଥାନୀୟ ଜନ ପ୍ରତିନିଧି, ଅଭିଭାବକ ଏବଂ ଜନସାଧାରଣଙ୍କୁ ସେମାନଙ୍କ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ରାଲି ପରେ ପେଟୁପାଲିଠାରେ ବରିଷ୍ଠ ଶିକ୍ଷକ ସୁଶୀଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା । ଏଥିରେ ପେଟୁପାଲି ହାଇସ୍କୁଲ କମିଟି ସଭାପତି କୃଷ୍ଣଚନ୍ଦ୍ର ସାବତ, ସରପଞ୍ଚ ଘୋଷାମଣି ବାଗ, ସମିତିସଭ୍ୟ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଆନ୍ଦୋଳନ ପ୍ରତି ଗ୍ରାମବାସୀଙ୍କ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ସେହିପରି ମିଳିତ ମଞ୍ଚର ସୋହେଲା ବ୍ଲକସ୍ତରୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଏଥିରେ ସୁଶୀଲ ବେହେରା ସଭାପତି, ଗଜାନନ ଭୋଇ ଉପସଭାପତି, ପ୍ରେମଚାନ୍ଦ ଦୁଆନ ସମ୍ପାଦକ, ସରୋଜ ସାହୁ ଯୁଗ୍ମ ସମ୍ପାଦକ, ବିଦ୍ୟାଧର ଦାଶ କୋଷାଧ୍ୟକ୍ଷ, ଅଶୋକ କୁମାର ପୂଜାହାରୀ ମିଡ଼ିଆ ସଂଯୋଜକ ଏବଂ ସମସ୍ତ ପ୍ରଧାନଶିକ୍ଷକ ଉପଦେଷ୍ଟା ମଣ୍ଡଳୀ ଭାବେ ମନୋନୀତ ହୋଇଥିଲେ। ପେଟୁପାଲି ସମେତ ଘେଁସ ସରପଞ୍ଚ ତଥା ରାଜମାତା ମମତା ସିଂ ବରିହା, କୁଚିପାଲି ସରପଞ୍ଚ ସବ୍ୟସାଚୀ ପ୍ରଧାନ, ସନିମାଲ ସରପଞ୍ଚ ଦେବରାଜ ବାରିକ ପ୍ରମୁଖ ସାମିଲ ହୋଇ ଉଦବୋଧନ ଦେଇଥିଲେ ।

■ ଗୋପବନ୍ଧୁ ଯୋଜନାରେ ଅନିୟମିତତାର ପ୍ରତିବାଦ

## ବ୍ଲକ ଅଫିସ୍ ଫାଟକରେ ତାଲା ପଡିଲା

**ବରପାଲି, ୧୯।୯ (ଡି.ଏନ.ଏ)**



ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ବ୍ଲକ ଅଫିସ୍ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି ।

ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବରଗଡ଼ ଜିଲା ବରପାଲି ବ୍ଲକରେ ୧କୋଟି ୩୨ ଲକ୍ଷ ୨୮ ହଜାର ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ବୁଧବାର ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାରଙ୍କ ନେତୃତ୍ୱରେ କେତେକ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ବ୍ଲକ ଅଫିସ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଧାରଣାରେ ସମିତି ସଭ୍ୟା ସୁଦେଷ୍ଣା ପଧାନ, ଅନୁପମା ସାହୁ, ଇଚ୍ଛା ସେଠ, ଗୋପିକା ବିଶ୍ୱାଳ, ଯସ୍ମିନ ନାଗ ଓ ସରପଞ୍ଚ ଗଜପତି ବେହେରା, ନାରାୟଣ ପ୍ରଧାନ, ସୁଜାତା ଭୋଇ ଓ ନରେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଫଳରେ ଅଫିସ କାର୍ଯ୍ୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ତହସିଲଦାର ଯୁଧିଷ୍ଠିର ମେହେର ଧାରଣାସ୍ଥଳକୁ ପହଞ୍ଚି ୭ ଦିନ ମଧ୍ୟରେ ଏହି ଘଟଣାକୁ ସେ ଜିଲାପାଳଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ଜଗନ୍ନାଥ ଦାସ ଜୟନ୍ତୀ

ବଲାଙ୍ଗୀର ଅଫିସ, ୧୯।୯: ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ପକ୍ଷରୁ ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ମଞ୍ଚାସୀନ ଅତିଥିବୃନ୍ଦ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ମୁଖ୍ୟଅତିଥି ସାହିତ୍ୟ ପରିଷଦ ପ୍ରାନ୍ତୀୟ ସଂଗଠନ ସମ୍ପାଦକ ନାରାୟଣ ନାୟକ ଜଗନ୍ନାଥ ରଚିତ ଓଡ଼ିଆ ଭାଗବତର କାଳଜୟୀ ପ୍ରଭାବ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ରାମଚନ୍ଦ୍ର ପଟେଲ ଜଗନ୍ନାଥ ଦାସଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଅଚ୍ୟୁତାନନ୍ଦ ଉଦ୍‌ଗାତା ଆଧୁନିକ ଓଡ଼ିଆ ସମାଜରେ ଭାଗବତ ଟୁଙ୍ଗିର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। କବି ସଚ୍ଚିଦାନନ୍ଦ ମିଶ୍ର, କବିତା ମିଶ୍ର, ତଥା ଅଚ୍ୟୁତାନନ୍ଦ ଉଦ୍‌ଗାତା ଜଗନ୍ନାଥ ଦାସଙ୍କ କୃତିକୁ ନେଇ କବିତା ପାଠ କରିଥିଲେ। ସଭାପତି ଛୁରିଆ ସମକାଳୀନ ଭାରତୀୟ ଜୀବନ ଦର୍ଶନ ତଥା ତତ୍‌କାଳୀନ ଓଡ଼ିଆ ସମାଜରେ ଭାଗବତର ପ୍ରଭାବ ସମ୍ପର୍କରେ ବିଶଦ୍ ବର୍ଣ୍ଣନା କରିଥିଲେ। ସହସମ୍ପାଦକ ଡା. ଅଶୋକ କୁମାର ସେଠୀ, ସତ୍ୟବନ୍ତ ବେଦବାକ, ରାଜବଲ୍ଲଭ ପଣ୍ଡା, କପିଳ ପତି, ପର୍ଶୁରାମ ନାୟକ, ରଘୁନାଥ ମିଶ୍ର, ବଳିଷ୍ଠ ପ୍ରଧାନ, ବ୍ରଜଭୂଷଣ ଦାଶ, ହୃଷୀକେଶ ପୁରୋହିତ, ପବିତ୍ର କୁମାର ଦାଶ, ମାଳତୀ ଉଦ୍‌ଗାତା, ଦିନେଶ ମହାନନ୍ଦ, ସୋମ ପ୍ରକାଶ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସମ୍ପାଦକ ଧର୍ମବ୍ରତ ରଥ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।



### ବଲାଙ୍ଗୀର ଫୁଟ୍‌ବଲ ଲିଗ୍: ଲୋଇସିଂହା-ବଲାଙ୍ଗୀର, ପାଟଣାଗଡ଼-ନକ୍ସସର ମଧ୍ୟରେ ସେମିଫାଇନାଲ

**ବଲାଙ୍ଗୀର ଅଫିସ, ୧୯।୯:** ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ପୁଲ ୨ ଶେଷ ଲିଗ୍ ମ୍ୟାଚରେ ବଲାଙ୍ଗୀର ଇଲେଭେନ ଷ୍ଟାର ଦଳ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଖେଳରେ ଜରାସିଂହା ବିଏନ୍‌ଏଏକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଖେଳର ଦ୍ୱିତୀୟାର୍ଦ୍ଧରେ ହେମନ୍ତ ଭୋଇ ଗୋଟିଏ ଗୋଲ ଦେଇଥିଲେ। ପୁଲ ୨ରୁ ପାଟଣାଗଡ଼ ପାଟଣେଶ୍ୱରୀ ଦଳ ଓ ବଲାଙ୍ଗୀର ଇଲେଭେନ ଷ୍ଟାର ଦଳ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଫାଓ ଓଡ଼ିଶା ତଥା ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳୀ ତଥା କ୍ରୀଡ଼ା ସଂସଦ ବରିଷ୍ଠ ସଦସ୍ୟ ଶାନ୍ତନୁ ସାହୁ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଫୁଟବଲ ସମ୍ପାଦକ ନିଶାରକାନ୍ତ ନାଗ ଯୋଗଦେଇଥିଲେ। ଖେଳକୁ ସୁଦୟ ବାରିକ, ସୁଶାନ୍ତ ନାଗ, ସୁଦର୍ଶନ ସେଠ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। ୨୦ ତାରିଖ ଗୁରୁବାର ଏପିଜେ ଲୋଇସିଂହା ବନାମ ଇଲେଭେନ୍ ଷ୍ଟାର ବଲାଙ୍ଗୀର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ। ସେହିପରି ୨୧ ତାରିଖ ଶୁକ୍ରବାର ପାଟଣାଗଡ଼ ପାଟଣେଶ୍ୱରୀ ବନାମ ଜିୱାଡିସି ନକ୍ସସର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳାଯିବ। ୨୨ ତାରିଖ ଶନିବାର ଗ୍ରାଣ୍ଡ ଫାଇନାଲ ଖେଳ ହେବ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।

### ହୀରାକୁଦ ଲାୟନ୍ସ କ୍ଲବର ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୯ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ଅଫ୍ ହୀରାକୁଦ ରୟାଲ୍, ଲାୟନ୍ସ କ୍ଲବ ପରିବାର ଓ ଲାୟନ୍ସ କ୍ଲବ ଅଫ୍ ଆଲୁମିନି ସିଟି ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ, ଖାଦ୍ୟ ବଣ୍ଟନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ସେବା ମଧ୍ୟ ଯୋଗାଇ ଦିଆଯାଇଥିଲା। ପ୍ରକଳ୍ପ ଅଧ୍ୟକ୍ଷ କାର୍ତ୍ତିକ କଲେତ, ସମ୍ପାଦକ ବିକାଶ ଅଗ୍ରୱାଲ, ସଭାପତି ବାବୁଲୁ ବେଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫସ୍‌କା କାମ୍: କଂକ୍ରିଟ୍ ଫାଟ୍‌ଲା, ପିଚୁ ଉଠ୍‌ଲା

ଲୋଇସିଂହା, ୧୯।୯ (ଡି.ଏନ୍.ଏ)






ସୂଚନା ଫଳକ୍ (ବାମ)। ବୁର୍ଡ଼ା-ସିଆଲବାହାଲି ପ୍ରଧାନମନ୍ତ୍ରୀ ସଡ଼କ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶା ପର୍‌ଥମ ଠାନ୍ ଦଖଲ୍ କରିଥିବାର ଲାଗି ଏଭେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ରାଏଜ୍‌କେ ୩ଟା ପୁରସ୍କାରରେ ସନାମନା କରିଛେ। ରାଏଜ୍‌କେ ମିଲିଥିବାର ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ବଡ଼ଭାରି ଖୁସି ହେବାର ସଂଗେ ଗ୍ରାମ୍ୟ ଉନ୍ନୟନ ବିଭାଗ୍‌କେ ପର୍‌ଶଁସା କରିଛନ୍। ହେଲେ ଇ ଯୋଜ୍‌ନାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ବୁର୍ଡ଼ା ୨୬ ନଂ ଜାତୀୟ ରାଜପଥ ଠାନୁ ସିଆଲବାହାଲି ୨.୮୦ କି.ମି. ରାସ୍‌ତା ତିଆରିର ୩ ମାସ୍ ପୁରିଛେ କି ନାଇଁ ରାସ୍‌ତା ବହୁତ୍ ଜାଗାରେ ଦବି ଯାଇଛେ। ସେନ୍‌ତା ଆରକେତେ ଜାଗାରେ କଂକ୍ରିଟ ଫାଟି ଆଁ କରିଥିଲା ବେଲେ ବହୁତ୍ ଜାଗାରେ ପିଚୁ ବି ଉଠିଗଲାନ। ଯେନ୍‌ଟା ଇ ରାସ୍‌ତା କାମ୍‌ଟା ଅତି ଫସ୍‌କା ହେଇଥିବାର ଜନାପଡୁଛେ। ବିଭାଗ୍‌କେ ମୁଖ୍ୟମନ୍ତ୍ରୀ ପର୍‌ଶଁସା କରୁଥିଲା ବେଲେ ବୁର୍ଡ଼ା-ସିଆଲବାହାଲି ରାସ୍‌ତା ବିଭାଗ୍‌ର ଅସଲ ମୁଖାକେ ଖୁଲିଦେଇଛେ। ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭଗ ପ୍ୟାକେଜ ନଂ. ଓଆର ୦୫-୨୭୯/ବି.୩ ରେ ୨.୮୦ କି.ମି. ରାସ୍‌ତା ଲାଗି ୯୫ ଲକ୍ଷ ୬୯ ହଜାର ଟଙ୍କା ଖରଚ୍ ହେଇଛେ। ଇଠାନେ ୧.୬୫ ପିଚୁ ରାସ୍‌ତା ଆର୍ ୦.୩୫ କି.ମି. କଂକ୍ରିଟ ରାସ୍‌ତା, ୬ଟା ପୁଲିଆ ରହିଚେ। କାମ୍‌ଟା ଅଗଷ୍ଟ ୨୦୧୭ରେ କାମ୍ ଆରମ୍ ହେଇ ମେ ୨୦୧୮ରେ ସରିଥିବାର ସୂଚ୍‌ନା ଫଲକରେ ଲେଖା ଯାଇଛେ। ପର୍‌କୃତ କଥାଟା ହେଉଛେ ଇଠାନେ ଚଲ୍‌ତି ବଛର୍ ଫେବୃୟାରୀରେ କାମ୍ ମୂଲ୍ ହେଇଥିଲା। ଜିଲାରେ ପହେଲା କରି ସେଲଫିଲଡ ପକ୍‌ରିଆରେ କଂକ୍ରିଟ କରାଯାଇଥିଲା। ଇଠାନେ ବିଛା ଯାଇଥିବାର ପେପର ବକ୍ସରେ ଗେଟି ଆର୍ ସିମେଟ ଠିକ୍ ହିସାବେ ନାଇଁ ପଡ଼ିଥିବାର ଲାଗି ବକ୍ସ ଜାକ ଦେଖାଯାଉଥିଲା। ଯେନ୍‌ଥିର୍‌ଲାଗି ଏହେଦେ କଂକ୍ରିଟ ରାସ୍‌ତାରୁ ଗେଟି ଉଠି ଯାଉଛେ। ସେନ୍‌ତା ପିଚୁ ରାସ୍‌ତାରେ ଦର୍‌କାର ହିସାବେ ମୁରୁମ, ବାଲି ବେଭାର ନାଇଁ ହେଇ। ଏନ୍‌ତା କି ବିନା ମେଟାଲିଂରେ ପିଚୁ ଢ଼ଲେଇ ହେଇଛେ। ସେଟା ବି ବହୁତ୍ ହଲ୍‌କା କିସ୍‌ମର ପିଚୁ ବେଭାର ହେଇଥିବାର ଅଭିଯୋଗ୍ ହେଇଛେ। ଯେନ୍‌ଥିର୍‌ଲାଗି ପିଚୁ ଉଠିଯାଉଛେ। ଏହେଦେ ଇ ରାସ୍‌ତାଟା କେତେଦିନ୍ ଠହରିବା ସେ ବାବ୍‌ଦେ ଅଂଚଲବାସୀ ସଁଧେରେ ଅଛନ୍। ହଲ୍‌କା କାମ୍‌ଲାଗି ଅଂଚଲ୍‌ବାସୀ ଆପତି କରିଛନ୍। ଇ ବାବ୍‌ଦେ ଜିଲାପାଲ ଆର୍ ବିଭାଗୀୟ ଅଧିକାରୀଙ୍କ ପାସେ ଯାଁଚ୍ ଲାଗି ଦାବି କରିଥିଲେ। ଅଭିଯୋଗ୍ ଲାଗି ଗଲା କେତେଦିନ୍ ଆଗ୍‌ରୁ ଭୁବନେଶ୍ୱରରୁ ଗୁଟେ ଟିମ ଯାଁଚ୍ ଲାଗି ଆସିଥିଲେ। ସେ ଟିମ୍ ଆଘେ ଝନେ ଥାନୀୟ ଅଧିକାରୀ ନୂତନ୍ ଯୋଜ୍‌ନାକେ ଦାୟୀ କରିଥିଲେ। ହେଲେ ଯାଁଚ୍ ଟିମ୍ ଇ ଯୋଜ୍‌ନା ଇ ରାସ୍‌ତା ଲାଗି ଠିକ୍ ନାଇଁଥିବାର କହେବାର ସଂଗେ ହଲ୍‌କା କାମ୍ ବାବ୍‌ଦେ ପ୍ରଶ୍ନ ଉଠେଇଥିଲେ। ଯେନ୍‌ଟାକେ ନେଇ ସାଧାରନରେ ଗୁଟେ ଚର୍‌ଚାର ବିଷେ ହେଇଛେ। ଅତି ହଲ୍‌କା କାମ୍ ଲାଗି ଗାଡ଼ିମଟର ଗଲାଆଏଲା ଉତାରୁ ରାସ୍‌ତାର ଅବସ୍‌ତା ବହୁତ୍ ଖରାପ୍ ହେଇଯାଇଥିଲା। ଅଧିକାରୀଙ୍କର ଯାଁଚ୍ ଉତାରୁ ରାସ୍‌ତା ଦବି ଥିବାର ଜାଗାମାନ୍ କୁଡି ସେଠାନେ କ୍ରସର ଗୁଁଡ ଦେଇ ପେଚିଂ କରାଯାଇଛେ। ଇ ବାବ୍‌ଦେ ବିଭାଗୀୟ ଯନ୍ତ୍ରୀ ଶ୍ରୀମନ୍ତ ପଣ୍ଡାଙ୍କୁ ପଚ୍‌ରାବାରେ ଉଚ ଅଧିକାରୀ ଟିମ୍ ଯାଁଚ୍ କରି ଫିରିଛନ୍, ସେମାନ୍‌କର ନିର୍‌ଦେଶ ଅନ୍‌ସାରେ ଖରାପ୍ ହେଇଥିବାର ଜାଗାମାନ୍ ମରାମତି କରାଯାଉଛେ ବଲି କହିଥିଲେ। ଖବର ନେବାରେ ଜନାଯାଇଛେ ଯେ, ମେ'ରେ ଇ ରାସ୍‌ତା ତିଆରି କାମ୍ ସରିଥିଲା। ମାସେ ଆଗ୍‌ରୁ ରାଏଜ୍ ସରକାରଙ୍କର ତର୍‌ଫୁ ଆରଗୁଟେ ସୂଚ୍‌ନା ଫଲକ ଲଗାଯାଇଛେ। ଯେନ୍‌ଥିରେ ପ୍ରକଳ୍ପର ୪୦ ଶତକଡା ଖର୍‌ଚା ରାଏଜ୍ ସରକାର ବହନକରିଥିବାର ଲେଖା ଅଛେ। ପ୍ରକଳ୍ପକେ ନେଇ ସବୁବେଲେ କେନ୍ଦ୍ର ଆର୍ ରାଏଜ୍ ସରକାର ନିଜର ନିଜର ବାହାଦୁରି ମାରୁଛନ୍ ହେଲେ ବୁର୍ଡ଼ା-ସିଆଲବାହାଲି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍‌ନାରେ ହେଇଥିବାର ଦୁର୍‌ନୀତିର ବାହାଦୁରିଟା କିଏ ମୁଡାବା ବଲି ସାଧାରନ୍‌ରେ ଚର୍‌ଚା ହେଉଛେ।

**ବୁର୍ଡ଼ା-ସିଆଲବାହାଲି ପ୍ରଧାନମନ୍ତ୍ରୀ ସଡ଼କ**

- ୨.୮୦ କି.ମି. ରାସ୍‌ତା ଲାଗି ୯୫ ଲକ୍ଷ ୬୯ ହଜାର ଖରଚ୍ ହେଇଛେ
- ୧.୬୫ କି.ମି. ପିଚୁ, ୦.୩୫ କି.ମି. କଂକ୍ରିଟ, ୬ଟା ପୁଲିଆ ହେଇଚେ
- ଜିଲାରେ ପହେଲା ସେଲଫିଲଡ ପକ୍‌ରିଆରେ କଂକ୍ରିଟ ହେଇଥିଲା

### ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଦାବିପତ୍ର ପ୍ରଦାନ

ଗୁଡ଼ଭେଲା, ୧୯।୯ (ଡି.ଏନ୍.ଏ.)

ଗୁଡ଼ଭେଲା ଏବଂ ଦେଓଗାଁ ବ୍ଲକର ବ୍ଲକଗ୍ରାଣ୍ଟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକମାନେ ବିଭିନ୍ନ ଦାବି ନେଇ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅଧୀନ ରୁଷୁଡ଼ା ପଞ୍ଚାୟତ ଅଫିସକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ସହ ସରକାରୀ ବିରୋଧି ସ୍ଲୋଗାନ ଦେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରୁଷୁଡ଼ା ଆଞ୍ଚଳିକ ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୁଡ଼ଭେଲା ବ୍ଲକ କଂଗ୍ରେସ ସଭାପତି ବିଜୟ ସାହୁ, ଶିକ୍ଷାବିତ ସୁବାସ ମିଶ୍ର, ବିହାରୀଲାଲ ସାହୁ, ଜୟକୁମାର ଆଚାର୍ଯ୍ୟ, ଗିରିଜା ପ୍ରସାଦ ବାରିକ, ଦୁର୍ଯ୍ୟୋଧନ ସାହୁ, ଅଲ୍ ଇଣ୍ଡିଆ ଡ଼ିଏସ୍‌ଓ ଜିଲା ସଭାପତି ସୁନିଲ ସାହୁ ଯୋଗଦେଇ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବାରେ ସରକାର ବିଫଳ ହୋଇଥିବା ନେଇ ସମାଲୋଚନା କରିଥିଲେ। ପରେ ସରପଞ୍ଚ ସବିତା ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଥିବା ବେଳେ ପଞ୍ଚାୟତ ପକ୍ଷରୁ ଉକ୍ତ ପ୍ରସ୍ତାବ ସରକାରଙ୍କୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ମିଳିତ ମଞ୍ଚର ପଞ୍ଚାୟତସ୍ତରୀୟ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୧୯।୯

ଗୁଡ଼ଭେଲା ବ୍ଲକର ରୁଷୁଡ଼ାଠାରେ ବ୍ଲକଗ୍ରାଣ୍ଟ ସ୍କୁଲ, କଲେଜ ମିଳିତ ମଞ୍ଚ ପକ୍ଷରୁ ବୁଧବାର ପଞ୍ଚାୟତସ୍ତରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଷୁଡ଼ା କଲେଜ ଅଧ୍ୟାପକ ପ୍ରଦୀପ କୁମାର ସାହୁ, ସୁଧୀର ଷଡ଼ଙ୍ଗୀ, ସୁରେଶ ଦ୍ୱାରି, ଗିରିଜା ବାରିକ, ଜୟକୁମାର ଆଚାର୍ଯ୍ୟ ସମେତ ଦେମୁହାଣ ହାଇସ୍କୁଲ ଶିକ୍ଷକ ରୁଦ୍ର ହେର୍ଣ୍ଣା, ସନ୍ତୋଷ କୁମାର ସାହୁ, ହୃଷୀକେଶ ମେହେର, କ୍ଷୀରୋଦ୍ର ପ୍ରଧାନ, ଟଙ୍କଧର ସାହୁ, ମାଡ଼େକେଲା ହାଇସ୍କୁଲର ଚିତ୍ତରଞ୍ଜନ ମିଶ୍ର, ତୀର୍ଥରାଜ ବଗର୍ତ୍ତି, ଶିକ୍ଷାବିତ ସୁବାସ ଚନ୍ଦ୍ର ମିଶ୍ର, ଗୁଡ଼ଭେଲା ବ୍ଲକ କଂଗ୍ରେସ ସଭାପତି ବିଜୟ କୁମାର ସାହୁ, ରୁଷୁଡ଼ା ସରପଞ୍ଚ ସବିତା ବେହେରା, ଭାଜପା ନେତା କୈଳାସ ବେହେରା, ବିହାରୀଲାଲ ସାହୁ, ସମାଜିକ କର୍ମୀ ଦୁଖୁ ନନ୍ଦ, ଏଆଇଡ଼ିଏସଓ ସଭାପତି ସୁନୀଲ ଭୋଇ ଯୋଗଦେଇ ସରକାରଙ୍କ ବ୍ଲକଗ୍ରାଣ୍ଟ ନୀତିକୁ ବିରୋଧ କରିଥିଲେ। ସରକାର ତୁରନ୍ତ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜକୁ ଚାକିରୀ ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଯୋଗାଇ ଦେବାକୁ ଦାବି କରିଥିଲେ। ଦୀର୍ଘ ୩୫ ଦିନ ଧରି ଭୁବନେଶ୍ୱର ରାଜରାସ୍ତାରେ ବସିଥିବା ବ୍ଲକଗ୍ରାଣ୍ଟ ସ୍କୁଲ କଲେଜଙ୍କ ଶିକ୍ଷକଙ୍କ ଦାବି ସରକାର ଶୁଣୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ବ୍ଲକ କଂଗ୍ରେସ ଏଥିପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ବ୍ଲକ କଂଗ୍ରେସ ସଭାପତି ବିଜୟ ସାହୁ ପ୍ରକାଶ କରିଥିଲେ। ଏସଂକ୍ରାନ୍ତରେ ପଞ୍ଚାୟତ ରିଜୋଲ୍ୟୁସନ୍ କରି ସରକାରଙ୍କୁ ଜଣାଇ ଦିଆଯିବ ବୋଲି ରୁଷୁଡ଼ା ସରପଞ୍ଚ କହିଥିଲେ। ଶିକ୍ଷାବିତ ସୁବାସ ଚନ୍ଦ୍ର ମିଶ୍ର ସରକାରଙ୍କ ଏଭଳି ନୀତିକୁ ନିନ୍ଦା କରିଥିଲେ।

କେନ୍ଦ୍ରୀୟ କର୍ମଚାରୀଙ୍କ ନୂତନ ପେନସନ ନୀତିକୁ ବିରୋଧ

## ଗୋଲାବାରୁଦ କାରଖାନା ସମ୍ମୁଖରେ ବିକ୍ଷୋଭ

ସଇଁତଲା, ୧୯।୯ (ଡି.ଏନ୍.ଏ.)



ବିକ୍ଷୋଭରେ ସାମିଲ ହୋଇଥିବା ୟୁନିୟନ କର୍ମକର୍ତ୍ତା।

ସର୍ବଭାରତୀୟ ଶ୍ରମିକ ସଂଗଠନର ଦୁଇ ପ୍ରମୁଖ ମହାସଂଘର ଆହ୍ୱାନ କ୍ରମେ ଗୋଲାବାରୁଦ କାରଖାନାର ମଜଦୁର ଏବଂ କର୍ମଚାରୀ ୟୁନିୟନର ମିଳିତ ଭାବେ ବୁଧବାର କେନ୍ଦ୍ରୀୟ କର୍ମଚାରୀଙ୍କ ନୂତନ ପେନସନ ନୀତିକୁ ବନ୍ଦ କରି ପୁରୁଣା ପେନସନ ନୀତି ଲାଗୁ କରିବାକୁ ଦାବିକରି ବଡ଼ମାଳସ୍ଥିତ ଗୋଲାବାରୁଦ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଜଦୁର ସଂଘର ମନୋଜ ଗୌଡ଼ା, ସଭାପତି ପଞ୍ଚୁ ପଟେଲ, ଉପସଭାପତି ମନୋଜ ଶର୍ମା, ସହ ସମ୍ପାଦକ ସତ୍ୟପ୍ରେମ ମାଝି, ଧର୍ମରାଜ ମହାନନ୍ଦ, କାର୍ଯ୍ୟସମିତି ସମ୍ପାଦକ ଜୟସିଂ ନାଏକ, ରାଜକିଶୋର ସାହୁ, କର୍ମଚାରୀ ୟୁନିୟନର ସମ୍ପାଦକ ସଞ୍ଜୀବ ବଗର୍ତ୍ତି, କେଦାର ବାରିକ ପ୍ରମୁଖ କେନ୍ଦ୍ର ସରକାରଙ୍କ ନୂତନ ପେନସନ ନୀତିକୁ ହଟାଇ ପୁରୁଣା ପେନସନ ନୀତି ଲାଗୁ କରିବା ପାଇଁ ଦାବି କରିଥିଲେ। ନୂତନ ପେନସନ ନିୟମ ଅନୁଯାୟୀ କର୍ମଚାରୀଙ୍କୁ ମୂଳ ଦରମାର ୧୦ ପ୍ରତିଶତ ଜମା କରିବାକୁ ପଡିଥାଏ ଏବଂ ୧୦ ପ୍ରତିଶତ ସରକାର ଜମା କରିଥାନ୍ତି। ଯଦି କୌଣସି କର୍ମଚାରୀ ସେବାରୁ ନିବୃତ୍ତ ହୁଅନ୍ତି ତେବେ ତାଙ୍କୁ ଜମା ଟଙ୍କାର ମାତ୍ର ୬୦ ପ୍ରତିଶତ ଦିଆଯାଉଥିବା ବେଳେ ୪୦ ପ୍ରତିଶତ ଶେୟାର ମାର୍କେଟରେ ନିବେଶ କରାଯାଇଥାଏ। ଏହି ୪୦ ପ୍ରତିଶତ ଟଙ୍କାର ନିବେଶକୁ ନେଇ ସେମାନଙ୍କର ପେନସନ ନିର୍ଦ୍ଧାରଣ କରାଯାଇଥାଏ। ତେଣୁ ଏହି ନିୟମକୁ ଯଥାଶୀଘ୍ର ପ୍ରତ୍ୟାହାର କରି ପୁରୁଣା ପେନସନ ନୀତି ଲାଗୁ କରିବା ପାଇଁ ସଂଗଠନର କର୍ମକର୍ତ୍ତା ଦାବି କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ସମୟରେ ମଜଦୁର ସଂଘର ବିରଞ୍ଚି ମହାନନ୍ଦ, ଅବନୀ ପଧାନ, ଏଆର୍. ମହାପାତ୍ର, ରାଜକୁମାର ପଧାନ, ସୁରେଶ କରନ, ମହେନ୍ଦ୍ର ଜାନୀ, ସନାତନ ଭୋଇ, ଅନୁପ ସାଏ, ବଂଶୀଧର ଭୋଇ, ବୀରେନ୍ଦ୍ର ମୁନା, ଲାଲଜୀ ନାଏକ, ଘନଶ୍ୟାମ ଭୋଇ, କର୍ମଚାରୀ ୟୁନିୟନର ସଭାପତି ରାଜେଶ ନାଏକ, ପ୍ରଶାନ୍ତ ବେହେରା, ସୁଶାନ୍ତ କୁମାର ତ୍ରିପାଠୀ, ଶ୍ୟାମ ସେଠ, ରୋହିତ ରଣା, କଳାକାର ବଗର୍ତ୍ତି, ଅନୀଲ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାକୁ ଆହ୍ୱାନ

ଖପ୍ରାଖୋଲ, ୧୯।୯ (ଡି.ଏନ୍.ଏ.)



ବୁଢିବାହାଲଗାଁରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢିବାହାଲଗାଁରେ ୨୧ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଟ୍‌ଘାଟ୍‌ର ଉଦ୍‌ଯାପନୀ ସନ୍ଧ୍ୟାରେ ସୁଶିଳ କୁମାର ପୋଢ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଉନ୍ନୟନ ପରିଷଦ ରାଜ୍ୟ ସଭାପତି ବଲରାମ ସିଂ ଯାଦବ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପହ୍ଲାଦ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ପଛୁଆ ବର୍ଗ ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ନାଏକ, ନାରିନେତ୍ରୀ ସବିତା ମୋହରା, ଶିକ୍ଷାବିତ୍ ପ୍ରହ୍ଲାଦ ମେହେର, କଲାକାହ୍ନୁ ସାହୁ ପ୍ରମୁଖ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଯାହାକି ଭାଇଚାରା ଏବଂ ଏକତା ରକ୍ଷା ପାଇଁ ସାରା ଦେଶରେ ଏକା ସମୟରେ ପାଳନ କରୁଥିବା ଗଣପର୍ବ ମଧ୍ୟରୁ ଅନ୍ୟତମ। କେବଳ ପରମ୍ପରା ନୁହଁ ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ, ଖେଳକୁଦ, ଲୋକ ବାଦ୍ୟ, ଲଘୁ କଥା, ଲୋକ ଗୀତକୁ ମଧ୍ୟ ବଞ୍ଚାଇବା ପାଇଁ ପ୍ରୟାସ କରାଯିବାନେଇ ବକ୍ତାମାନେ ମତ ପୋଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ନାଚଗୀତ ଆୟୋଜିତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, ଯୁବକ ଏବଂ ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ଉଦ୍ୟୋଗୀ ରଞ୍ଜନ କୁମାର ସାହୁ, ମୁଖ୍ୟ ବକ୍ତା ସାମାଜିକ କର୍ମୀ ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ମାନସ ସାହୁ, ଅଲେଖ ବିଶ୍ୱାଳ, କମଳ ବିଶ୍ୱାଳ, ଦୀପକ ବଗର୍ତ୍ତି, ସାଇରାମ ସାହୁ, ସୌଦା ପୁଟେଲ, ରାଜେଶ ସାହଙ୍କ ସମେତ ଆୟୋଜକ କମିଟି ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ଖର୍ସେଲବାଞ୍ଜିରେ ନୂଆଁଖାଇ ଭେଟ୍‌ଘାଟ୍

ଟିକ୍ରାପଡ଼ା, ୧୯।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଏବଂ ଭାଗବତ କଳା ବିକାଶ ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ହରିଶ୍ଚନ୍ଦ୍ର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବକ ସଂଘ ସଭାପତି ଜୟରାମ ମାଝି ଅଧ୍ୟକ୍ଷତା କରିଥିଲେ। ଗୌନ୍ତିଆ ଟିକେନନ୍ଦ ମାଝି, ଘାସିରାମ ଖମାରୀ, ନୀଳକଣ୍ଠ ମିର୍ଦ୍ଧା, ନବୀନ ସଲତର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ନିମାନନ୍ଦ ଖମାରୀଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ 'ଭାଏ ବୁହେନ ଆସ ପଛକେ ଫିରିଯିମା' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ଅନନ୍ତ ମହାକୁର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। କୃଷ୍ଣ, ଗଣେଶ, ବିପିନ, ବାବୁଲାଲ, ଯୁବି, ରନ, ଟିଙ୍କୁ, ଅଶୋକ, ରାଜେଶ, ରୋହିତ, ଇମେଶ ପ୍ରମୁଖ ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଜନସାଧାରଣ ନାଟକର ଭରପୂର ମଜା ଉଠାଇଥିଲେ। ସତ୍ୟନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବଗଡ଼ାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ଦେଓଗାଁ, ୧୯।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୩ ନମ୍ବର ଜୋନ ବଗଡ଼ା ଖେଳପଡ଼ିଆରେ ବୁଧବାର ଅପରାହ୍ନରେ ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ୧୩ନମ୍ବର ଜୋନ ମଣ୍ଡଳ ସଭାପତି ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ଡ. ବାସୁଦେବ ପତି ଯୋଗଦେଇ ସମସ୍ତେ ସୁସଂଗଠିତ ହୋଇ ଗାଁର ବିକାଶ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ବରିଷ୍ଠନେତା ବେଣିମାଧବ ହୋତା, ୧୨ନମ୍ବର ଜୋନ ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଦୟାମୟ ସାହୁ, ତପସ୍ୱିନୀ ସାହୁ, ଗଣେଶ ବାଗ, ଭୋଜରାଜ ସାହୁ, ପ୍ରଦୀପ ସାହୁ ତଥା ଶିବତଲା ସରପଞ୍ଚ ବାସ୍ତର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରବି ସାହୁ, ପରମା କୁଅଁର, ରାମ ସାଙ୍କୁ ମୁଖ୍ୟ ଅତିଥି ଡ. ପତି ସମ୍ବର୍ଦ୍ଧିତ କରିଥିଲେ। ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସନ୍ୟାସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ୧୩ ନମ୍ବର ଜୋନର ଦଳୀୟ କର୍ମକର୍ତ୍ତା ସହଯୋଗ କରିଥିଲେ।



ବଗଡ଼ାରେ ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ



### ୧୪ ଫୁଟର ଅଜଗର ଉଦ୍ଧାର

**ଟେନସା/ଲହୁଣିପଡ଼ା,୧୯।୯(ଡି.ଏନ.ଏ.)-** ଲହୁଣୀପଡା ଥାନା ଅଧିନସ୍ଥ ବରସୁଆଁ ଗ୍ରାମର ସୀତାରାମ ପ୍ରସାଦଙ୍କ ଏକ ଅବ୍ୟବହୃତ ଘରୁ ଏକ ୧୪ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି । ପ୍ରକାଶ ଯେ, ସୀତାରାମଙ୍କ ଘରେ କାମ କରୁଥିବା ଜଣେ ଶ୍ରମିକ ସାପଟିକୁ ଦେଖି ଲୋକଙ୍କୁ ଜଣାଇଥିଲେ । ଏହା ଦେଖି ବରସୁଆଁ ବନାଞ୍ଚଳର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସଙ୍ଗେ ସଙ୍ଗେ ବନବିଭାଗ ତରଫରୁ ସାପ ଧରାଳି ଆସି ସାପଟିକୁ ଉଦ୍ଧାର କରିଥିଲେ । ଏହି ସାପଟି ପାଖାପାଖି ୨୫ କିଲୋ ଓଜନର ଥିବା ବନବିଭାଗ ପକ୍ଷରୁ କୁହାଯାଇଛି ।

■ ଗଙ୍ଗାଧର ମେହେର ସାହିତ୍ୟ ଆଲୋଚନାଚକ୍ର

# ଗଙ୍ଗାଧର ଥିଲେ ଜଣେ ମାନବବାଦୀ କବି

**ସୁନ୍ଦରଗଡ,୧୯।୯(ଡି.ଏନ୍.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ କବିଙ୍କ ସାହିତ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ କବିଙ୍କୁ ଋଷି ଓ ଚାଷୀ କବି ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ କବିଙ୍କର ସାହିତ୍ୟ କୃତିରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ଯୋଗଦେଇ କବି ଗଙ୍ଗାଧରଙ୍କ ଦୃଷ୍ଟିରେ ବିଶ୍ୱ ଏକ ଅମୃତମୟ ସ୍ଥାନ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପିକା ଡଃ ସନ୍ତୋଷିନୀ ବାବୁ ଯୋଗଦେଇ ଗଙ୍ଗାଧର ସାହିତ୍ୟ ସମ୍ପର୍କରେ ସାର ଗର୍ଭକ ବକ୍ତବ୍ୟ ରଖି କବି ଗଙ୍ଗାଧରଙ୍କ ଆଦର୍ଶ, ନିର୍ମଳ ଅଭିବ୍ୟକ୍ତି, ଉପନିଷଦୀୟ ଚିନ୍ତାଧାରା, ଉଦାର ଚରିତ୍ର ତାଙ୍କୁ ଗୌରବାନ୍ୱିତ କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ସେ ଜଣେ ମାନବବାଦୀ କବି ଏବଂ ତାଙ୍କ କବିତାରେ ସେ ମଣିଷକୁ ଭଲପାଇଛନ୍ତି, ମାନବିକତାକୁ ସେ ଆଧାର କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡଃ ମନ୍ଦାକିନୀ ଶତପଥୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେହେର ସାହିତ୍ୟର ତପସ୍ୱିନୀ କାବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ସମାରୋହରେ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଓଡିଆ ବିଭାଗର ସ୍ମରଣିକା ଉନ୍ମୋଚିତ ହେବା ସହ ପୁରାତନ ଛାତ୍ରାବାସକୁ ଗଙ୍ଗାଧରଙ୍କ ନାମରେ ନାମିତ କରାଯିବା ନେଇ ଅଧ୍ୟକ୍ଷ ଘୋଷଣା କରିଥିଲେ । ଓଡିଆ ବିଭାଗର ମୁଖ୍ୟ ଡଃ ବ୍ରଜ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଅମରମଣି କିଣ୍ଡୋ, ଅଧ୍ୟାପିକା ରୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡିଆ ବିଭାଗ ଛାତ୍ର ସୁଜିତ ସୁନାନୀ ଓ ଛାତ୍ରୀ ଅନିତା ପ୍ରଧାନ ସଂଯୋଜନା କରିଥିଲେ ।



ଗଙ୍ଗାଧର ସାହିତ୍ୟ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ ।

### ଏନ୍‌ଟିପିସି ପ୍ଲାଣ୍ଟରେ ଦୁର୍ଘଟଣା: ଶ୍ରମିକ ମୃତ

**ସୁନ୍ଦରଗଡ,୧୯।୯(ଡି.ଏନ୍.ଏ.)**

ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ନିର୍ମାଣାଧୀନ ତାପଜ ପ୍ରକଳ୍ପ ପରିସରରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ବୁଧବାର ମୃତ୍ୟୁ ଘଟିଛି । ସେ ହେଲେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ପ୍ରଦୀପ୍ତ ତ୍ରିପାଠୀ । ସେ ଏନ୍‌ଟିପିସି ପ୍ଲାଣ୍ଟ ପରିସରରେ ଥିବା ଠିକା ସଂସ୍ଥା ଟାଟା ପ୍ରୋଜେକ୍ଟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ମୃତକଙ୍କ ପରିବାରକୁ ୩୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ବୁଧବାର ପ୍ଲାଣ୍ଟରେ ଶ୍ରମିକମାନେ କାର୍ଯ୍ୟବନ୍ଦ ରଖିଥିଲେ । ପରେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ୧ମାସ ପରେ ଆଉ ୯ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏ ନେଇ ଭଶ୍ମା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାବେଳେ ଝାରସୁଗୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

■ ୩ଦିନ ଧରି ପାଳିତ ହେଲା ବାଲିଶଙ୍କରା ନୂଆଁଖାଇ ଭେଟଘାଟ

# ସମସ୍ତଙ୍କୁ ମିଳିଲା ସାନ୍ତ୍ୱନାମୂଳକ ପୁରସ୍କାର


ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାଲିଶଙ୍କରା, ୧୯।୯ (ଡି.ଏନ.ଏ)**

ବାଲିଶଙ୍କରା ହସ୍ପିଟାଲ ପଡାରେ ଏଥର ୩ଦିନ ଧରି ମହା ନିଆରା ଢ଼ଙ୍ଗରେ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି । ପଶ୍ଚିମ ଓଡିଶାର ନୂଆଁଖାଇ ଗଣପର୍ବ ହୋଇଥିବାରୁ ସମଗ୍ର ଦେଶରେ ଏହି ପର୍ବ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହି ସବୁ ପରମ୍ପରାକୁ ବଜାଇ ରଖିବାକୁ ଉକ୍ତ ପଡାର ଯୁବକ ଯୁବତୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏହି ନୂଆଁଖାଇ ଗଣପର୍ବ ପୂର୍ବରୁ ହୋଇଥିବା ମନମାଳିନ ସମସ୍ତ କଥାକୁ ଭୁଲିଯାଇ ଏକତା, ମୈତ୍ରୀ ଓ ସମାନତାର ବାର୍ତ୍ତା ଦେଇଥାଏ । ସମସ୍ତେ ପୁରୁଣା କଥାକୁ ଭୁଲି ପରସ୍ପରକୁ ଆଲିଙ୍ଗନ କରିଥାନ୍ତି । ଏଥିପାଇଁ ଏହି ପର୍ବରେ ଉକ୍ତ ପଡାର ପୂଜା ମଣ୍ଡପରେ ଅଞ୍ଚଳରେ ଛୋଟ ପିଲାମାନଙ୍କର କଳା ପ୍ରତିଭାକୁ ସାମ୍ନାକୁ ଆଣିବା ପାଇଁ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ଓ ଜୁନିୟରଟିମ, ସିନିୟର ଗ୍ରୁପଙ୍କ ଡ୍ୟାନ୍ସ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଯେତେକ ପ୍ରତିଭା ଯୋଗଦେଇଥିଲେ, ସମସ୍ତଙ୍କୁ ସ୍ୱାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ଦିନରେ ଗ୍ରାମର ୩ଜଣ ବୃଦ୍ଧା ଓ ୩ଜଣ ବୃଦ୍ଧ ବୟୋଜ୍ୟେଷ୍ଠଙ୍କ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ରୂପେ ଡ. ମନିକା ମନାଲିସା ଯୋଗଦେଇ ଉଦବୋଧନରେ କହିଥିଲେ, ଏପରି ନୂଆଁଖାଇ ଭେଟଘାଟ ଦ୍ୱାରା ଭାଇଚାରା ଏକତ୍ରିତ ରହିଥାଏ । ସେହିପରି ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ବିଜେଡି ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ସମାଜସେବୀ ସୁଗ୍ରିବ ବାଘ, ଚୁଣାମଣି ନାଏକ, ବିରେନ୍ଦ୍ର ନାଏକ, ଦିନବନ୍ଧୁ ନାଏକ, ହର୍ଷବର୍ଦ୍ଧନ ନାଏକ, ବିଳାସ ଭିନ୍ତ୍ରିଆ, ପ୍ରଦୀପ ନନ୍ଦ, ଅନିଲ ବାଘ, କୈଳାଶ ନାଗ, ଗକୁଳା ଭିନ୍ତ୍ରିଆ, ନକୁଳ ଧୁରୁଆ, ସତ ସେଠ, ବିମଳା ତିର୍କୀ, ପ୍ରମିଳା ମିଞ୍ଜ ପ୍ରମୁଖ ଯୋଗଦେଇ ଗ୍ରାମର ୩ ବୃଦ୍ଧ ଓ ୩ ବୃଦ୍ଧାଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାଲିଶଙ୍କରା ଶିବାଜୀ କ୍ଲବର ସଭାପତି ରାଜକୁମାର ଶତପଥିଙ୍କ ସହିତ ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହାୟତା କରିଥିଲେ ।

# ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

**କୁଆଁରମୁଣ୍ଡା,୧୯।୯(ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଜୋର ପଞ୍ଚାୟତର ରାଏବେର୍ଣ୍ଣା ଜଙ୍ଗଲ ନିକଟରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ୫ଜଣ ଦୁର୍ବୃତ୍ତ ବାଇକରେ ଆସି ବନ୍ଧୁକ ଦେଖାଇ ଜଣେ ଫାଇନାନ୍ସ ଏଜେଣ୍ଟଙ୍କଠାରୁ ୯୬, ୨୬୬ଟଙ୍କା ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ଭାରତୀୟ ଫାଇନାନ୍ସ ଏଜେଣ୍ଟ ହରିହର ପାଣି କୁଆଁରମୁଣ୍ଡା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ୍ ଏତଲାକୁ ଭିତ୍ତି କରି କେସ୍ ନଂ ୧୧୪/୧୮ରେ ଏକ ମାମଲା ରୁଜୁ କରିବା ସହ ଫାଣ୍ଡି ଅଧିକାରୀ ମନୋଜ ନାୟକ ଘଟଣାର ତଦନ୍ତ କରୁଛନ୍ତି । ପ୍ରକାଶ ଯେ, ଭାରତୀୟ ଫାଇନାନ୍ସ କମ୍ପାନୀର ଫିଲ୍ଡ ଏଜେଣ୍ଟ ଭାବେ ରାଜଗାଙ୍ଗପୁର କାର୍ଯ୍ୟାଳୟରେ କୁଟିଣ୍ଡା ଅଞ୍ଚଳର ହରିହର କାମ କରୁଥିଲେ । ସେ ବୁଧବାର କୁଆଁରମୁଣ୍ଡା ଅନ୍ତର୍ଗତ ଡୁମେରଜୋର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରି ଫେରୁଥିଲେ । ମଧ୍ୟାହ୍ନ ସମୟରେ ୫ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଧରି ରାଇବେର୍ଣ୍ଣା ଜଙ୍ଗଲ ନିକଟରେ ତାଙ୍କୁ କାବୁ କରି ନେଇ ଯିବା ସହ ଧମକ ଦେଇ ୯୬,୨୬୬ଟଙ୍କା ଲୁଟ୍ କରିଛନ୍ତି । ଏହି ଖବର ସ୍ଥାନୀୟ ଲୋକମାନେ ପାଇବା ପରେ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଖୋଜାଖୋଜି ଚଳାଇଥିଲେ । କିନ୍ତୁ ଘଟଣା ସମ୍ପର୍କରେ ପୋଲିସକୁ ବିଳମ୍ବରେ ଜଣାଇଥିବାରୁ ଦୁର୍ବୃତ୍ତମାନେ ଅଞ୍ଚଳ ଛାଡ଼ି ଖସି ପଳାଇବାକୁ ସକ୍ଷମ ହୋଇଥିବା ଫାଣ୍ଡି ଅଧିକାରୀ ମନୋଜ ନାୟକ ସୂଚନା ଦେଇଛନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ 90,000,00 ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ଇନଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୂରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Shop No. 108, 1st Floor, M.G. Road, Gurgaon

9911436726, 9540938429

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor, Cell : 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
9773820765
8512004851

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆଶା ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।

-କନ୍‌ଫୁସିୟସ



## ସଂକ୍ଷେପରେ

### ବିଦ୍ୟାଳୟରୁ କମ୍ପ୍ୟୁଟର ଓ ପାର୍ଟସ୍ ଚୋରି

**ବେଲପାହାଡ଼,୧୯।୯(ଡ଼ି.ଏନ୍.ଏ)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହର ସ୍ଥିତ ଗାନ୍ଧିନଗର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କମ୍ପ୍ୟୁଟର ଓ କମ୍ପ୍ୟୁଟରରେ ବ୍ୟବହୃତ ବିଭିନ୍ନ ପାର୍ଟସ ଚୋରି ହୋଇଯାଇଛି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୫୮ ହଜାର ଟଙ୍କା ହେବ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଗତ ମଙ୍ଗଳବାର ବେଲପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୬୬/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଗତ ୧୩ ତାରିଖରେ ଗଣେଶ ପୂଜା ପାଳନ ପରେ ନୂଆଖାଇ ପାଇଁ ବିଦ୍ୟାଳୟ ବନ୍ଦ ରହିଥିଲା। ଗତ ୧୭ ତାରିଖରେ ବିଦ୍ୟାଳୟ ଖୋଲିଥିଲା। ବିଦ୍ୟାଳୟ ବନ୍ଦ ଥିବା ସମୟରେ ଦୁର୍ବୃତ୍ତମାନେ କମ୍ପ୍ୟୁଟର ପ୍ରକୋଷ୍ଠରେ ଲାଗିଥିବା ତାଲା ଭାଙ୍ଗି ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଚୋରି ସାମଗ୍ରୀ ମଧ୍ୟରେ ସିପିୟୁ, ୟୁପିଏସ୍, ମନିଟର, କିବୋର୍ଡ଼ ଓ ସ୍ପିକର ରହିଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ଗାନ୍ଧୀନଗରସ୍ଥିତ ମହାତ୍ମାଗାନ୍ଧୀ ସ୍ମୃତିସଦନରୁ ମଧ୍ୟ କମ୍ପ୍ୟୁଟର ବ୍ୟବହୃତ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଏପର୍ଯ୍ୟନ୍ତ ଚୋରକୁ ଠାବ କରିବାରେ କିମ୍ବା ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇପାରିନାହିଁ।

### ଜିଲା ଫୁଟବଲ ସୁପରଲିଗ୍: ବାଇଜାପାଲି ବିଜୟୀ

**ଝାରସୁଗୁଡା ଅଫିସ,୧୯।୯-** ଝାରସୁଗୁଡା ଓଏମ୍‌ପି ସ୍ଥିତ ଓ.ଏସ୍.ଏ.ପି. ପଡିଆରେ ଚାଲିଥିବା ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ତାଳମାଲ ଆଥଲେଟିକ କ୍ଲବ ଓ ଝାଡେଶ୍ୱରୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ୩-୩ ଗୋଲରେ ଅମୀମାଂସିତ ରହିଥିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଲଇକେରା ବାଇଜାପାଲି ଓ ବେଲପାହଡର ଜାହଜପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଇଜାପାଲି ଦଳ ୩-୦ ଗୋଲରେ ବିଜୟୀ ହୋଇଛି। କ୍ରୀଡା ସଂସ୍ଥାର ତାପସ ରାୟ ଚୌଧୁରୀ, ରତ୍ନାକର ପ୍ରଧାନ, ପ୍ରଭା ଓରାମ, ଗଣେଶ ନାୟକ, ପ୍ରଜ୍ୱଲ ପଟେଲ, ଭିକାରୀ ମୁଣ୍ଡା, ଶଙ୍କର ପଟେଲ, ଜୀବନ ମହାନ୍ତି, ପିଣ୍ଟୁ ପାଢି, ସୁଶାନ୍ତ କୁମାର ମହାନ୍ତି ଅତିଥି ଭାବେ ଖେଳାଳିଙ୍କ ସହ ଉପସ୍ଥିତ ଥିଲେ। ସୁଜିତ କୁଜୁର, ଅଜିତ କୁଜୁର, ରାଜେଶ ପଟେଲ, ନୀଳ ନାୟକ, ଅମିରା ପ୍ରଧାନ, ଶିତଳ ଗୁଡୁମ ପ୍ରମୁଖ ଆଜିର ମ୍ୟାଚ ପରିଚାଳନା କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଝାରସୁଗୁଡ଼ା ବିମାନବନ୍ଦରରେ କଳାକୃତିର ଅପୂର୍ବ ଦୃଶ୍ୟ

# ୫୦ ଲକ୍ଷ ବ୍ୟୟରେ ସୌନ୍ଦର୍ଯ୍ୟକରଣ

- ରାଜ୍ୟର ପ୍ରତ୍ୟେକ ଭାଗର ଝଲକ ଦେଖିବାକୁ ମିଳିବ
- ଥିମ୍ ପ୍ୟାଭିଲିୟନରେ ଅଛି ସଂସ୍କୃତି, ପରମ୍ପରା, ପରିବେଶ
- ଚମତ୍କାର ଉପସ୍ଥାପନା ମନୋହର କରିପାରିଛି

**ଝାରସୁଗୁଡା ଅଫିସ,୧୯।୯**

କଳା ଓ ସଂସ୍କୃତିର ରାଜ୍ୟ ଓଡ଼ିଶା। ଏହି ରାଜ୍ୟର କୋଣ ଅନୁକୋଣରେ ଭିନ୍ନ ଭିନ୍ନ କଳା ଓ ସଂସ୍କୃତି ଦୃଶ୍ୟମାନ ହୁଏ। ଓଡ଼ିଶାର ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ଭାଗ ଯାଏଁ ସ୍ୱତନ୍ତ୍ର ଏବଂ ଭିନ୍ନ ଭିନ୍ନ ପରମ୍ପରାକୁ ନେଇ ସମୃଦ୍ଧ। କେବଳ ପରମ୍ପରା ନୁହେଁ, ପ୍ରାକୃତିକ ପରିବେଶର ମନୋହର ଦୃଶ୍ୟ ରାଜ୍ୟର ମର୍ଯ୍ୟାଦାକୁ ଦେଶ ବିଦେଶରେ ପରିଚିତ କରାଇଛି। ଝାରସୁଗୁଡା ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ ଭିତରେ ରାଜ୍ୟର ପ୍ରତ୍ୟେକ ଭାଗର ଝଲକ ଦେଖିବାକୁ ମିଳେ। ଝାରସୁଗୁଡା ବିମାନବନ୍ଦରର ଥିମ୍ ପ୍ୟାଭିଲିୟନରେ ରହିଛି ସଂସ୍କୃତି, ପରମ୍ପରା ଓ ପରିବେଶ। ଏହାର ଉପସ୍ଥାପନ ଶୈଳି ମଧ ଉଚ୍ଚକୋଟୀର। ଶିଳ୍ପସଂସ୍ଥା ବେଦାନ୍ତର ଆର୍ଥିକ ବିନିଯୋଗ ଏବଂ ଶିଳ୍ପୀ ସୁବାସ ପୂଜାହାରୀଙ୍କ ଚମତ୍କାର ଉପସ୍ଥାପନା ବିମାନବନ୍ଦରକୁ ମନୋହର କରିପାରିଛି।

ବିମାନବନ୍ଦର ଟର୍ମିନାଲରେ ପ୍ରଦର୍ଶିତ ପ୍ରତ୍ୟେକ ଚିତ୍ରକଳା ଏବଂ କାରୁକାର୍ଯ୍ୟ ଭିନ୍ନ ଭିନ୍ନ ମତ ଏବଂ ଅର୍ଥ ପ୍ରତିପାଦିତ କରୁଛି। ଥିମ୍ ପ୍ୟାଭିଲିୟନରେ ଖୋଦିତ ଏବଂ ଚିତ୍ରିତ ଫଟୋ ବିମାନଯାତ୍ରୀଙ୍କୁ ଓଡ଼ିଶାର କଳା, ସଂସ୍କୃତି, ପ୍ରକୃତି ବିଷୟରେ ସନ୍ଦେଶ ଦେଉଛି। ଥିମ୍ ପ୍ୟାଭିଲିୟନରେ ସ୍ଥାନିତ ହୋଇଛି ଜଗନ୍ନାଥ ସଂସ୍କୃତି, ଆଦିବାସୀ ପରାମ୍ପରା, ପଶ୍ଚିମ ଓଡ଼ିଶାର ଚାଲିଚଳଣି, କୃଷି, ହସ୍ତତନ୍ତ, ଲୋକନୃତ୍ୟ ଭଳି ଅନେକ ଦୃଶ୍ୟ। ଝାରସୁଗୁଡା ବିମାନବନ୍ଦରକୁ ଆସୁଥିବା ଯାତ୍ରୀଙ୍କୁ ଓଡ଼ିଶାର ସ୍ୱତନ୍ତ୍ରତା ବିଷୟରେ ସୂଚନା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହି ମର୍ମରେ ପୁରୀ ରଥଯାତ୍ରା, ନାଟମଣ୍ଡପ, କୋଣାର୍କ, ଧଉଳୀ ଶାନ୍ତିସ୍ତୂପ ସମେତ ଅନେକ ପର୍ଯ୍ୟଟନ ସ୍ଥଳର ସୂଚନା ଫଟୋ ଏବଂ ଚିତ୍ର ମାଧମରେ ପ୍ରଦର୍ଶିତ କରାଯାଇଛି, ଯାହା ସେମାନେ ଦେଖିପାରିବେ। ସେହିପରି ଝାରସୁଗୁଡାରୁ ବିଦାୟ ନେଉଥିବା ଯାତ୍ରୀ ଓଡ଼ିଶାର କେଉଁ କେଉଁ ଦୃଶ୍ୟକୁ ପଛରେ ଛାଡି ଯାଉଛନ୍ତି, ତାହା ଥିମ୍‌ରେ ସ୍ଥାନିତ ହୋଇଛି। ଯେପରି ହୀରାକୁଦ ଡ୍ୟାମ୍, ସମ୍ବଲପୁରୀ ନୃତ୍ୟ, ମହୁରୀ ବାଦ୍ୟ, ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତକଳା, ଜନଜାତି ଲୋକଙ୍କ ଗାଁ ପରିବେଶ, ଅଲିଭ ରିଡଲେ କଇଁଛ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଏବଂ ଚିଲିକା ପକ୍ଷୀବିହାର ଭଳି ଦୃଶ୍ୟକୁ ସ୍ଥାନ ଦିଆଯାଇଛି।

ଅତି ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ କଳା ନୈପୁଣ୍ୟତା ପ୍ରସ୍ଫୁଟିତ କରିବାର ଦାୟିତ୍ୱ ନେଇଛି ଶିଳ୍ପସଂସ୍ଥା ବେଦାନ୍ତ। ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ବେଦାନ୍ତ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ କରିଛି। ପଶ୍ଚିମ ଓଡ଼ଶାର ସୁନାମଧନ୍ୟ ଶିଳ୍ପୀ ସୁବାସ ପୂଜାହାରୀ ଝାରସୁଗୁଡା ବିମାନବନ୍ଦର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଓଡ଼ିଶାର କଳା ଓ ସଂସ୍କୃତିକୁ ନିଜ ତୁଳୀରେ ସ୍ପଷ୍ଟ ଭାବେ ପରିପ୍ରକାଶ କରିଛନ୍ତି। ଐତିହାସିକ ପୃଷ୍ଠଭୂମି ବହନ କରୁଥିବା ଝାରସୁଗୁଡା ବିମାନବନ୍ଦର ସୌନ୍ଦର୍ଯ୍ୟକରଣ ଦିଗରେ ବେଦାନ୍ତ ସର୍ବଦା ଉଦ୍ୟମରତ ବୋଲି ସଂସ୍ଥା ତରଫରୁ ମତ ପ୍ରଦାନ କରାଯାଇଛି। ଓଡ଼ିଶାର କଳା ଓ ସଂସ୍କୃତି ସହ ଶିଳ୍ପୀ ପୂଜାହାରୀ ଜଡିତ ଥିବା କହିଛନ୍ତି। ତାଙ୍କଦ୍ୱାରା ଚିତ୍ରିତ ଏବଂ ପ୍ରସ୍ତୁତ କଳାକୃତି ଲୋକଙ୍କ ଆଦୃତି ଲାଭ କରିଥିବାରୁ ସେ ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ବେଦାନ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।



ବନ୍ୟଜନ୍ତୁ ଏବଂ ପରିବେଶ ସଂକ୍ରାନ୍ତୀୟ ଦୃଶ୍ୟ।



ଜନଜାତି ନୃତ୍ୟର ଚିତ୍ର।




ବିଜେଡି କାର୍ଯ୍ୟାଳୟରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

## ଭାଜପା ଏକତରଫା ପ୍ରଚାର କରୁଛି: ବିଜେଡି

### ବିମାନବନ୍ଦରରେ ରାଜ୍ୟ ସରକାରଙ୍କ ଅଂଶ ୩୬୨ କୋଟି

**ଝାରସୁଗୁଡା ଅଫିସ,୧୯।୯**

ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ ନେଇ ଭାଜପା ଏକତରଫା ପ୍ରଚାରପ୍ରସାର ଚଳାଇଛି ବୋଲି ଜିଲା ବିଜେଡି ଅଭିଯୋଗ କରିଛି। ବିମାନବନ୍ଦର କାର୍ଯ୍ୟକ୍ଷମ ନେଇ ରାଜ୍ୟ ସରକାରଙ୍କ ଅବଦାନ ବିଷୟରେ ଭାଜପା ଲୁଚାଉଥିବା ଅଭିଯୋଗ କରିଛି ଝାରସୁଗୁଡା ଜିଲା ବିଜେଡି। ଏନେଇ ବୁଧବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଅନୁଦାନ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ବିମାନବନ୍ଦର କାର୍ଯ୍ୟକ୍ଷମ ଅନ୍ତରାଳେ ଆର୍ଥିକ ଏବଂ ଅନ୍ୟାନ୍ୟ ସହାୟତାକୁ ମିଶାଇ ରାଜ୍ୟ ସରକାର ମୋଟ ୩୬୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ବରିଷ୍ଠ ବିଜେଡି ନେତା ତାପସ ରାୟଚୌଧୁରୀ ସୂଚନା ଦେଇଛନ୍ତି। ବିଭିନ୍ନ ସହାୟତାର ତାଲିକାରେ ରାଜ୍ୟ ସରକାର ବିମାନବନ୍ଦରକୁ ଦେଇଥିବା ୧୧୮.୭୫ ଏକର ଜମି, ଯାହାର ମୂଲ୍ୟ ୨୫୦ କୋଟି ଟଙ୍କା। ୭୫ କୋଟି ଟଙ୍କା ଆର୍ଥିକ ସହାୟତା, ସୁରକ୍ଷା କର୍ମୀଙ୍କ ୫ ବର୍ଷା ଦରମା ବାବଦରେ ୧୬ କୋଟି ଟଙ୍କା, ୫ ବର୍ଷ ପାଇଁ ବିଦ୍ୟୁତ ଏବଂ ପାନୀୟଜଳ ସଂଯୋଗ ବାବଦରେ ୨୦ କୋଟି ଟଙ୍କା, ପୁନରୁଦ୍ଧାର ବାବଦରେ ୧ କୋଟିକୁ ମିଶାଇ ମୋଟ ୩୬୨ କୋଟି ଟଙ୍କା ରାଜ୍ୟ ସରକାର ବ୍ୟୟ କରିଛନ୍ତି। ତେଣୁ ଭାଜପା ପ୍ରଚାର କରୁଥିବା ବିଭିନ୍ନ ମାଧମରେ ଏହାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବା ଆବଶ୍ୟକ ବୋଲି ବିଜେଡି ଦାବି କରିଛି। ସେହିପରି ଭବିଷ୍ୟତରେ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ଆବଶ୍ୟକ ୧୭୭.୭୫ ଏକ ଜମି ରାଜ୍ୟ ସରକାର ଯୋଗାଇବେ, ଯାହାର ମୂଲ୍ୟ ୪୦୦ କୋଟି ବୋଲି ବିଜେଡି ଆକଳନ କରିଥିବା ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବିଜେଡି ନେତା ରବି ସିଂ, ଗଙ୍ଗାଧର ଗଡନାୟକ, ମାତାଦିନ ମୁନ୍ଦ୍ରା, ସନ୍ଦୀପ ଅୱସ୍ଥୀ, ମନୋରଞ୍ଜନ ମହାପାତ୍ର, ତ୍ରିନାଥ ଗୁଆଲ, ଇଫ୍‌ତିକାର ଇମାମ୍, ତୁଳସୀ ପ୍ରସାଦ ଦାଶ, ଇଶ୍ୱର ରାଓ, ପ୍ରଶାନ୍ତ ଜେନା, ଜୟପ୍ରକାଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ: ଏସ୍‌ପିଜି, ପୋଲିସର ମିଳିତ ସୁରକ୍ଷା ସମୀକ୍ଷା

**ଝାରସୁଗୁଡା ଅଫିସ,୧୯।୯**

ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ବୁଧବାର ସ୍ୱତନ୍ତ୍ର ସୁରକ୍ଷା ବାହିନୀ(ଏସ୍‌ପିଜି) ଆଇଜି ମୁନା ପ୍ରସାଦ ଗୁପ୍ତା ଏବଂ ଅନ୍ୟ ଅଧିକାରୀ ଝାରସୁଗୁଡାରେ ପହଞ୍ଚିଛନ୍ତି। ଆଇଜି ଗୁପ୍ତା ଝାରସୁଗୁଡା ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ନେଇ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଝାରସୁଗୁଡା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ସମେତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୋଦିଙ୍କ କାର୍ଯ୍ୟକ୍ରମ ଅବସରରେ ସୁରକ୍ଷା ବ୍ୟବସ୍ଥା ପାଇଁ ଉତ୍ତରାଞ୍ଚଳ ରେଞ୍ଜ୍ ବ୍ୟତୀତ ବାହାରୁ ୬୫ ପ୍ଲାଟୁନ୍ ଫୋର୍ସ ଯୋଗାଇଦେବାକୁ ଅନୁରୋଧ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୦ ପ୍ଲାଟୁନ୍ ଫୋର୍ସ ଅନୁମୋଦନ କରାଯାଇଥିବା ପୋଲିସ ମୁଖ୍ୟାଳୟରୁ ସୂଚନା ମିଳିଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଦାୟିତ୍ୱ ଅତିରିକ୍ତ ଡିଜି ୱାଇ.ବି. ଖୁରାନିଆଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏ.ଡିଜି ଖୁରାନିଆ ଗୁରୁବାର ଝାରସୁଗୁଡା ପହଞ୍ଚିବା ପରେ ସୁରକ୍ଷା ବ୍ୟବସ୍ଥା ନେଇ ସ୍ପଷ୍ଟ ଚିତ୍ର ଜଣାପଡିବ। ସେହିପରି ବୁଧବାର ଜିଲା କାର୍ଯ୍ୟାଳୟରେ ପୋଲିସ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ବୈଠକ ହୋଇଯାଇଛି। ଏସ୍‌ପିଜି ଆଇଜି, ଉତ୍ତରାଞ୍ଚଳ ଡିଆଇଜି, ଏସ୍‌ପି, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ, ପିଡି, ପୂର୍ତ୍ତ ବିଭାଗ, ଅଗ୍ନିଶମ ବିଭାଗ, ଚିକିତ୍ସା ବିଭାଗ, ୱେଷ୍ଟୋ ଏବଂ ସମସ୍ତ ଜରୁରିକାଳୀନ ବିଭାଗକୁ ନେଇ ଏହି ସମନ୍ୱୟ ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏଥିରେ ରୂପରେଖ ପ୍ରସ୍ତୁତ କରାଯାଇଛି।

## ସମାସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ସଭା

**କୋଲାବିରା,୧୯।୯(ଡି.ଏନ.ଏ.)**

ରଘୁନାଥପାଲି ଗ୍ରାମପଞ୍ଚାୟତ ସିଂହିବାହାଲ ଅମ୍ବିକା ଉଚ୍ଚ ବିଦ୍ୟାଳୟରେ ୨୦୧୮-୧୯ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲାରୁ ୧୯୭ ଜଣ ଅଭିଭାବକ ଅଶଂଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବେଣୁଧର ସାହୁ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସଭାରେ ସ୍କୁଲର ଉପଦେଷ୍ଟା ତଥା ସମଲେଶ୍ୱରୀ ସାହିତ୍ୟ ସଂସଦର କୋଲାବିରାର ସଭାପତି ଶୋଭା ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଧାରଣା ଦେବା ସେ ଶିକ୍ଷା ମାଧ୍ୟମରେ ଟାକ୍ସ କରିବା ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ନିୟମନିଷ୍ଠା ମାନି ଚଳିବା, ସହିତ ଛାତ୍ରଛାତ୍ରୀ, ଶିକ୍ଷାକ ଏବଂ ଅଭିଭାବକ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି କହିଥିଲେ। ଶିକ୍ଷକ ବିନୟ କୁମାର ନାଏକ ଏହି ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଗଗନ ବିହାରୀ ଶଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ନାଏକ, ସଂଜିତ ବେହେରା, ସବିତା ମେହେର ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଜନ ସିଂ ନାଏକ, ଛନ୍ଦା ଚରଣ କଣ୍ଟା, ହରିହର ମାଝି ପ୍ରମୁଖ ଯୋଗଦେଇ ସଭାକୁ ସଫଳ କରିଥିଲେ।



ବିଦ୍ୟାଳୟରେ ଅଭିଭାବକ ସଭାରେ ଉପସ୍ଥିତ ଶିକ୍ଷକ, ଅଭିଭାବକ।

## ଅମଲିପାଲି ସଭାସ୍ଥଳ ବୁଲିଲେ ଦୁଇ କେନ୍ଦ୍ରମନ୍ତ୍ରୀ

**ଝାରସୁଗୁଡା ଅଫିସ,୧୯।୯**

ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନକୁ ଆଉ ଦୁଇଦିନ ବାକି ଥିବାବେଳେ ବୁଧବାର ପୁଣି ଥରେ ଦୁଇ କେନ୍ଦ୍ରମନ୍ତ୍ରୀ ଝାରସୁଗୁଡା ବିମାନବନ୍ଦର, ସଭାସ୍ଥଳ ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ ସମେତ ଭାଜପା କାର୍ଯ୍ୟକର୍ତ୍ତା ଜୋରସୋରରେ ଲାଗି ପଡିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପୂର୍ବକ ପ୍ରସ୍ତୁତି ସମୀକ୍ଷା କରିଥିଲେ ଏବଂ ଅମଲିପାଲି ସ୍ଥିତ ସଭାସ୍ଥଳ ବୁଲି ଦେଖିଥିଲେ ଦୁଇ କେନ୍ଦ୍ରମନ୍ତ୍ରୀ। ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ସ୍ଥାନୀୟ ଏକ ହୋଟେଲରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସଭାରେ ୨ଲକ୍ଷ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି କାର୍ଯ୍ୟକର୍ତ୍ତା କର୍ମୀଙ୍କ ସୁରକ୍ଷିତ ଏବଂ ଶୃଙ୍ଖଳିତ ଯିବାଆସିବା ନେଇ ରୂପରେଖ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। ଝାରସୁଗୁଡା କାର୍ଯ୍ୟକ୍ରମ ପାଇଁ ପଶ୍ଚିମ ଓଡ଼ିଶାର ୧୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଅମଲିପାଲିସ୍ଥିତ ସଭାସ୍ଥଳ ବୁଲି ଦେଖୁଛନ୍ତି ମନ୍ତ୍ରୀ।



ମହିଳାମାନେ ନିଶାନିବାରଣ ସକାଶେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

## ନିଶା ନିବାରଣ ସକାଶେ ସଚେତନତା ଶୋଭାଯାତ୍ରା

**ଲଇକେରା, ୧୯।୯ (ଡି.ଏନ.ଏ)**

ନିଶାର କୁପ୍ରଭାବ ଅନୁଭବ କରି ବୁଧବାର ଝାରସୁଗୁଡା ଜିଲା ଲଇକେରା ବ୍ଲକ ଜାମମାଲ ଗ୍ରାମ ପଞ୍ଚାୟତର ଜାମମାଲ, ତପଗୁଞ୍ଜା, ନାଏକକର୍ଲା, ଗଞ୍ଜୁଡିହି, ରାଉତବାହାଲ ଆଦି ଗ୍ରାମରୁ ଶତାଧିକ ମହିଳା ଗ୍ରାମ ପଞ୍ଚାୟତ ଅଧିନ ସମସ୍ତ ଗ୍ରାମରେ ନିଶାନିବାରଣ ସକାଶେ ଏକ ସଚେତନତା ଶୋଭାଯାତ୍ରା କରିଛନ୍ତି। ପ୍ରାୟ ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜାମମାଲ ମଣ୍ଡପଠାରେ ବୈଠକ କରି ରାଲି ଆରମ୍ଭ କରିଥିଲେ । ରାଲିର ନେତୃତ୍ୱ ନେଇଥିଲେ ବୈଦେହୀ ବୁଦୁଲା, ବିନୋଦିନୀ ମାଝି, ମେରୀ ଟପନୋ, ଦୁତିଆବତୀ ସେଠ, ସୀତା ପଟେଲ, ଯଜ୍ଞସେନୀ ବାଗ, ସାବିତ୍ରୀ ଛତ୍ରିଆ, ସବିତା ପଟେଲ, ଗୋଦାବରୀ ପିଙ୍ଗ, ଜିନିତ ସାମଦ, କେଶବ ମାଝି, ଯୋଗିନ୍ଦ୍ର ବୁଦୁଲା, ଗଣେଶ ମାଝି, କର୍ତ୍ତା ବୁଦୁଲା, କୈଳାଶ ପିଙ୍ଗ, ପ୍ରକାଶ ମାଝି ଓ ରଞ୍ଜିବ କିଷାନ ପ୍ରମୁଖ। ମହିଳାମାନେ ମଦ ବିରୋଧୀ ସ୍ଲୋଗାନ ଦେଇଥିଲେ।

# ଅସୁସ୍ଥ ହାତୀର ଜୀବନ ଗଲା

**କୋଲାବିରା,୧୯।୯ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ବନାଞ୍ଚଳରେ ଅସୁସ୍ଥ ଅବସ୍ଥାରେ ତିନି ଦିନ ପଡିରହିଥିବା ହାତୀର ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଛି। ଘଟଣାସ୍ଥଳକୁ ଡିଏଫ୍‌ଓ ସୁଶାନ୍ତ କୁମାର, ଏସିଏଫ୍ ସରୋଜ ପଣ୍ଡା, ପ୍ରାଣୀ ଚିକିତ୍ସାଧିକାରୀ ସାଲିନୀ ସେଠୀ ପହଞ୍ଚି ପରୀକ୍ଷା ନିରୀକ୍ଷା ପରେ ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ସନ୍ଧ୍ୟାରେ ହାତୀର ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ, ଆଜକୁ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଏହି ଅସୁସ୍ଥ ହାତୀ ଅଞ୍ଚଳରେ ଘୂରିବୁଲୁଥିଲା। ପୋଲିଓଗ୍ରସ୍ତ ଉକ୍ତ ହାତୀର ପଛଗୋଡ ଛୋଟ ଥିବାରୁ ସେ ଧୀରେଧୀରେ ଚଲାବୁଲା କରୁଥିଲା। ଲୋକେ ଯାହା ଦେଉଥିଲେ ସେତକ ଖାଇପିଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା କରୁଥିଲା। ମଖନା ଜାତୀୟ ଏହି ଅଣ୍ଡିରା ହାତୀ ବୟସ ୫୦ରୁ ଅଧିକ ବୋଲି ବନ ବିଭାଗ ଅନୁମାନ କରୁଛି। କୋଲାବିରା ବନଞ୍ଚଳରେ ଏହି ହାତୀ ପ୍ରବେଶ କରିବା ଦିନଠାରୁ କୋଲାବିରା ବନ କର୍ମଚାରୀ ତାକୁ ଜଗି ରହିଥିଲେ। ତେବେ ଶନିବାର ଅପରାହ୍ନ ୨ଟାରେ କୋଲାବିରା ନିକଟସ୍ଥ ମହୁଲମୁଣ୍ଡା ଜଙ୍ଗଲରୁ ବାହାରି ଚନ୍ଦନିମାଲ ନଦୀ କଡରେ ଯାଉଥିବା ସମୟରେ ମଲଟିକ୍ରି ନିକଟରେ ଏକ ଚାଷ ଜମି ଭିତରକୁ ପଶିବା ପରେ କାଦୁଅରେ ଫସି ଯାଇଥିଲା ଏବଂ କାଦୁଅରେ ଜୁବୁବୁ ହୋଇଯାଇଥିଲା। ପ୍ରାଣପଣେ ଚେଷ୍ଟା କରିବା ପରେ ମଧ୍ୟ ହାତୀ କାଦୁଅରୁ ବାହାରି ପାରିନ ଥିଲା। ତେବେ ରବିବାର ବନ ବିଭାଗ ପକ୍ଷରୁ ବହୁ କଷ୍ଟରେ ହାତୀକୁ କାଦୁଅରୁ ବାହାର କରାଯାଇଥିଲା। ମାତ୍ର ହାତୀ ଆଉ ଠିଆ ହୋଇପାରି ନ ଥିଲା। ଖବରପାଇ ଝାରସୁଗୁଡାରୁ ଏସିଏଫ, କୋଲାବିରା ରେଞ୍ଜ ଅଧିକାରୀ ନକୁଳ କିଷାନ, ପ୍ରାଣୀ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଉପଚାର କରିଥିଲେ। ଡାକ୍ତର ସେଠୀ ଅସୁସ୍ଥ ହାତୀର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭୁବନେଶ୍ୱରଠାରେ ଅବସ୍ଥାପିତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଅବଗତ କରାଇଥିଲେ। ତେବେ ଉଭୟଙ୍କ ପକ୍ଷରୁ ପରୀକ୍ଷା ନିରୀକ୍ଷା କରିବା ପରେ ହାତୀ ପକ୍ଷାଘାତର ଶିକାର ହୋଇଥିବା ଜଣାଡିଥିଲା। ଆଗରୁ ହାତୀଟି ପୋଲିଓ ଗ୍ରସ୍ତ ଥିବାବେଳେ ପକ୍ଷାଘାତର ଶିକାର ହୋଇଥିବା ଜଣାପଡିବା ପରେ ତାର ବଞ୍ଚିବାର ଆଶା କ୍ଷୀଣ ମନେ ହେଉଥିଲା। କାରଣ ରବିବାର ସକାଳ ପରଠାରୁ ହାତୀଟି ଆଉ ତାର ମୁଣ୍ଡକୁ ମଧ୍ୟ ଉଠେଇ ପାରୁ ନ ଥିଲା। ଶୁଣ୍ଢ ପାଖରେ ଖାଇବାକୁ ଦେଲେ ଯାହା ଖାଇପାରୁଥିଲା। ହାତୀର ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେଉଥିବା ଦେଖିବାକୁ ମିଳିଥିଲା। ବନପାଳ ଫଣିନ୍ଦ୍ର ମେହେର, ବନରକ୍ଷୀ ପ୍ରଦୀପ ପ୍ରଧାନ, କିଶୋର ଷଣ୍ଢ, ସରୋଜ ଭୋଇ, ମାନସ ପଟେଲ, ସୂର୍ଯ୍ୟକାନ୍ତ ପଟେଲ, ସୁନାଦେଇ ମେହେର, ସଙ୍ଗୀତା ନାଏକ, ବିଷ୍ଣୁପ୍ରିୟା ସେଠ, ପର୍ଶୁରାମ ସାହୁଙ୍କ ସମେତ ପାରାଷ୍ଟାଫ, ହାତୀଷ୍ଟେକର ଦଳ ହାତୀ ଉପରେ ତୀକ୍ଷ୍ଣ ନଜର ରଖି ଦିନରାତି ଜଗି ରହିଥିଲେ। ହାତୀର ଚିକିତ୍ସା ଅବ୍ୟାହତ ରହିଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବା ସହ ବୁଧବାର ଅପରାହ୍ନରେ ହାତୀର ମୃତ୍ୟୁ ଘଟିଛି।



କୋଲାବିରା ବନାଞ୍ଚଳରେ ମୃତ୍ୟୁବରଣ କରିଥିବା ହାତୀ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ସେଲ୍ କର୍ମଚାରୀ ମହାସଂଘ ଶୀର୍ଷ ଅଧିବେଶନ ୨୯ରୁ

**ରାଉରକେଲା ଅଫିସ,୧୯। ୯-** ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଏହାର ଶୀର୍ଷ ଅଧିବେଶନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଏହି ଅଧିବେଶନ ଆସନ୍ତା ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବ। ଏଥିରେ ମହାସଂଘର ସର୍ବଭାରତୀୟ ପ୍ରତିନିଧି ଯୋଗଦେବେ। ଏହାର ଗୁରୁତ୍ୱ ଓ ବ୍ୟାପକତା ଦୃଷ୍ଟିରୁ ସଙ୍ଗଠନ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଏହି ଆଲୋଚନା ସଭା ୬ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଶେଷ ପର୍ଯ୍ୟାୟ ଆଲୋଚନା ୩୦ ସେପ୍ଟେମ୍ବର ଅପରାହ୍ନ ସାଢେ ୩ଟାରେ ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ଭବନରେ ଅନୁଷ୍ଠିତ ହେବ। ଏଥିରେ ସଂଘ ସଦସ୍ୟଙ୍କ ସହିତ ପ୍ରତିନିଧି ମଣ୍ଡଳୀ କେବଳ ମତ ବିନିମୟ କରିବେ। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ଆଲୋଚନାରେ ସେଲ ତଥା ଆର୍‌ଏସ୍‌ପି କର୍ମଚାରୀଙ୍କ ବହୁବିଧ ସମସ୍ୟା ଓ ଏହାର ସମାଧନ ନେଇ ମତ ବିନିମୟ କରାଯିବ। ଏନେଇ ସଂଘ ସଭାପତି ଇଂ ଅଭୟ ଦାସ ଓ ସାଧାରଣ ସମ୍ପାଦକ କପିଳେଶ୍ୱର ମହାରଣା ଏକ ବିବୃତିରେ ସୂଚନା ଦେଇଛନ୍ତି।

### ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ସାଧାରଣ ପରିଷଦ ବୈଠକ

**ରାଉରକେଲା ଅଫିସ, ୧୯।୯-**ଅଲ ଇଣ୍ଡିଆ ଲୟର୍ସ ୟୁନିୟନ (ଏଆଇଏଲୟୁ) ସୁନ୍ଦରଗଡ ଜିଲା ସାଙ୍ଗଠନିକ କମିଟିର ସାଧାରଣ ପରିଷଦ ବୈଠକ ଉଦିତନଗରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଏମ.ମାଲେଶ୍ୱରମ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ଦୀପକ ମହାପାତ୍ର ଯୋଗଦେଇଥିଲେ। ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ଉପରେ ସେ ଆଲୋକପାତ କରିଥିଲେ। ଓକିଲଙ୍କୁ ସରକାର ବୃତ୍ତିଗତ ପ୍ରୋତ୍ସାହନ ଯୋଗାଇ ଦେବା ସହ ସାମାଜିକ ସୁରକ୍ଷା ସପକ୍ଷରେ ନିଜ ମତ ଉପସ୍ଥାପନ କରିଥିଲେ। ଏଥିସହ ଏକ ଉତ୍ତରଦାୟୀ ଓ ସ୍ୱାଧୀନ ବିଚାର ବ୍ୟବସ୍ଥା ପାଇଁ ଅଲ ଇଣ୍ଡିଆ ଲୟର୍ସ ୟୁନିୟନକୁ ସୁନ୍ଦରଗଡ ଜିଲାରେ ସମୃଦ୍ଧ କରିବାକୁ ମହାପାତ୍ର ଆହ୍ୱାନ ଦେଇଥିଲେ। ଆଇନ ପେଶାରେ ସାମିଲ ହେଉଥିବା ନୂତନ ପିଢିଙ୍କୁ ଅଧିକ ଦକ୍ଷ କରିବାକୁ ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ ଏନେଇ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜନ କରାଯିବା ସହ ସମାବେଶ ମାଧମରେ ଆଇନ ପେଶାକୁ ଅଧିକ ଲୋକାଭିମୁଖୀ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ମହାପାତ୍ର କହିଥିଲେ। ଏହି ସାଧାରଣ ପରିଷଦ ବୈଠକରେ ରାଉରକେଲା ଓକିଲ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଆଇନଜୀବୀ ରାଜକିଶୋର ପ୍ରଧାନଙ୍କୁ ସୁନ୍ଦରଗଡ ଜିଲା ସାଙ୍ଗଠନିକ କମିଟିର ଆହାହକ ରୂପେ ନିର୍ବାଚିତ କରାଯାଇଥିଲା। ଆଇନଜୀବୀ ଅରିନ୍ଦମ ଦତ୍ତ, ଅଶେଷ ମଣ୍ଡଳ, ଚନ୍ଦ୍ରଭାନୁ ଦାସ, ସୁଶାନ୍ତ ନାୟକ, ନିହାର ସିଂ, ସନ୍ତୋଷ ବିଶ୍ୱାଳ, ରଶ୍ମିରଞ୍ଜନ ପଣ୍ଡା, ଅର୍ଣ୍ଣପୂର୍ଣ୍ଣା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।



୭୦ ମୌଜା ବିସ୍ଥାପିତ ଉଦିତନଗର ପଡିଆରେ ରୁଣ୍ଡ ହୋଇଛନ୍ତି।

■ ଚାକିରି ଆଶାୟୀ ୭୦ ମୌଜା ବିସ୍ଥାପିତ ପରିବାର

## ଏଡିଏମ୍‌ଙ୍କ ଭେଟ ନ ପାଇ ଫେରିଗଲେ

**ରାଉରକେଲା ଅଫିସ,୧୯।୯**

ତାରିଖ ପରେ ବଦଳୁଛି ତାରିଖ। ତଥାପି ୭୦ ମୌଜା ବିସ୍ଥାପିତ ଚାକିରି ଆଶାୟୀଙ୍କୁ ସମୟ ଦେଇ ପାରୁ ନାହାଁନ୍ତି ରାଉରକେଲା ଅତିରିକ୍ତ ଜିଲାପାଳ ମନୀଷା ବାନାର୍ଜୀ। ଯେଉଁଦିନ ଏମାନଙ୍କୁ ଭେଟିବାକୁ ସମୟ ଦେଉଛନ୍ତି ବାନାର୍ଜୀ ସେଦିନ କିଛି ନା କିଛି ସରକାରୀ କାମରେ ବ୍ୟସ୍ତ ରହୁଛନ୍ତି ବୋଲି ବିସ୍ଥାପିତ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ପୂର୍ବ ଘୋଷିତ ସମୟାନୁସାରେ

■୧୫ଶହ ଲୋକ ରୁଣ୍ଡ ହୋଇଥିଲେ
■ତାରିଖ ପରେ ବଦଳୁଛି ତାରିଖ
■ଏଡ଼ିଏମଙ୍କ ସାକ୍ଷାତ ପାଉନାହାନ୍ତି
■ ୧୦ରେ ସଂଘ ଚରମ ନିଷ୍ପତ୍ତି ନେବ

ବୁଧବାର ଅତିରିକ୍ତ ଜିଲାପାଳ ବାନାର୍ଜୀ ବିସ୍ଥାପିତ ପରିବାର ସଦସ୍ୟଙ୍କୁ ଭେଟିବା ନେଇ ସମୟ ଧାର୍ଯ୍ୟ କରାଯାଇଥିଲା। ସେହି ଅନୁସାରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଲୋକ ଉଦିତନଗର ପଡିଆରେ ଆସି ଅପରାହ୍ନରେ ରୁଣ୍ଡ ହୋଇଥିଲେ। ପରେ ଖବର ମିଳିଥିଲା ଯେ ଏଡିଏମ ନାହାଁନ୍ତି। ଦେଖା ହୋଇପାରିବନି। ନିରାଶ ହୋଇଥିଲେ ବିସ୍ଥାପିତ ପରିବାର। ଏନେଇ ସଂଘ ନେତା ଖାଡା କୁଜୁରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଏଥରକୁ ମିଶାଇ ଅତିରିକ୍ତ ଜିଲାପାଳ ଆମକୁ ୪ଥର ସମୟ ଦେଲେଣି। ଦେଖା କରିବାର ତାରିଖ ପାଖେଇଲେ ଆମକୁ ଆଗୁଆ ଚିଠି ଲେଖି ଏହାକୁ ବାତିଲ କରି ଦିଆଯାଉଛି। ଏନେଇ ଦୂରଦୂରାନ୍ତରେ ରହୁଥିବା ବିସ୍ଥାପିତ ପରିବାର ଖବର ପାଇପାରୁ ନାହାଁନ୍ତି। ଖର୍ଚ୍ଚାନ୍ତ ହୋଇ ବାରମ୍ବାର ରାଉରକେଲା ଆସୁଛନ୍ତି। ଫଳରେ ଚାକିରି ଆଶାୟୀ ବିସ୍ଥାପିତ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଆସନ୍ତା ଅକ୍ଟୋବର ୧୦ରେ ସଂଘ ଚରମ ନିସ୍ପତି ନେବାକୁ ବାଧ ହେବ ବୋଲି କୁଜୁର ସୂଚନା ପ୍ରଦାନ କରିଛନ୍ତି। ସଙ୍ଗଠନ ପକ୍ଷରୁ ସୁକରାମ କୁମ୍ଭାର, ପୁରଣ ଖାଲକୋ, ତର୍ଲା ଲାକ୍ରା, ବସନ୍ତ କିଷାନ ପ୍ରମୁଖ ବିସ୍ଥାପିତ ପରିବାର ସଦସ୍ୟଙ୍କ ସହ ବୁଧବାର ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ବଦଳିପାରେ ସୁନ୍ଦରଗଡ଼ ଜିଲାର ରାଜନୈତିକ ସମୀକରଣ

**ରାଉରକେଲା ଅଫିସ, ୧୯।୯**

ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଶେଷରେ ବୁଧବାର ସେ ନୂଆଦିଲ୍ଲୀ ଠାରେ କଂଗ୍ରେସ ଅଧକ୍ଷ ରାହୁଳ ଗାନ୍ଧି ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଦଳରେ ସାମିଲ ହୋଇଛନ୍ତି। ଜିଲାରେ ଜଳ, ଜମି ଓ ଜଙ୍ଗଲ ଅଧିକାର ନେଇ ଲଢେଇ କରି ଆସିଛନ୍ତି। ବିଭିନ୍ନ ସମୟରେ ଅନ୍ୟ ଦଳକୁ ପାଦ ଖସାଇବା ସତ୍ତ୍ୱେ ବି ତାଙ୍କ ପଡିଆରା ଊଣା ପଡିନି। ପରିବର୍ତ୍ତିତ ପରିସ୍ଥିତିରେ ନିଜ ରାଜନୈତିକ କ୍ୟାରିୟର ନେଇ ସନ୍ଦିହାନ ଜର୍ଜ ଶେଷରେ ଜାତୀୟ ଦଳ କଂଗ୍ରେସରେ ସାମିଲ ହୋଇଛନ୍ତି। ଜିଲା ତଥା ରାଜ୍ୟର ଜଣେ ଟାଣୁଆ ଆଦିବାସୀ ନେତା ଜର୍ଜ। ତାଙ୍କର କଂଗ୍ରେସରେ ଯୋଗଦାନ ସୁନ୍ଦରଗଡ଼ ଜିଲା ରାଜନୈତିକ ସମୀକରଣ ବଦଳିବା ନେଇ ସଂକେତ ପ୍ରଦାନ କରୁଛି। କୁହାଯାଉଛି ଯେ, କଂଗ୍ରେସରେ ସାମିଲ ହେବା ପଛରେ ଜର୍ଜଙ୍କ ମହତ୍ତ୍ୱାକାଂକ୍ଷା ରହିଛି। ସେ ବିଧାୟକ ପରିବର୍ତ୍ତେ କଂଗ୍ରେସ ଟିକଟ ହାସଲ କରି ସୁନ୍ଦରଗଡ଼ ସାଂସଦ ହେବାକୁ ଚାହୁଛନ୍ତି। ଏଣୁ କଂଗ୍ରେସ ହିଁ ତାଙ୍କ ପାଇଁ ଏକମାତ୍ର ବିକଳ୍ପ ବୋଲି ମନେ କରାଯାଉଛି। ଏଥିସହ ନିଜ ଜିତାପଟକୁ ସୁଗମ କରିବାକୁ ଜର୍ଜ ତାଙ୍କର ଅନ୍ୟ କେତେକ ସହଯୋଗୀଙ୍କୁ ବିଧାୟକ ଟିକଟ ଦେଇ ସମଗ୍ର ଜିଲାରେ ସ୍ଥିତି ସୁଦୃଢ କରିବାକୁ ଇଚ୍ଛା ରଖିଛନ୍ତି। ତେବେ ଏଥିରେ ଦଳ କେତେ ସହମତ ହେବ ତାହା ପରେ ଜଣା ପଡିବ। ମାତ୍ର କଂଗ୍ରେସରେ ସାମିଲ ହେବାର ବହୁ ପୂର୍ବରୁ ଜିଲାରେ ପଥରଗାଡ ଆନ୍ଦୋଳନ ସହ ପେଶା ଆଇନକୁ ନେଇ ଜର୍ଜ ଅନେକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପ୍ରାୟ ସବୁ ବ୍ଲକରେ ତାଙ୍କ ଅନୁଗାମୀ ଅଛନ୍ତି। ଜର୍ଜଙ୍କୁ ଯଦି କଂଗ୍ରେସ ଲୋକସଭା ପାଇଁ ପ୍ରାର୍ଥୀ କରେ ତେବେ ଏହା ଭାଜପା ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ମନେ କରାଯାଉଛି। ଜର୍ଜଙ୍କ କଂଗ୍ରେସ ଦଳରେ ଯୋଗଦାନ ନେଇ ଜିଲାର ଏକ ବଡ ଗୋଷ୍ଠୀ ଉତ୍ସାହିତ ଥିବା ବେଳେ ଆଉ କିଛି ପୁରୁଣା କଂଗ୍ରେସ ନେତା ଜର୍ଜଙ୍କୁ ଭରସା କରିପାରୁ ନ ଥିବା ଆଲୋଚନା ହେଉଛି।

### ୨୬ଜଣ ପାଇଲେ ଇନ୍ଧନ ଗ୍ୟାସ

**ବିଶ୍ରା,୧୯।୯(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ରହୁଥିବା ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ବଣ୍ଟନ କରାଯାଉଛି। ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଗରିବ ପରିବାରକୁ ବିଶ୍ରା ବନାଞ୍ଚଳ ସହଯୋଗରେ କାମ୍ପା ସହାୟତାରେ ମାଗଣାରେ ପ୍ରଥମ ପର୍ଯ୍ୟାୟରେ ୨୬ଜଣ ପରିବାରକୁ ଗ୍ୟାସ ବଣ୍ଟନ କରାଯାଇଛି। ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ରନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗ୍ୟାସ୍ ବଣ୍ଟନ କରାଯାଇଛି । ଖଇରଟୋଲା ବନପାଳ ଅଧୀନସ୍ଥ ରେଲ୍ଲାପୋଷ, ଗେର୍ଦା, ଖଇରଟୋଲା, ଜାମବେର୍ଣ୍ଣା ଗ୍ରାମକୁ ଯାଇ ପ୍ରଥମ ପର୍ଯ୍ୟାୟରେ ବନପାଳ ମନୋଜ ସାହୁ, ପରିବେଶବିତ ବଟକୃଷ୍ଣ ସ୍ୱାଇଁ, ବାଗଡେଗା ନାଏବ ସରପଞ୍ଚ ମଙ୍ଗଳନାଥ ଓରାମ, ଫରେଷ୍ଟ ଗାର୍ଡ ରଜତ ମହାନ୍ତି ଓ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ମୋ ରାଉରକେଲା

### ମାଟି ବଦଳରେ ସୁନା ମିଳେ



ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପିକା।

**ଜ**ନଜାତି ବହୁଳ ସୁନ୍ଦରଗଡ ଜିଲାର ରାଉରକେଲା ସହର ହେଉଛି ରାଜ୍ୟର ଏକ ଉଜ୍ଜ୍ୱଳ ଜ୍ୟୋତି ଶିଖା। ଗତ ୧୯୬୪ରେ ମୁଁ ଜାମସେଦପୁରରୁ ରାଉରକେଲା ଆସିଥିଲି। ଏଠାରେ ମୋର ଦୀର୍ଘ ୫୪ ବର୍ଷର ଅନୁଭୂତି। କୌଣସି କଥାରେ ଏଠି ମନ ଊଣା ହୋଇନି। ଗତ ୧୯୬୪ ପରେ ଏଠାରେ ସବୁ ସମ୍ପ୍ରଦାୟ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ଆସୁଛନ୍ତି। ଭାରତର ପ୍ରତ୍ୟେକ ପ୍ରଦେଶର ଲୋକ ଏଠାରେ ବସବାସ କରନ୍ତି। ଏମାନଙ୍କ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାର୍ମିକ ସମ୍ପର୍କ ମୋତେ ଖୁବ ପସନ୍ଦ ଲାଗେ। ଅନ୍ୟ ସହର ଅପେକ୍ଷା ମୋ ମତରେ ଏଠାରେ ଅଧିକ ବିଶ୍ୱାସ, ଶୃଙ୍ଖଳା ଓ ପାରସ୍ପରିକ ସହଯୋଗ ମନୋଭାବ ରହିଛି। କେବଳ ଏତିକି ନୁହେଁ, ବିଭିନ୍ନତା ମଧ୍ୟରେ ଏକତା, ସ୍ନେହ, ସଦଭାବ, ସୌଜନ୍ୟତା, ଆତ୍ମୀୟତା ଓ ବନ୍ଧୁତ୍ୱ ଭାବ ବେଶ ସୁଦୃଢ। ଏହାକୁ ଲକ୍ଷ୍ମୀବନ୍ତ ସହର ବୋଲି ମୁଁ ମନେ କରେ। କାରଣ ଏଠି ମାଟି ବଦଳରେ ସୁନା ମିଳେ। ଏଠିକା କର୍ମ ସଂସ୍କୃତି ଅନ୍ୟ ସହର ଅପେକ୍ଷା ବେଶ ଶୃଙ୍ଖଳ। ସମୟର ମୂଲ ବୁଝନ୍ତି ସହରବାସୀ। ମୋ ମତରେ ଅହିଂସା ପରମ ଧର୍ମରେ ବିଶ୍ୱାସ ରଖୁଥିବା ଷ୍ଟିଲ ସିଟି ବାସିନ୍ଦା କଳା, ସଂସ୍କୃତି, ଧର୍ମୀୟ ଭାବନାକୁ ଅନେକ ଦିନରୁ ଆପଣାଇ ନେଇଛନ୍ତି। ବ୍ୟାସନଗରୀ ସବୁଜ ସୁନ୍ଦର ସହର ରାଉରକେଲା ବହୁ କୀର୍ତିରାଜିର ମୂର୍ତୀମନ୍ତ ପ୍ରତୀକ। ଏଣୁ ମୁଁ ଏ ସହରକୁ ଖୁବ ଆପଣାର ମନେକରେ।

## ଦେଶୀ ମଦ କାରବାର ଅଭିଯୋଗରେ ୪ ଗିରଫ

**ରାଉରକେଲା ଅଫିସ, ୧୯। ୯**

ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଲାଲଟାଙ୍କି, ସିଉଡିହି, ଉତ୍କଳନଗର, କ୍ୱାରୀ ଘାଟ ଓ ଝିରପାଣି ଅଞ୍ଚଳରେ ଚଢାଉ କରାଯାଇ ୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ରାଜେଶ ଶର୍ମା, ବଦନ କିଷାନ, ଦୁର୍ଯ୍ୟନ କିଷାନ, ଶିଶିର ତିର୍କୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଏକ ବାଇକ୍ ନଂ. ଓଆର-୧୪ଟି ୬୪୬୦ ଓ ଏକ ସାଇକେଲ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ଅବକାରୀ ବିଭାଗ ପକ୍ଷରୁ ଜବତ ବାଇକ୍, ସାଇକେଲ ସହ ଅଭିଯୁକ୍ତ।




ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନେତୃତ୍ୱ ଓ ସଶକ୍ତୀକରଣ ବିକାଶ ଶିବିରରେ ମଞ୍ଚାସୀନ ଅତିଥି।

## ଦିବ୍ୟାଙ୍ଗଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ,୧୯।୯**

ସ୍ୱାଭିମାନ ଭୁବନେଶ୍ୱର ପ୍ରଯୋଜନାରେ ରାଉରକେଲା ଏନଆଇଟି ଓ ଶ୍ରଦ୍ଧା ସହଯୋଗରେ ସ୍ଥାନୀୟ ସିନେଟ ହଲ (ଏନଆଇଟି) ଠାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ୩ ଦିନିଆ ନେତୃତ୍ୱ ଓ ସଶକ୍ତିକରଣ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଉରକେଲା ଅତିରିକ୍ତ ଜିଲାପାଳ ମନୀଷା ବାନାର୍ଜୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାନାର୍ଜୀ କହିଥିଲେ, ଦିବ୍ୟାଙ୍ଗମାନେ ଆଉ ପଛୁଆ ହୋଇ ରହିନାହାଁନ୍ତି। ନିଜ ପ୍ରଚେଷ୍ଟା ଓ ଦୃଢ ଇଚ୍ଛାଶକ୍ତି ବଳରେ ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରି ପାରୁଛନ୍ତି। ସାମଗ୍ରୀକ ପ୍ରଚେଷ୍ଟା ଜାରି ରହିଲେ ଏମାନେ ଆହୁରି ଆଗକୁ ଯାଇପାରିବେ ବୋଲି ବାନାର୍ଜୀ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର ଆନିମେଶ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଆଇନ ଓ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ଗତ ୨୦୧୬ ଆଇନ ଅନୁଯାୟୀ ଏନଆଇଟିରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇ ପାରିଛି ବୋଲି ବିଶ୍ୱାସ କହିଥିଲେ। ଏପରି କର୍ମଶାଳା ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅନେକ ଉପକାର ପାଇପାରିବେ ବୋଲି ସେ କହିଥିଲେ। ଏଥିରେ ଶ୍ରଦ୍ଧା ଅନୁଷ୍ଠାନର କାର୍ତ୍ତିକ ପାଣ୍ଡବ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ସଶକ୍ତ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିପ୍ରସନ୍ନ ପଟ୍ଟନାୟକ, ତାପସ ଜେନା, ଅଞ୍ଜଳି ମହାରଣା, ଜିତେନ୍ଦ୍ର ମହାକୁଡ ଓ ସୁକୁମାର ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ।

## ବିଳମ୍ବରେ ପହଞ୍ଚୁଛି ଇଣ୍ଟରସିଟି ଏକ୍ସପ୍ରେସ୍

**ରାଉରକେଲା ଅଫିସ, ୧୯।୯**

ଭୁବନେଶ୍ୱରରୁ ରାଉରକେଲାକୁ ଯାଉଥିବା ୨୨୮୪୦ ଇଣ୍ଟରସିଟି ଏକ୍ସପ୍ରେସ୍ ଅଧିକାଂଶ ଦିନ ବିଳମ୍ବରେ ରାଉରକେଲାରେ ପହଞ୍ଚୁଛି। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଟ୍ରେନର ଭୁବନେଶ୍ୱର ଛାଡ଼ିବା ସମୟ ଦିନ ୨ଟା ୧୦ ଏବଂ ରାଉରକେଲାରେ ପହଞ୍ଚିବା ସମୟ ରାତି ୯ଟା ୪୦। ମାତ୍ର ଏହି ଟ୍ରେନ୍ ଭୁବନେଶ୍ୱରରେ ଠିକ୍ ସମୟରେ ଛାଡୁଥିଲେ ମଧ୍ୟ ରାଉରକେଲାରେ ବିଳମ୍ବରେ ପହଞ୍ଚୁଛି। ଏହା ରାତି ସାଢେ ୧୦ଟା, ୧୧ଟା ହୋଇଯାଉଛି। ରେଳବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

■ ମଧୁସୂଦନପାଲ୍ଲୀ ବିସ୍ଫୋରଣ ଘଟଣା

## ଥଇଥାନ ଦାବିରେ ବସ୍ତି ବାସିନ୍ଦାଙ୍କ ଧାରଣା

**ରାଉରକେଲା ଅଫିସ,୧୯।୯**

ବିସ୍ଫୋରଣ ଜନିତ ପ୍ରଭାବିତ ପରିବାର ମଧୁସୂଦନପାଲୀ ତେଲୁଗୁପଡା ବାସିନ୍ଦା ଥଇଥାନ ଓ କ୍ଷତିପୂରଣ ଦାବିରେ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏମାନେ ଅଭିଯୋଗ କହିଥିଲେ ଯେ, ଘଟଣାକୁ ୩ ଦିନ ବିତିଥିଲେ ବି କ୍ଷତିଗ୍ରସ୍ତ ପରିବାରଙ୍କୁ ଥଇଥାନ କରାଯାଇନି। ଖୋଲା ଆକାଶ ତଳେ ଦିନ ବିତୁଛି ଏମାନଙ୍କର। ଭଲରେ ଲୋକେ ଗଣ୍ଡେ ଖାଇବାକୁ ପାଉ ନାହାଁନ୍ତି। ସମସ୍ତଙ୍କ ଘରେ ରୋଷେଇ ବନ୍ଦ। ଅନ୍ଧାର ରାତିରେ କିଏ ବାରଣ୍ଡାରେ ତ ଆଉ କିଏ ଗଛ ମୂଳେ ରାତି କାଟୁଛନ୍ତି। ଏପରି ଅବସ୍ଥାରେ ପ୍ରଶାସନିକ ଅବହେଳା ପ୍ରଭାବିତ ପରିବାର ଅବସ୍ଥାକୁ ଦ୍ୱିଗୁଣିତ କରିଛି ବୋଲି ଅଭିଯୋଗ କରିଥିଲେ ବସ୍ତିବାସିନ୍ଦା। ଭଙ୍ଗା ଘରେ ପଲିଥିନ ତଳେ ଆଶ୍ରୟ ନେଇଥିବା ପରିବାରକୁ ଥଇଥାନ କରାଯିବା ସହ କ୍ଷତିପୂରଣ ପ୍ରଦାନ ନେଇ ଏମାନେ ଦାବି କରିଥିଲେ। ଏଥିସହ ବିସ୍ଫୋରଣରେ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ନାବାଳିକା ଝିଅ ଅସ୍ମିତା ଆଚାର୍ଯ୍ୟ(୫)ଙ୍କ ଚିକିତ୍ସା ଖର୍ଚ୍ଚ ଭରଣା କରିବାକୁ ଦାବି କରାଯାଇଥିଲା। ଏନେଇ ଅତିରିକ୍ତ ଜିଲାପାଳ ମନୀଷା ବାନାର୍ଜୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ନେତାଙ୍କୁ ବାଦ ଦେଲେ ବସ୍ତିର କାନ୍ତା ରାଓ, ଦୀପକ ମହାନ୍ତି, ପ୍ରକାଶ ବେହେରା, ବଳରାମ ସାହୁ, ବି ମୋହନ ରାଓ, ଦୌପଦୀ ପାତ୍ର, ଏସଏନ ଆଚାର୍ଯ୍ୟ, ଶିବୁ ମହାନ୍ତି, ଜ୍ଞାନେଶ୍ୱର ରାଓ, ବି ରମାରେଡ୍ଡି ଓ ପୂର୍ଣ୍ଣିମା ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।



ମଧୁସୂଦନପାଲୀ ତେଲୁଗୁପଡା ବାସିନ୍ଦା ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ସଂକ୍ଷେପରେ



### ଅନାଥ, ନିରାଶ୍ରୟଙ୍କୁ ନେଇ ନୂଆଁଖାଇ

**ଭବାନୀପାଟଣା,୧୯।୯(ଡି.ଏନ.ଏ.)-** ଭବାନୀପାଟଣାସ୍ଥିତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ପ୍ରତିବର୍ଷ ଭଳି ଶୁଭମ୍ ଅନୁଷ୍ଠାନ ପୁରୁଣାଗୁମା, ଥୁ.ରାମପୁର ଅନାଥ ଓ ନିରାଶ୍ରୟମାନଙ୍କୁ ନେଇ ସାମୂହିକ ନୂଆଁଖାଇ ପାଳନ କରାଯାଇଛି। ନୂଆଁଖାଇରେ ଅନାଥ ଓ ନିରାଶ୍ରୟଙ୍କୁ ନୂଆ ଶାଢୀ, ନୂଆଁ ଧୋତି, ନୂଆଁ ଗାମୁଛା ବଣ୍ଟନ କରିବା ସହ ନୂଆଁ ଚୁଡା ଭୋଗ କୁରେଇ ପତ୍ରରେ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭମର ଅଧକ୍ଷ ସୁଶାନ୍ତ ସିଂ, ସଞ୍ଜୀବ ସିଂ, ପ୍ରଦୀପ ସିଂ, ଭାନୁପ୍ରକାଶ ରଥ, ଚିଣ୍ଟୁ ନାଏକ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏବଂ କଳାହାଣ୍ଡି ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ପରିସରରେ ସର୍ବଧର୍ମ ଏବଂ ବିଭିନ୍ନ ସମ୍ପ୍ରଦାୟ ପ୍ରତିନିଧିମାନଙ୍କୁ ନେଇ ସାମୂହିକ ନବାନ୍ନ ଭୋଜନ, ନୂଆଁଖାଇ ଭେଟଘାଟ, ସାମୂହିକ ନୂଆଁଖାଇ ଆଲୋଚନାଚକ୍ର ଓ ନୂଆଁଖାଇ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠାନର ଆୟୋଜିତ ହୋଇଛି। ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ, ସଞ୍ଜୀବ ସିଂହ, ସୁରୁ ଥାନାପତି, ଶାନ୍ତନୁ କୁମାର ବେହେରା, ପ୍ରଦୀପ କୁମାର ସାହୁ, ବିରଞ୍ଚି ପଣ୍ଡାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଛି । ଏଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଜାତିର ଲୋକ ଏକାଠି ମିଶି ନବାନ୍ନ ବକ୍ଷଣ କରିବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ସେହିପରି ସହରର ବିଭିନ୍ନ ଅନୁଷ୍ଠାନ ତରଫରୁ ନୂଆଁଖାଇ ଉତ୍ସବ ମହାସମାରୋହରେ ପାଳିତ ହୋଇଛି ।

### ଶୁଭମ୍ ମ୍ୟୁଜିକ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)-** ଭବାନୀପାଟଣା ସମେତ ଏହାର ଆଖପାଖ ଅଞ୍ଚଳ ଓ ଲାଞ୍ଜିଗଡ, ଥ.ରାମପୁର, ମ.ରାମପୁର, ମୋହୁଲପାଟଣା, କର୍ଲାପାଟ, ଯୁଗସାଇପାଟଣା ଅଞ୍ଚଳରେ ମହାସମାରୋହରେ ନୂଆଁଖାଇ ପାଳିତ ହୋଇଛି । ନୂଆଁଖାଇ ପରେ ବୁଧବାର ସନ୍ଧ୍ୟାରେ ଭବାନୀପାଟଣାର ଶୁଭମ ମ୍ୟୁଜିକ ଦ୍ୱାରା ପ୍ରତିବର୍ଷଭଳି ୨୬ ତମ ନୂଆଖାଇ ଭେଟ୍‌ଘାଟ୍ ସ୍ଥାନୀୟ ଗାନ୍ଧୀଛକଠାରେ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇର ଏହି ପରମ୍ପରାକୁ ଦୀର୍ଘ ବର୍ଷଧରି ଶୁଭମ ମ୍ୟୁଜିକ ପାଳନ କରି ଆସୁଥିବାରୁ ଦାସ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଓଡିଶାର ବିଭିନ୍ନ ଅଞ୍ଚଳର କଳାକାର, ଶିଳ୍ପି, ଲେଖକମାନଙ୍କୁ ସମ୍ବର୍ଦ୍ଧନା ଓ ପ୍ରତି ଉପହାର ପ୍ରଦାନ କରାଯାଇଥିଲା । କଳାହାଣ୍ଡିର ରାସବିହାରୀ ବେହେରା, ଚନ୍ଦ୍ରସେଖର ପଣ୍ଡା, ଅକ୍ଷୟ କୁମାର ପଟ୍ଟନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ସତ୍ୟନାରାୟଣ ବିଶି, ଅରମାନ ଖାଁ, ଶୁସାନ୍ତ କୁମାର ସିଂ, ଆଲୋକ କୁମାର ସାହୁ, ମୁରଲିଧର ମହାରଣା, ସର୍ବେଶ୍ୱର ଭୋଇ, ସମ୍ବଲପୁରର କୃଷ୍ଣଚନ୍ଦ୍ର ବାଗ, ଯୋଗେନ୍ଦ୍ର ନାଏକ, ଭୁବନ ମହନନ୍ଦ, ପ୍ରଦୀପ କୁମାର ସିଂ, ବିଶ୍ୱନାଥ ଜାଲ, ସୋନପୁରର ସାଶ୍ୱତ ତ୍ରିପାଠି, ବରଗଡର ଆରତି କୁମ୍ଭାର, ସମ୍ବର୍ଦ୍ଧନା ସଭା ପରେ ଓଡିଶାର ସୁନାମ ଧନ୍ୟ କଣ୍ଠଶିଳ୍ପିମାନଙ୍କ ଦ୍ୱାରା ସମ୍ବଲପୁର ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲେ । ଏହି କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ ଉଦଘୋଷକ ଭାନୁପ୍ରକାଶ ରଥ ଓ ସଂଯୋଜନା କରିଥିଲେ ସୁଶିଲ ଗହିର। ବିଷ୍ଣୁପ୍ରସାଦ ପ୍ରଧାନ, ଶ୍ରୀରାମ ଲୁହାର, ସୁଶାନ୍ତ କୁମାର ସିଂ, ପ୍ରଦୀପ କୁମାର ସିଂ, ସୁଶିଲ ଗହିର, ସଂଜୀବ କୁମାର ସିଂ, ଅଧାପକ ପରମେଶ୍ୱର ମୁଣ୍ଡ, ନରସିଂହ ଖାଁ, ଅଶୋକ ପ୍ରଧାନ, ସୁରେଶ ଅଗ୍ରୱାଲ ଓ ଶାନ୍ତନୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଣିକେଶ୍ୱରୀଠାରେ ନୂଆଁଖାଇ ପାଳିତ

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**



ମା' ମାଣିକେଶ୍ୱରୀଙ୍କ ନବାନ୍ନ ନେବାକୁ ମନ୍ଦିର ସମ୍ମୁଖରେ ଲୋକେ ଜମା ହୋଇଛନ୍ତି ।

ପରମ୍ପର ଅନୁଯାୟୀ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କର ପ୍ରତିବର୍ଷ ଭାଦ୍ରବମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ନବାନ୍ନ ଭୋଗ ଲାଗି ହୋଇଥାଏ । ମା' ମାଣିକେଶ୍ୱରୀଙ୍କ ସହ କଳାହାଣ୍ଡି ଗଡଜାତର ରାଜଧାନୀ ଭବାନୀପାଟଣା ସମେତ ପୂରାତନ ଜମିଦାରୀ ଅଞ୍ଚଳ ଲାଞ୍ଜିଗଡ, ଜୟପାଟଣା, ଥୁ.ରାମପୁର, ମ.ରାମପୁର, ମହୁଲପାଟଣା, କର୍ଲାପାଟ ଅଞ୍ଚଳରେ ଜନସାଧାରଣ ନବାନ୍ନ ଖାଇଥାନ୍ତି । ଚଳିତ ବର୍ଷ ବୁଧବାର ସକାଳ ୬ଟା.୨୪ ମିରୁ ୮ଟା ୩ମି ମଧ୍ୟରେ ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଭୋଗ ଲାଗି କରାଯିବାକୁ ଲଗ୍ନ ଧାର୍ଯ୍ୟ କରାଯାଇଥିବା କଳାହାଣ୍ଡି ମହାରାଜା ଉଦିତ ପ୍ରତାପ ଦେଓଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସମୟ ମଧ୍ୟରେ ମା' ମାଣିକେଶ୍ୱରୀଙ୍କଠାରେ ନାବାନ୍ନ ଭୋଗ ଲାଗି କରାଯିବା ସହ ଏହି ସମୟ ମଧ୍ୟରେ ଜନସାଧାରଣ ନବାନ୍ନ ଭକ୍ଷଣ କରିବା ପାଇଁ ଲଗ୍ନ ସ୍ଥିର ହୋଇଥିଲା । ପଶ୍ଚିମ ଓଡିଶାର କୃଷି ଭିତ୍ତିକ ମହାନ ପର୍ବ ନୂଆଁଖାଇ । ପଶ୍ଚିମ ଓଡିଶା ସମେତ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗତ ପ୍ରତିପଦା, ପଞ୍ଚମୀ ଓ ସପ୍ତମୀ ତିଥିରେ ନୂଆଁଖାଇ ସାରିଥିବା ବେଳେ ଜିଲାର ଭବାନୀପାଟଣା, ମ.ରାମପୁର, ଜୟପାଟଣା, ଲାଞ୍ଜିଗଡ ଓ ଥୁ.ରାମପୁର ବ୍ଲକରେ ବୁଧବାର ଦଶମୀ ତିଥିରେ କଳାହାଣ୍ଡିର ଇଷ୍ଟ ଦେବୀ ମା' ମାଣିକେଶ୍ୱରୀଙ୍କ ପାଖରେ ସକାଳ ୬ ଟା ୨୪ ରୁ ୮ଟା ୦୩ ଘ. ମଧ୍ୟରେ ନବାନ୍ନ ଭୋଗ ଲାଗି ହୋଇଥିଲା । ପରେ ସକାଳ ୮.୩୦ରେ ମନ୍ଦିର ଖୋଲି ପ୍ରସାଦ ବଣ୍ଟନ ହୋଇଥିଲା । ଅଞ୍ଚଳବାସୀ ଆନନ୍ଦ ଉଲ୍ଲାସରେ ନୁଆଁଖାଇଲେ। ଏଥିପାଇଁ ଚଳଚଞ୍ଚଳ ହୋଇପଡିଥିଲା । ଉକ୍ତ ୫ଟି ବ୍ଲକ ନୂଆଁଖାଇ ପାଇଁ ସମସ୍ତେ ବ୍ୟସ୍ତଥିଲେ । ବର୍ଷକୁ ଥରେ ଆସୁଥିବା ନୂଆଁଖାଇକୁ ଖୁବ୍ ଯାକଜକମରେ ପାଳିବା ପାଇଁ ଗତ କିଛି ଦିନ ଧରି କିଣାବିକା ଆରମ୍ଭ ହୋଇଥିଲା । ନୂଆଁ ଚୁଡା, ନୂଆଧାନ, ହାଣ୍ଡି, କୁଲାଚୁପା, ନୂଆଁଧାନ, କୁରେଇପତ୍ର ଏବଂ ବିଶେଷ କରି ନୂଆ କପଡା କିଣିବା ପାଇଁ ଭବାନୀପାଟଣା ସହର ସମେତ ବିଭିନ୍ନ ଅଞ୍ଚଳର ନୂଆଁଖାଇ ବଜାର ଜମି ଥିଲା । ବାହାର ରାଜ୍ୟରେ ରହୁଥିବା ରୋଜଗାରିଆ ସ୍ୱାମୀ, ପୁଅ ଫେରି ଆସିଛନ୍ତି । ଗତ ଏକ ସପ୍ତାହ ଧରି ଘର ମହିଳାମାନେ ଘର ଲିପାପୁଛା ଅରମ୍ଭ କରି ଘର ସମସ୍ତ ପୁରୁଣା ସାମଗ୍ରୀ ଧୂଆ ପୋଛାରେ ଲାଗିପଡିଥିଲେ। ଦଶମୀ ତିଥି ଜିଲାର ଏହି ୫ଟି ବ୍ଲକ ସଦର ମହକୁମା ଏବଂ ଅନ୍ୟ ଅଞ୍ଚଳରେ ନୂଆଁଚୁଡାରେ ତିଆରି ଖିରି ନିଜ ଇଷ୍ଟଦେବୀଙ୍କୁ ସମର୍ପଣ ପରେ ନୂଆଁଖାଇ ପର୍ବ ପାଳିତ ହୋଇଥିଲା ଏବଂ ପରେ ଆରମ୍ଭ ହୋଇଥିଲା ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ । ଭବାନୀପାଟଣା ସମେତ ମାଣିକେଶ୍ୱରୀଙ୍କ ପୀଠ ମ.ରାମପୁର, ଥୁଆମୂଳ ରାମପୁର, ଜୟପାଟଣା ଏବଂ ଲାଞ୍ଜିଗଡରେ ଦଶମୀ ତିଥିରେ ନୂଆଖାଇ ପର୍ବ ପାଳିତ ହୋଇଛି।

## କେବିକେ ପ୍ରଶାସକଙ୍କ ଜୁନାଗଡ଼ ବ୍ଲକ ଗସ୍ତ

**ଜୁନାଗଡ,୧୯।୯ (ଡି.ଏନ.ଏ.)**

ବୁଧବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗସ୍ତ କରିଛନ୍ତି କେବିକେ ପ୍ରଶାସକ ସୁଦର୍ଶନ ପାଲ ଠାକୁର । ସେ ପ୍ରଥମେ ଜୁନାଗଡ ସହର ସାପ୍ତାହିକ ବଜାର ପରିସରରେ ଥିବା ଉପାସନା ଏଜୁକେସନ ଟ୍ରଷ୍ଟର ତାଲିମ କେନ୍ଦ୍ରକୁ ପରଦର୍ଶନ କରିଥିଲେ। ସେଠାରେ ତାଲିମ ନେଉଥିବା ଝିଅମାନଙ୍କ ସହିତ ବିଭିନ୍ନ ବିଷୟ ପଚାରି ବୁଝିଥିଲେ। ଏହି ସମୟରେ ଅତରିକ୍ତ ଯୋଜନା ବୋର୍ଡ ନିର୍ଦ୍ଦେଶକ ବି.କେ ତ୍ରିପାଠୀ, ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ଡିଏଏମଏସ ଜଜ୍ କେରକେଟା, ଜୁନାଗଡ ଭାରପ୍ରାପ୍ତ ବିଏସଏଓ ସୁମନ୍ତ ମାଝି, ଉପାସନା ଏଜୁକେସନ ଟ୍ରଷ୍ଟର ଜିଲା ପ୍ରମୁଖ କମଲେଶ ଦାସ, ଜୁନାଗଡ କେନ୍ଦ୍ର ପରିଚାଳିକା ସ୍ୱସ୍ତିକା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ବ୍ଲକର ସନ୍ୟାସୀ କୁଣ୍ଡାମାଲଠାରେ ନିର୍ମିତ ହେଉଥିବା ଧାନ ଫଡକୁ ଦେଖିବାକୁ ଯାଇଥିଲେ। ଏହା ପରେ ମହିଚଲା ପଞ୍ଚାୟତକୁ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ସହ ବିଭିନ୍ନ ଉନ୍ନୟନ କାମ ବୁଲି ଦେଖିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ବେହେରା ଉପସ୍ଥିତ ଥିଲେ।



କେବିକେ ପ୍ରଶାସକ ମହିଚଲା ପଞ୍ଚାୟତ ପରିଦର୍ଶନବେଳେ ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟମାନଙ୍କ ଆଲୋଚନା କରୁଛନ୍ତି।



ମୁଣ୍ଡାପଲା ପ୍ରାଥମିକ ବିଦ୍ୟାଳୟ ଖୋଲାରେ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରନ୍ଧାଯାଉଛି।

## ଖୋଲା କୁଡ଼ିଆରେ ମଧ୍ୟାହ୍ନଭୋଜନ ରନ୍ଧା

**ପଲମ,୧୯।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ମୁଣ୍ଡାପଲା ଅତିରିକ୍ତ ପ୍ରାଥମିକ ବିଦ୍ୟାଳୟଠାରେ ଖୋଲା ଜରି ଛପର କୁଡିଆରେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରନ୍ଧା ଯାଉଛି । ଗତ ୨୦୧୭ରେ ଅତିରିକ୍ତ ସ୍କୁଲ ଗୃହ ନିର୍ମାଣ ହୋଇଥିଲା । ଆଜକୁ ୭ ବର୍ଷ ବିତି ଯାଇଥିଲେ ହେଁ ସ୍କୁଲ ଛାତ୍ରୀଛାତ୍ରଙ୍କ ରନ୍ଧନ ପାଇଁ ଗୃହ ନାହିଁ । ଫଳରେ ରନ୍ଧନ ବେଳେ ଅନେକ କୀଟ ପତଙ୍ଗ, ପବନ ଦ୍ୱାରା ଧୂଳି ଗୁଣ୍ଡ ଉଡି ଖାଦ୍ୟରେ ପଡୁଛି । ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଏକଙ୍କୁ ପଚାରିବାରୁ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି କହିଥିଲେ । ଶିକ୍ଷା କମିଟି ସଭାପତି ଗୁଣସାଗର ସାହୁଙ୍କୁ ପଚାରିବାରୁ ଏ ନେଇ ଆମ ମାସିକିଆ ବୈଠକରେ ଆଲୋଚନା କରି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ ବୋଲି କହିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇପାରିନାହିଁ ।

## ବିଡିଓଙ୍କୁ ଭେଟିଲା ବିକାଶ ପରିଷଦ

**ଜମନକିରା,୧୯।୯(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ରେ ଗତ କିଛିଦିନ ପୂର୍ବରୁ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଅଜୟ କୁମାର ତିୱାରୀଙ୍କୁ ବୁଧବାର ଜମନକିରା ବ୍ଲକ୍ ବିକାଶ ପରିଷଦ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ସାକ୍ଷାତ ବେଳେ ବିଭିନ୍ନ ସମସ୍ୟା ଉପରେ ଏମାନେ ଆଲୋଚନା କରିଥିଲେ। ଗୋକୁଳାନନ୍ଦ ଦାନୀ, ରବୀନ୍ଦ୍ର କୁମାର ମଲ୍ଲିକ, ସରୋଜ ପଟ୍ଟନାୟକ, ସାଲେକରାମ ପଧାନ, ଅମରେଶ୍ୱର ସ୍ୱାଇଁ, ସନ୍ତୋଷ ପଟ୍ଟନାୟକ, ଲକ୍ଷ୍ମଣ ନାଏକ, ବୀରେନ୍ଦ୍ର କାରୱାର, ବାବୁଲୁ ନାଏକ, ଆନନ୍ଦ ନାଏକ, ସତ୍ୟପ୍ରିୟ ମହାପାତ୍ର, ରବୀନ୍ଦ୍ର ଦାନୀ ପ୍ରମୁଖ ବିଡିଓଙ୍କୁ ଭେଟି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ଧର୍ମଗଡ ଗସ୍ତ ୨୭ରେ

## ଉଦ୍‌ଘାଟନ ହେବ ଓଡ଼ିଶା ପ୍ରଥମ କୌଶଳ କେନ୍ଦ୍ର

**ଧର୍ମଗଡ,୧୯।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଆର୍ଟ ଅଫ୍ ଲିଭିଂ ଏବଂ ଭାରତ ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଳୟର ମିଳିତ ସହଯୋଗରେ ଓଡିଶାର ପ୍ରଥମ କୌଶଳ କେନ୍ଦ୍ର ଉଦଘାଟିତ ହେବ । ଆସନ୍ତା ୨୭ ତାରିଖ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି କେନ୍ଦ୍ର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି । ଧର୍ମଗଡସ୍ଥିତ ଏକ ହୋଟେଲରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡିଶା ଆର୍ଟ ଅଫ୍ ଲିଭିଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୋଳାନାଥ ଜେନା ଏହି ସୂଚନା ଦେଇଛନ୍ତି । ପଶ୍ଚିମ ଓଡିଶାର ଯୁବ ଶକ୍ତିର ସମାଜ ଉପଯୋଗୀ, ରୋଜଗାର କ୍ଷମ ଦକ୍ଷତାର ସମ୍ପୂର୍ଣ୍ଣ ବିକାଶରେ ଏହି କେନ୍ଦ୍ର ସହାୟକ ହେବ। ଏହି କେନ୍ଦ୍ରରେ ବିଭିନ୍ନ ବିଭାଗର କୌଶଳ ବିକାଶର ତାଲିମ ପ୍ରଦାନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ୫ଟି ବିଭାଗରେ ତାଲିମ ପ୍ରଦାନ କରାଯିବ । ଜୈବିକ କୃଷି, ସିଲାଇ ମେଶିନ ଅପରେଟର, ଘରୋଇ ସ୍ୱାସ୍ଥ୍ୟ ସହାୟକ, ପ୍ଲମ୍ବର ଓ ଇଲେକ୍ଟ୍ରିସିୟନ ଭଳି ବିଭାଗରେ ଏହି ତାଲିମ ପ୍ରଦାନ କରାଯିବ। ଏହା ଦ୍ୱାରା ବହୁ ଯୁବକଯୁବତୀ ଏଥିରେ ରୋଜଗାର କ୍ଷମ ହୋଇପାରିବେ। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଗୁରୁବାର ଧର୍ମଗଡ କଳାହାଣ୍ଡି ଉତ୍ସବ ପଡିଆଠାରେ ହେଲିକେପ୍ଟର ଯୋଗେ ପହଞ୍ଚି ସକାଳ ୧୦ଟାରେ ଏକ ମହା ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସମେତ ପଡୋଶୀ ଜିଲା ନବରଙ୍ଗପୁର, କୋରାପୁଟ, ନୂଆପଡା, ବଲାଙ୍ଗୀର ତଥା ପଡୋଶୀ ରାଜ୍ୟ ଛତିଶଗଡରୁ ଗୁରୁଙ୍କ ଶିଷ୍ୟ ତଥା ଶ୍ରଦ୍ଧାଳୁମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଖବରଦାତା ସମ୍ମିଳନୀରେ ଆର୍ଟ ଅଫ୍ ଲିଭିଂର ରାଜ୍ୟ ସଂଯୋଜକ ତପନ କୁମାର ମିଶ୍ର, ଦକ୍ଷିଣ ଓଡିଶା ନିର୍ଦ୍ଦେଶିକା ପ୍ରମିଳା ନାଥ, ରଞ୍ଜନ ସାହୁ, ଅଭ୍ୟର୍ଥନା କମିଟି ସଦସ୍ୟ ତୁଷାର ରଞ୍ଜନ ପାଟ୍ଟଯୋଷୀ, ଥବିର ପ୍ରସାଦ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ ।



ଖବରଦାତା ସମ୍ମିଳନୀରେ ଆର୍ଟ ଅଫ୍ ଲିଭିଂ ସଦସ୍ୟମାନେ ସୂଚନା ଦେଉଛନ୍ତି ।

### ପରମ୍ପରାରେ ବନ୍ଧା ନେଗୀ, ସାହୁ ପରିବାର

# ଏକାଠି ନୂଆଁ ଖାଇଲେ ୨ ପରିବାରର ୧୫୨ ସଦସ୍ୟ





ନୂଆଁଖାଇ ଅବସରରେ ନେଗୀ ପରିବାର ସଦସ୍ୟମାନେ ବଡ଼ମାନଙ୍କଠାରୁ ଆଶିର୍ବାଦ ନେ ଉଛନ୍ତି (ବାମ) । ସାହୁ ପରିବାରର ଜଣେ ବୁଢ଼ୀ ମା' ନୂଆଁ ଖାଉଛନ୍ତି ।

**ଭବାନୀପାଟଣା,୧୯।୯ (ଡି.ଏନ.ଏ.)**

ନୂଆଁଖାଇ କଳାହାଣ୍ଡିର ମହାନ ଗଣପର୍ବ । ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିଲେ ବି ପରିବାର ଭିତରେ ପାରସ୍ପରିକ ସହଭାଗିତା ଏବଂ ସାମାଜିକ ପ୍ରତିବଦ୍ଧତାରୁ ଏହି ପର୍ବରୁ ଗୁରୁତ୍ୱ ଖୁବ୍ ବେଶୀ । ଏବେ ଯୌଥ ପରିବାର ଭାଙ୍ଗି ଛୋଟ ହେଉଥିବା ବେଳେ ନୂଆଁଖାଇର ଭାଇଚାରା ଓ ସମାଜିକ ପ୍ରତିବଦ୍ଧତା କାରଣରୁ ଗୁରୁତ୍ୱ ବଢି ଚାଲିଛି। ଭବାନୀପାଟଣା ସହରରେ ଏଭଳି ୨ଟି ବଡ ପରିବାର ଏକାଠି ବସି ନୂଆଁଖାଇ ବା ଘଟଣା ଚର୍ଚ୍ଚାରେ ଆସିଛି । ସହରର ନେଗୀ ପରିବାରେ ୧୦୨ ଜଣ ଓ ସାହୁ ପରିବରରେ ୫୦ ଜଣ ଏକାଠି ନୂଆଁଖାଇ ଚର୍ଚ୍ଚାକୁ ଆସିଛନ୍ତି। ସହରର ବାଲାଜି ମନ୍ଦିର ପରିସରରେ ନେଗୀ ପରିବାରର ବରିଷ୍ଠ ବ୍ୟକ୍ତି ସୁରେନ୍ଦ୍ର କୁମର ନେଗୀଙ୍କ ଆହ୍ୱାନକ୍ରମେ ସମସ୍ତ ସଦସ୍ୟ ସଦସ୍ୟା ଏକାଠି ନବାନ୍ନ ଭକ୍ଷ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ ଯୋଗ ଅନୁଯାୟୀ ପ୍ରଥମେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ନୂଆଁଧାନ ଓ ନୂଆଚୁଡା ଲାଗି ହେବା ପରେ ବରିଷ୍ଠ ସଦସ୍ୟା ଲବଙ୍ଗଲତା ନେଗୀ ସମସ୍ତଙ୍କୁ ନବାନ୍ନ ଭୋଗ ବଣ୍ଟନ କରିଥିଲେ । ପରେ ସମସ୍ତେ ବାଲାଜି ମନ୍ଦିରରେ ଦିଅଁଦର୍ଶନ କରି ପରସ୍ପର ମଧ୍ୟରେ ନୂଆଁଖାଇ ଜୁହାର ଭେଟ କରିଥିଲେ । ଏହି ଅବସରରେ ମହିଳା ଓ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଓ ନାଚଗିତର ଆୟୋଜନ କରାଯାଇଥିଲା । ସୁରେନ୍ଦ୍ର ନେଗୀଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଷ୍ଣୁପ୍ରସାଦ ନେଗୀ, ନରେନ୍ଦ୍ର ନେଗୀ, କ୍ଷୀରୋଦ ପ୍ରସାଦ ନେଗୀ, ଅମରେଶ ନେଗୀ, ମାନସ ନେଗୀ, ପ୍ରଦୀପ ନେଗୀ, ଚିନ୍ତାମଣି ନେଗୀ ପ୍ରମୁକ ସହଯେଗ କରିଥିଲେ । ସେହିପରି ଭବାନୀପାଟଣା ସହରରେ ରହିଛି ଜଗନ୍ନାଥ ମନ୍ଦିର ପଡା। ନୂଆଁଖାଇ ସମୟ ପାଖେଇ ଆସିଲେ ଏହି ପଡାର ସାହୁ ପରିବାରରେ ନିଆରା ନୂଆଁଖାଇ ପାଳନ ପରମ୍ପରାକୁ ନେଇ ସହରରେ ଚର୍ଚ୍ଚା ଆରମ୍ଭ ହୋଇଥାଏ । ସାହୁ ପରିବାର ଉତ୍ସାହର ସହ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ଦୂରଦୂରାନ୍ତରେ ଥିବା ପରିବାରର ସଦସ୍ୟମାନେ ନୂଆଁଖାଇ ଆକର୍ଷଣରେ ଟାଣି ହୋଇ ଆସନ୍ତି ନିଜ ପଡା ଓ ଘରକୁ । ସାହୁ ପରିବାରର ପ୍ରାୟ ସମସ୍ତ ସଦସ୍ୟ ନୂଆଁଖାଇ ଦିନ ଘରକୁ ଫେରି ଏକା ସଙ୍ଗରେ ନୂଆ ଖାଇଥାନ୍ତି । ସ୍ୱର୍ଗତ ନିରୋଦ କାନ୍ତ ସାହୁ ଓ ଶଶିମୁଖୀ ସାହୁଙ୍କ ସହିତ ଚାରି ଭାଇଙ୍କ ପୁଅ ଓ ବହୁମାନଙ୍କୁ ମିଶିଲେ ପରିବାରର ସଦସ୍ୟ ସଂଖ୍ୟା ଏବେ ୫୦ରୁ ଉପରେ । ଚାକିରୀ ଜୀବନ ପାଇଁ କିଛି ଲୋକ ବାହାରେ ରହନ୍ତି । କିନ୍ତୁ ନୂଆଁଖାଇ ପାଇଁ ଯିଏ ଯେଉଁଠି ରହୁନା କାହିଁକି ନିଜ ଜନ୍ମ ମାଟିକୁ ଓ ପରିବାର ସହ ମିଶିବା ପାଇଁ ଚାଲିଆସନ୍ତି । ସମସ୍ତ ଚାରି ଭାଇଙ୍କ ୧୦ଟି ପୁଅ ଅଲଗା ରହୁଥିଲେ ମଧ ନୂଆଁଖାଇ ଦିନେ ସମସ୍ତେ ସାହୁ ପରିବାର ଭବାନୀପାଟଣା ସାହୁ ପରିବାରରେ ସମ୍ମିଳୀତ ହୋଇ ଏକାଠି ନବାନ୍ନ ଭକ୍ଷଣ କରନ୍ତି । ଏହି ଗୋଟିଏ ଦିନ ସେମାନେ ଯୌଥ ପରିବାରର ସ୍ନେହ, ଶ୍ରଦ୍ଧାର ମଜା ନେଇଥାନ୍ତି ।

ଘରର ମୁରବି ନକ୍ଷେତ୍ର ଭୂଷଣ ସାହୁଙ୍କ ସର୍ବ ପ୍ରଥମେ ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କଠାରେ ଭୋଗ ଲାଗି ହେଲା ପରେ ଘରେ ଜେଜେମା ଶଶିମୂଖୀ ଓ ତାଙ୍କ ସହିତ ତାଙ୍କ ଦୁଇ ଭଉଣୀଙ୍କ ସହିତ ୧୦ଜଣ ବହୁଙ୍କ ନେଇ ମା'ଠାରେ ପୂଜା ଲାଗି କରାଯାଏ । ପୂଜା ପରେ ସମସ୍ତେ ମିଶି ଏକାଠି ବସି ପୂଜାରେ ଲାଗିଥିବା ନୂଆଁଚୁଡା ଭୋଗ ଖାଇଥାନ୍ତି । ଏହା ପରେ ଚାଲେ ଜୁଆରଭେଟ୍ । ବଡମାନଙ୍କୁ କ୍ରମାନ୍ୱୟରେ ପରିବାରର ଛୋଟ ସଦସ୍ୟମାନେ ମୁଣ୍ଡିଆ ମାରି ଆଶିର୍ବାଦ ଭିକ୍ଷା କରନ୍ତି । ପରିବାର ଛୋଟ ସଦସ୍ୟମାନେ ଏହି ପର୍ବରେ ସବୁଠୁ ବେଶ ମଜା ଉଠାନ୍ତି । ଏହାପରେ ପରିବାରର ମହିଳା ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଭୋଜନ ପ୍ରଥମେ ପୁରୁଷମାନେ ଖାଇ ସାରିବା ପରେ ମହିଳାମାନେ ଭୋଜନ କରିଥାନ୍ତି । ଯୌଥ ପରିବାରର ଅସଲ ମଜା ଏବଂ ଗୁରୁତ୍ୱକୁ ସେମାନେ ଉପଲବ୍ଧ କରିଥାନ୍ତି । ପୁରୁଷମାନେ ତାସ ଖେଳନ୍ତି ତ ମହିଳାମାନଙ୍କ ମଧ୍ୟରେ ଅନ୍ତାକ୍ଷରୀ ପ୍ରତିଯୋଗିତା, ଛୁଆମାନଙ୍କ ମଧ ପୁଚିଖେଳ ତ ବୟସ୍କ ବାଳିକାବାଳକଙ୍କ ମଧ୍ୟରେ ଚାଲେ କ୍ୟାରେମ୍, ଲୁଡୁ, ଚେସ୍ ଖେଳ । ସନ୍ଧ୍ୟାରେ ପଡା ଲୋକଙ୍କ ସହ ଚାଲେ ଜୁଆର୍ ଭେଟ୍ । ସନ୍ଧ୍ୟା ହେଲା ବେଳକୁ ଆରମ୍ଭ ହୋଇଯାଏ ଛାଡ୍‌ଖାଇ ମାଂସ, ଭାତର ଅସର । ଆଇ ମା' କହନ୍ତି ଜୀବନରେ ସମସ୍ତେ ଯେଉଁଠି ବି ଥାଅ କିନ୍ତୁ ବର୍ଷକ ଦୁଇ ଦିନ ନିଜ ଜନ୍ମ ମାଟିକୁ ଆସି 'ନୂଆଁଖାଇ ଓ ଛତରଯାତ୍ରା'ରେ ପରିବାରର ସମସ୍ତେ ଏକତ୍ରିତ ହୁଅ । ଏହା ହିଁ ଆମର ସଂସ୍କୃତି ଓ ପରମ୍ପରା । ନୂଆଁଖାଇ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ଏକ ଶ୍ରେଷ୍ଠ ପର୍ବ । ଏହି ପର୍ବ ମାଧ୍ୟମରେ ଆମେ ପାରସ୍ପରିକ ସ୍ନେହ, ଶ୍ରଦ୍ଧାରେ ବାନ୍ଧି ହୋଇଛୁ ବୋଲି ଘରର ମୁଖିଆ ନକ୍ଷତ୍ର ଭୂଷଣ ସାହୁ କହନ୍ତି । ନୂଆଁଖାଇ ସାହୁ ପରିବାରର ବିଶାଳତା ଭିତରେ ଏକତାକୁ ଦେଖାଉଛି ବୋଲି କହିଛନ୍ତି ସେହି ପଡାର ଲୋକେ। ପରିବାରର ନୂଆପିଢି ଏହି ପରମ୍ପରାକୁ କିଭଳି ଆଗେଇ ନେବେ ସେଥିପାଇଁ ଆମେ ସବୁବେଳେ ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇ ଆସୁଛୁ ବୋଲି ଅନ୍ୟତମ ସଦସ୍ୟ ଭାରତ ଭୂଷଣ ସାହୁ କହିଛନ୍ତି ।

### ସେମାନେ ଯାହା କୁହନ୍ତି...

" ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ବିଭିନ୍ନ କାରଣରୁ ଗୁରୁତ୍ୱ ବହନ କରେ। ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଏକା ସାଙ୍ଗରେ ନୂଆଁଖାଇ ପର୍ବପାଳନ କରିବା ନିଆରା ପରମ୍ପରା । ପରିବାରକୁ ଏକତା ସୂତ୍ରରେ ବାନ୍ଧିବାରେ ସେତୁ ଭଳି କାମ କରିଥାଏ ।

**- ଆକାଶ କୁମାର ଶବର-ଭବାନୀପାଟଣା**

" କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପଶ୍ଚିମ ଓଡିଶାର ମୁଖ୍ୟ ଗଣପର୍ବ । କ୍ଷେତରୁ ଉତ୍ପାଦିତ ପ୍ରଥମ ଶସ୍ୟ ଧାନକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ସମସ୍ତେ ନୂଆଁଖାଇଥାନ୍ତି । ଭାତୃଭାବ, ଏକତା ଓ ମୈତ୍ରୀ ସ୍ଥାପନ ଦିଗରେ ନୂଆଁଖାଇର ବିଶେଷ ଭୂମିକା ରହିଛି ।

**- କୁଞ୍ଜବିହାରି ମାଝି, ଭବାନୀପାଟଣା**

" କୃଷିକୁ ପ୍ରାଧାନ୍ୟ ଦେଇ ପରମ୍ପରା ରୂପେ ଶହ ଶହ ବର୍ଷଧରି ପଶ୍ଚିମ ଓଡିଶାର ପୁରପଲ୍ଲୀରେ ପାଳିତ ହୋଇ ଆସୁଥିବା ମହାନ ଗଣପର୍ବ ନୂଆଁଖାଇ ସାମାଜିକ ସହାବସ୍ଥାନ ଓ ଏକତା ରକ୍ଷା କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ସମସ୍ତ ପ୍ରକାର ରାଗ ରୋଷକୁ ଭୁଲି ନୂଆଁଖାଇ ଦିନ ଗାଁଠାରୁ ସହର ଯାଏ ସମସ୍ତେ ଏକାକାର ହୋଇଯାଆନ୍ତି । ନୂଆଁଖାଇ ଜୁହାର କରି ବୁଲିବା ଓ ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ସାମାଜିକ ଜୀବନକୁ ଶୃଙ୍ଖଳିତ ସହ ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖେ ।

**- ଶ୍ରୀକାନ୍ତ ଚଲାନ, ଭବାନୀପାଟଣା**